ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୩/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Saturday, October 23/2021 ★★★★
୪୭ଶ ଭାଗ ୩୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

# ଆଜିଠାରୁ ଟି୨୦ ବିଶ୍ୱକପ

**ଆବୁଧାବି, ୨୨।୧୦**

ଆଇସିସି ଟି୨୦ ବିଶ୍ୱକପ ୭ମ ସଂସ୍କରଣର ମୁଖ୍ୟ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦିବସରେ ୨ଟି ମ୍ୟାଚ ଖେଳାଯିବ। ଆବୁଧାବିରେ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଏବଂ ଦୁବାଇରେ ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ମଧ୍ୟରେ ମୁକାବିଲା ହେବ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଏବଂ ଓମାନରେ ପ୍ରତିଯୋଗିତାର ଯୋଗ୍ୟତା ପର୍ଯ୍ୟାୟ ଗତ ୧୭ ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ଏଥିରୁ ୪ଟି ଦଳ ଶ୍ରୀଲଙ୍କା, ବାଂଲାଦେଶ, ସ୍କଟଲାଣ୍ଡ ଓ ନାମିବିଆ ☞ପୃଷ୍ଠା-୪




# ଡେମୋ ଦେଖାଇଲେ ଗୋବିନ୍ଦ


ଅଭିଯୁକ୍ତ ଗୋବିନ୍ଦ ସାହୁ ପୋଲିସଙ୍କୁ ଡେମୋ ଦେଖାଉଛନ୍ତି ।

**ବଲାଙ୍ଗୀର ଅଫିସ/ ଭବାନୀପାଟଣା/ ଗୋଲାମୁଣ୍ଡା,(ସ୍ୱ.ପ୍ର./ଡି.ଏନ.ଏ.),୨୨।୧୦**

 କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଧରି ପୋଲିସ ଶୁକ୍ରବାର କ୍ରାଇମ୍ ସିନ୍ ରିକ୍ରିଏଶନ କରିଛି। ଘଟଣାରେ ଗୋବିନ୍ଦ ଏବଂ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ହତ୍ୟାକାଣ୍ଡର ପ୍ରମାଣ ଯୋଗାଡ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ମମିତାଙ୍କ ମୃତଦେହ ଉଦ୍ଧାର ହୋଇ ନ ଥିବାରୁ ଏହି ମାମଲା ଅଧିକ ଜଟିଳ ହୋଇପଡ଼ିଛି। ଅଭିଯୁକ୍ତ ଗୋବିନ୍ଦ ପୋଲିସ ସମ୍ମୁଖରେ ମମିତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ ହେଁ ହତ୍ୟାର ପ୍ରମାଣ ନଷ୍ଟ କରି ଦେଇଥିବାରୁ ଏବେ ଅଭିଯୁକ୍ତଙ୍କୁ

**ମମିତା ମେହେର ହତ୍ୟା ମାମଲା**

ଦୋଷୀ ସାବ୍ୟସ୍ତ କରିବା କଠିନ ହୋଇପଡ଼ିଛି। ଏଥିଯୋଗୁ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାରଙ୍କ ତତ୍ତ୍ୱାବଧାନରେ ବଲାଙ୍ଗୀର ଏସ୍‌ପି ଏବଂ ୯ ବରିଷ୍ଠ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ୯ଟି ସ୍ୱତନ୍ତ୍ର ଟିମ୍ ହତ୍ୟାକାଣ୍ଡର ପ୍ରମାଣ ଯୋଗାଣ କରିବାରେ ଦିନରାତି ଏକ କରି ଦେଇଛନ୍ତି।

ଶୁକ୍ରବାର ଭୋର ୪ଟାରୁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କୁ ବଲାଙ୍ଗୀର ଏସ୍‌ପି ଅଫିସରୁ ସିନ୍ଧେକେଲା ଥାନାର ଚାନ୍ଦୋତରାକୁ ନିଆଯାଇଥିଲା। ସେଠାରୁ କିଭଳି ଭାବେ ଅଭିଯୁକ୍ତ ଗୋବିନ୍ଦ ସ୍କୁଲ ଅଧ୍ୟକ୍ଷା ମମିତାଙ୍କୁ ଅପହରଣ କରି ☞ପୃଷ୍ଠା-୪

## 'ଖସିଯିବା ପାଇଁ ପ୍ରମାଣ ନଷ୍ଟ କରାଯାଇଛି'

**ବଲାଙ୍ଗୀର ଅଫିସ, ୨୨।୧୦**

ମମିତା ମେହେର ଅପହରଣ ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଆଇନ ପାଠ ପଢ଼ିଛନ୍ତି। ଆଇନକାନୁନ ଉପରେ ତାଙ୍କର ଜ୍ଞାନ ରହିଛି। କ'ଣ କଲେ ଅପରାଧ କରି ଖସିଯିବେ ତାହା ହିଁ କରିବାକୁ ସେ ଚେଷ୍ଟା କରିଛନ୍ତି। ହତ୍ୟାକାଣ୍ଡ ଘଟାଇବା ପରେ ମମିତାଙ୍କ ମୃତଦେହକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇ ଖସିଯିବେ ବୋଲି ସମସ୍ତ ପ୍ରସ୍ତୁତି କରିଥିଲେ। ୮ ଫୁଟ୍ ଗଭୀର ଓ ୪ ଫୁଟ୍ ଓସାର ଗାତ ଖୋଳି ସେଥିରେ କାଠଗଣ୍ଡି, ଟାୟାର, ପେଟ୍ରୋଲ, କାର୍ଡବୋର୍ଡ ଭର୍ତ୍ତି କରିଥିଲେ। ଏହା ଉପରେ ମମିତାଙ୍କ ମୃତଦେହ ରଖି ଅଗ୍ନି ସଂଯୋଗ କରିଥିଲେ। କେତେ ପରିମାଣର ଉତ୍ତାପରେ ମୃତଦେହ ଏପରି କି ହାଡ ପୋଡି ପାଉଁଶ ହୋଇଯିବ ସେତିକି ଜଳାଯାଇଛି। ଏହାପରେ ଜେସିବି ମେଶିନ୍‌ରେ ୫ ଫୁଟ୍‌ର ମାଟି ପୋତି ଦିଆଯିବାରୁ ପାଉଁଶ ମାଟି ସହ ମିଶିଯାଇଛି। ଆଇନ୍ ପାଠ ଅନୁସାରେ ଗାତରୁ ମୃତଦେହ ମିଳି ନ ଥିବାରୁ ଅଭିଯୁକ୍ତ ଗୋବିନ୍ଦ ଖସିଯିବେ ବୋଲି ଭାବୁ ଥାଇପାରନ୍ତି। ତେବେ ତାଙ୍କ ବିରୋଧରେ ପୋଲିସ ସବିଶେଷ ତଥ୍ୟ ଯୋଗାଡ କରି ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ଶୁଣାଣି କରି ଦଣ୍ଡ ବିଧାନ କରିବାକୁ ଚେଷ୍ଟା କରାଯିବ ବୋଲି ଡିଆଇଜି ଡା. ଦୀପକ କୁମାର କହିଛନ୍ତି।

# ୫ ସପ୍ତାହରେ ୮ଟଙ୍କା ବଢ଼ିଲାଣି ଡିଜେଲ

**■ ପେଟ୍ରୋଲ ୩୬, ଡିଜେଲ ୩୮ ପଇସା ବୃଦ୍ଧି**

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୨।୧୦**

କ୍ରମାଗତ ତୃତୀୟ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଫଳରେ ସାରା ଦେଶରେ ତୈଳ ଦର ସର୍ବକାଳୀନ ରେକର୍ଡ କରି ଚାଲିଛି। ଏପରିକି ୫ ସପ୍ତାହ ମଧ୍ୟରେ ଡିଜେଲ ଦର ପ୍ରାୟ ୮ ଟଙ୍କା ବଢ଼ିବା ଖାଉଟିଙ୍କୁ ବ୍ୟଥିତ କରିଦେଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ଡିଜେଲ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସରକାରଙ୍କୁ ଆଶ୍ୱସ୍ତି**

# ଦଳ ଛାଡ଼ିଲେ ପ୍ରଦୀପ ମାଝି

**■କିଛି ଫରକ ପଡ଼ିବ ନାହିଁ: ତାରା**
**■ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା**

**ଭୁବନେଶ୍ୱର,(ବ୍ୟୁରୋ)/ନବରଙ୍ଗପୁର/ଜୟପୁର/ମାଲକାନଗିରି/ ରାୟଗଡ଼ା ଅଫିସ, (ବି.ପ୍ର./ନି.ପ୍ର./ଡି.ଏନ୍.ଏ.), ୨୨।୧୦**

ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଶୁକ୍ରବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ପଠାଇଛନ୍ତି। ଏହାର ନକଲ ସେ ରାହୁଲ ଗାନ୍ଧୀ, ଓଡ଼ିଶା ପ୍ରଭାରୀ ଚେଲ୍ଲାକୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଏଆଇସିସି ସମ୍ପାଦକ ରୁଦ୍ର ରାଜୁଙ୍କ ନିକଟକୁ ମଧ୍ୟ ପ୍ରେରଣ କରିଛନ୍ତି। ଅତି ଦୁଃଖ ଓ କଷ୍ଟର ସହ ଦଳ ଛାଡୁଥିବା ଏବଂ ଦଳରେ ଏବେ ଲୋକଙ୍କ ପାଇଁ ସେବା କରିବାର ସୁଯୋଗ ନ ଥିବା ସେ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।


ପ୍ରଦୀପ ମାଝି

ସେବା କରିବା ଉଦ୍ଦେଶ୍ୟରେ ମୁଁ ଅତ୍ୟଧିକ ଉତ୍ସାହର ସହ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲି। ସେହି ଅନୁଯାୟୀ ଦଳ ମଧ୍ୟ ମୋତେ ପର୍ଯ୍ୟାପ୍ତ ସୁଯୋଗ ଦେଇ ଶୀର୍ଷରେ ରଖିଥିଲା। ମୋତେ ବିଭିନ୍ନ ପଦବୀ ଦିଆଯାଇଥିଲା। ମୁଁ ସମ୍ପୃକ୍ତ ପଦବୀକୁ ଉପଭୋଗ କଲି ଏବଂ ସ୍ନେହ ମଧ୍ୟ ପାଇଛି। ବର୍ତ୍ତମାନ ଦଳ ପ୍ରାୟ ବିଶ୍ୱସନୀୟତା ହରାଇଛି, ଯାହା ପୁନର୍ଜୀବିତ ହେବାକୁ ବହୁ ସମୟ ନେଇପାରେ। ମୋର ଲୋକଙ୍କର ସେବା କରିବାକୁ ବହୁତ ଇଚ୍ଛା ଅଛି, ଯାହା ବର୍ତ୍ତମାନ କଂଗ୍ରେସ ଦଳରେ ଅଭାବ ରହିଛି। ତଥାପି ଦଳର ଆଦର୍ଶ ଅନୁଯାୟୀ କର୍ତ୍ତବ୍ୟ ☞ପୃଷ୍ଠା-୪

# ନିଶା ବେପାରୀଙ୍କ ଘରେ ସାଢ଼େ ୮ କେଜି ସୁନା

**ଖଲ୍ଲିକୋଟ(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨୨।୧୦**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ପୋଲିସ ଖୋଜାପଲି ବଡ଼ଦାଣ୍ଡସାହିର ଜଣେ ନିଶା ବେପାରୀଙ୍କ ଘରେ ଗୁରୁବାର ରାତିରେ ଚଢ଼ାଉ କରିଥିଲା। ସେଠାରୁ ୩୪ କେଜି ୯୪ ଗ୍ରାମ୍ ଗଞ୍ଜେଇ, ୧୦ କେଜି ୧୦ ଗ୍ରାମ୍ ଅଫିମ ସହ ୮ କେଜି ୫୯୬ ଗ୍ରାମ୍ ସୁନାଗହଣା ଓ ୭୫ ଲକ୍ଷ ୯ ହଜାର ଟଙ୍କା ଜବତ କରାଯାଇଛି। ନିଶା ବ୍ୟବସାୟୀ ରଜନୀକାନ୍ତ ପଟ୍ଟନାୟକଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ନଂ.୬୪୫/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଖଲ୍ଲିକୋଟ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି।

**୭୫ ଲକ୍ଷ ଟଙ୍କା, ୧୦ କେଜି ଅଫିମ, ୩୪ କେଜି ଗଞ୍ଜେଇ ଜବତ**

ଖଲ୍ଲିକୋଟ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ, ଚୋରାମଦ କାରବାର ଚାଲିଛି। ପୋଲିସ ଆଖିରେ ଧୂଳିଦେଇ ମାଫିଆମାନେ ଏହି ବେଆଇନ କାରବାରରେ ଲିପ୍ତ ରହୁଛନ୍ତି। ନିଶା ବ୍ୟବସାୟୀ ରଜନୀକାନ୍ତ କନ୍ଧମାଳ ଜିଲାରୁ ଗଞ୍ଜେଇ ଓ ଅଫିମ ଆଣି ଘରେ ରଖି ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରୁଥିଲେ। ସେ ମଧ୍ୟ ଗାଁ ଗହଳିର ଲୋକଙ୍କ ସୁନାଗହଣା ବନ୍ଧକ ରଖି ସୁଧକୁ ଟଙ୍କା ଦେଉଥିଲେ। ଗୁରୁବାର ରାତିରେ ଏକ ସ୍କୁଟିରେ ରାଜନୀକାନ୍ତ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଭେଜିପୁଟ ଫାଣ୍ଡି ଓଆଇସି ମନୋଜ କୁମାର ପ୍ରଧାନଙ୍କ ହାବୁଡ଼ରେ ପଡ଼ିଥିଲେ। ତାଙ୍କୁ ଫାଣ୍ଡିକୁ ଆଣି ପଚରାଉଚରା କରାଯାଇଥିଲା। ଖଲ୍ଲିକୋଟ ଆଇଆଇସି ଜଗନ୍ନାଥ ମଲିକ, ଭେଜିପୁଟ ଓଆଇସି ମନୋଜ କୁମାର ପ୍ରଧାନ ପୋଲିସ ଟିମ୍ ସହ ରଜନୀକାନ୍ତଙ୍କ ଘରେ ଚଢ଼ାଉ କରିଥିଲେ। ଟଙ୍କା, ସୁନା ଓ ନିଶାଦ୍ରବ୍ୟ ଜବତ ବେଳେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାସ ଉପସ୍ଥିତ ଥିଲେ। ରଜନୀକାନ୍ତଙ୍କ କେତୋଟି ବ୍ୟାଙ୍କ ଆକାଉଣ୍ଟ ଓ ସେଥିରେ କେତେ ଟଙ୍କା ରହିଛି ପୋଲିସ ତାହାର ମଧ୍ୟ ଖୋଳତାଡ଼ କରୁଛି। ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିବା ☞ପୃଷ୍ଠା-୪



## ସଂକ୍ଷେପରେ

### ହରିଶ ଚୌଧରୀ ପଞ୍ଜାବ କଂଗ୍ରେସ ପ୍ରଭାରୀ



**ନୂଆଦିଲ୍ଲୀ,୨୨।୧୦:** ପଞ୍ଜାବ କଂଗ୍ରେସ ପ୍ରଭାରୀ ହରିଶ ରାୱତ୍‌ଙ୍କ ସ୍ଥାନରେ ହରିୟାଣା ରାଜସ୍ୱମନ୍ତ୍ରୀ ହରିଶ ଚୌଧରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏଣିକି ହରିଶ ଚୌଧରୀ ପଞ୍ଜାବ କଂଗ୍ରେସ ପ୍ରଭାରୀ ଭାବେ କାର୍ଯ୍ୟ କରିବେ ବୋଲି ଶୁକ୍ରବାର ଏଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଆଇସିସି ସାଧାରଣ ସମ୍ପାଦକ ଚୌଧରୀଙ୍କୁ ଏହାସହ ଚଣ୍ଡିଗଡ଼ ପ୍ରଭାରୀ ଭାବେ ମଧ ନିଯୁକ୍ତ କରାଯାଇଛି। ନିକଟରେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍ ତାଙ୍କ ରାଜ୍ୟରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଫୋକସ୍ କରିବା ଲାଗି ପଞ୍ଜାବ କଂଗ୍ରେସ ପ୍ରଭାରୀ ଦାୟିତ୍ୱରୁ ମୁକ୍ତ କରିବାକୁ ଦଳୀୟ ହାଇକମାଣ୍ଡଙ୍କୁ ଅନୁରୋଧ କରିଥିଲେ। କଂଗ୍ରେସ ଅଧକ୍ଷ ସୋନିଆ ଗାନ୍ଧୀ ତାଙ୍କ ଅନୁରୋଧ ରକ୍ଷା କରି ଏହି ନିଷ୍ପତ୍ତି ନେଇଥିବା ବିବୃତିରେ କୁହାଯାଇଛି।

### ସୋନିଆଙ୍କୁ ଭେଟିଲେ ନିରଞ୍ଜନ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଶୁକ୍ରବାର ନୂଆଦିଲ୍ଲୀରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀ, ଅଖିଳ ଭାରତ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ



ନୀତା ଡି'ସୁଜା, କଂଗ୍ରେସର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ କେ. ସି. ଭେନୁଗୋପାଳଙ୍କ ସହ ଏଆଇସିସିର ଅନ୍ୟ ନେତୃବୃନ୍ଦଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତରେ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଏବଂ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିବା ନିରଞ୍ଜନ କହିଛନ୍ତି। ଏଥିସହ ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ଇସ୍ତଫା ନେଇ ଆଲୋଚନ ହୋଇଛି। ଆସନ୍ତା ଅକ୍ଟୋବର ୨୬ ତାରିଖରେ ଏଆଇସିସି ପକ୍ଷରୁ ହେବାକୁ ଥିବା ପିସିସି ସଭାପତିମାନଙ୍କ ବୈଠକରେ ଯୋଗ ଦେବେ ବୋଲି ସେ ସୂଚନା ଦେଇଛନ୍ତି।

### ଜାମିନରେ ଗଲେ ଚିଲିକା ବିଧାୟକ ପ୍ରଶାନ୍ତ

**ଖୋର୍ଦ୍ଧା ଅଫିସ,୨୨।୧୦:** ବାଲୁଗାଁ ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ଗିରଫ ହୋଇଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଗୁରୁବାର ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ସାକ୍ଷୀଙ୍କୁ ପ୍ରଭାବିତ ନ କରିବା ସହ ଏକାଧିକ ସର୍ତ୍ତ ରଖିଥିଲେ। ତଳକୋର୍ଟରେ ହାଜର ହୋଇ ଜାମିନରେ ଯିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାନ୍ତଙ୍କ ଓକିଲ ଖୋର୍ଦ୍ଧା ଅତିରିକ୍ତ ପ୍ରଥମ ଜିଲା ଓ ଦୌରାଜଜ୍‌ଙ୍କ ନିକଟରେ ଜାମିନ ସମ୍ପର୍କିତ କାଗଜପତ୍ର ଦାଖଲ କରିଥିଲେ। ପରେ କୋର୍ଟ କେତେକ ସର୍ତ୍ତ ରଖି ପ୍ରଶାନ୍ତଙ୍କୁ ଜାମିନରେ ଯିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ବାଲୁଗାଁ ଥାନାରେ ମାମଲା ରୁଜୁ ହେବା ପରେ ଗିରଫଦାରିକୁ ଏଡାଇବା ପାଇଁ ପ୍ରଶାନ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଆବେଦନକୁ ଖାରଜ କରିବା ସହ ତଳକୋର୍ଟରେ ହାଜର ହୋଇ ଜାମିନ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ପ୍ରଶାନ୍ତ ଗତ ୮ତାରିଖରେ ଖୋର୍ଦ୍ଧା ଏଡିଜେ-୧ କୋର୍ଟରେ ହାଜର ହୋଇ ଜାମିନ ଆବେଦନ କରିଥିଲେ। ହେଲେ ଏଡିଜେ-୧ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ପୋଲିସ ପ୍ରଶାନ୍ତଙ୍କୁ ନିଜ ହେପାଜତକୁ ନେଇ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦେଇଥିଲା। ଜେଲ ଯିବାର କିଛି ସମୟ ପରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅଦ୍ୟାବଧି ଚିକିତ୍ସାଧୀନ ରହିଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କୁ ଜାମିନ ପ୍ରଦାନ କରିବାକୁ ପ୍ରଶାନ୍ତ ପୁଣି ଥରେ ଗତ ୧୧ତାରିଖରେ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

# ସୁସ୍ମିତା ଦେବଙ୍କୁ ଆକ୍ରମଣ

## କାର୍‌କୁ ଟାର୍ଗେଟ କଲେ ଭାଜପା କର୍ମୀ

**ନୂଆଦିଲ୍ଲୀ,୨୨।୧୦**

୨୦୨୩ରେ ହେବାକୁ ଥିବା ତ୍ରିପୁରା ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ପ୍ରଚାର ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ସୁସ୍ମିତା ଦେବଙ୍କ କାର୍‌କୁ ଆକ୍ରମଣ କରାଯାଇଛି। ଭାଜପା କର୍ମୀମାନେ ତାଙ୍କ କାର୍‌କୁ ଟାର୍ଗେଟ କରିଥିବା ସୁସ୍ମିତା ଟୁଇଟରରେ ଅଭିଯୋଗ ଆଣିଛନ୍ତି।

ସୁସ୍ମିତା କଂଗ୍ରେସ ଛାଡ଼ି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସିରେ ଯୋଗଦେବା ପରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ଟିଏମ୍‌ସି ତ୍ରିପୁରାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। ବିଧାନସଭା ନିର୍ବାଚନକୁ ବର୍ଷେରୁ ଅଧିକ ସମୟ ବାକି ଥିବାବେଳେ ସେ ଶୁକ୍ରବାର 'ତ୍ରିପୁରାର ଜୋନୋ ତୃଣମୂଳ' ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ସୁସ୍ମିତା ଏକ କାର୍‌ରେ ପ୍ରଚାର ପାଇଁ ଯାଉଥିବାବେଳେ ୱେଷ୍ଟ ତ୍ରିପୁରା ଜିଲା ଅମ୍‌ତୁଲି ନିକଟରେ ଭାଜପା କର୍ମୀ ଟାର୍ଗେଟ କରିଥିଲେ। ଏଥିରେ ସୁସ୍ମିତା ଓ ତାଙ୍କର କେତେଜଣ ସହଯୋଗୀ ଆହତ ହୋଇଛନ୍ତି। ଏପରିକି ଆକ୍ରମଣକାରୀମାନେ ସେମାନଙ୍କ ଫୋନ ମଧ ଛଡ଼ାଇନେଇଥିଲେ। ଏନେଇ ସେ ଅମ୍‌ତୁଲି ଥାନରେ ଲିଖିତ ଅଭିଯୋଗ କରିଛନ୍ତି। ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ରାଜ୍ୟରେ ଟିଏମ୍‌ସିର ଉପସ୍ଥିତିକୁ ବରଦାସ୍ତ କରିପାରୁ ନାହାନ୍ତି ବୋଲି ପୁଣିଥରେ ପ୍ରମାଣିତ କରିଛନ୍ତି। ବିରୋଧୀ ନେତାଙ୍କ ଉପରେ ଏପରି ଆକ୍ରମଣ କେବେ ବନ୍ଦ ହେବ ବୋଲି ଟିଏମ୍‌ସି ପକ୍ଷରୁ ପ୍ରଶ୍ନ କରାଯାଇଛି।





ସୁସ୍ମିତା ଦେବ ଏବଂ ଭଙ୍ଗାରୁଜା ହୋଇଥିବା ତାଙ୍କ କାର।



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ 'ପ୍ରଶାସନ ଗାଓଁ କେ ସଙ୍ଗ୍' ଅଭିଯାନରେ ନାଗୌର ଜିଲାର ନିମ୍ବୋଲା ବିଶ୍ୱ ଗ୍ରାମରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ୯୫% ଲୋକ ଭାଜପାକୁ ଚାହୁଁ ନାହାନ୍ତି

**ଲକ୍ଷ୍ନୌ,୨୨।୧୦**

ଭାରତର ୯୫% ଲୋକ ଭାଜପାକୁ ଚାହୁଁ ନାହାନ୍ତି ବୋଲି ଶୁକ୍ରବାର ସମାଜବାଦୀ ପାର୍ଟି(ଏସ୍‌ପି) ଅଧକ୍ଷ ଅଖିଳେଶ ଯାଦବ ସମାଲୋଚନା କରିଛନ୍ତି। ତେଲ ଦର ବୃଦ୍ଧି ପ୍ରସଙ୍ଗରେ ଗୁରୁବାର ଖବରଦାତାମାନେ ପ୍ରଶ୍ନ କରିବାରୁ ଉତ୍ତର ପ୍ରଦେଶର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଉପେନ୍ଦ୍ର ତିୱାରୀ କହିଥିଲେ, ୯୫ ପ୍ରତିଶତ ଭାରତୀୟଙ୍କୁ ପେଟ୍ରୋଲ ଲୋଡ଼ାନାହିଁ। କେବଳ ହାତଗଣତି ଲୋକ ଚାରିଚକିଆ ବ୍ୟବହାର କରନ୍ତି। ସରକାରଙ୍କୁ ଟାର୍ଗେଟ କରିବା ପାଇଁ ବିରୋଧୀଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ୨୦୧୪ ପୂର୍ବର ଓ ବର୍ତ୍ତମାନର ତଥ୍ୟକୁ ତୁଳନା କଲେ ଜଣାପଡୁଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନରେ ମୁଣ୍ଡ ପିଛା ଆୟ ଦ୍ୱିଗୁଣିତ ହୋଇଛି। ଏହାର ଦିନକ ପରେ ଅଖିଳେଶ ମନ୍ତ୍ରୀଙ୍କ ମନ୍ତବ୍ୟର ଜବାବ ଦେଇଛନ୍ତି। ସେ କହିଛନ୍ତି, ବ୍ୟୟବହୁଳ ପେଟ୍ରୋଲକୁ ୯୫% ସାଧାରଣ ଲୋକ ଆବଶ୍ୟକ କରନ୍ତି ନାହିଁ ବୋଲି ଭାଜପା ମନ୍ତ୍ରୀ କହିଥିଲେ। ଏବେ ସେହି ମନ୍ତ୍ରୀ ମଧ

**ୟୁପି ମନ୍ତ୍ରୀଙ୍କ ପ୍ରତିକ୍ରିୟାର ଜବାବ ଦେଲେ ଅଖିଳେଶ**



ଅଲୋଡ଼ା ହୋଇଯିବେ। କାରଣ ଲୋକେ ତାଙ୍କୁ କ୍ଷମତାରୁ ହଟାଇଦେବେ। ସତକଥା ହେଉଛି ୯୫% ଲୋକ ଭାଜପାକୁ ହିଁ ଚାହୁଁନାହାନ୍ତି। ଥର୍‌ରେ ଡିଜେଲ ଦରକାର ପଡୁଛି କି ବୋଲି ଅଖିଳେଶ ପ୍ରଶ୍ନ କରିଥିଲେ। ଅଖିଳେଶଙ୍କ ଇଙ୍ଗିତ ଥିଲା, କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଆଡ଼କୁ। ଗତ ୩ ତାରିଖରେ ଆଶିଷ ମିଶ୍ରାଙ୍କ ମହିନ୍ଦା ଥର୍ ଲଖିମପୁର ଖେରିରେ ଆନ୍ଦୋଳନରତ କୃଷକଙ୍କ ଉପରକୁ ମାଡ଼ିଯିବାରୁ ୪ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ଆଶିଷ ଏବେ ଜେଲରେ ଥିବାବେଳେ ତାଙ୍କ ଗାଡ଼ି ଥାନାରେ ପଡ଼ିଛି।

# ଏସ୍‌ପି ଅଫିସ ସମ୍ମୁଖରେ କଂଗ୍ରେସର ଗଣଧାରଣା

**ଭବାନୀପାଟଣା,୨୨।୧୦(ସ୍ୱ.ପ୍ର.)**

ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ପାଇଁ ଶୁକ୍ରବାର ଭବାନୀପାଟଣାସ୍ଥିତ ଏସ୍‌ପି ଅଫିସ ସମ୍ମୁଖରେ ଗଣଧାରଣା ଦେଇଛି ଜିଲା କଂଗ୍ରେସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ସାମିଲ ଥିବାରୁ ତଦନ୍ତ ପ୍ରଭାବିତ ହେବା ସମ୍ଭାବନା ରହିଛି। ତେଣୁ ମନ୍ତ୍ରୀ କ୍ୟାପଟେନ ମିଶ୍ରଙ୍କୁ ବହିଷ୍କାର କରିବା ସହ ଗିରଫ କରାଯାଉ ବୋଲି କଂଗ୍ରେସ ଦାବି କରିଥିଲା। ମା'ଙ୍କୁ ସମ୍ମାନ ଦେଉଥିବା କହୁଥିବା ରାଜ୍ୟ ସରକାର ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ବଦଳରେ କାହିଁକି ଚୁପ୍ ବସିଛନ୍ତି ବୋଲି ବର୍ଷିଥିଲେ। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ପରମାନନ୍ଦ ମାଝି, ଜିଲା ସଭାନେତ୍ରୀ ମହେନ୍ଦ୍ରୀ ସାହୁ, ଯୁବ ନେତା ତଥା ବିଧାୟକ ପ୍ରାର୍ଥୀ ସାଗର ଚରଣ ଦାସ, ପୂର୍ବତନ କାଉନସିଲର ସୁକାନ୍ତି ସରାଫ, ନଗର ସଭାପତି ସରୋଜ ବାଗ, ବ୍ଲକ ସଭାପତି ସୁବାଷ ପ୍ରଧାନ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ସମ୍ପାଦକ ମହମ୍ମଦ ସାହେବ, ଜିଲା ଉପସଭାନେତ୍ରୀ ସୋନି ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛନ୍ତି ବିଜେଡି ନେତ୍ରୀ



ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ସୁଶ୍ରୀ ଅର୍ପିତା।

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ଆଦୌ ଛୋଟ ଘଟଣା ନୁହେଁ। ନାରୀ ହିଂସା, ନିର୍ଯାତନା, ହତ୍ୟାକାଣ୍ଡ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଆଦି ସାମାଜିକ ପ୍ରସଙ୍ଗରେ ବିରୋଧୀ ଦଳ ତଥା ସାଧାରଣ ଜନତା ପ୍ରଶ୍ନ କଲେ ଶାସକ ବିଜେଡିର ନେତ୍ରୀମାନେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିବା ସହ ଅଭିଯୁକ୍ତଙ୍କୁ ସୁରକ୍ଷା ଯୋଗାଇଦେବାକୁ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି ବୋଲି ଭାରତୀୟ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ସୁଶ୍ରୀ ଅର୍ପିତା ଅପରାଜିତା ବଡ଼ଜେନା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ବିଭିନ୍ନ ଗଣମାଧ୍ୟମ ଓ ମୃତ ମମିତାଙ୍କ ପରିବାରବର୍ଗଙ୍କ ଅଭିଯୋଗ ଅନୁଯାୟୀ, ସନସାଇନ ସ୍କୁଲର ମୁଖ୍ୟ ସଞ୍ଚାଳକ ଗୋବିନ୍ଦ ସାହୁଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ରହିଛି। ବିଜେଡିର ନେତ୍ରୀମାନେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ଅତ୍ୟନ୍ତ ଲଜ୍ଜାଜନକ। ରାଜ୍ୟରେ ଘଟିଯାଉଥିବା ଅଧିକାଂଶ ମହିଳା ହିଂସା, ନିର୍ଯାତନା ଓ ହତ୍ୟାକାଣ୍ଡରେ ଶାସକ ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତାମାନଙ୍କ ସମ୍ପୃକ୍ତିକୁ ବିଜେଡି ନେତ୍ରୀମାନେ ସୁରକ୍ଷା ଦେଇଆସୁଥିବାର ଅତୀତରେ ଘଟିଯାଇଥିବା ଘଟଣାକୁ ଅନୁଧାନ କଲେ ସ୍ପଷ୍ଟ ହେଉଛି। ଅନ୍ୟକୁ ପରାମର୍ଶ ନ ଦେଇ ଶାସକ ଦଳର ନେତ୍ରୀମାନେ ରାଜ୍ୟର ମା' ଓ ଭଉଣୀଙ୍କ ସ୍ୱାର୍ଥ ଏବଂ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଅପରାଜିତା ପରାମର୍ଶ ଦେଇଛନ୍ତି।

# ଏସ୍‌ଆଇଟି ତଦନ୍ତ ଦାବି

**ପୁରୀ ଅଫିସ, ୨୨।୧୦:** ମମିତା ମେହେରଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ ଆଣି ସିପିଆଇଏମ୍ ପୁରୀ ଶାଖା ପକ୍ଷରୁ ତାଙ୍କ ଇସ୍ତଫା ସହ ଏସ୍‌ଆଇଟି ତଦନ୍ତ ଦାବି ହୋଇଛି। ଶୁକ୍ରବାର ସିପିଆଇଏମ୍ ପକ୍ଷରୁ ଶରତ କୁମାର ରାୟଗୁରୁଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା ତଦନ୍ତ କରାଯିବା, ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡ ବିଧାନ ସହ ମମିତାଙ୍କ ପରିବାରଙ୍କୁ ଏକ କୋଟି ଟଙ୍କା ଆର୍ଥିକ ସହାୟତା ଦେବାକୁ ଦଳ ଦାବି କରିଛି। ବିକ୍ଷୋଭରେ ଜଗନ୍ନାଥ ଦେଓ, ପୀତବାସ ବେହେରା, ମନୋରଞ୍ଜନ ମହାରଣା, ପବିତ୍ର ଓଝା, ଯଜ୍ଞେଶ୍ୱର ଓଝା, ଟୁନା ନାୟକ, ରଶ୍ମିତା ଗୋଛିକାର, ରଞ୍ଜନ ନାୟକ, ଅମରେନ୍ଦ୍ର ନନ୍ଦ, ଶ୍ରୀକାନ୍ତ ପରିଜା, ପୂର୍ଣ୍ଣ ମୁଦୁଲି, ରବି ପ୍ରଧାନ, ହିମାଂଶୁ ଜେନା, ସବିତା ଦେଇ ଏବଂ ବାଳକୃଷ୍ଣ ବେହେରା ପ୍ରମୁଖ ସାମିଲ ଥିଲେ।

# ପାଟିରେ କଳାପଟି ବାନ୍ଧି ପ୍ରତିବାଦ

**ଜୁନାଗଡ,୨୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣା ରାଜ୍ୟରେ ଏବେ ଆଲୋଡନ ସୃଷ୍ଟି କରିଛି। ଏପରିସ୍ଥଳେ ମମିତାଙ୍କୁ ନ୍ୟାୟ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି ନେଇ ଭାଜପା ପ୍ରତିବାଦ କରିଛି। ଶୁକ୍ରବାର ଅପରାହ୍ନରେ ଜୁନାଗଡ ଥାନା ସମ୍ମୁଖରେ ଦଳୀୟ କାର୍ଯ୍ୟକର୍ତ୍ତା ପାଟିରେ କଳାପଟି ବାନ୍ଧି ପ୍ରତିବାଦ ଜଣାଇଛନ୍ତି। ଏହାପୂର୍ବରୁ ଦଳୀୟ କାର୍ଯ୍ୟାଳୟରୁ କର୍ମୀମାନେ ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ । ମା'କୁ ସମ୍ମାନର କଥା କହୁଥିବା ବିଜେଡି ତଥା ନବୀନ ଶାସନ ସମୟରେ ମହିଳାଙ୍କୁ କିପରି ସମ୍ମାନ ଦିଆଯାଉଛି ତାହା ଏହି ଘଟଣାରୁ ଜଣାପଡୁଛି। ଏହି ସରକାରରେ ନ୍ୟାୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡିପଡିଛି। ତେଣୁ ଏଠାରେ ନ୍ୟାୟ ପାଇବା ଧର୍ମକୁ ଆଖିଠାର ବୋଲି ସେମାନେ କହିଛନ୍ତି।




ପାଟିରେ କଳାପଟି ବାନ୍ଧି ଥାନା ଆଗରେ ଭାଜପା କର୍ମୀମାନେ ପ୍ରତିବାଦ କରୁଛି।

ଏହି ଘଟଣାର ସିବିଆଇ ତଦନ୍ତ ସହ କଲେଜର ଯୌନ କେଲେଙ୍କାରୀ ରହସ୍ୟ ଉନ୍ମୋଚନ କରାଯାଉ ବୋଲି ଦାବି କରିଛନ୍ତି। ଏଥିରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ, ଜୁନାଗଡ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝୀ, ଉପାଧକ୍ଷ ଟଙ୍କଧର ନାଏକ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ନବରଙ୍ଗପୁର ଜିଲା ପ୍ରଭାରୀ ହିମାଂଶୁ ପଣ୍ଡା, ବରିଷ୍ଠ ନେତା ସତ୍ୟନାରାୟଣ ପଣ୍ଡା, ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଦିବ୍ୟ ଦୀପ, ସୋସିଆଲ ମିଡିଆ ସଂଯୋଜକ ରାମକୃଷ୍ଣ ମେହେର, ଆଟିଗାଁ ମଣ୍ଡଳ ସଭାପତି ଭବାନୀ ଠାକୁର, ଲକ୍ଷ୍ମୀନାରାୟଣ ବାଣୁଆ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦିବ୍ୟଶଙ୍କରଙ୍କ ବାସଭବନକୁ ଅଣ୍ଡା ମାଡ଼

**ଭବାନୀପାଟଣା,୨୨।୧୦(ସ୍ୱ.ପ୍ର.)**

ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ନ୍ୟାୟ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ଶୁକ୍ରବାର ଯୁବ ଓ ଛାତ୍ର କଂଗ୍ରେସର ହୋହଲ୍ଲା କରିଥିବା ଦେଖିବାକୁ ମିଳିଛି। ଭବାନୀପାଟଣାସ୍ଥିତ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ବାସଭବନ ଉପରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଅଣ୍ଡା ଓ ଟମାଟୋ ମାଡ କରାଯାଇଛି। ସେହିପରି ବାସଭବନ ଆଗରେ ରାଜ୍ୟ ସରକାର ଓ ମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରାଯାଇଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡିଥିଲା।




ମନ୍ତ୍ରୀଙ୍କ ବାସଭବନ ଆଗରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଥାନାରେ ପୋଲିସ-ଭାଜପା ମହିଳା ମୋର୍ଚ୍ଚା ଧସ୍ତାଧସ୍ତି

- ମନ୍ତ୍ରୀଙ୍କୁ ବଞ୍ଚାଇବାକୁ ଭୁବନେଶ୍ୱରରୁ ତିଆରି ହେଉଛି କାହାଣୀ: ବସନ୍ତ
- ସ୍ୱର୍ଶକତାର ମାମଲାରେ ଭାଜପା ହୀନ ରାଜନୀତି କରୁଛି: ବିଜେଡି

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ଶୁକ୍ରବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କ୍ୟାପିଟାଲ ଥାନା ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରାଯାଇଥିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏହାପରେ ଥାନା ଅଧିକାରୀଙ୍କୁ ମହିଳା ମୋର୍ଚ୍ଚା ତରଫରୁ ଏକ ଏତଲା ପ୍ରଦାନ କରାଯାଇଛି। ମହିଳା ମୋର୍ଚ୍ଚା ଅଭିଯୋଗ କରିଛି, ବେସରକାରୀ ଶିକ୍ଷାନୁଷ୍ଠାନ ସତ୍ତ୍ୱେ ଉକ୍ତ ଅନୁଷ୍ଠାନକୁ ମନ୍ତ୍ରୀ ନିଜ କ୍ଷମତାର ଅପବ୍ୟବହାର କରି ଲକ୍ଷାଧିକ ଟଙ୍କାର ସରକାରୀ ଅନୁଦାନ ଦେବା, ଅଭିଯୁକ୍ତ ଗୋବିନ୍ଦ ସାହୁ ପୋଲିସ ବାରାକରୁ ଖସିଯିବା ପଛରେ ମନ୍ତ୍ରୀଙ୍କ ହାତ ରହିଛି। ମମିତା ହତ୍ୟାକାଣ୍ଡଙ୍କୁ ନେଇ ମନ୍ତ୍ରୀଙ୍କ ବିରୋଧରେ ବହୁ ପ୍ରମାଣ ଓ ଅଭିଯୋଗ ଥିବା ସତ୍ତ୍ୱେ ପୋଲିସ କେବଳ ଗୋବିନ୍ଦ ସାହୁଙ୍କୁ ଗିରଫକରି ତଦନ୍ତ ପ୍ରକ୍ରିୟାକୁ ବିଭ୍ରାନ୍ତ କରିବାର ଷଡ଼ଯନ୍ତ୍ର କରୁଛି। ବର୍ତ୍ତମାନ ସୁଦ୍ଧା ମନ୍ତ୍ରୀଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଇନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।



ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଭାଜପା ମହିଳା ମୋର୍ଚ୍ଚାର କର୍ମକର୍ତ୍ତା।

ଏସବୁ ଅନୈତିକ କାର୍ଯ୍ୟକଳାପର ଖୁଲାସା ହୋଇଯିବା ଭୟରେ ପୂର୍ବ ଯୋଜନା ଅନୁଯାୟୀ ଷଡ଼ଯନ୍ତ୍ର କରି ମମିତାଙ୍କୁ ହତ୍ୟା କରାଯାଇଛି। ଗୋବିନ୍ଦ ସାହୁ ଅଭିଯୁକ୍ତ ହେଲେ, ମନ୍ତ୍ରୀ ମିଶ୍ର ହେଉଛନ୍ତି ମମିତା ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଅଭିଯୋଗ କରିଛି। ଅପରପକ୍ଷରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବଞ୍ଚାଇବା ପାଇଁ ଭୁବନେଶ୍ୱରରୁ କାହାଣୀ ତିଆରି ହେଉଛି ବୋଲି କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି। ଏକ ପ୍ରେସ୍ ବାର୍ତ୍ତାରେ ସେ କହିଛନ୍ତି ମମିତାଙ୍କ ଲାପ୍‌ଟପ୍, ମୋବାଇଲ୍ ଓ ପେନ୍‌ଡ୍ରାଇଭ୍‌ରେ ଅନେକ ତଥ୍ୟ ରହିଛି, ଏସବୁକୁ ଆଡ଼େଇ ଗଲା। ତାହାକୁ ସାର୍ବଜନୀନ କରାଯାଉ ବୋଲି ସେ ଦାବି କରିଛନ୍ତି।

ଥାନାରେ ଭାଜପାର ଧସ୍ତାଧସ୍ତି ଘଟଣାକୁ ନେଇ ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି, ନିଜର ସ୍ଥିତି ଜାହିର ପାଇଁ ଭାଜପା ଏବେ ସ୍ୱର୍ଶକାତର ମାମଲାରେ ନିମ୍ନମାନର ରାଜନୀତି କରୁଛି। ପୀଡ଼ିତା କିମ୍ବା ତାଙ୍କ ପରିବାର କିଭଳି ନ୍ୟାୟ ପାଇବେ ସେ ଦିଗରେ ଚିନ୍ତା କରିବା ବଦଳରେ ହଜାର ହଜାର ଛାତ୍ରୀଛାତ୍ରଙ୍କୁ ବଦନାମ ପାଇଁ ଅପଚେଷ୍ଟା ଚଳାଇଛି। ମମିତା ମୃତ୍ୟୁ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ଗିରଫ ହୋଇଛନ୍ତି। ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ପୋଲିସ ଏହାର ତଦନ୍ତ ଜାରି ରଖିଛି। ଏଭଳି ହୀନ ରାଜନୀତିର ଜବାବ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଠିକଣା ସମୟରେ ଦେବେ। ପୀଡ଼ିତା ପରିବାରକୁ ଉଚିତ ନ୍ୟାୟ ମିଳିବ। ରାଜ୍ୟ ପୋଲିସ ଓ ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ କରିବା ପରିବର୍ତ୍ତେ ଭାଜପା ନେତାମାନେ ଗଣମାଧ୍ୟମରେ ନିଜର ମୁହଁ ଦେଖାଇବା ପାଇଁ ରାଜଧାନୀରେ ଯେଉଁଭଳି ଏଫ୍‌ଆଇଆର୍ ଡ୍ରାମା କରିଛନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଈପ୍ସିତା କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୩୫,୪୭,୫୦୩ | ୪୯,୪୯,୬୯୭ | ୨୨,୦୬,୬୧,୯୬୫ |
| ଭାରତ | ୩,୪୧,୫୭,୬୦୮ | ୪,୫୪,୭୨୩ | ୩,୩୫,୨୨,୦୪୩ |
| ଓଡ଼ିଶା | ୧୦,୩୭,୫୭୩ | ୮୩୦୧(+୫୩) | ୧୦,୨୪,୪୨୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଶଗଡ଼ରେ ନଦୀ ପାରହେଲେ ଡାକ୍ତରୀ ଟିମ୍

**ଗାଁରେ ପହଞ୍ଚି ଚିକିତ୍ସା କଲେ**

- ୧୦୦ ଆର୍‌ଟି-ପିସିଆର୍, ୫୩ ଆଣ୍ଟିଜେନ୍ ପରୀକ୍ଷା
- ସମସ୍ତ ରିପୋର୍ଟ ନେଗେଟିଭ

ରାୟଗଡ଼ା ଅଫିସ,୨୨।୧୦

ରାୟଗଡ଼ା ଜିଲାକୁ କରୋନାମୁକ୍ତ କରିବାକୁ ପ୍ରଶାସନର ଉଦ୍ୟମ ଜାରି ରହିଛି। ଆର୍‌ଆର୍‌ଟି ଟିମ୍ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କ କରୋନା ପରୀକ୍ଷା କରୁଛନ୍ତି। ତେବେ ରାୟଗଡ଼ା ବ୍ଲକ କେରେଡ଼ା ପଞ୍ଚାୟତର ଅଣିଜା ଗ୍ରାମକୁ ରାସ୍ତା ନ ଥିବାବେଳେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଶୁକ୍ରବାର ଡାକ୍ତରୀ ଟିମ୍ ଶଗଡ଼ ସାହାଯ୍ୟରେ ନାଗାବଳୀ ନଦୀ ପାରହୋଇ ଗାଁରେ ପହଞ୍ଚି ଲୋକଙ୍କ ସ୍ୱାବ୍ ସଂଗ୍ରହ କରି ଆଣ୍ଟିଜେନ୍ ଏବଂ ଆର୍‌ଟି-ପିସିଆର୍ ପରୀକ୍ଷା କରିଛନ୍ତି। ଜେମାଦେଇ ପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁନୀଲ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଆର୍‌ଟି-ପିସିଆର୍ ଓ ଆଣ୍ଟିଜେନ ଟେଷ୍ଟ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏଥିରେ ୧୦୦ ଜଣଙ୍କର ଆର୍‌ଟି-ପିସିଆର୍ ଏବଂ ୫୩ ଜଣଙ୍କର ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଥିବା ଜଣାପଡ଼ିଛି। ଏହି ସମୟରେ କେରେଡ଼ା ସରପଞ୍ଚ ଗୋବର୍ଦ୍ଧନ କଣ୍ଡାଗୋରି, ପିଇଓ ଗୌରାଙ୍ଗ ପାଣିଗ୍ରାହୀ, ଡିଇଓ ସୀମାଦ୍ରି ମନୋଜ, ଏଲ୍‌ଟି- କେ. ଦୁର୍ଗା ପ୍ରସାଦ, ଏଲ୍‌ଟି-ଶେଫାଳି ବଡ଼େଇ, ଏଲ୍‌ଟି-ମମତା ପ୍ରଧାନ, ଫାର୍ମାସିଷ୍ଟ ରେଣୁକା ସାହୁ, ସିଦ୍ଧାର୍ଥ ଖରା, ଅଙ୍ଗଦ ପାଲାକାଙ୍କ ସମେତ ଗ୍ରାମର ଆଶା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।



ଡାକ୍ତରୀ ଟିମ୍ ନଦୀ ପାରହୋଇ ଅଣିଜା ଗାଁକୁ ଯାଉଛନ୍ତି।

## ହରିହରଙ୍କ ପରିବାରକୁ ୮.୨୫ ଲକ୍ଷ କ୍ଷତିପୂରଣ ଦିଅ: ଏନ୍‌ଏଚ୍‌ଆର୍‌ସି

ଯାଜପୁର ଅଫିସ,୨୨।୧୦

ଯାଜପୁର ଜିଲା ଯାଜପୁରରୋଡ ଥାନା ମାର୍ଥାପୁର ଗ୍ରାମର ହରିହର ସେଠୀଙ୍କୁ ହତ୍ୟା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ୮ ଲକ୍ଷ ୨୫ ହଜାର ଟଙ୍କା ତାଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ଏହି ନିର୍ଦ୍ଦେଶ ୪ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରି ଜଣାଇବାକୁ ନିର୍ଦ୍ଦେଶରେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ, ଯାଜପୁର ରୋଡ ଗୋଶାଳା ଛକ ନିକଟରେ ଅନୁସୂଚିତ ଜାତି ବର୍ଗର ହରିହରଙ୍କୁ ୩ ଜଣ ଛୁରି ମାରି ହତ୍ୟା କରିଥିଲେ। ହରିହର କଳିଙ୍ଗନଗର ମେସ୍କୋ କମ୍ପାନୀରେ ଅପରେଟର ଭାବେ କାମ କରୁଥିଲେ। ଏନେଇ ମାନବାଧିକାର ସୁରକ୍ଷାକର୍ମୀ ଭଜମନ ବିଶ୍ୱାଳ ଏନଏଚ୍‌ଆର୍‌ସିର ଦ୍ୱାରସ୍ଥ ହୋଇଥିଲେ। ତେବେ ଏନ୍‌ଏଚ୍‌ଆର୍‌ସି ଗୁରୁବାର ଏହାର ଶୁଣାଣି କରି ମୃତକଙ୍କ ପରିବାରବର୍ଗଙ୍କୁ ଆଟ୍ରୋସିଟି ଆକ୍ଟ ଅନୁସାରେ ଉପରୋକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


# ପୂର୍ବତନ ମନ୍ତ୍ରୀଙ୍କ ଜବରଦଖଲରେ ସରକାରୀ ଜମି

ବାଲେଶ୍ୱର ଅଫିସ, ୨୨।୧୦

ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ଜବରଦଖଲରେ ରହିଛି ବାଲେଶ୍ୱର ଜିଲା ସଦର ତହସିଲ ଅଧୀନସ୍ଥ ପଡୁଆଁପଦା ଅଞ୍ଚଳର ଅନାବାଦୀ କିସମ ଜମି। ଏହାକୁ ବିରୋଧ କରି ସହରର କେତେଜଣ ବୁଦ୍ଧିଜୀବୀ ଜିଲାପାଳଙ୍କଠାରେ ଅଭିଯୋଗ କରିବା ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି ହାଇକୋର୍ଟ ଉକ୍ତ ସରକାରୀ ଜମିକୁ ତୁରନ୍ତ ଉଚ୍ଛେଦ କରିବାକୁ ସଦର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସଦର ତହସିଲ ଅଧୀନ ପଡୁଆଁପଦା ମୌଜା ଖାତା (ନଂ. ୩୮୭) ର ପ୍ଲଟ୍ ନଂ. ୪୫୭।୯୯୧ (ଏ୦.୦୪୬ଡିସିମିଲ) ଓ ପ୍ଲଟ୍ ନଂ. ୪୫୭।୯୫୪ (ଏ୦.୦୬୪ଡିସିମିଲ) ସରକାରଙ୍କ ଖାତା ଅନାବାଦୀ ଜମିକୁ ପୂର୍ବତନ ମନ୍ତ୍ରୀ ଅନନ୍ତ ଚଞ୍ଚକତା କରି ନିଜ ନାମରେ ନକଲି ପଟ୍ଟା ପ୍ରସ୍ତୁତ କରିଥିବା ନେଇ ଅଭିଯୋଗ ହୋଇଥିଲା। ହାଇକୋର୍ଟରେ ଚଳିତମାସ ୧୧ ତାରିଖରେ ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟର ସିଙ୍ଗଲ ବେଞ୍ଚରେ ଜଷ୍ଟିସ୍ କେ. ଆର୍. ମହାପାତ୍ର ଏହାକୁ ବିଚାର କରି ଗତ ୧୮ ତାରିଖରେ ଏହାର ରାୟ ଶୁଣାଇଛନ୍ତି। ଏହି ରାୟରେ ସଦର ତହସିଲଦାରଙ୍କୁ ଉକ୍ତ ଦୁଇ ପ୍ଲଟ୍‌କୁ ଉଚ୍ଛେଦ କରି ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଅନନ୍ତ ବାଲେଶ୍ୱର ଜିଲା ସଦର ତହସିଲଦାର, ବିଡିଓ ଏବଂ ପୌରାଞ୍ଚଳ ଅଧିକାରୀ ଥିବାବେଳେ ଏଭଳି ଚଞ୍ଚକତା କରି ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜମିକୁ ହାତେଇଥିବା ନେଇ ଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି।

**ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**



IN THE HIGH COURT OF ORISSA AT CUTTACK
W.P.(C) NO. 32421 OF 2021

*Lambodar Jena and others* .... *Petitioners*
Mr. Bhabani Shankar Dasparida, Advocate

-versus-

*State of Odisha and others* .... *Opp. Parties*
Mr. Swayambhu Mishra, Additional Standing Counsel (For Opposite Party Nos.1 to 4)

CORAM:
JUSTICE K.R. MOHAPATRA

Order No.

ORDER
18.10.2021

1. 1. This matter is taken up through hybrid mode.

2. The grievance of the Petitioners in this writ petition is with regard to inaction of Opposite Parties more particularly the Opposite Party No.4-Tahasildar, Balasore Sadar in evicting the Opposite Party No.5 and other encroachers from Plot No.457/991 and Plot No. 457/954 under Khata No.387 in mouza Padhuapada under Balasore Sadar Tahasil in the district of Balasore (for short 'the case land').

3. Mr. Dasparida, learned counsel for the Petitioners submits that the case land is recorded in Government khata under Anabadi status. The Opposite Party No.5 as well as other encroachers have encroached upon the case land by constructing their residential house thereon. Although the Petitioners have made several requests to the Tahasildar, Balasore Sadar, but no action has yet been taken on the same. Thus, finding no other alternative, the

Page 1 of 2

ହାଇକୋର୍ଟ ଦେଇଥିବା ରାୟର ନକଲ।

## ୩.୫ କୋଟି କୋଭିଡ୍-୧୯ ଟିକାକରଣ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

କୋଭିଡ୍-୧୯ ଟିକାକରଣ କ୍ଷେତ୍ରରେ ଓଡିଶା ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି।

**ଓଡ଼ିଶା ରଚିଲା ମାଇଲଖୁଣ୍ଟ**

ରାଜ୍ୟରେ ଏ ପର୍ଯ୍ୟନ୍ତ ୩.୫ କୋଟି ଲୋକଙ୍କୁ କୋଭିଡ ଟୀକା ଦିଆଯାଇଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୀକାକରଣ ଅଭିଯାନରେ ସାମିଲ ହୋଇଥିବା ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏ ନେଇ ଟୁଇଟ କରି କହିଛନ୍ତି ଯେ ଓଡିଶା ୩.୫ କୋଟି ଟୀକାକରଣ କରି ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ସ୍ୱାସ୍ଥ୍ୟ କର୍ମୀମାନଙ୍କର କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଜୀବନ ବଞ୍ଚାଇବା ପାଇଁ ଟୀକାରକଣକୁ ନିଶ୍ଚିତ କରିଛି। କୋଭିଡ ଟୀକାକରଣ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୩.୫୩ କୋଟି କୋଭିଡ ଟୀକା ଦିଆଯାଇଛି। ସେଥିରୁ ୨.୪୮ କୋଟି ଲୋକଙ୍କୁ ପ୍ରଥମ ଡୋଜ ଦିଆଯାଇଥିବା ବେଳେ ୧.୦୪ କୋଟିଙ୍କୁ ଦୁଇଟି ଡୋଜ ଦିଆଯାଇଛି।

# ୫ ଲକ୍ଷ ଟଙ୍କାର କଫ ସିରପ୍, ବ୍ରାଉନସୁଗାର ଜବତ

ଖୋର୍ଦ୍ଧା ଅଫିସ,୨୨।୧୦

- ବେପାରୀ ଗିରଫ
- ବାଇକ୍ ଓ ୪୯,୫୭୦ ଟଙ୍କା ଜବତ

ଖୋର୍ଦ୍ଧା ଜିଲାରେ ନିଶା କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସ୍‌ଟିଏଫ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର କମୁନାହିଁ। ଏଥିସହ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଯୁବକ, କଲେଜ ଛାତ୍ର ଏବଂ ମହିଳାମାନଙ୍କୁ ଏଥିରେ ସାମିଲ କରାଯାଉଛି। ଶୁକ୍ରବାର ଖୋର୍ଦ୍ଧା ଅବକାରୀ ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଦେୱାନସାହିର ଅମରେଶ ବେହେରା(୨୭)। ତାଙ୍କ ନିକଟରୁ ୩୦ଗ୍ରାମ ବ୍ରାଉନସୁଗାର, ୭ଶହ କଫସିରପ୍ ବୋତଲ, ୪୯ହଜାର ୫୭୦ଟଙ୍କା ଓ ଏକ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନସୁଗାର ଓ କଫସିରପ୍‌ର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୮ଟା ୩୦ରେ ସ୍ଥାନୀୟ ବିଡିଏ କଲୋନୀ ଛକରେ ଅମରେଶ ବାଇକ୍ ଡିକିରେ କଫସିରପ୍ ଏବଂ ବ୍ରାଉନସୁଗାର ପୁଡ଼ିଆ ରଖି ବିକ୍ରି କରୁଥିବା ବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଅବକାରୀ ଇନିସପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସାଦା ପୋଷାକରେ ପହଞ୍ଚି ଅମେରଶଙ୍କୁ କାବୁ କରିବା ସହ ନିଶା ସାମଗ୍ରୀ ଜବତ କରିଥିଲେ।









**ଆଜିର ମନ୍ତବ୍ୟ**

‘ନୂଆ ଭାରତ’ ସମସ୍ତ ପ୍ରକାର କଡ଼ା ଚ୍ୟାଲେଞ୍ଜକୁ ମୁକାବିଲା କରିବାରେ ସକ୍ଷମ। ୧୦୦ କୋଟି ଡୋଜ୍ ସଫଳ ଟିକାକରଣରୁ ଏହା ସ୍ପଷ୍ଟ ହୋଇଛି। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାହୁଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତ୍ତଳ ଗୁଣାକୁ ନାକ ଟାଉଁ ଟାଉଁ**
**ସୁନା ଗୁଣା ହେଲେ ହୁଅନ୍ତୁ କେତେ।**

ନାକରେ ସାମାନ୍ୟ ପିତ୍ତଳ ଗୁଣା ଟିକେ ପିନ୍ଧି ଦେଖେଇହେବାରେ ମୂଲ୍ୟ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବ ଭଙ୍ଗୀ ଶୋଭା ପାଉ ନ ଥିବା ସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ନିଜର ବୃଥା ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପର ପୁଅ ମାନ କଲା**
**ଆପଣା ସେରକ ହାନି କଲା।**

ସାଧାରଣତଃ ନିଜ ଲୋକ ଉପରେ ରାଗରୁଷା ତଥା ମାନ ଅଭିମାନ ଶୋଭାପାଇଥାଏ। କିନ୍ତୁ ଯିଏ ପର ତା’ ଉପରେ ଏପରି ମାନ ଅଭିମାନ କରିବାରେ କିଛି ମୂଲ୍ୟ ମିଳି ନ ଥାଏ। ପର ଉପରେ ବୃଥା ଅଭିମାନ କରି ନିଜର କ୍ଷତି ଘଟାଇବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଆଜିଠାରୁ ଟି୨୦ ...

ସୁପର-୧୨ରେ ପ୍ରବେଶ କରିଛନ୍ତି। ପୂର୍ବରୁ ର୍ୟାଙ୍କିଙ୍ଗ୍ ଅନୁସାରେ ଆୟୋଜକ ଭାରତ ସମେତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ଆଦି ୮ଟି ଦଳ ମୁଖ୍ୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଭାରତ ୨୪ ତାରିଖରେ ଦୁବାଇଠାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ଫାଇନାଲ ନଭେମ୍ବର ୧୪ରେ ଦୁବାଇରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ପ୍ରକୃତରେ ଭାରତରେ ଆୟୋଜନ ହେବାର ଥିଲା। ମାତ୍ର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାକୁ ୟୁଏଇକୁ ସ୍ଥାନାନ୍ତର କରାଯାଇଛି। ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଅର୍ଥାତ୍ ୨୦୦୭ରେ ଭାରତ ଚାମ୍ପିୟନ ହୋଇଥିଲା। ୱେଷ୍ଟଇଣ୍ଡିଜ ସର୍ବାଧିକ ୨ ଥର ୨୦୧୨ ଓ ୨୦୧୬ରେ ଟାଇଟଲ ହାସଲ କରିଥିବାବେଳେ ପାକିସ୍ତାନ ୨୦୦୯, ଇଂଲଣ୍ଡ ୨୦୧୦ ଓ ଶ୍ରୀଲଙ୍କା ୨୦୧୪ରେ ଚାମ୍ପିୟନ ହୋଇଛି।



ଖଲ୍ଲିକୋଟ ଖୋଜାପଲିର ନିଶା ବେପାରୀଙ୍କ ଘରୁ ଜବତ ଟଙ୍କା, ସୁନା ଓ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଉଛନ୍ତି।

## ନିଶା ବେପାରୀଙ୍କ ଘରେ ...

ପାଇଁ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ରଏ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଖଲ୍ଲିକୋଟ ଆଇଆଇସି, ଭେଜିପୁଟ ଓଆଇସି, ଅତିରିକ୍ତ ତହସିଲଦାର ଏବଂ ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଡେମୋ ଦେଖାଇଲେ ...

ହତ୍ୟା କରିଥିଲେ ତା’ର ସମ୍ପୂର୍ଣ୍ଣ ଡେମୋ ପୋଲିସକୁ ଦେଖାଇଥିଲେ। ମମିତା ଗତ ୮ ତାରିଖ ଦିନ ସକାଳ ପ୍ରାୟ ୮ଟାରେ ଏକ ଘରୋଇ ବସ୍‌ରୁ ଚାନ୍ଦୋତରାରେ ଓହ୍ଲାଇଥିଲେ। ସେଠାରୁ ଗୋବିନ୍ଦ ନିଜ କାରରେ ମମିତାଙ୍କୁ ବସାଇ ଭବାନୀପାଟଣା ନେଇଯାଇଥିଲେ। ସେଠାରୁ ଫେରିବା ବାଟରେ କୁରସୁଡ୍-ବୋର୍ଡା ମଝିରେ କିଭଳି କାର ଭିତରେ ମମିତାଙ୍କ ତଣ୍ଟି ଚିପିଥିଲେ ତା’ର ସମ୍ପୂର୍ଣ୍ଣ ଡେମୋ ପୋଲିସକୁ ଦେଖାଇଥିଲେ। ସେଠାରୁ ମୃତଦେହକୁ ନିଜ କାରରେ ନେଇ ନିଜ ଘର ପଛପଟେ ରଖି ସେଦିନ ମହାଲିଙ୍ଗସ୍ଥିତ ଷ୍ଟାଡିୟମ ଭିତରେ କିଭଳି ପୋଡ଼ି ପୋତିଦେଇଥିଲେ ତାହା କହିଥିଲେ। ହତ୍ୟାର ସିନ୍ ରିକ୍ରିଏଟ୍ କରିବା ପରେ ଗୋବିନ୍ଦଙ୍କୁ ନେଇ ପୋଲିସ ପୁଣି ବଲାଙ୍ଗୀର ଫେରି ଆସିଥିଲା। ଅପରାହ୍ଣରେ ଡିଆଇଜି ଦୀପକ କୁମାର ଏବଂ ବଲାଙ୍ଗୀର ଏସପି ନୀତିନ କୁଶଲକର ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ଏହି ହତ୍ୟା ତଦନ୍ତରେ ଆଉ କୌଣସି ନୂଆ ସୂଚନା ମିଳିନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ମିଡିଆରେ ପ୍ରଚାରିତ କିଛି ତଥ୍ୟକୁ ଡିଆଇଜି ଖଣ୍ଡନ କରିଛନ୍ତି। ମମିତାଙ୍କୁ ଖଣ୍ଡ ଖଣ୍ଡ କରି ହତ୍ୟା କଲା ପରେ ପୋଡି ଦେଇଥିବା କଥାକୁ ଡିଆଇଜି ଖଣ୍ଡନ କରିଛନ୍ତି। ଏହାସହିତ କାର୍ ଭିତରୁ ପାଉଁଜି ମିଳିବା ତଥ୍ୟ ମଧ୍ୟ ଠିକ୍ ନୁହେଁ ବୋଲି କହିଛନ୍ତି। ମମିତାଙ୍କୁ ପୋଡାଣ୍‌ଯାଇଥିବା ଗାତ ଭିତରୁ କେବଳ ଏକ ସୁନାଚେନ୍, ଗୋଟିଏ ପାଉଁଜି ଓ କିଛି ଖଣ୍ଡ ଅସ୍ଥି ମିଳିଛି ବୋଲି ସେ କହିଛନ୍ତି। ଗୋବିନ୍ଦଙ୍କ କାର୍ ଭିତରୁ ମୁଣ୍ଡର କିଛି କେଶ, ଏକ ଚାବି ରିଙ୍ଗ୍ ଓ ଏକ ପେଟ୍ରୋଲ ଜାର ମିଳିଛି ବୋଲି ଡିଆଇଜି କହିଛନ୍ତି। ଯେଉଁ ସୂଚନା ପୋଲିସ ଦେଉନାହିଁ ତାକୁ ଅନୁମାନ କରି ଗଣମାଧ୍ୟମରେ ପ୍ରଚାର କରାଯାଉଛି ବୋଲି ସେ କହିଛନ୍ତି। ଗୋବିନ୍ଦଙ୍କୁ ଦୋଷୀ ସାବ୍ୟସ୍ତ ପାଇଁ ପ୍ରମାଣ ଯୋଗାଡ କରିବା ଏବେ ସବୁଠୁ ବଡ ଚାଲେଞ୍ଜ ଏବଂ ପୋଲିସ ତାକୁ ଦାୟିତ୍ୱର ସହ କରୁଛି। ଚାର୍ଜଶିଟ ଦାଖଲ ପାଇଁ ଆମ ପାଖରେ ଆହୁରି ୧୧୦ ଦିନର ସମୟ ରହିଛି । ଏହି ସମୟ ସୀମା ମଧ୍ୟରେ କୋର୍ଟରେ ଗୋବିନ୍ଦ ଓ ରାଧେଶ୍ୟାମଙ୍କ ବିରୋଧରେ ସବିଶେଷ ପ୍ରମାଣ ଯୋଗାଡ କରାଯିବ ବୋଲି ସେ କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

### ରାଧେଙ୍କ ଘରୁ ମିଳିଲା ମୋବାଇଲ

ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ଶୁକ୍ରବାର ଆଉ କିଛି ଅଗ୍ରଗତି ହୋଇଛି। ଏହି ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ରାଧେଶ୍ୟାମ ଚଣ୍ଡୀଙ୍କ ଘରୁ ଏକ ବ୍ୟାଗ୍ ମିଳିଛି। ଏହି ବ୍ୟାଗ୍‌ରୁ ଗୋଟିଏ ମୋବାଇଲ ଫୋନ, ଫୋନ ଚାର୍ଜର, ୩ ହଳ ମହିଳା ଡ୍ରେସ୍ ଓ କିଛି ଔଷଧ ଥିବା ଜଣାପଡ଼ିଛି। ବ୍ୟାଗ୍‌ରୁ ମିଳିଥିବା ମୋବାଇଲ ଫୋନ ମମିତାଙ୍କ ବୋଲି ସନ୍ଦେହ କରାଯାଉଛି। ଏହି ବ୍ୟାଗ୍‌ଟି ରାଧେଙ୍କ ଘରେ ଥିଲା। ଏହାକୁ ରାଧେଙ୍କ ସ୍ତ୍ରୀ ଆଶା ଚଣ୍ଡୀ ପାଇଥିଲେ। ପରେ ତାଙ୍କଠାରୁ କେଗାଁ ଥାନା ପୋଲିସ ନେଇଯାଇଥିବା ଆଶା କହିଛନ୍ତି। ଏ ବିଷୟରେ ଡିଆଇଜି ଦୀପକ କୁମାର କହିଥିଲେ, ଉକ୍ତ ବ୍ୟାଗ୍‌ରେ ଥିବା ମୋବାଇଲ ଫୋନ ମମିତାଙ୍କ ନୁହେଁ ବୋଲି ପରିବାର ଲୋକେ କହିଛନ୍ତି। ଭବାନୀପାଟଣାର ଏକ ନିର୍ଦ୍ଦିଷ୍ଟ ଦୋକାନର ପଲିଥିନ୍ ବ୍ୟାଗ୍‌ରେ ଲୁଗା ରହିଛି। ଏସବୁର ତଦନ୍ତ ହେଲା ପରେ ସବିଶେଷ ତଥ୍ୟ ଜଣାପଡିବ ବୋଲି ଡିଆଇଜି କହିଛନ୍ତି।

### ମୋ ସ୍ୱାମୀଙ୍କୁ ଫସାଇ ଦିଆଯାଇଛି

ରାଧେଙ୍କ ସ୍ତ୍ରୀ ଆଶା କହିଛନ୍ତି, ବ୍ୟାଗ୍‌ଟି କେତେ ଦିନରୁ ତାଙ୍କ ଘରେ ଥିଲା, ତାହା ସେ ଜାଣିନାହାନ୍ତି। ତାଙ୍କ ସ୍ୱାମୀ କେବେ ନା କେବେ ଆଣି ଘରେ ରଖିଥିଲେ। ଘର ଝାଡ଼ୁ କରିବା ବେଳେ ଖଟ ତଳୁ ସେ ବ୍ୟାଗ୍‌ଟି ପାଇଥିଲେ। ଗୋବିନ୍ଦ ସାହୁ ସବୁ କାରନାମା କରି ତାଙ୍କ ସ୍ୱାମୀଙ୍କୁ ଫସାଇ ଦେଇଛନ୍ତି। ଗୋବିନ୍ଦଙ୍କ ନିକଟରେ ମାତ୍ର ୩ ମାସ ହେଲା ରାଧେ କାମ କରୁଥିଲେ। ସେ ତାଙ୍କୁ ହଳିଆ ଭଳି ଘରେ କାମ କରାଉଥିଲେ ବୋଲି ଆଶା କହିଛନ୍ତି। ନ୍ୟାୟ ପାଇଁ ରାଧେଙ୍କ ସ୍ତ୍ରୀ ପରିବାର ସହ କେଗାଁ ଥାନା ଦ୍ୱାରସ୍ଥ ହୋଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ସେ ଫେରି ଆସିଥିଲେ।

## ଦଳ ଛାଡ଼ିଲେ ...

ପାଳନ କରିବି ଏବଂ ଅତ୍ୟଧିକ ସନ୍ତୁଷ୍ଟତାର ସହ ସେବା କରିବି ବୋଲି ସେ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରଦୀପ ମାଝି କଂଗ୍ରେସରେ ଯେଉଁ ସମ୍ମାନ ପାଉଥିଲେ ସେ ଯେଉଁ ଦଳକୁ ଯାଉଛନ୍ତି ସେଠି ସେହି ସମ୍ମାନ ପାଇବା ଆଶାରେ ଯାଇଥାଇ ପାରନ୍ତି। ଗତକାଲି ସେ ଦଳରୁ ଇସ୍ତଫା ଦେଇ ନ ଥିବା କହିଥିଲେ। ନିକଟ ଭବିଷ୍ୟତରେ ସେ ଆଉ କୌଣସି ପଦ ପଦବୀ ପାଇବାର ନ ଥିଲା। ତେଣୁ ସେ ଏହିପରି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ନିରଞ୍ଜନ କହିଛନ୍ତି। ପ୍ରଦୀପ ଦଳ ଛାଡ଼ିଲେ କଂଗ୍ରେସର କୌଣସି ଫରକ ପଡ଼ିବ ନାହିଁ ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ପ୍ରଦୀପ ମାଝି ଯାହା ବି ପାଇଛନ୍ତି ତାହା କଂଗ୍ରେସରୁ ହିଁ ପାଇଛନ୍ତି। ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ହୋଇ ଜଣେ ବିଧାୟକଙ୍କୁ ଜିତାଇପାରିଲେ ନାହିଁ। କଂଗ୍ରେସରେ ଥାଇ ଦଳକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଥିଲେ। ସେ ଦଳ ଛାଡ଼ିବା ପରେ କଂଗ୍ରେସ ଅଧିକ ସୁଦୃଢ଼ ହେବ ବୋଲି ତାରା କହିଛନ୍ତି।

ପ୍ରଦୀପ ମାଝିଙ୍କୁ ଆମେ ତିଆରି କରିଥିଲୁ, ସେ ଦଳ ଛାଡ଼ିଲେ ଆମର କୌଣସି ଅସୁବିଧା ହେବ ନାହିଁ ବୋଲି ମାଲକାନଗିରି ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର କହିଛନ୍ତି। ଆଗାମୀ ନିର୍ବାଚନରେ ପ୍ରଦୀପଙ୍କ ବିନା ଦଳ ଆହୁରି ଅଧିକ ଭଲ ପ୍ରଦର୍ଶନ କରିବ। ପ୍ରଦୀପ ମାଝିଙ୍କୁ କଂଗ୍ରେସ ପରିଚୟ ଦେଇଥିଲା। ତେଣୁ ସେ ଦଳ ଛାଡ଼ିବା ଦ୍ୱାରା ତାଙ୍କର ହିଁ କ୍ଷତି ହେବ ବୋଲି ଗୋବିନ୍ଦ କହିଛନ୍ତି। ପ୍ରଦୀପଙ୍କ କଂଗ୍ରେସରୁ ଇସ୍ତଫା ପରେ ସେ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ବିବୃତି ମଧ୍ୟ ପ୍ରଦୀପଙ୍କ ବିଜେଡିରେ ଯୋଗଦାନକୁ ଆହୁରି ସ୍ପଷ୍ଟ କରିବାରେ ଲାଗିଛି। ସେ କହିଛନ୍ତି, ପ୍ରଦୀପ ମାଝି ଜାଣିଗଲେଣି ଯେ କଂଗ୍ରେସରେ ଲୋକଙ୍କ ସେବା କରିବାରେ କୌଣସି ସୁଯୋଗ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଲୋକଙ୍କ ପାଇଁ କାମ କରିବାକୁ ଚାହୁଁଥିଲେ ସେ ବିଜେଡିରେ ଯୋଗଦେଇପାରନ୍ତି ବୋଲି କହିଛନ୍ତି। ଜଣଙ୍କ ପରେ ଜଣେ ପୁରୁଖା ନେତା ଦଳ ଛାଡୁଥିବାରୁ ରାଜ୍ୟ କଂଗ୍ରେସ ପାଇଁ ସମସ୍ୟା ବଢ଼ିବାରେ ଲାଗିଛି। ନିକଟରେ ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝି ଏବଂ କୈଳାସ ଚନ୍ଦ୍ର କୁଲସିକା ଦଳ ଛାଡ଼ିଛନ୍ତି। ଏବେ ଦକ୍ଷିଣ ଓଡ଼ିଶାର ଟାଣୁଆ ଯୁବନେତା କୁହାଯାଉଥିବା ପ୍ରଦୀପ ମାଝି ଦଳ ଛାଡ଼ିବା ପରେ ରାଜ୍ୟ କଂଗ୍ରେସକୁ ଚିନ୍ତାରେ ପକାଇ ଦେଇଛି। ରାଜ୍ୟରେ ଏକଦା ୧ ନମ୍ବର ରାଜନୈତିକ ଦଳ ଥିବା କଂଗ୍ରେସ ଏବେ ତୃତୀୟ ସ୍ଥାନକୁ ଖସି ଆସିଛି। ରାଜ୍ୟରେ କଂଗ୍ରେସର ସ୍ଥିତି ବେଳକୁ ବେଳ ଖରାପ ହେଉଥିବାରୁ ନିଜର ଭବିଷ୍ୟତକୁ ନେଇ ଯୁବନେତାମାନେ ସନ୍ଦିହାନ ହୋଇ ପଡୁଛନ୍ତି। ଫଳରେ ନିରାଶ ହୋଇ କଂଗ୍ରେସ ଛାଡ଼ି ଚାଲିଯାଉଥିବା ନେଇ ଦଳରେ ଚର୍ଚ୍ଚା ହେଉଛି।

## ୫ ସପ୍ତାହରେ ୮ଟଙ୍କା ...

୩୮ ପଇସା ଏବଂ ପେଟ୍ରୋଲ ୩୬ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୪.୩୦ ଟଙ୍କା ଏବଂ ପେଟ୍ରୋଲ ୧୦୭.୮୪ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୪.୬୪ ଟଙ୍କା ଓ ପେଟ୍ରୋଲ ୧୦୮.୧୯ ଟଙ୍କାରେ ପହଞ୍ଚିଛି। ତେବେ ଗତ ୫ ସପ୍ତାହ ମଧ୍ୟରେ ଡିଜେଲ ପ୍ରାୟ ୮ଟଙ୍କା ବଢ଼ିବା ଯୋଗୁ ସାରା ରାଜ୍ୟରେ ଏହାର ପ୍ରଭାବ ପଡିବା ସହିତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ୨ଗୁଣା ବଢିଥିବା ରାଜ୍ୟ ବ୍ୟବସାୟ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ୫.୮୦ ଟଙ୍କା ଏବଂ ଡିଜେଲ ୭.୬୯ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୫ ପଇସା ଏବଂ ପେଟ୍ରୋଲ ୩୫ ପଇସା ବଢ଼ିଥିବା ତୈଳ ନିଗମ ପକ୍ଷରୁ ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୫.୬୨ ଟଙ୍କା ଏବଂ ପେଟ୍ରୋଲ ୧୦୬.୮୯ ଟଙ୍କାରେ ରହିଛି। ଏହି ସମୟ ମଧ୍ୟରେ ଦିଲ୍ଲୀରେ ପେଟ୍ରୋଲ ୫.୭୦ ଟଙ୍କା ଏବଂ ଡିଜେଲ ୭ ଟଙ୍କା ବଢ଼ିଥିବା ତୈଳ ନିଗମ ସୂଚନା ଦେଇଛି। ସେହିପରି ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୩ରୁ ୩୭ ପଇସା ବଢ଼ି ଯଥାକ୍ରମ ୯୯.୯୨ ଟଙ୍କା, ୯୮.୭୩ ଟଙ୍କା ଏବଂ ୧୦୩.୬୩ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୩୧ ରୁ ୩୩ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୩.୯୨ ଟଙ୍କା, ୧୦୭.୪୪ ଟଙ୍କା ଏବଂ ୧୧୨.୭୭ ଟଙ୍କାରେ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଚନ୍ଦ୍ର ପାପଗ୍ରହ ରାହୁଙ୍କ ସଂଯୋଗରୁ ଆପଣ ଭୁଲ୍ ନିଷ୍ପତ୍ତି ନେଇ ଅନୁତାପ କରିବେ। ବିଳମ୍ବିତ ସମୟରେ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି। ପରିବାର, ଯାନବାହନ, ପରିବହନ କ୍ଷେତ୍ରରେ ଶିଥିଳତା ଦେଖାଦେଇପାରେ। ପରିବାରର ସମସ୍ୟାଗୁଡ଼ିକର ସମାଧାନ ସକାଶେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିବ।

**ବୃଷ** – ଆଦୌ ଆଶା କରି ନ ଥିବା କୌଣସି ଖବର ପାଇ ବିସ୍ମିତ ହେବେ। ପାପଗ୍ରସ୍ତ ଚନ୍ଦ୍ରଙ୍କ କୁପ୍ରଭାବରୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିର ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ** – ଗୁରୁଯୁକ୍ତ ଶନି ହେତୁ କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଗତକାଲିର କଳିକରାଳ ବିଷୟରେ ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଆରଦ୍ରା ନକ୍ଷତ୍ରର ଦୀର୍ଘଦିନର ଆଶା ଫଳବତୀ ହେବାରେ ଅସୁବିଧା ରହିବ ନାହିଁ।

**କର୍କଟ** – ଅଶ୍ଳେଷା ନକ୍ଷତ୍ର ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବେନି। କର୍ମକ୍ଷେତ୍ରର ପରିସ୍ଥିତି ବଦଳି ଯିବାରୁ ଏକପ୍ରକାର ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** – ଅଟକି ରହିଥିବା କାମଗୁଡ଼ିକ ଆଜି ହିଁ ଶେଷ କରିବାକୁ ମନସ୍ଥ କରି ସଫଳ ହେବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ବାଣିଜ୍ୟ, ବ୍ୟବସାୟରେ ଋଣମୁକ୍ତ ହେବାର ସୂଚନା ରହିଛି। ସ୍ୱନକ୍ଷତ୍ରସ୍ଥ ମଙ୍ଗଳ ହେତୁ କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା** – ଭାଗ୍ୟସ୍ଥ ରାହୁଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ବିଭିନ୍ନ କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହୋଇପାରନ୍ତି।

**ତୁଳା** – ରାଶିରେ ଧନାଧିପତି ଥିବାରୁ ଆଶା କରୁଥିବା ଦିଗରୁ ସାମାନ୍ୟ କଷ୍ଟରେ ଅର୍ଥ ହାସଲ କରିବେ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ ଏବଂ ବନ୍ଧୁଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବିବା ଠିକ୍ ହେବନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ।

**ବିଛା** – ରବି ରାଶ୍ୟାଧିପତି ଯୁକ୍ତ ହେତୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। ଅନୁରାଧା ନକ୍ଷତ୍ର ଭୁଲ୍ ରାସ୍ତାରେ ପାଦଦେଇ ଅସୁବିଧାରେ ପଡ଼ିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ଧନୁ** – ଅଷ୍ଟମାଧିପ ଷଷ୍ଠଭାବସ୍ଥ ହେତୁ କଚେରି ମାମଲାର ଟେନ୍ସନ ମାନସିକ ଅଶାନ୍ତି ଦେଇପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ଦେବେ, ଯାହା କି ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍ସି, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଅପରିଚିତ ବ୍ୟକ୍ତି ଚିନ୍ତାର କାରଣ ହୋଇପାରନ୍ତି।

**ମକର** – ଯେତେ ଭଲ କାମ କଲେ ମଧ୍ୟ ମନ ଭାରାକ୍ରାନ୍ତ ରହିବ। ସ୍ୱନକ୍ଷତ୍ରସ୍ଥ ଚତୁର୍ଥାଧିପ ହେତୁ ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ପାଇବାରେ ସମର୍ଥ ହେବେ। ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ପାରିବାରିକ ସମସ୍ୟା ଭିତରେ ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** – ଆଜି ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** – ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି ସମାଧାନରେ ଉପନୀତ ହୋଇପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ର ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।


# classifieds Everyday
0674-2580101, 2549302




**SALE**

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21745

Agricultural Land converted to Home-shead Land which is very nearer to N .H .55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No. 9861033990. D-22036

**Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150.** D-22026

Hurry up! Registration is going on for our BDA/ Bank approved apartment flats, near Shani Temple, Patrapada, Bhubaneswar 500meters from National Highway, two nos. 3BHK flat remains only. Hurry up! 9238326233. D-38578

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21816

ଆପଣ ଭୁବନେଶ୍ୱରରେ ଘରକରିବା, ପ୍ଲଟ୍ କିଣିବାକୁ ଚାହୁଁଛନ୍ତି କି ? ସୁନ୍ଦରପଦାରେ sqft. 1500/-, 1000/-, 400/-, କାଟେଶୀରେ - 650/- ଦିଆଯାଉଛି। 9938016295. D-71724

**ଭୁବନେଶ୍ୱର-ପୁରୀ ମଙ୍ଗଳପୁର NH Side ଘରବାରି Boundary, Electricity, Park, Temple, Security 30ft. ରାସ୍ତାଥାଇ Sqft- 650/- Plot ମିଳୁଛି - 8117084862.** D-717 23

CV Raman College ପାଖରେ 2100sqft. ଘରବାରି plot ବିକ୍ରିହେବ। 9778928492. D-70245

**ମାସିକ ମାତ୍ର 7431/- ଟଙ୍କା** କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 7978998868. D-71711

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.- 150/- (outright). 9776974912. D-21938

**Gated community township planning gharabari plot sale in Gudiapokhari near KEC College with 30’road, Electricity, boundarywall. 8763887357, 9238902929.** D-71722




**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710




**2200sqft., 1200sqft. space for Official purpose and 150sqft. for Parlour/Saloon purpose available at P.C. Plaza, Cuttack road, Bhubaneswar. Contact: 9437048080, 9437048283.** D-21912




Ashirvaad Saloon and SPA get good massage for your health tha best therapy. 7077181074. D-71801

Refresh with relaxing massage by experienced Male/Female therapist. 7008773793. D-71428

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Refreshing your mind and body with the best therapy. 7873794731. D-71180

Refreshing your mind, your body with tha best therapy at Lotus SPA. 8018891951. D-71802

Newly open SPA positively health benefit with Expert. Contact: 7749976301. D-71187

**LOST**

Since 12.09.2021 HDFC Bank ID Card No.-210305292200256 is lost. If the said ID Card found please return to G.P. Combines Pvt. Ltd, 155 Bapuji Nagar. Phone No.- 0674-6677777. D-71320

**AFFIDAVIT**

By virtue of the affidavit sworn before the Executive Magistrate, Cuttack, we, Sasmita Mohanty, W/o- Late Brajabihari Mohanty & Sarita Mohanty, W/o- Late Mihir Mohanty both are daughter of Bijay Ketan Mohanty, S/o- Hrudananda Mohanty, At- Plot No.- 5D/1369, Sector-10, Po- Markat Nagar, CDA, PS.- Cuttack Sadar, Dist.- Cuttack do hereby declare that some persons are trying to grab the ancestral as well as self-acquired property of our father taking advantage of his old age and mental condition. Hence any transaction/ deed/mortgage made or will be made without our written consent shall be declared as null and void. D-22032


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଜୀବନ ଗଲା**

ଅମ୍ବାଦୋଳା,(ଡି.ଏନ୍.ଏ.): ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ଜୀବନ ଚାଲିଗଲା। ରାୟଗଡ଼ା ଜିଲ୍ଲା ଅମ୍ବାଦୋଳା ଥାନା ଅଧୀନ ଶୁକ୍ଲାଭଟ୍ଟା ଗ୍ରାମରେ ଗୁରୁବାର ରାତିରେ ଏଭଳି ଘଟଣା ଘଟିଛି। ମୃତ ମହିଳା ହେଲେ ଗାଁର ସୁରେନ୍ଦ୍ର ବଡ଼ା(୩୨)ଙ୍କ ସ୍ତ୍ରୀ ଝରଣା(୩୦)। ରାତିରେ ଦମ୍ପତି ଏବଂ ତାଙ୍କର ୨ ବର୍ଷର ଝିଅ ଶୋଇଥିଲେ। ଏହି ସମୟରେ ସୁରେନ୍ଦ୍ର ଘରେ ଥିବା ଟାଙ୍ଗିଆରେ ସ୍ତ୍ରୀ ଝରଣାଙ୍କୁ ଚୋଟ ପକାଇଥିଲେ। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହତ୍ୟା ପରେ ସୁରେନ୍ଦ୍ର ଝିଅ ଏବଂ ଟାଙ୍ଗିଆକୁ ସାଙ୍ଗରେ ନେଇ ଫେରାର ହେବାକୁ ଚେଷ୍ଟା କରୁଥିଲେ। ତେବେ ପଡ଼ୋଶୀମାନେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ।

## ସଂକ୍ଷେପରେ

### ପଛୁଆ ବର୍ଗ ସଂରକ୍ଷଣରେ ସଂଶୋଧନ କର

**ନିର୍ବାଚନ ଆୟୋଗଙ୍କ ନିକଟରେ ଭାଜପା ଓବିସି ମୋର୍ଚ୍ଚାର ଦାବି**

ଭୁବନେଶ୍ୱର,୨୨।୧୦(ବ୍ୟୁରୋ): ୨୦୨୨ ପଞ୍ଚାୟତ ନିର୍ବାଚନ ନିମନ୍ତେ ତିଆରି ସଂରକ୍ଷଣ ତାଲିକା ନିକଟରେ ପ୍ରକାଶ ପାଇଛି। ଏଥିରେ ନିମ୍ନଲିଖିତ ତ୍ରୁଟି ଗୁଡ଼ିକ ସମ୍ପୂର୍ଣ୍ଣ ହୋଇନ ଓ ଅସାମ୍ବିଧାନିକ ତାହା ସାଧାରଣରେ ଦୃଷ୍ଟିକୁ ଆସି ସମାଲୋଚିତ ହେଉଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପଛୁଆ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥାରେ ସଂଶୋଧନ ସମ୍ପର୍କରେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟି ବିହିତ ପଦକ୍ଷେପ ନେବା ପାଇଁ ଦାବି ଜଣାଇଛି। ଗତ ଅକ୍ଟୋବର ୮ରେ ପ୍ରକାଶିତ ଚିଠା ସଂରକ୍ଷଣ ତାଲିକା କେତେକ ଜିଲାରେ ଅକ୍ଟୋବର ୯ ଏବଂ ୧୦ ତାରିଖରେ ପ୍ରକାଶ ସମ୍ପୂର୍ଣ୍ଣ ଆଇନ ବିରୋଧୀ। ସମ୍ବଲପୁର, କଳାହାଣ୍ଡି, ଝାରସୁଗୁଡ଼ା, ଗଜପତି ଜିଲାରେ ପଞ୍ଚାୟତର୍ଙ୍କ ପାଇଁ ଜିଲା ପରିଷଦ ସଭ୍ୟ କ୍ଷେତ୍ରରେ ସଂରକ୍ଷଣ ଶୂନ୍ୟ ଥିବା ବେଳେ ରାୟଗଡ଼ା ଜିଲାରେ ଅଣସଂରକ୍ଷିତ ସଂଖ୍ୟା ଶୂନ୍ୟ। ସମ୍ପୂର୍ଣ୍ଣ ଭ୍ରମାତ୍ମକ, ତ୍ରୁଟିପୂର୍ଣ୍ଣ ଓ ବିରୋଧାଭାସର ସଂରକ୍ଷଣରେ ଯେପରି ଗଜପତି ଜିଲାରେ ପଛୁଆବର୍ଗଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ ସେହି ଜିଲାର ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ସେହିଭଳି ନୟାଗଡ଼ ଜିଲା ଦଶପଲ୍ଲା ପଞ୍ଚାୟତ ସମିତିରେ ସମିତି ସଭ୍ୟ ପଦବୀ କ୍ଷେତ୍ରରେ ଗୋଟିଏ ମଧ୍ୟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ନ ଥିବା ବେଳେ କୌତୁହଳ ଓ ଆଶ୍ଚର୍ଯ୍ୟଜନକ ଭାବେ ଉକ୍ତ ଅଧ୍ୟକ୍ଷ ପଦବୀ ପଛୁଆବର୍ଗ ପାଇଁ ସଂରକ୍ଷିତ ଅଛି ବୋଲି ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ସୂଚନା ଦେଇଛନ୍ତି। ଉପରୋକ୍ତ ଅନୈତିକ, ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ଜନବିରୋଧୀ ଚିଠା ସଂରକ୍ଷଣକୁ ରାଜ୍ୟ ସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ କିମ୍ବା ସଂଶୋଧନ କରି ତାଲିକା ପ୍ରକାଶ କରିବା ନିମନ୍ତେ ମୋର୍ଚ୍ଚା ତରଫରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାବି କରାଯାଇଛି।

# ନକଲି ନମ୍ବର ଟ୍ରେଲରକୁ ଖସାଇଦେଲେ

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୨୨।୧୦

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ୩ଟି ନକଲି ନମ୍ବର ଥିବା ଟ୍ରେଲରକୁ ପୋଲିସ ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ବିଭାଗ(ଆରଟିଓ) ଅଧିକାରୀ ସଲାସୁତୁରା କରି ଖସେଇ ଦେଇଥିବା ଅଭିଯୋଗ ହେଉଛି।

ଗତ ୧୨ ତାରିଖରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍ଆଇଏନ୍ଏଲ୍) କାରଖାନାରୁ ବାହାରୁଥିବା ସମୟରେ କଳିଙ୍ଗନଗର ଥାନା ପୋଲିସ ୨ଟି ଟ୍ରେଲର(ପିବି୨୩ଜିବି୬୩୮ ଓ ପିବି୨୩ଜିବି୬୭୩୪)କୁ ଜବତ କରି ନିଜ ଅଧୀନରେ ରଖିଥିଲା। ପୋଲିସ ଜବତ କରୁଥିବା ଜାଣି ତୃତୀୟ ଟ୍ରେଲରଟି କାରଖାନାରୁ ବାହାରି ନ ଥିଲା। ପରେ ଉକ୍ତ ଟ୍ରକକୁ ସଲାସୁତୁରାରେ ଉଭାନ କରାଯାଇଥିବା କୁହାଯାଉଛି। ଗୁରୁବାର ଚଣ୍ଡିଖୋଲ ଆରଟିଓ କୁମିୟର ଏମ୍ଭିଆଇ ଜବତ ଗାଡ଼ିଗୁଡ଼ିକର ତଦନ୍ତ କରିବା ପରେ ପୋଲିସକୁ କ୍ଲିନ୍‌ଚିଟ୍ ଦେଇଥିଲେ। ଗାଡ଼ି ମାଲିକ, ପୋଲିସ, ଆରଟିଓଙ୍କ ମଧ୍ୟରେ ଲକ୍ଷାଧିକ ଟଙ୍କାର କାରବାର ପରେ ଏଭଳି ନିଷ୍ପତ୍ତି ହୋଇଥିବା ଚର୍ଚ୍ଚା ହେଉଛି। ନୀଳାଚଳ କାରଖାନାରେ ପିଗ୍ ଆଇରନ ଲୋଡିଂ କରିବାକୁ ୨୦୧୯ରେ ଗୁରୁଦେବ ଇସ୍ପାତ ଇଣ୍ଡେକ୍ସ ପ୍ରାଇଭେଟ ଲିଃ ପରିବହନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ପରିବହନ ସଂସ୍ଥା ପକ୍ଷରୁ ଟାଟା ଲେଖାଥିବା ୩ଟି ଟ୍ରେଲର ଭିତରକୁ ଯାଇଥିଲା। ୨ ବର୍ଷ ହେଲା ଏହି ୩ଟି ଗାଡ଼ି କାରଖାନା ଭିତରେ କୌଣସି ଲୋଡିଂ କାମ ନ କରି ଠିଆ ହୋଇଥିଲା, ଯାହାକି କାରଖାନାର କର୍ମଚାରୀମାନଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏହି ୩ ଗାଡ଼ି (ପିବି୨୩ଜଏ୪୩୩୪, ପିବି୨୩ଜିବି୬୭୩୪ ଓ ପିବି୨୩ଜିବି୬୭୩୪) ନମ୍ବରକୁ ନେଇ 'ବାହାନ' ୱେବ୍‌ସାଇଟ୍‌ରେ ତଦନ୍ତ କରାଯାଇଥିଲା। ସେଥିରୁ ୨ଟି ଟ୍ରେଲର (ପିବି୨୩ଜିବି୬୭୩୪ ଓ ପିବି୨୩ଜିବି୬୭୩୪) ଅଶୋକ ଲିଲାଣ୍ଡ କମ୍ପାନୀ ନିର୍ମିତ ଗାଡ଼ି ଏବଂ ପଞ୍ଜାବ ପଟିଆଲା ଆରଟିଓରେ ରେଜିଷ୍ଟ୍ରେସନ ହୋଇଥିବା ଜଣାପଡ଼ିଥିଲା। ଅର୍ଥାତ୍ ୨ଟି ଅଶୋକ ଲେଲାଣ୍ଡ ଗାଡ଼ିର ଚେଚିସ୍ ନମ୍ବରକୁ ଚୋରା ଟାଟା ଗାଡ଼ିରେ ଲଗାଯାଇଥିବା ନେଇ ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ୨୦୧୬ରେ ଚଣ୍ଡିଖୋଲ ଆରଟିଓ କାର୍ଯ୍ୟାଳୟରେ ୨୮ଟି ଗାଡ଼ି ଧରାପଡ଼ିଥିଲା। ସେଗୁଡ଼ିକର ମାଲିକ ନିଜର ବହୁ ପୁରୁଣା ଗାଡ଼ି ପାଇଁ ନୂଆ ଗାଡ଼ିର ଇଞ୍ଜିନ ଓ ଚେଚିସ୍ ନମ୍ବର ଉଲେଖ ଥିବା ଜାଲ୍ ସେଲ୍ ଲେଟର ଓ ଇନ୍‌ଭଏସ୍ ପ୍ରସ୍ତୁତ କରି ପଞ୍ଜୀକୃତ କରାଉଥିଲେ। ଏହା ମାଧ୍ୟମରେ ଦଲାଲମାନେ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ। ଗାଡ଼ିକୁ ଠିକ ଭାବେ ନ ଦେଖି କିଭଳି ଭାବେ ପଞ୍ଜୀକୃତ କରାଯାଇଥିଲା ସେ ନେଇ ଅଭିଯୋଗ ହୋଇଥିଲା। ଏହି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯିବାରୁ ସମ୍ପୃକ୍ତ ଆରଟିଓ, ଏମ୍ଭିଆଇ ପ୍ରମୁଖ ନିଲମ୍ବିତ ହୋଇଥିଲେ। ଏବେ ନୀଳାଚଳ କାରଖାନା ମଧ୍ୟରେ ରହିଥିବା ୩ଟି ଟ୍ରେଲରରେ ଅନୁରୂପ ଭାବେ ଜାଲ ହୋଇଥିବା ସ୍ପଷ୍ଟ ହେଉଛି। ଏହାବ୍ୟତୀତ ଏହି ୩ ଗାଡ଼ିର ରୋଡ୍ ଟ୍ୟାକ୍ସ ଓ ବୀମା ପ୍ରାୟ ୫ ବର୍ଷ ପୂର୍ବରୁ ଶେଷ ହୋଇସାରିଛି। ଏଭଳି ସ୍ଥଳେ ସମ୍ପୃକ୍ତ ପରିବହନ ସଂସ୍ଥାଙ୍କୁ କେଉଁ ଆଧାରରେ କ୍ଲିନ୍‌ଚିଟ୍ ଦିଆଯାଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିକ୍ରମରେ ଯାଜପୁର ଜିଲାର ବିଭିନ୍ନ ଖଣି, ଶିଳ୍ପ କାରଖାନାରେ ଏକାଧିକ ନକଲି ନମ୍ବରରେ ଗାଡ଼ି ପଞ୍ଜୀକୃତ ହୋଇ ପରିବହନ ଚାଲିଥିବା ସନ୍ଦେହ ଘେରାଉଛି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଆହୁରି ନକଲି ଗାଡ଼ି ନମ୍ବରର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ଦାବି ଉଠିଛି।

ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆରଟିଓ କେଶବ ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି, ଟ୍ରେଲର ଗାଡ଼ି ଛଡ଼ାଯିବା ବିଷୟ ତାଙ୍କ ପାଖରେ ଖବର ନାହିଁ। ଆବଶ୍ୟକ ତଦନ୍ତ କରି ନକଲି ନମ୍ବର ସଂକ୍ରାନ୍ତରେ ସତ୍ୟତା ମିଳିଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବଲାଙ୍ଗୀରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

ବଲାଙ୍ଗୀର ଅଫିସ, ୨୨।୧୦

ବହୁଚର୍ଚ୍ଚିତ ମମିତା ମେହେର ଅପହରଣ ଓ ହତ୍ୟା ଘଟଣାର ତଦାରଖ କରିବାକୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରାଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀରରେ ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ ଏହି ଟିମ୍ ଏସପି ଅଫିସକୁ ଯାଇ ଏସପି ନୀତିନ କୁଶାଲକରଙ୍କୁ ସାକ୍ଷାତ କରି ମମିତା ହତ୍ୟାକାଣ୍ଡର ତଦନ୍ତ କିପରି ଚାଲିଛି ପଚାରି ବୁଝିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଅଧ୍ୟକ୍ଷା ବେହେରା କହିଥିଲେ, ମମିତାଙ୍କୁ ହତ୍ୟା ଅତ୍ୟନ୍ତ ଦୁଃଖଦ ଘଟଣା। ଏକ ଅମୂଲ୍ୟ ଜୀବନ ନଷ୍ଟ ହୋଇଯାଇଛି। ଏହି ଅବସରରେ ଏସ୍‌ପି କହିଥିଲେ ଯେ ପୋଲିସ ବିଭାଗ ପକ୍ଷରୁ ଉଚିତ୍ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଖୁବ୍ ଶୀଘ୍ର ତଦନ୍ତ ପ୍ରକ୍ରିୟା ସାରିବେ ବୋଲି ସେ କହିଛନ୍ତି। ମହିଳା କମିଶନ ତରଫରୁ ଏହି ଟିମ୍ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ଶନିବାର ଓରଣୀ ଗାଁକୁ ଯାଇ ଭେଟିବେ। ପୀଡ଼ିତାଙ୍କ ପରିବାରବର୍ଗ କିଭଳି ଭାବେ ସୁରକ୍ଷିତ ରହିବେ ସେନେଇ ଏସପିଙ୍କ



ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ଓ ଅନ୍ୟ ସଦସ୍ୟ ବଲାଙ୍ଗୀର ଏସପି ନୀତିନ କୁଶାଲକରଙ୍କ ସହ ଆଲୋଚନା କରୁଛନ୍ତି।

**ମମିତା ହତ୍ୟା ମାମଲା**

ସହ ଆଲୋଚନା ହୋଇଥିବା କହିଥିଲେ। ପୀଡ଼ିତା କିଭଳି ନ୍ୟାୟ ପାଇବ। ଦୋଷୀଙ୍କୁ କିଭଳି କଠୋରରୁ କଠୋର ଦଣ୍ଡ ଦିଆଯିବ ଯେପରି ଆଗକୁ ଏଭଳି କାଣ୍ଡ ଭିଆଇବାକୁ ଅନ୍ୟ କେହି ସାହସ କରିବେ ନାହିଁ, ସେ ଦିଗରେ କାର୍ଯ୍ୟଧାରା ଜାରି ରଖିଛୁ ବୋଲି ସେ କହିଥିଲେ। ଝରଣାରୁ ମହାଳିଙ୍ଗକୁ ମଧ୍ୟ ଟିମ୍ ପରିଦର୍ଶନରେ ଯିବ। ସେଠାରେ ସେଉଁ ପିଲାମାନେ ପାଠ ପଢ଼ୁଛନ୍ତି ସେମାନେ କିଭଳି ଉତ୍ତମ ପରିବେଶ ଭିତରେ ପାଠ ପଢ଼ିବେ ସେ ସଂକ୍ରାନ୍ତରେ ମଧ୍ୟ କଳାହାଣ୍ଡି ଜିଲାପାଳଙ୍କ ସହ ଆଲୋଚନା କରିବେ। ଏହାପରେ ହତ୍ୟାକାଣ୍ଡ ସଂଘଟିତ ସ୍ଥଳ ପରିଦର୍ଶନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ମମିତା ହତ୍ୟାକାଣ୍ଡର ତଦନ୍ତ ଠିକ୍ ଭାବରେ କରିବାକୁ କମିଶନ ପକ୍ଷରୁ ଏସପିଙ୍କୁ ଚିଠି ଲେଖାଯାଇଛି ବୋଲି କହିଥିଲେ। ପରିଦର୍ଶନ ସମୟରେ ଯାହା ଅନୁଧ୍ୟାନ କରାଯିବ ତାକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ସୁପାରିଶ କରିବୁ ବୋଲି ସେ କହିଥିଲେ। ଏହି ଟିମ୍‌ରେ ଅଧ୍ୟକ୍ଷା ଡ. ବେହେରାଙ୍କ ସହ ଆଡିସନାଲ ଏସପି ବିଜୟା ବରୁଆ, ଇନ୍‌ସପେକ୍ଟର ସସ୍ମିତା ଦାସ, ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ ଆସିଛନ୍ତି।

# ମନ୍ଦିର ପରିସରରେ ନାବାଳିକାକୁ ବଳାତ୍କାର

ନିଶ୍ଚିନ୍ତକୋଇଲି, ୨୨।୧୦(ସ୍ୱ.ପ୍ର)

ମନ୍ଦିର ବେଢ଼ା ପରିସରରେ ୨ୟ ଶ୍ରେଣୀରେ ପଢ଼ୁଥିବା ଜଣେ ନାବାଳିକାକୁ ଶୁକ୍ରବାର ବଳାତ୍କାର କରାଯାଇଛି। ଏହି ଘଟଣା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଘଟିଛି। ପୀଡ଼ିତାର ମା'ଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୧୪୬/୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଅଞ୍ଚଳର ସୁବାସ ପାତ୍ର (୬୦)। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ସମ୍ପୃକ୍ତା ନାବାଳିକା ଉକ୍ତ ମନ୍ଦିର ନିକଟରେ ଖେଳୁଥିଲେ। ଏହି ସମୟରେ ସୁବାସ ତାଙ୍କୁ ପ୍ରଲୋଭନ ଦେଖାଇ ମନ୍ଦିର ବେଢ଼ା ଭିତରକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପିଉସୀ ହଠାତ୍ ତାଙ୍କୁ ଖୋଜି ଖୋଜି ସେଠାରେ ପହଞ୍ଚି ଥିଲେ। ଏହି ସମୟରେ ସୁବାସଙ୍କୁ ବଳାତ୍କାର କରୁଥିବା ଦେଖି ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁକରି ନିୟୁକ୍ତ ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ।

# ନଦୀରେ ବୁଡ଼ି ନାବାଳକ ମୃତ, ୩ ଉଦ୍ଧାର

ଜଗତ୍‌ସିଂହପୁର ଅଫିସ, ୨୨।୧୦

ଦେବୀ ନଦୀରେ ବୁଡ଼ିଯିବାରୁ ଶୁକ୍ରବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକ ହେଲେ ଜଗତ୍‌ସିଂହପୁର ଥାନା ସଲାଖି କୋଉଥା ଗ୍ରାମର ଅଜୟ ମଲିକଙ୍କ ପୁଅ କାର୍ତ୍ତିକ(୯)। ସେ ୫ମ ଶ୍ରେଣୀରେ ପଢୁଥିଲେ। ଅଜୟ ଓ ତାଙ୍କ ସ୍ତ୍ରୀ ଟିକା ନେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। କାର୍ତ୍ତିକ ଘରେ ଥିଲେ। ମା'ଓ ବାପା ଯିବାପରେ କାର୍ତ୍ତିକ ଅନ୍ୟ ୩ ସାଙ୍ଗଙ୍କ ସହ ନାତି ବାଲିଘାଟ ନିକଟ ଦେବୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ସେମାନେ ନଦୀର ଗଭୀର ସ୍ରୋତକୁ ଚାଲିଯାଇଥିଲେ। ପିଲାମାନଙ୍କୁ ଭାସୁଥିବା ଦେଖି ନଦୀ ଅତଡ଼ାରେ ଥିବା ଲୋକେ ଦୌଡ଼ି ଯାଇ ପ୍ରଥମେ ୩ ଜଣଙ୍କୁ ଉଦ୍ଧାର କରିଥିଲେ। ପରେ ପିଲାଙ୍କଠାରୁ କାର୍ତ୍ତିକଙ୍କ ବିଷୟରେ ଶୁଣି ନଦୀରେ ତାଙ୍କୁ ଖୋଜାଖୋଜି କରି ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ କାର୍ତ୍ତିକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍ଆଇଟି/୧୪/୨୧/୪୩, ତାରିଖ: ୧୨-ଅକ୍ଟୋବର-୨୦୨୧

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏବଂ ଇ-ପ୍ରଣାଳୀରେ ... www.ireps.gov.in ...

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧ | ୦୮୨୧୨୫୦୦୩ | ... | ୧୫।୧୧।୨୦୨୧ | ... |
| ୨ | ୦୮୨୧୧୦୫୪ | ... | ୧୫।୧୧।୨୦୨୧ | ... |

ଟେଣ୍ଡର ବନ୍ଦ/ଖୋଲାଯିବା ସମୟ: ୧୦.୩୦ ଘଣ୍ଟା
... www.ireps.gov.in ...
ଡେପୁଟି ସିଏମ୍‌ଏମ୍/III, ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଏସ୍.ଇ.ସି. ରେଳପଥ, ବିଳାସପୁରଙ୍କ ପାଇଁ
CPR/10/211

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

Tender Notice No. TPWODL/RP/O/SITC/ 049

TP Western Odisha Distribution Limited, invites tender (in 2part bidding) from eligible vendors for the following package :

**RC for SITC of 11KV Auto Recloser & Sectionaliser**

Interested bidders to submit Tender Participation Fee and Authorization Letter by e-mail on or before 1st Nov. 2021, 15:00Hrs, in order to become eligible to participate in the bidding process.

All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.

For detailed tender documents you may visit Tender section of TPWODL website: www.tpwesternodisha.com.

Sd /- Chief-Contracts and Stores

# ୩ ଭାଜପା କର୍ମୀଙ୍କୁ ଗିରଫ ବିରୋଧରେ ଥାନାରେ ଖଣ୍ଡଯୁଦ୍ଧ

**■୩ ପୋଲିସ ସମେତ ୫ ଆହତ**

ନରସିଂହପୁର,୨୨।୧୦ (ସ୍ୱ.ପ୍ର.)

ରାତିଅଧରେ ୩ ଜଣ ଭାଜପା କର୍ମୀଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ଅଭିଯୋଗ କରି ଶୁକ୍ରବାର କଟକ ଜିଲା ନରସିଂହପୁର ଥାନା ପରିସରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ହେବାରୁ ୩ ପୋଲିସ କର୍ମଚାରୀଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି।


ସୂଚନାଯୋଗ୍ୟ, ଗତ ୧୦ ଦିନ ତଳେ ପୂର୍ବ ବିବାଦକୁ ନେଇ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ବିଜେଡି ପକ୍ଷରୁ ଅଭିଯୋଗ ହୋଇଥିଲା। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ନିକଟରେ ଏହି ଘଟଣାର ଆପୋସ ସମାଧାନ କରାଯାଇ ସତ୍ୟପାଠ କରାଯାଇଥିଲା। ପୁନର୍ବାର ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଗୁରୁବାର ରାତିରେ ନରସିଂହପୁର ପୋଲିସ ରଡ଼ାପାଟ ଗ୍ରାମର ଜିଦ୍ଧିୟ ବେହେରା ସିଂ, ମନୋଜ କୁମାର ନାୟକ, ରଞ୍ଜନ କୁମାର ସାମନ୍ତରାୟଙ୍କୁ ଗିରଫ କରିଛି। ଏହା ବିରୋଧରେ ରଡ଼ାପାଟ ଗ୍ରାମର ମହିଳା ଓ ପୁରୁଷ ଥାନା ଆଗରେ ଧାରଣା ଦେଇଥିଲେ। ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶରେ ପୋଲିସ ଏପରି କରିଥିବା ସେମାନେ ଅଭିଯୋଗ କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କ ଉପରେ ଲାଠି ଚାର୍ଜ କରିବାରୁ ଆନ୍ଦୋଳନକାରୀ ଏହାକୁ ବିରୋଧ କରି ସେମାନଙ୍କ ଉପରକୁ ଢେଲାପଥର ମାଡ଼ କରିଥିଲେ। ଏହି ଖଣ୍ଡଯୁଦ୍ଧ ସମୟରେ ଏଏସ୍‌ଆଇ ଫୋର୍ସର ୨ ଜଣ କର୍ମଚାରୀ ଆହତ ହୋଇଥିବା ବେଳେ ଓ ଜଣେ ମହିଳା ହୋମଗାର୍ଡ ରୀନା ମଲ୍ଲିକ ଗୁରୁତର ହୋଇଛନ୍ତି। ଆନ୍ଦୋଳନକାରୀଙ୍କ ପକ୍ଷରୁ ବୃଦ୍ଧା ସାବି ରାଉତ (୭୫) ଓ ନରେଶ ପ୍ରଧାନ (୩୭) ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରୀନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଆଲୋଚନା ସ୍ଥଳରେ ଉପସ୍ଥିତ ଥିବା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ବଦବେହେରା ଓ ଅନ୍ୟ ଦୁଇ ଜଣ ସହକର୍ମୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପୋଲିସର ଲାଠିମାଡ଼କୁ ବିରୋଧ କରି ନରସିଂହପୁର କଟକ ମୁଖ୍ୟ ରାସ୍ତାର ରଡ଼ାପାଟ ଛକରେ ବହୁ ଭାଜପା କର୍ମୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ନରସିଂହପୁର ଥାନା ଅଧିକାରୀ ଅଲେଖ ଚନ୍ଦ୍ର ଗରଡ଼ିଆ କହିଛନ୍ତି, ଏକ ପୁରୁଣା ମାମଲାରେ ଅଭିଯୁକ୍ତ ଥିବା ରଡ଼ାପାଟ ଗ୍ରାମର ୩ ଯୁବକଙ୍କୁ ଗିରଫ କରାଯାଇଛି। ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟ କରୁଛି କହି ଆନ୍ଦୋଳନକାରୀଙ୍କୁ ଲାଠି ଚାର୍ଜ କରାଯାଇଥିବା ଘଟଣାକୁ ସେ ଏଡ଼ାଇ ଯାଇଥିଲେ। ଏହି ଘଟଣାକୁ ଭାଜପା ନେତା ଦଳ ବେହେରା ନିନ୍ଦା କରିବା ବେଳେ ବିଧାୟକ ମିଶ୍ର ପୋଲିସକୁ ହାତବାରିସି କରି ଏପରି କାଣ୍ଡ କରିଥିବା ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏହାର ଜବାବ ଦିଆଯିବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ଏବିଷୟରେ ବିଧାୟକ ମିଶ୍ରଙ୍କୁ ବାରମ୍ବାର ତାଙ୍କ ମୋବାଇଲ ଯୋଗେ ସମ୍ପର୍କ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ସମଲେଶ୍ୱରୀ ମନ୍ଦିର ଛାତ ଭୁଶୁଡ଼ିଲା

ବଲାଙ୍ଗୀର ଅଫିସ, ୨୨।୧୦

ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଛାତ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ମନ୍ଦିର ମୁଖଶାଳାର ତାହାଣ ପଟ ଛାତର ଅଧା ଅଂଶ ଖସି ପଡ଼ିଥିଲା। ଏହି ସମୟରେ ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କ ଭିଡ଼ ନ ଥିବାରୁ ଏକ ବଡ଼ଧରଣର ଦୁର୍ଘଟଣା ଟଳିଛି। ତେବେ ମନ୍ଦିର ଛାତ ଭୁଶୁଡ଼ିବା ପରେ ନୀତିକାନ୍ତି ବନ୍ଦ ହୋଇଥିବା ଜଣାପଡ଼ିଛି। ଏହାର ପ୍ରତିବାଦରେ ବହୁ ଶ୍ରଦ୍ଧାଳୁ ସମଲେଶ୍ୱରୀ ମନ୍ଦିର ରାସ୍ତାରେ ରାସ୍ତାରୋକୋ କରିଥିଲେ। ପ୍ରଶାସନର ଅବହେଳାରୁ ଇଷ୍ଟଦେବୀ ସମଲେଶ୍ୱରୀଙ୍କ ମନ୍ଦିର ଛାତ ଭୁଶୁଡ଼ିବା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହି ନାରାଜି କରିଥିଲେ। ମନ୍ଦିର ସମ୍ପତ୍ତି, ସ୍କୁଲ ଭଡ଼ା ଓ ଦ୍ରୁଷ୍ଟି ଅର୍ଥ ମିଳୁଥିଲେ ମଧ୍ୟ ମନ୍ଦିର ମରାମତିରେ ଜିଲ୍ଲା ଅର୍ଥ ବ୍ୟୟ ହେଉନାହିଁ। ଏହି ଅର୍ଥକୁ ପ୍ରଶାସନ ଲୁଟ୍ କରୁଛି ବୋଲି ମନ୍ଦିର ଆଲଟ କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା। ରାସ୍ତାରୋକୋ ଖବର ପାଇବା ପରେ ଜିଲାପାଳ



ମନ୍ଦିର ଭିତରେ ଛାତ ଭୁଶୁଡ଼ି ପଡ଼ିଛି।

ଚଞ୍ଚଳ ରାଣା, ଉପଜିଲାପାଳ ଲକ୍ଷ୍ମୀଧର ଧରୁଆ ଘଟଣାସ୍ଥଳକୁ ଆସି ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ଛାତ ଭାଙ୍ଗିବା ଖବର ପାଇବା ପରେ ବିଧାୟକ ନରସିଂହ ମିଶ୍ର ଦେଓଗାଁରୁ ସମଲେଶ୍ୱରୀ ମନ୍ଦିରକୁ ଆସିଥିଲେ। ଭାଙ୍ଗି ଯାଇଥିବା ମନ୍ଦିରର ଅବସ୍ଥା ଦେଖିବା ସହ ସେ ଉପଜିଲାପାଳ, ଦେବୋତ୍ତର ମ୍ୟାନେଜର, ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ସହ ଏ ନେଇ ଆଲୋଚନା କରିଥିଲେ। ଏହି କାମ ପାଇଁ ଉପଜିଲାପାଳ ତୁରନ୍ତ ଯନ୍ତ୍ରୀଙ୍କୁ ଚିଠି ଦେବା ପାଇଁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ପରେ ଆନ୍ଦୋଳନରତ ଭକ୍ତ, ସନ୍ଧ୍ୟା ଆଳତି କମିଟି ସଭ୍ୟମାନଙ୍କୁ ଭେଟି ଶନିବାର ଠାରୁ ସଫେଇ ଏବଂ ରବିବାର ଠାରୁ ମରାମତି କାମ ଆରମ୍ଭ ହେବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରତ ଭକ୍ତ ଓ ଆଳତି କମିଟି ସଦସ୍ୟ ଆନ୍ଦୋଳନରୁ ଓହରି ଯାଇଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆଳତି କମିଟିର କାହ୍ନା ଶତପଥୀ ଚେତାବନୀ ଦେଇଛନ୍ତି। ୧୯୭୦ ମସିହାରେ ଏହି ମନ୍ଦିରକୁ ପାଟଣା ଷ୍ଟେଟର ତତ୍କାଳୀନ ମହାରାଜ ପୃଥ୍ୱୀରାଜ ସିଂଦେଓ ତିଆରି କରିଥିଲେ ବୋଲି ମନ୍ଦିର ପୂଜକ ଅକ୍ଷୟ ଦିଶ୍ରୀ ସୂଚନା ଦେଇଛନ୍ତି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Institute in Ganjam District needs -
● TEACHERS in Science, Math. for 7th to 10+2.
● MARKETING MANAGER
Contact: 7675964726 or atniranjan@gmail.com

**SALES ENGINEER REQUIRED**
For Multinational German Pneumatic Company, Jajpur (Kalinga Nagar), based interested candidate forward your CV to
info@palitsales.in

**ସିଙ୍ଗାପୁରରେ କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀରେ ହେଲ୍‌ପର ଆବଶ୍ୟକ**
୧୦ମ ଦ୍ୱିତୀ, ଶାରୀରିକ ... କାମଗାର୍ଡ ... ଦରମା ... ଅଗ୍ରାଧିକାର ...
କମଲ ପ୍ଲେସମେଣ୍ଟ, ଗୁଜୁରାଟ
Contact : 9157312448

**Urgent Required**
Ground Staff, Supervisor, Checker, loader, Helper, Driver
Salary : 25,500/- to 55,500/- ...
ହାଇଲ କ୍ଷେତ୍ରରେ (ଓିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

**Urgently Required**
XEROX & D.T.P OPERATOR
Pagemaker, Photoshop, Microsoft Office and CorelDRAW
5-6 years of Experience.
Time : 10.00am to 8pm
Salary : 10,000/- to 14,000/- & above
CHELSHHA
2977, Ravi Talkies Road, Bhubaneswar-02
Contact : 9040821015 / 9437387034

**URGENTLY REQUIRED**
Job opportunity in Hotel at Bhubaneswar.
House Keeping / Receptionist / Room Service / Kitchen Helper
7978672184 / 8144077423

**ଧରିତ୍ରୀ DHARITRI**
Wants aggressive and result oriented
**MARKETING EXECUTIVES**
● Fluency in Odia and English essential minimum 2 years experience in sales/ marketing.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

**ଧରିତ୍ରୀ DHARITRI**
**ଆବଶ୍ୟକ କରୁଛି**
**WEB OFFSET COLOUR UNIT ASSISTANT**
● Web Offset Machine Operator with minimum 2 years experience.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

**APPOINTMENT**
We are leading distributors for Industrial Pumps, Valves etc. for MNC Companies based at Bhubaneswar. We require following personnel immediately.

**SENIOR SALES EXECUTIVE**
He should be a Graduate with 2-3 year experience in selling Industrial Products preferably Pump sets to industries of Odisha. The job calls for extensive travelling.

**SALES EXECUTIVE**
He should be a Science Graduate. Fresher or 1 year experience in selling Industrial products to industries of Odisha is preferred. The posting is in Angul.

**SERVICE ENGINEER**
He should be ITI in Fitter Trade. 1-2 years experience in Industrial works or Pump Servicing are preferred.
**Salary is not constraint for right candidate.**
Applicant should have his own two wheelers. Please send your resume with expected salary to: appointment@ppamktg.com
**PPA MARKETING PVT. LTD., BHUBANESWAR**
**Contact: 7381001124**

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଂ ପର୍ସୋନେଲ ସିଲେକ୍‌ସନ**
INSTITUTE OF BANKING PERSONNEL SELECTION
IBPS
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in ... https://cgrs.ibps.in/ ...

**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରି ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନିଜ୍ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୨-୨୩ର ଖାଲି ପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XI)**

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରି ଅଫିସର/ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନଲାଇନ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଡିସେମ୍ବର ୨୦୨୧/ଜାନୁଆରୀ ୨୦୨୨ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୨୦।୧୦।୨୦୨୧ରୁ ୧୦।୧୧।୨୦୨୧ |
| ଦରଖାସ୍ତ ଫେସ୍/ଇଣ୍ଟିମେସନ୍ ଫେସ୍ ପେଠ (ଅନ୍‌ଲାଇନ୍) | ୨୦।୧୦।୨୦୨୧ରୁ ୧୦।୧୧।୨୦୨୧ |
| ପ୍ରାକ୍-ପରୀକ୍ଷା ତାଲିମ ପାଇଁ କଲ୍ ଲେଟର୍ସ ଡାଉନଲୋଡ୍ | ନଭେମ୍ବର, ୨୦୨୧ |
| ପ୍ରାକ୍-ପରୀକ୍ଷା ତାଲିମ ପରିଚାଳନା | ନଭେମ୍ବର/ଡିସେମ୍ବର ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ପାଇଁ କଲ୍ ଲେଟର ଡାଉନଲୋଡ୍ | ନଭେମ୍ବର/ଡିସେମ୍ବର ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ସମ୍ଭବତଃ ୦୪।୧୨।୨୦୨୧ ଏବଂ ୧୧।୧୨।୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ଫଳାଫଳ | ଡିସେମ୍ବର ୨୦୨୧/ଜାନୁଆରୀ ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ ପାଇଁ କଲ୍ ଲେଟର ଡାଉନଲୋଡ୍ | ଡିସେମ୍ବର ୨୦୨୧/ଜାନୁଆରୀ ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଜାନୁଆରୀ ୨୦୨୨ |
| ଫଳାଫଳ ଘୋଷଣା - ମେନ୍ | ଜାନୁଆରୀ/ଫେବ୍ରୁଆରୀ ୨୦୨୨ |
| ସାକ୍ଷାତ୍କାର ପାଇଁ କଲ୍ ଲେଟର ଡାଉନଲୋଡ୍ | ଫେବ୍ରୁଆରୀ ୨୦୨୨ |
| ସାକ୍ଷାତ୍କାର ପରିଚାଳନା | ଫେବ୍ରୁଆରୀ/ମାର୍ଚ୍ଚ ୨୦୨୨ |
| ପ୍ରୋଭିଜନାଲ ଆବଣ୍ଟନ | ଏପ୍ରିଲ ୨୦୨୨ |

ବିସ୍ତୃତ ତଥ୍ୟ ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ଅନ୍‌ଲାଇନ୍ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୯।୧୦।୨୦୨୧
ନିର୍ଦ୍ଦେଶକ

ସବୁକିଛି ଲାଗି- ଏପରି କି ସବୁଠାରୁ ବସ୍ତୁଗତ ଉଦ୍ଦେଶ୍ୟ ପୂରଣ ଲାଗି-ଭଗବାନଙ୍କ ଉପରେ ଦୃଢ଼ବିଶ୍ୱାସ ଓ ଆସ୍ଥା ରଖ। ତା'ହେଲେ ସବୁ ଠିକ୍ ହୋଇଯିବ। – ଶ୍ରୀମା



# ସରକାରଙ୍କୁ ଆଶ୍ୱସ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏୟାର ଇଣ୍ଡିଆ ବିକ୍ରି ବୃତ୍ତାନ୍ତ ହୋଇଛି। ବହୁ ଦିନ ପରେ ଟାଟା ଏହାକୁ କିଣି ଏହାର ପାଇଲଟ ସିଟ୍‌ରେ ବସିଛି। ଏହାପରେ କିନ୍ତୁ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ(ଡିଆଇପିଏଏମ୍)ର ସଚିବ ତୁହିନକାନ୍ତ ପାଣ୍ଡେଙ୍କୁ ବିଶ୍ରାମ ମିଳିବନି। ସେ ଏବଂ ତାଙ୍କ ବିଭାଗୀୟ ସହକର୍ମୀମାନେ ଆଗକୁ ବିନିବେଶର ଲକ୍ଷ୍ୟ ପୂରଣ କରିବାକୁ ଚାହୁଁଛନ୍ତି। ସୂତ୍ରରୁ ଜଣାପଡ଼ିଛି, ସରକାରଙ୍କ ନଜର ଏବେ ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ଉପରେ ଓ ଚଳିତ ବିତ୍ତୀୟ ବର୍ଷରେ ଏହାକୁ ବିକ୍ରି କରିବାକୁ ଚାହୁଁଛନ୍ତି। ଏହା ସହ ଚଳିତବର୍ଷର ଶେଷ ତ୍ରୈମାସିକ ସୁଦ୍ଧା ପ୍ରଥମଥର ପାଇଁ ଜୀବନ ବୀମା ନିଗମର ଅଂଶଧନ ବିକ୍ରି କରିବା ଲାଗି ଏକ ଇନିସିଆଲ ପବ୍ଲିକ୍ ଅଫର୍(ଆଇପିଓ) ଯୋଜନା ପ୍ରସ୍ତୁତ ହେଉଛି। ଭାରତୀୟ ଶେୟାର ବଜାରରେ ଏହା ସର୍ବବୃହତ୍ ଆଇପିଓ ହେବ ବୋଲି ଅନୁମାନ କରାଯାଉଛି। ତେବେ ବହୁଦିନ ଧରି ଅଟକି ରହିଥିବା ଏୟାର ଇଣ୍ଡିଆ ବିକ୍ରି ପ୍ରକ୍ରିୟାରେ ସଫଳତା ପାଇବା ପରେ ସରକାର ବିନିବେଶ ପ୍ରକ୍ରିୟାକୁ ଯଥାଶୀଘ୍ର ସମ୍ପନ୍ନ କରିବାକୁ ସ୍ଥିର କରିଛନ୍ତି। ଅଟକି ଥିବା ସଂସ୍କାର ପ୍ରକ୍ରିୟା ପୁଣି ଆରମ୍ଭ କରିବାରେ ରାଜନୈତିକ ଇଚ୍ଛାଶକ୍ତି ରହିଛି ବୋଲି ସରକାର ସ୍ପଷ୍ଟ ବାର୍ତ୍ତା ମଧ୍ୟ ଦେଇଛନ୍ତି। ନନ୍ ପର୍ଫର୍ମିଂ ପବ୍ଲିକ୍ ସେକ୍ଟର୍ କମ୍ପାନୀ ଓ ଆର୍ଥିକ ସଂସ୍ଥାଗୁଡ଼ିକର ବିନିବେଶ ଏହି ସଂସ୍କାର ପ୍ରକ୍ରିୟାର ମୁଖ୍ୟ ଅଂଶ। ପାଣ୍ଡେ ଓ ଡିଆଇପିଏଏମ୍ ସହ ଜଡ଼ିତ ମନ୍ତ୍ରଣାଳୟଗୁଡ଼ିକର ସଚିବମାନେ ୨୦୨୧-୨୨ ବିତ୍ତୀୟ ବର୍ଷ ପାଇଁ ୧.୭୫ ଲକ୍ଷ କୋଟି ଟଙ୍କାର ଏକ କଠିନ ଲକ୍ଷ୍ୟ ହାସଲ କରିବାକୁ ସ୍ଥିର କରିଛନ୍ତି। ଏୟାର ଇଣ୍ଡିଆ ବିକ୍ରି ସରକାରଙ୍କୁ ଆଶ୍ୱସ୍ତି ଦେବା ସହ ଉତ୍ସାହ ବଢ଼ାଇଦେଇଛି। ଏହା ମଧ୍ୟ ବାବୁମାନଙ୍କୁ ସେମାନଙ୍କ ଉଦ୍ୟମ ଜାରି ରଖିବା ଲାଗି ନୂତନ ଶକ୍ତି ଯୋଗାଇଛି।

### ଶିକ୍ଷାମନସ୍କ

ଜାନୁଆରୀରେ ଆସିବାକୁ ଥିବା ଇକୋନୋମିକ୍ ସର୍ଭେ ଓ କେନ୍ଦ୍ର ବଜେଟର କିଛି ସପ୍ତାହ ଆଗରୁ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍ ପୁଣି ତାଙ୍କ ଶିକ୍ଷା କ୍ଷେତ୍ରକୁ ଫେରିଯିବେ। ଡିସେମ୍ବରରେ ତାଙ୍କ ୩ ବର୍ଷର କାର୍ଯ୍ୟକାଳ ଶେଷ ହେବ। କ୍ରିଷ୍ଣମୂର୍ତ୍ତିଙ୍କ ପୂର୍ବରୁ ଡିସେମ୍ବର ୨୦୧୮ରେ ଅରବିନ୍ଦ ସୁବ୍ରମଣ୍ୟନଙ୍କ କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ସେ ପଦ ତ୍ୟାଗ କରି ଶିକ୍ଷାକ୍ଷେତ୍ରକୁ ଫେରିଯାଇଥିଲେ। ଏହା ପୂର୍ବରୁ ନୋଟବନ୍ଦୀ ନେଇ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆରବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ଓ କେନ୍ଦ୍ର ମଧ୍ୟରେ ବିବାଦ ଯୋଗୁ ସେ ପଦବୀ ଛାଡ଼ି ଶିକ୍ଷା କ୍ଷେତ୍ରକୁ ଲେଉଟିଥିଲେ। ସ୍ୱଭାବତଃ, ଶିକ୍ଷା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ବ୍ୟକ୍ତି ବିଶେଷ ନୀତି ନିର୍ଦ୍ଧାରଣ ଓ ରାଜନୀତିର ଦ୍ୱନ୍ଦ୍ୱ ତଥା ବ୍ୟସ୍ତ ପରିବେଶକୁ ଏଯାବତ ପସନ୍ଦ କରୁନାହାନ୍ତି, ବରଂ ଶିକ୍ଷା ମନସ୍କ ହେବାକୁ ପସନ୍ଦ କରୁଛନ୍ତି। ସରକାରରେ ଯୋଗଦେବା ପୂର୍ବରୁ ସୁବ୍ରମଣ୍ୟନ ହାଇଦ୍ରାବାଦ୍‌ର ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସର ସେଣ୍ଟର ଫର୍ ଆନାଲିଟିକାଲ ଫାଇନାନ୍ସରେ ପଢ଼ାଉଥିଲେ। ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ନୀତିରେ ତାଙ୍କ ଦକ୍ଷତା ପାଇଁ ସେ ବେଶ୍ ଜଣାଶୁଣା। ଅର୍ଥ ମନ୍ତ୍ରଣାଳୟରେ ନୀତି ନିର୍ଦ୍ଧାରଣରେ ତାଙ୍କର ଅନେକ ଯୋଗଦାନ ରହିଛି ଏବଂ 'ଥାଲିନୋମିକ୍ସ' ପାଇଁ ଲୋକେ ତାଙ୍କୁ ମନେରଖିବେ। ପୂର୍ବରୁ ଅରବିନ୍ଦ ଅର୍ଥ ମନ୍ତ୍ରଣାଳୟରେ ତାଙ୍କ କାର୍ଯ୍ୟକାଳକୁ ନେଇ ଯେଉଁଭଳି ବହି ଲେଖିଥିଲେ ସୁବ୍ରମଣ୍ୟନଙ୍କର ସେଭଳି କିଛି ଲେଖିବାର ଯୋଜନା ନାହିଁ। ସୁବ୍ରମଣ୍ୟନଙ୍କ ପରେ ସେହି ପଦବୀ ପାଇଁ କେନ୍ଦ୍ର ଏବେ ପ୍ରାର୍ଥୀ ଖୋଜିବାରେ ଲାଗିଛି। ତାଙ୍କ ଡେପୁଟି ତଥା ପ୍ରିନ୍ସିପାଲ ଇକୋନୋମିକ୍ ଆଡ୍‌ଭାଇଜର ସଞ୍ଜୀବ ସାନ୍ୟାଲ ଦାୟିତ୍ୱ ବହନ କରିବାକୁ କେନ୍ଦ୍ର ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ଏବେ ସେ ୨୦୨୧-୨୨ ଇକୋନୋମିକ ସର୍ଭେ ପ୍ରସ୍ତୁତି କାର୍ଯ୍ୟକୁ ନିରୀକ୍ଷଣ କରିବେ ଏବଂ ପରବର୍ତ୍ତୀ ସିଇଏ ହେବେ ବୋଲି ଆଲୋଚନା ହେଉଛି।

### ଫୈସଲ ଫେରିବେ କି

ଜମ୍ମୁ-କଶ୍ମୀରର ଆଇଏଏସ୍ ଅଧିକାରୀ ଶାହ ଫୈସଲ ୨୦୧୯ରେ ସେଠାରେ କେନ୍ଦ୍ରର ନୀତିକୁ ବିରୋଧ କରି ଇସ୍ତଫା ଦେଇଥିଲେ ଓ ପୁଣି ସିଭିଲ୍ ସର୍ଭିସରେ ଯୋଗ ଦେବାକୁ ଚାହୁଁଥିଲେ ବୋଲି ପୂର୍ବରୁ ଉକ୍ତ ସ୍ତମ୍ଭରେ ପ୍ରକାଶ କରାଯାଇଥିଲା। ଏବେ ବାବୁ ପରିସରରେ ପୁଣି ତାଙ୍କ ନିଯୁକ୍ତି କଥା କଥା ଉଠିଛି। ଫୈସଲ ଜମ୍ମୁ କଶ୍ମୀରର ଲ୍ୟୁଟ୍‌ନାଣ୍ଟ ଗଭର୍ନର ମନୋଜ ସିହ୍ନାଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ନିକଟରେ ବସିର୍ ଖାନଙ୍କୁ ଉକ୍ତ ଦାୟିତ୍ୱରୁ ରିଲିଭ୍ କରାଯାଇଛି। ଏବେସୁଦ୍ଧା ଫୈସଲଙ୍କ ଇସ୍ତଫା ରହସ୍ୟରେ ରହିଛି ଏବଂ ସରକାର ଏ ସମ୍ପର୍କରେ ଅଧିକ କିଛି କହୁନାହାନ୍ତି। କୁହାଯାଉଛି,କେନ୍ଦ୍ର ମଧ୍ୟ ଏଯାବତ ଫୈସଲଙ୍କ ଇସ୍ତଫା ଉପରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଏଭଳି ସ୍ଥିତିରେ ଆଇନ ଅନୁସାରେ ଇସ୍ତଫା ସ୍ୱତଃ ପ୍ରତ୍ୟାହାର ହୋଇଯାଏ ବୋଲି ବିଚାର କରାଯାଏ। କିନ୍ତୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ଅନୁଯାୟୀ ଏହି ଇସ୍ତଫା ଏପର୍ଯ୍ୟନ୍ତ ବିଚାରାଧୀନ ରହିଛି। ସେ ଇସ୍ତଫା ଦେବା ପରେ ଜମ୍ମୁ ଆଣ୍ଡ୍ କଶ୍ମୀର ପିପୁଲସ୍ ମୁଭ୍‌ମେଣ୍ଟ ରାଜନୈତିକ ଦଳ ଗଠନ କରିଥିଲେ। ପାର୍ଲାମେଣ୍ଟରେ ଜମ୍ମୁ କଶ୍ମୀରର ସ୍ୱତନ୍ତ୍ର ଷ୍ଟାଟସ୍ ହଟାଯିବାର ଦିନକ ପୂର୍ବରୁ ତାଙ୍କୁ ଦିଲ୍ଲୀ ଏୟାରପୋର୍ଟରେ ମଧ୍ୟ ଅଟକ ରଖାଯାଇଥିଲା। ଏବେ ସିହ୍ନାଙ୍କ ପରାମର୍ଶଦାତା ଭାବେ ଫୈସଲଙ୍କ ସମ୍ଭାବ୍ୟ ନିଯୁକ୍ତିକୁ ନେଇ ଯେଉଁ ଗୁଜବ ଉଠିଛି ତାହା ସୋସିଆଲ ମିଡ଼ିଆରେ ଅତ୍ୟଧିକ ଚର୍ଚ୍ଚାର ପରିସରକୁ ଆସିଛି।

Email: dilipcherian@gmail.com

# ତଦନ୍ତକାରୀ ସଂସ୍ଥାର ବିଶ୍ୱସନୀୟତା



ଅନିଲ କୁମାର ବିଶ୍ୱାଳ

ସାଧାରଣ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ହେଉ କି ସରକାରୀ ଦୁର୍ନୀତିକୁ ରୋକିବା ନେଇ ହେଉ ତଦନ୍ତକାରୀ ସଂସ୍ଥାଗୁଡ଼ିକର ସବୁବେଳେ ଏସବୁରେ ବଡ଼ ଭୂମିକା ରହିଛି। ସାଧାରଣ ପୋଲିସ ଅପେକ୍ଷା ଏମାନଙ୍କର ଉତ୍ତରଦାୟିତ୍ୱ ଅଧିକ। ସେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସିବିଆଇ ହେଉ କି ରାଜ୍ୟ ସରକାରଙ୍କ ଅଧୀନରେ ଥିବା କ୍ରାଇମବ୍ରାଞ୍ଚ ହେଉ, କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଗୋଇନ୍ଦା ବିଭାଗ ହେଉ କି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଭିଜିଲାନ୍ସ ହେଉ, ଏହି ସବୁ ଅନୁଷ୍ଠାନଗୁଡ଼ିକର ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ଅନିୟମିତତା ରୋକିବା ପାଇଁ ଥିବା ଆୟକର ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଏହି ଅନୁଷ୍ଠାନଗୁଡ଼ିକ ସବୁବେଳେ ସାଧାରଣ ଲୋକମାନଙ୍କର ଭରସାଯୋଗ୍ୟ ହେବା ଦରକାର। ଯଦି ଲୋକମାନଙ୍କର ଭରସା ଏହି ତଦନ୍ତକାରୀ ସଂସ୍ଥାଗୁଡ଼ିକ ଉପରେ ରହୁନାହିଁ ତା'ହେଲେ ଧରି ନେବାକୁ ହେବ ଯେ ସବୁକିଛି ଠିକ୍‌ଠାକ୍ ଚାଲୁନାହିଁ। ଅନେକ ସମୟରେ ଦେଖାଯାଉଛି ଯେ ଏହି ତଦନ୍ତକାରୀ ସଂସ୍ଥାଗୁଡ଼ିକର ତଦନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁଛି, ବିଭିନ୍ନ ସମୟରେ ତଦନ୍ତର ଦିଗ ଓ ବେଗ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ନିୟନ୍ତ୍ରଣ ହେଉଛି। ଅନେକ ସମୟରେ ସମସ୍ତ ପ୍ରମାଣ ଥାଇ ବି ଏହି ତଦନ୍ତକାରୀ ସଂସ୍ଥାଗୁଡ଼ିକ ପ୍ରମାଣକୁ ନଷ୍ଟ କରିଛନ୍ତି, ଅନେକ ମାମଲାରେ ଜାଣିଶୁଣି ପ୍ରମାଣକୁ ହାତଛଡ଼ା ମଧ୍ୟ କରୁଛନ୍ତି। କେବଳ ସେତିକି ନୁହେଁ, ଅନେକ ସମୟରେ ଏହି ତଦନ୍ତକାରୀ ସଂସ୍ଥାଗୁଡ଼ିକର ନୋଟିସ, ଚଢ଼ାଉ ଆଦି ଏତେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଯାଉଛି ଯେ ଜଣେ ସାଧାରଣ ଲୋକଟି ବୁଝିଯାଉଛି କାହା ଉପରେ ଯଦି ଅଚାନକ ଚଢ଼ାଉ ହେଉଛି ତାହା ହେଲେ ତାହାପଛରେ ସରକାରଙ୍କୁ ବିରୋଧ କରିବା ହିଁ ଏକମାତ୍ର କାରଣ ବୋଲି। ବେଳେବେଳେ ଅନେକ ଦିନ ଧରି ଶିଥିଳ ହୋଇପଡ଼ିଥିବା ତଦନ୍ତ ହଠାତ୍ ଚେଇଁ ଉଠୁଛି କେବଳ ସେହି ରାଜନୈତିକ ଉଦ୍ଦେଶ୍ୟ ପାଇଁ। ଅନେକ ସମୟରେ ବିଭିନ୍ନ ରାଜନୈତିକ କାରଣ ପାଇଁ ଆର୍ଥିକ ଦୁର୍ନୀତି ରୋକିବା ସଂସ୍ଥାଗୁଡ଼ିକ ଭିନ୍ନ ଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ମଧ୍ୟ ଚଢ଼ାଉ କରୁଥିବାର ଦେଖାଯାଉଛି। ପରବର୍ତ୍ତୀ ସମୟରେ ଏହି ଚଢ଼ାଉରେ କିଛି ନିର୍ଣ୍ଣାୟକ ଫଳ ଆସୁନି, ଅନେକ ଘଟଣାରେ ମାମଲାଟିଏ ବି ରୁଜୁ କରିବା ଭଳି କିଛି ଅନିୟମିତତା ବାହାରୁନି। ମହାରାଷ୍ଟ୍ର, ତାମିଲନାଡୁ ଭଳି ରାଜ୍ୟରେ ସରକାର ବଦଳିଲା, ମାତ୍ର ପ୍ରଥମ ବର୍ଷରେ କେବଳ ରାଜ୍ୟ ସରକାରଙ୍କ ବିଭିନ୍ନ ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିରୋଧୀ ଦଳର ପ୍ରତିଷ୍ଠାନ ଉପରେ ଚଢ଼ାଉ ହେବାର ଦେଖିବାକୁ ମିଳେ। ତେଣୁ ଏସବୁ ଦେଖିଲେ ସାଧାରଣ ଲୋକମାନଙ୍କର ତଦନ୍ତକାରୀ ସଂସ୍ଥା ଉପରେ ବିଶ୍ୱସନୀୟତା କିପରି ରହିବ ତାହା ଏକ ବଡ଼ ଚିନ୍ତାର ବିଷୟ।

୨୦୧୩ରେ ସୁପ୍ରିମକୋର୍ଟ ସିବିଆଇକୁ କହିଥିଲେ ଯେ, ସିବିଆଇ ହେଉଛି ପଞ୍ଜୁରି ଭିତରେ ଥିବା ଶୁଆ। କିଛି ବର୍ଷ ତଳେ ସେହି ସିବିଆଇରେ ଆସ୍ଥାନା ଓ ବର୍ମାଙ୍କର କଳି ସାରା ଦେଶ ଦେଖିଲା। ବିଭିନ୍ନ ରାଜ୍ୟରେ କୌଣସି ସମ୍ବେଦନଶୀଳ ଘଟଣାଟି ଘଟିଗଲେ ତୁରନ୍ତ ସେହି ରାଜ୍ୟରେ ଥିବା ବିରୋଧୀ ଦଳ ସିବିଆଇ ତଦନ୍ତ ଦାବି କରନ୍ତି। ଏହାର ଅର୍ଥ ହେଉଛି ସେମାନଙ୍କର ରାଜ୍ୟ ପୋଲିସ ଉପରେ ଆଉ ଭରସା ନାହିଁ। କିନ୍ତୁ ସିବିଆଇ ଯଦି ବିଫଳ ହେବ ତା'ହେଲେ କ'ଣ କରାଯିବ। ଆମେ ଯଦି ସିବିଆଇର ସାମ୍ବିଧାନିକ କ୍ଷମତା ବା ସ୍ୱୀକୃତିକୁ ଦେଖିବା ତାହା ମଧ୍ୟ ଆଶ୍ଚର୍ଯ୍ୟଜନକ। ସିବିଆଇର ଗଠନ ହୋଇଥିଲା ୧୯୬୩ରେ। ଏହା ଏବେ ବି ସେହି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଇଂରେଜ ସରକାର ତିଆରି କରିଥିବା ଦିଲ୍ଲୀ ପୋଲିସ ପ୍ରତିଷ୍ଠାନ ଆକ୍ଟ ୧୯୪୬ ଅନୁସାରେ ଚାଲିଛି। ସେହି ଆଇନ କରାଯାଇଥିଲା ବିଶ୍ୱଯୁଦ୍ଧ ସମୟରେ କିଣାଯାଉଥିବା ଯୁଦ୍ଧାସ୍ତ୍ର, ଖାଦ୍ୟ, ରାଶନ ସାମଗ୍ରୀରେ ହେଉଥିବା ଦୁର୍ନୀତିର ତଦନ୍ତ କରିବାକୁ। ଆମେ ସ୍ୱାଧୀନତାର ଏତେ ବର୍ଷ ପରେ ବି ସିବିଆଇକୁ ସେହି ଦିଲ୍ଲୀ ପୋଲିସ ପ୍ରତିଷ୍ଠାନ ଆକ୍ଟ ୧୯୪୬ରୁ ବାହାର କରି ଏକ ସ୍ୱତନ୍ତ୍ର ଆଇନ କରି ଆହୁରି ଶକ୍ତିଶାଳୀ ତଦନ୍ତକାରୀ ସଂସ୍ଥା କରିପାରିଲେନି। ସିବିଆଇର କାର୍ଯ୍ୟପଦ୍ଧତିର ନିୟମ ଯାହା ଅଛି ତାହା ସବୁବେଳେ ସ୍ଥାନୀୟ ରାଜ୍ୟର ପୋଲିସ ଉପରେ ନିର୍ଭରଶୀଳ। ଏପରି କି କୌଣସି ଯୁଗ୍ମ ସଚିବ ସ୍ତରର ସରକାରୀ ଅଧିକାରୀ, ମନ୍ତ୍ରୀ ବା ବିଧାୟକଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିବାକୁ ଚାହିଁଲେ ସମ୍ପୃକ୍ତ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅନୁମତି ଆଣିବାକୁ ପଡ଼ିବ। ଏପରି ନିୟମ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ବେଳେ ଏକ ଧାଡ଼ିକିଆ ବିଜ୍ଞପ୍ତି ଜରିଆରେ ଆଣିଥିଲେ ; ଯାହା ଆଜି ପର୍ଯ୍ୟନ୍ତ ରହିଛି। ଏପରି କି ୨୦୦୩ରେ ସୁପ୍ରିମକୋର୍ଟ ଏହାକୁ ବେଆଇନ ଦର୍ଶାଇଥିଲେ କିନ୍ତୁ ପରେ ମନମୋହନଙ୍କ ସରକାର ଏହାକୁ ପୁଣି ସଂସଦରେ ପାସ୍ କରାଇ ଲାଗୁ କରିଲେ।

ଓଡ଼ିଶାରେ ଚିଟଫଣ୍ଡ ଓ କୋଇଲା ଦୁର୍ନୀତି ଭଳି ଦୁଇଟି ବୃହତ୍ ଦୁର୍ନୀତିର ତଦନ୍ତ ସିବିଆଇ କରୁଥିଲା। ନା ସିବିଆଇ ଚିଟ୍‌ଫଣ୍ଡ ଦୁର୍ନୀତିରେ କୌଣସି ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିପାରିଲା ନା କୋଇଲା ଦୁର୍ନୀତିରେ କୌଣସି ବଡ଼ ବଡ଼ ସରକାରୀ ଅଧିକାରୀଙ୍କର କିଛି କରିପାରିଲା। ସିବିଆଇର ତଦନ୍ତ କେବଳ ଲୋକ ଦେଖାଣିଆ ଭାବରେ ଏଠୁ ସେଠୁ ଘୂରିଲା। ବହୁ ଚର୍ଚ୍ଚିତ ଟିଙ୍କିରିରେ ଜଣେ ଶିକ୍ଷୟିତ୍ରୀଙ୍କର ହତ୍ୟା ମାମଲାରେ ବି ସିବିଆଇ ତଦନ୍ତ କରୁଥିଲା। ହେଲେ ସିବିଆଇ ସେହି ମାମଲାରେ କିଏ ହତ୍ୟାକାରୀ ତାକୁ ଚିହ୍ନଟ କରିପାରିଲା ନାହିଁ। ସିବିଆଇର ବାର୍ଷିକ ରିପୋର୍ଟ ଅନୁସାରେ ସିବିଆଇ ପାଖରେ ଏବେ ଏପରି ୨୫ଟି ମାମଲା ଅଛି ; ଯାହାର ତଦନ୍ତ ୫ ବର୍ଷରୁ ଅଧିକ ସମୟ ହେଲାଣି ଚାଲିଛି। ସେହି ୨୫ଟି ମାମଲା ହେଉଛି ବହୁ କୋଟି ଦୁର୍ନୀତିର ଓ କ୍ଷମତାଶାଳୀମାନେ ଅଭିଯୁକ୍ତ। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କ'ଣ ୫ ବର୍ଷ ଗୋଟିଏ ମାମଲାର ତଦନ୍ତ କରିବା ପାଇଁ ଯଥେଷ୍ଟ ନୁହେଁ କି?

ଖାଲି ସିବିଆଇ କଥା ନୁହେଁ, ଓଡ଼ିଶା ସରକାରଙ୍କ କ୍ରାଇମବ୍ରାଞ୍ଚ ମଧ୍ୟ ସେହିଭଳି ରୋଗରେ ରୋଗାକ୍ରାନ୍ତ। ଅଗଷ୍ଟ ମାସ ୨୦୨୦ରେ ପୋଲିସ ବିଭାଗର ତଥ୍ୟାନୁସାରେ ୨୦୦୭ରୁ ୨୦୧୯ ଭିତରେ କ୍ରାଇମବ୍ରାଞ୍ଚକୁ ମୋଟ ୩୪୫ଟି ମାମଲାର ତଦନ୍ତ ଦିଆଯାଇଥିଲା। ସେଥିରେ କୁନ୍ଦୁଲି ଓ ପିପିଲି ଗଣବଳାତ୍କାର ଭଳି ସମ୍ବେଦନଶୀଳ ମାମଲା ଥିଲା। ସେଥିରୁ ପାଖାପାଖି ୧୬୮ଟି ମାମଲାରେ (୪୯%) କ୍ରାଇମବ୍ରାଞ୍ଚ ଚାର୍ଜଶିଟ ଦାଖଲ କରିପାରିଲା। ବାକି ୧୭୭ଟି ମାମଲାରେ ତଦନ୍ତ ଚାଲୁଥିଲା। କୁନ୍ଦୁଲି ଗଣବଳାତ୍କାର ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରି କହିଲା ଯେ, ବଳାତ୍କାର ହୋଇନାହିଁ। କିନ୍ତୁ ପୀଡ଼ିତା ଜଣକ ବଳାତ୍କାର ହେବାରେ ଅନେକ ଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଆଇସିୟୁରେ ରହି ଚିକିତ୍ସା ହେଲେ। ଯଦି ବଳାତ୍କାର ହୋଇ ନ ଥିଲା ତା'ହେଲେ କେଉଁ ଚିକିତ୍ସା ହେଉଥିଲା ତାଙ୍କର ଆଇସିୟୁରେ? ଶେଷରେ ପୀଡ଼ିତା ଜଣକ ଆତ୍ମହତ୍ୟା କରିଲେ। ପିପିଲି ଗଣବଳାତ୍କାର ମାମଲାରେ ସାକ୍ଷ୍ୟ ପ୍ରମାଣ ଯୋଗାଡ଼ିବାରେ କ୍ରାଇମବ୍ରାଞ୍ଚ ବିଫଳ ହେଲା ; ଯାହାଫଳରେ ଯାହାଙ୍କୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିଲା ସେମାନେ ପ୍ରମାଣ ଅଭାବରୁ ଖଲାସ ହେଲେ। ଏହି ଦୁଇଟି ଯାକ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ଥିଲା, ଗଣମାଧ୍ୟମରୁ ନେଇ ରାଜନୈତିକ ମହଲ ସବୁଆଡ଼େ ଚର୍ଚ୍ଚାରେ ଥିଲା।

କେବେ ଦେଖାଯାଉନି ଯେ ଭିଜିଲାନ୍ସ କେବେ କୌଣସି ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ଧରିବା ନେଇ। କେବଳ ମଝିରେ ମଝିରେ ଚପରାସୀ, କିରାଣି ନ ହେଲେ ହାବିଲଦାରଙ୍କୁ ଧରିବା ହେଉଛି ଭିଜିଲାନ୍ସର କାମ। ସେହିପରି କେବେ ଦେଖାଯାଉନି ଯେ ଆୟକର ବିଭାଗ କେବେ ଟିକସ ଫାଙ୍କିବା ଅଭିଯୋଗରେ କୌଣସି ବଡ଼ ସେଲିବ୍ରିଟି କି କୌଣସି ବଡ଼ ବ୍ୟବସାୟୀଙ୍କ ବିରୋଧରେ ମକଦ୍ଦମା ନିଜ ଆଡୁ କରିବା। ପାନାମା ପେପର ବା ପାଣ୍ଡୋରା ବକ୍ସ ଭଳି ଘଟଣାରେ ଯେଉଁମାନଙ୍କ ନାଁ ଟିକସ ଫାଙ୍କିବା ନେଇ ଆସୁଛି ସେମାନେ କେବେ ଆୟକର ବିଭାଗର ସ୍କାନରରେ ରୁହନ୍ତି ନାହିଁ।

ଏହି ଯେଉଁ ତଦନ୍ତକାରୀ ସଂସ୍ଥା ଅଛନ୍ତି ସେମାନେ ପ୍ରାୟତଃ ଅନେକ ମାମଲାରେ ମକଦ୍ଦମା ହାରିବା ପଛରେ ସାଧାରଣତଃ ଦୁଇଟି କାରଣ ଥାଏ। ଗୋଟିଏ ହେଲା ମାମଲାରେ ଯେଉଁ ଭଳି ଭାବରେ ତଦନ୍ତ କରିବା କଥା ରାଜନୈତିକ ଚାପଥିବା କାରଣ ପାଇଁ ହେଉ ବା ଅନ୍ୟ କାରଣ ଲାଗି ହେଉ ସେମାନେ ସେପରି କରନ୍ତି ନାହିଁ। ଦ୍ୱିତୀୟ କାରଣ ହେଲା ସେମାନେ ଅଦାଲତରେ ଲଢ଼ିବା ବେଳେ ସେମାନଙ୍କର ମାମଲା ପରିଚାଳନା କରୁଥିବା ଓକିଲମାନେ ମଧ୍ୟ ଦକ୍ଷ ନୁହନ୍ତି। ବିଭିନ୍ନ ସରକାରୀ ତଦନ୍ତକାରୀ ସଂସ୍ଥାରେ କେଉଁ କେଉଁ ମାନେ ଓକିଲ ହେବେ ତାହାର ତାଲିକା ପ୍ରସ୍ତୁତି ବେଳେ ମଧ୍ୟ ଏତେ ଲବି ଓ ହାତଗୁଞ୍ଜା ଚାଲେ ତାହା ଚିନ୍ତାଜନକ। ଅଦାଲତରେ ଦୁର୍ବଳ ଓକିଲ ଠିକ୍ ଭାବରେ ଯୁକ୍ତି ନ ରଖିବା କାରଣରୁ ଅନେକ ମାମଲାରେ ସରକାର ହାରିଯାଆନ୍ତି। ଲ' କମିଶନ ତାଙ୍କ ରିପୋର୍ଟରେ ଏହି ବିଭିନ୍ନ ତଦନ୍ତକାରୀ ସଂସ୍ଥାର ବିଶ୍ୱସନୀୟତା ଓ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ। ବିଶ୍ୱରେ ଦଣ୍ଡବିଧାନ ହାର ତାଲିକା ପଛରେ ଥିବା ଦେଶଗୁଡ଼ିକ ଭିତରେ ରହିଛି ଭାରତ। ବିଭିନ୍ନ ଆପରାଧିକ ମାମଲାରେ ତଦନ୍ତ କରିବା ପାଇଁ ଦରକାର ପଡୁଥିବା ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଉପରେ ପଟୁତା ହାସଲ କରିଥିବା ଅଫିସରଙ୍କର ଅଭାବ ଓ ଡିଜିଟାଲ ଟେକ୍ନୋଲଜି ସହାୟତାରେ ଅତ୍ୟାଧୁନିକ ଉପାୟରେ ହେଉଥିବା ଆର୍ଥିକ ଠକେଇକୁ ରୋକିବାକୁ ଆବଶ୍ୟକ ହେଉଥିବା ବିଶେଷଜ୍ଞମାନଙ୍କର ଅଭାବ ମଧ୍ୟ ଆଉ ଏକ ସମସ୍ୟା।

ପିଏଚଡି ସ୍କଲାର, ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୮୨୪୯୮୬୮୯୬୧

# ମହାତ୍ମା ସାଧନ, ମହାତ୍ମା କଷଣ...



ତୁଷାରକାନ୍ତ

ଆଜନ୍ମ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ ସେତେବେଳକୁ ଚାହିଁ ଏକ ଥିଲାବାଲା ପରିବାରରେ ଜନ୍ମଗ୍ରହଣ କରି ନିଜ ପରିବାରର ସମ୍ପତ୍ତି ବଢ଼େଇବାରେ ବ୍ରତୀ ନ ହୋଇ ନ ଥିଲାବାଲାଙ୍କ ଉତ୍ଥାନ ପାଇଁ ନିଜର ସ୍ୱଳ୍ପକାଳୀନ ଜୀବନକାଳ ଭିତରେ ଚେଷ୍ଟିତ ଥିଲେ । ସେ ଚାହିଁଥିଲେ ଦୁର୍ନୀତି, ଶୋଷଣ ନ ହେଉ ବିଶେଷକରି ଭଗବାନ୍‌ଙ୍କ ନାମରେ ନ ହେଉ; କିନ୍ତୁ ଏବେ ତାହା ଚରମସୀମାରେ।


ଯେଉଁ ନ ଥିଲାବାଲାଙ୍କ ପାଇଁ ଭଗବତୀ ଚରଣ ପ୍ରୟାସରତ ଥିଲେ, ଖୋଲାବଜାର ଅର୍ଥନୀତିରେ ସେମାନେ ତଳକୁ ତଳକୁ ଯାଉଛନ୍ତି ଓ ଯିଏ ଯେତେ ଦଳୀୟ ଚାନ୍ଦା ଦେଉଛନ୍ତି, ସେମାନଙ୍କ ସମ୍ପତ୍ତି ସେତେ ବଢୁଛି। ଏହିପରି ଦୈନିକ ଘଟୁଥିବା ବାସ୍ତବତା ଭିତରୁ ଉଦାହରଣ ଛଳରେ ଗୋଟିଏ ଦର୍ଶାଗଲା: ୧୫ ନଭେମ୍ବର ୨୦୧୭ର କଥାଟିଏ। ଝାଡ଼ଖଣ୍ଡର ସିମ୍‌ଡେଗା ଜିଲା ଅନ୍ତର୍ଗତ କାରିମେଟି ଗ୍ରାମର ସନ୍ତୋଷୀ କୁମାରୀ(୧୧) ନାମ୍ନୀ ବାଳିକାଟିଏ ଭୋକରେ 'ଭାତ, ଭାତ' ମାଗି ମାଗି ମରିଗଲେ। ତାଙ୍କ ପରିବାରର ଆଧାର କାର୍ଡ ବିପିଏଲ୍ ଚାଉଳ ଯୋଜନାରେ ବୈଷୟିକ ତ୍ରୁଟିରୁ ସଂଯୋଗ ହୋଇପାରି ନ ଥିବାରୁ ସେମାନଙ୍କୁ ରିହାତି ଚାଉଳ ମିଳି ନ ଥିଲା। ଯଦିଓ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅଛି, ଯାହା ଅସୁବିଧା ଥିଲେ ବି ରିହାତି ଚାଉଳ ଦିଆଯିବା ବନ୍ଦ ହେବ ନାହିଁ। କଥାଟି କିନ୍ତୁ ଏଇଠି ସରିଲା ନାହିଁ। ସରକାରଙ୍କୁ ସୁରକ୍ଷା ଦେବାକୁ ବଡ଼ ହାକିମ ଭଗବାନ୍‌ଙ୍କ ଆୟତ୍ତରେ ଥାଇ କହିଥିଲେ, ପୋଷ୍ଟମର୍ଟମ ରିପୋର୍ଟରେ ଝିଅର ପେଟରେ ଦାନା ଥିବାରୁ ସେ ଭୋକରେ ମରି ନାହିଁ।

ଏହିଭଳି ଗରିବଙ୍କ କଥା ଭଗବତୀ ଚରଣ ତାଙ୍କ 'ଶିକାର' ଗପରେ ବର୍ଣ୍ଣନା କରିଥିଲେ। କିନ୍ତୁ ସେଥିରେ ଥିବା ଶୋଷଣ ବିରୋଧୀ ମୁଖ୍ୟ ଚରିତ୍ର ଘିନୁଆ ଏବେ ଶୋଷକ ଗୋବିନ୍ଦ ସର୍ଦ୍ଦାର ପାଖେ ପେଟି କଣ୍ଟ୍ରାକ୍ଟର ହୋଇ ଗରିବ ଶ୍ରମିକଙ୍କୁ ଶୋଷଣ କରୁଛନ୍ତି। ରାଜନୀତିରେ ଧର୍ମର ପ୍ରଭାବକୁ ବିରୋଧ କରୁଥିଲେ ଭଗବତୀ ଚରଣ। କିନ୍ତୁ ଏବେ ତାହା ଶୀର୍ଷ ସ୍ଥାନରେ,କେବଳ ଧର୍ମକୁ ବ୍ୟବହାର କରି ଭୋଟ ସଂଗ୍ରହ ପାଇଁ। ଲୋକମାନଙ୍କ ମୌଳିକ ସମସ୍ୟା ସମାଧାନ ଯେଉଁ ଶାସକ କରି ନ ପାରନ୍ତି, ସେମାନେ ଏପରି କରିଥା'ନ୍ତି। ସେ ବାବଦରେ ଦୈନିକ ଘଟୁଥିବା ଶହ ଶହ ଘଟଣାରୁ ଉଦାହରଣ ଛଳରେ ଗୋଟିଏ ନିମ୍ନରେ ବର୍ଣ୍ଣନା କରାଗଲା।

୨୦୨୧ ସେପ୍ଟେମ୍ବର ୩୦ରେ ସ୍ୱଘୋଷିତ ଜଣେ ବ୍ରହ୍ମର୍ଷି ଘୋଷଣା କରିଥିଲେ, ୨ଅକ୍ଟୋବର ୨୦୨୧ ଦିବା ୧୨ ଘଟିକା ସୁଦ୍ଧା ଭାରତ ସରକାର (କ) ଦେଶକୁ ହିନ୍ଦୁରାଷ୍ଟ୍ର ଘୋଷଣା ନ କଲେ ଓ (ଖ) ମୁସଲମାନ/ ଖ୍ରୀଷ୍ଟିଆନମାନଙ୍କ ନାଗରିକତ୍ୱ ରଦ୍ଦ ନ କଲେ ସେ ଠିକ୍ ତା' ପରେ ପରେ ସରଯୁ ନଦୀରେ ଜଳସମାଧି ନେଇ ଶରୀର ତ୍ୟାଗ କରିବେ। ତା'ପରେ ଚିରାଚରିତ ଢଙ୍ଗରେ ପୋଲିସ ତାଙ୍କ ନିବାସସ୍ଥଳୀରୁ ସେ ବାହାରି ନ ପାରିବାକୁ ଜଗି ରହିଲେ। ବହୁ ଭକ୍ତ ବି ସେଠି ତମ୍ବୁ ମାରି ଡେରା ପକାଇଲେ। ଏହା ପରେ ବ୍ରହ୍ମର୍ଷି କହିଥିଲେ, ''ଏଥିପାଇଁ ବି ବାଟ କରିସାରିଛି। ସରଯୁ ନଦୀରୁ କମଣ୍ଡଳୁରେ ପାଣି ଆଣି ରଖିଛି ଓ ନିର୍ଦ୍ଧାରିତ ସମୟରେ ସେଥିରେ ନାକ ବୁଡ଼େଇ ଅଣନିଃଶ୍ୱାସୀ ହୋଇ ଶରୀର ତ୍ୟାଗ କରିବି।'' ଏହା ଭିତରେ ତାଙ୍କ ଭକ୍ତଗଣ ତାଙ୍କ ପାଇଁ ସବୁଦିନିଆ କଡ଼ା ସୁରକ୍ଷା ବ୍ୟବସ୍ଥା ସରକାର ଯୋଗାଇ ଦିଅନ୍ତୁ ବୋଲି ଦାବି କରିସାରିଥିଲେ ଓ ବ୍ରହ୍ମର୍ଷିଙ୍କ ଘୋଷଣା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଭଗବତୀ ଚରଣ ସାମ୍ପ୍ରଦାୟିକତାର ଘୋର ବିରୋଧୀ ଥିଲେ। 'ଆମରି ନାଆରେ ଆମେ ନାଉରି ହେବା' ପାଇଁ ଭଗବତୀ ଚରଣ ନିଜ ଜୀବନକୁ ବାଜି ଲଗେଇଥିଲେ। ଭଗବତୀ ଚରଣ ଗରିବଙ୍କ ପାଇଁ ଯଥାଯଥ ଗଣତନ୍ତ୍ରର ପ୍ରଚଳନ ପାଇଁ ସଂଗ୍ରାମରତ ଥିଲେ। ୧୯୧୯ ଜାନୁୟାରୀ ୨୮ରେ ଜର୍ମାନୀର ଏକ ଉଦାରପନ୍ଥୀ ଛାତ୍ର ସମାବେଶରେ ଯୋଗଦେଇ ସେଠାରେ ସମାଜ ବିଜ୍ଞାନର ଜନ୍ମଦାତା ମାକ୍ସ ୱେବର କହିଥିଲେ, ରାଜନୀତି ହେଉଛି ଅନ୍ୟ ସମସ୍ତ ବୃତ୍ତିଠାରୁ ଭିନ୍ନ ଏକ ସ୍ୱତନ୍ତ୍ର ବୃତ୍ତି, ଯାହାର ନିଜର ଏକ ସ୍ୱତନ୍ତ୍ର ବାଧ୍ୟବାଧକତା ରହିଛି। ଏଥିଯୋଗୁ ସଇତାନୀ ଶକ୍ତି ସହିତ ଚୁକ୍ତି କରିବାକୁ ପଡ଼ିଥାଏ, କୌଣସି ନୈତିକ ବଳ ସେମାନଙ୍କର ସହାୟକ ହୋଇ ନ ଥାଏ ଏବଂ ନିଜ ହାତକୁ ମଇଳା କରିବା ବ୍ୟତୀତ ସେମାନଙ୍କର ଅନ୍ୟ ଉପାୟ ନ ଥାଏ। ଏକ କଠିନ ପଟାରେ ଧୀର ଓ ମନ୍ଥର ଗତିରେ କଣା କରିବା ପାଇଁ ଅନବରତ ଚେଷ୍ଟାକରି ଚାଲିବା ହେଉଛି ରାଜନୀତି ବୃତ୍ତିଧାରୀମାନଙ୍କ ବାଧ୍ୟତାମୂଳକ କାର୍ଯ୍ୟ। ଏହା ଏବେ ଆମ ଦେଶ ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରଯୁଜ୍ୟ। ଜେଲରେ ଥାଇ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ତାଙ୍କ ଡାଏରିରେ ଲେଖିଥିଲେ ''ଆମକୁ ସ୍ୱାଧୀନତା ମିଳିବା ପରେ ପରେ ନିର୍ବାଚନଜନିତ ଦୁର୍ନୀତି, ଅନ୍ୟାୟ, ଶକ୍ତିଶାଳୀଙ୍କ ଧନବଳଜନିତ ଅତ୍ୟାଚାର ସାଧାରଣ ଜନତାଙ୍କ ଜୀବନକୁ ନର୍କ ବନେଇଦେବ''।

୧୯୪୭ ଫେବୃଆରୀ ୨୯ରେ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ କ୍ଲେମେଣ୍ଟ ଅଟ୍‌ଲି 'ଭାରତ ପାଇଁ ସ୍ୱାଧୀନତାର ଧାରା- 'INDIAN INDEPENDENT ACT'ପେସ୍ କରିବା ସମୟରେ ତତ୍କାଳୀନ ବିରୋଧୀ ଦଳ ନେତା ଉଇନ୍‌ଷ୍ଟନ ଚର୍ଚ୍ଚିଲ କହିଥିଲେ- ''ଏବେ ସ୍ୱାଧୀନତା ଦିଅନାହିଁ। ଏବେ ଭାରତୀୟମାନେ ସ୍ୱାଧୀନତାର କ, ଖ, ଗ, ଘ ଜାଣିନାହାନ୍ତି। ବର୍ବରତାରୁ ରାଜତନ୍ତ୍ର ବାଟରେ ଆସି ଗଣତନ୍ତ୍ରରେ ପହଞ୍ଚିବା ସମ୍ଭବ ନୁହେଁ। ସେମାନେ ଅପ୍ରସ୍ତୁତ ନେତାସମୂହ। ମ୍ୟାଜିକ୍ (ହାତ ସଫେଇ) ଦେଖାଇ ବଞ୍ଚନ୍ତି। ଏବେ ସେମାନଙ୍କୁ ସ୍ୱାଧୀନତା ଦେଲେ ବାଡ଼ିଆପିଟା ହୋଇ ମରିବେ। ପାଣି ଓ ବାୟୁ ପାଇଁ ସାଧାରଣ ଜନତାଙ୍କୁ ଟିକସ ଦେବାକୁ ପଡ଼ିବ। ହେ ଅଟ୍‌ଲି, ପ୍ରଭୁ ଯିଶୁ ବି ତୁମକୁ କ୍ଷମା ଦେବେନାହିଁ ''। ଚର୍ଚ୍ଚିଲଙ୍କ ସେହି 'ମ୍ୟାଜିକ୍' କଥାଟିକୁ ୨୦୦୧ରୁ ୨୦୦୩ ଭିତରେ ଭାରତରେ ଥିବା ଆମେରିକାର ରାଷ୍ଟ୍ରଦୂତ ରବର୍ଟ ବ୍ଲାକ୍‌ୱେଲ ଟିକିଏ ବୁଲେଇ ବଙ୍କେଇ ତାଚ୍ଛଲ୍ୟଭରା କଣ୍ଠରେ କହିଥିଲେ- ବିଭିନ୍ନବର୍ଣ୍ଣା ସମାଜ ଓ ବିଶାଳ ସମାହାରର ଦେଶ ହେଉଛି ଭାରତବର୍ଷ। ଏଠାରେ ଗଣତନ୍ତ୍ରର ହାତସଫେଇ ଚାଲେ ଓ ବୁଦ୍ଧିଜୀବୀଙ୍କ ପାଇଁ ସ୍ୱର୍ଗ।

ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ, ''ମହାତ୍ମା ସାଧନ, ମହାତ୍ମା କଷଣ-ନ ଯାଏ ଜଗତେ କେବେ ଅକାରଣ''। କିନ୍ତୁ ତାଙ୍କ ସହ ଗାନ୍ଧିଜୀଙ୍କଠାରୁ ଭଗବତୀ ଚରଣଙ୍କ ସହିତ ସବୁ ମହାତ୍ମାଙ୍କର ସାଧନ ଓ କଷଣ ଅକାରଣ ହୋଇଯାଇଛି। ସତରେ କ'ଣ ସେସବୁ ଲେଉଟି ଆସିବ?



ଭଗବତୀ ଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ ଉପଲକ୍ଷେ

ମୋ: ୮୮୯୫୮୫୭୩୧୮

## ଏଇ ଭାରତରେ

ଅଭିନବ ପଦ୍ଧତିରେ ବର୍ଜ୍ୟର ଉପଯୋଗ କରିବାରେ ଉତ୍ତରପ୍ରଦେଶ ହରିହରପୁରର ରବି ପ୍ରସାଦଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ରବିଙ୍କ ବୟସ ୩୬। ସେ କଦଳୀ ଗଛ ବର୍ଜ୍ୟରୁ ଚପଲ, ଟୋପି, ଗ୍ରୋ ବ୍ୟାଗ୍, କାର୍ପେଟ୍ ଆଦି ଜିନିଷ ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟରେ ୪୫୦ ମହିଳାଙ୍କୁ ସଶକ୍ତ କରିପାରିଛନ୍ତି। ଏଥିପାଇଁ ରବି 'ମଲାଓ୍ୱା କେଲା ରେସ୍ ଉତ୍ପାଦନ ଲଘୁ ଉଦ୍ୟୋଗ କେନ୍ଦ୍ର' ପ୍ରତିଷ୍ଠା କରିଛନ୍ତି। ହରିହରପୁର ଆଖପାଖରେ ଅଧିକ କଦଳୀ ଚାଷ କରାଯାଏ ଓ ଚାଷୀମାନେ କଦଳୀ ଉତ୍ପାଦନ ପରେ ଗଛକୁ ବର୍ଜ୍ୟ ଭାବେ ଫିଙ୍ଗିଦିଅନ୍ତି। ଏହାର ପୁନଃ ଉପଯୋଗ କିଭଳି କରାଯାଇପାରିବ ସେହି କଥା ଚିନ୍ତାକରି ରବି ଏହି କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ରବି ଅର୍ଥନୀତିରେ ଡିଗ୍ରୀ ହାସଲ କରିବା ପରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଚାକିରି ଛାଡ଼ି ସେ କଦଳୀ ଗଛ ବର୍ଜ୍ୟରୁ ଆୟ କରିବା ପାଇଁ ଲାଗି ପଡ଼ିଲେ ଓ ଖୁବ କମ୍ ଦିନରେ ସଫଳତା ପାଇଲେ। ଏଥିପାଇଁ ବିଭିନ୍ନ ପ୍ରଦର୍ଶନୀକୁ ଯାଇ ହସ୍ତକଳା କାର୍ଯ୍ୟରେ ଜଡ଼ିତ ଲୋକଙ୍କୁ ଭେଟିବା ପରେ ଏ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଲୋନ୍ ଆଣି ଏହି କେନ୍ଦ୍ର ପ୍ରତିଷ୍ଠା କରିଥିଲେ। କଦଳୀ ବର୍ଜ୍ୟରୁ ଉତ୍ପାଦ ପ୍ରସ୍ତୁତି ପ୍ରକ୍ରିୟାରେ ଯେଉଁ ବର୍ଜ୍ୟ ବାହାରୁଛି ସେଥିରେ ମଧ୍ୟ ସେ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି ଓ ଚାଷୀମାନଙ୍କୁ ଯୋଗାଉଛନ୍ତି। ଏବେ ରବିଙ୍କ ଉତ୍ପାଦ ଦିଲ୍ଲୀ, ମଧ୍ୟପ୍ରଦେଶ, କେରଳ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଆଦି ରାଜ୍ୟରେ ବିକ୍ରି ହେଉଛି। ପ୍ରତିବର୍ଷ ସେ ୫୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନୀକୁ ଯାଉଛନ୍ତି। ବର୍ଷକୁ ଏଥିରୁ ୯ ଲକ୍ଷ ଟଙ୍କା ରୋଜଗାର କରିବା ସହ ମହିଳାମାନଙ୍କୁ ବି ରୋଜଗାରକ୍ଷମ କରିଛନ୍ତି।

## ଚିରନ୍ତନୀ

ବନ କୋଳେ ଶୁଭେ ହିଂସ୍ର ପଶୁର ନାଦ
ଛୁଟଇ ସାହସ, ଥକିଯାଏ ତା'ର ପାଦ
ପାହାଡ଼ ସେ ପାଖୁଁ କେତେ ସୁକୋମଳ ଗୀର
କାନେ ଆସେ ଅବା ନ ପାରେ ହୋଇ ସେ ଥିର।
-(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 7 | | | | 3 | | |
| | | | | 7 | | 1 | 8 | |
| | | 1 | | | 5 | | | 7 |
| 7 | | | | | | | | |
| | | | | | | | 3 | 6 |
| 4 | 1 | 9 | | | | | | |
| 2 | | | 5 | | 6 | | | 8 |
| | | | | | 7 | | 6 | |
| | | | 4 | | | 9 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 9 | 7 | 6 | 5 | 4 | 3 | 8 |
| 3 | 5 | 7 | 1 | 4 | 8 | 2 | 6 | 9 |
| 8 | 6 | 4 | 2 | 3 | 9 | 5 | 7 | 1 |
| 7 | 4 | 2 | 9 | 8 | 6 | 3 | 1 | 5 |
| 6 | 9 | 3 | 4 | 5 | 1 | 8 | 2 | 7 |
| 5 | 8 | 1 | 3 | 7 | 2 | 9 | 4 | 6 |
| 2 | 3 | 6 | 5 | 9 | 7 | 1 | 8 | 4 |
| 9 | 1 | 8 | 6 | 2 | 4 | 7 | 5 | 3 |
| 4 | 7 | 5 | 8 | 1 | 3 | 6 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଲିଥିନ୍ କଟକଣା ବାଟବଣା ହେଲାଣି

ମହାଶୟ,

ରାଜ୍ୟରେ ପଲିଥିନ୍ କଟକଣା ୨୦୧୮ ଗାନ୍ଧୀ ଜୟନ୍ତୀରୁ ଲାଗୁ ହୋଇଥିଲା। ପ୍ରଥମେ ୫ଟି ମହାନଗର ନିଗମ ସମେତ ଜଗନ୍ନାଥ ପୁରୀ ସହରରେ ପଲିଥିନ୍ ବ୍ୟବହାର ଓ କାରବାରକୁ ନିଷେଧ କରାଯାଇଥିଲା। ତା' ପରବର୍ଷ ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ସରକାର ସମସ୍ତ ୧୧୪ ସହରାଞ୍ଚଳରେ ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିଥିଲେ। କିଛିଦିନ ଧରି ଧରପଗଡ଼ ଫଳରେ ବ୍ୟବହାରକାରୀ ଓ ଉତ୍ପାଦନକାରୀଙ୍କ ମଧ୍ୟରେ ଛନକା ପଶିଥିଲା। ପଲିଥିନ୍ ପରିବର୍ତ୍ତେ ବ୍ୟାଗରେ ଖାଉଟିମାନେ ଜିନିଷପତ୍ର କିଣିଲେ କିନ୍ତୁ ମହାମାରୀ କରୋନା ବ୍ୟାପିବାରୁ ବ୍ୟବସାୟୀ ଓ ଖାଉଟି ପଲିଥିନ୍ କଟକଣା ଭୁଲିଗଲେ। ଏହି କଟକଣା ଏବେ ବାଟବଣା ହୋଇ ନିର୍ଦ୍ଦେଶନାମାରେ ସୀମିତ ରହିଛି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ପଲିଥିନ୍ ବ୍ୟବହାର ଚାଲିଛି। ପରିବେଶ ସୁରକ୍ଷା ଆଇନ ଅନୁଯାୟୀ ପ୍ରଶାସନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ବିଧାନ କରିବା ଉଚିତ । ନ ହେଲେ କଟକଣା ପ୍ରହସନ ପାଲଟିବ।

-ନିର୍ମଳ ସାମଲ, ପୋଖରିପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କହିଲ ଦେଖି

**ବା**ପର କାଟେ ମୁଁ ପୁଅର କାଟେ
ବେକ ହାତ ଗୋଡ଼ ଯତନେ କାଟେ
ଏଇ ତ ମୋର ବେଉସା
କାଟି ସାରି ଯୋଡ଼ି ତୁମକୁ ଦିଏ
ନେଲେ ତୁମ ମନ ଆନନ୍ଦ ହୁଏ
ପୂଜା ପାରବଣ ଜନମ ଦିନରେ
ମୋତେ ଖୋଜ ତୁମେ କେତେ
ମୁଁ କିଏ ଯିଏ କହିବ
ସୁନାପିଲା ସିଏ ହୋଇବ।



ଉତ୍ତର– **ଦରଜୀ**

**ଚା**ରିଟି ଗୋଡ ମୋ ଦୁଇଟି ହାତ
କାଠ ପ୍ଲାଷ୍ଟିକରେ ହୁଏ ନିର୍ମିତ
ଗୋଡ଼ ସିନା ଅଛି ଚାଲି ପାରେନି
ସେପାଇଁ ମୁଁ ମନ, ଦୁଃଖ କରେନି
ତୁମକୁ କୋଳରେ ପାଇଗଲେ ଜାଣ
ମୁଁ ଖୁସି ହୁଏ ବେଶି
କାହାକୁ କେବେ ମୁଁ ଭାବେନି ପର
ଏବେ କହିଦିଅ ନାମଟି ମୋର।

ଉତ୍ତର– **ଚଉକି**



ଫୁଲ ଚାରିପାଖେ ଘୁରି ବୁଲେ ମୁହିଁ
ଫୁଲମାନେ ମୋର ସାଥୀ
ମୋତେ ଦେଖିଦେଲେ ତୁମମାନଙ୍କର
ମନ ହୋଇଯାଏ ଖୁସି
ମୁଁ ତରକା ଅତି ଧରା ଦିଏନାହିଁ
ଚଟ୍ କିନା ଯାଏ ଖସି
ଅଳପ ଦିନର ଆୟୁଷ ମୋହର
ସେପାଇଁ ମୋ ଦୁଃଖ ନାହିଁ
ସମସ୍ତଙ୍କୁ ବାଣ୍ଟୁଥାଏ ମୁଁ ଆନନ୍ଦ
ଯେତେ ଦିନ ଥାଏ ଜିଇ
ନାମ ମୋର କହିଦିଅ
ସୁନାପିଲାଟିଏ ହୁଅ।



ଉତ୍ତର– **ପ୍ରଜାପତି**

**–ବିନୟ କୁମାର ଦାସ**
ଅନାମିକାନିଡ଼, ଅଙ୍ଗାରଗଡ଼ିଆ
ବାଲେଶ୍ୱର

## ଖିଲିଖିଲି ହସ

(ବାପା ଓ ପୁଅ ମଧ୍ୟରେ କଥାବାର୍ତ୍ତା)
ପୁଅ–ବାପା, ଯଦି ମୁଁ ଏଥର ପରୀକ୍ଷାରେ ଟପ୍ପର ହୋଇଯାଏ, ତେବେ ଆପଣ କେତେ ଖୁସି ହେବେ କହିଲେ ?



ବାପା–ଆରେ, ମୁଁ ଖୁସି ହେବି କ'ଣ ? ତୁ ଯଦି ସତରେ ଏଥର ଟପ୍ପର ହେଉ, ତେବେ ମୁଁ ପୂରା ପାଗଳ ହେଇଯିବି।
ପୁଅ– ଖାସ୍ ସେଇଥିପାଇଁ ବା ମୁଁ ଆଜି ଯାଏ ପରୀକ୍ଷାରେ ଟପ୍ପର ହେଉନି।

---

ମଣ୍ଟୁ–ଆରେ ବୁଝିଲୁ ସାଙ୍ଗ, ମୁଁ ଆଜି ଯାଏ ଗୋଟେ କଥା ବୁଝିପାରୁନି।
ରାଜୁ– କ'ଣ ଏମିତି ଅଛି ଯେ, ତୁ ପୁଣି ବୁଝି ପାରୁନୁ।
ମଣ୍ଟୁ– ଆରେ କ୍ଷୀରବାଲା ଷ୍ଟ୍ରାଇକ୍ କଲେ ରାସ୍ତାରେ କ୍ଷୀର ଢାଳନ୍ତି, ଟମାଟୋ ବେପାରୀ ଷ୍ଟ୍ରାଇକ୍ କଲେ ଟମାଟୋ ଢାଳନ୍ତି। ହେଲେ, ଜାଣି ପାରୁନି ଏ ବ୍ୟାଙ୍କ୍ କର୍ମଚାରୀ ଷ୍ଟ୍ରାଇକ୍ କଲେ କାହିଁକି ରାସ୍ତାରେ ଟଙ୍କା ଢାଳୁ ନାହାନ୍ତି !

## ଆ ଇ ନା





## ପୁଣ୍ୟମାସ କାର୍ତ୍ତିକ

**ଶ**ରତ ଫେରିଲା ଦଶହରା ସାଥେ
କୁମାର ଉତ୍ସବ ସାରି,
ହେମନ୍ତ ଆସିଛି ମରତ ଧାମକୁ
କାର୍ତ୍ତିକ ମାସକୁ ଧରି।
ଶ୍ରୀମନ୍ଦିରେ ହୁଏ ଜଗନ୍ନାଥଙ୍କର
ରାଈ ଦାମୋଦର ବେଶ,
ବୃନ୍ଦାବତୀ ସେବା କରି ନରନାରୀ
ପାଳନ୍ତି ନିତି ହବିଷ।
ତୁଳସୀ ମୂଳରେ ପଞ୍ଚ ମୁରୁଜରେ
ଜଗନ୍ନାଥ ଚିତ୍ର ଲେଖି,
କାର୍ତ୍ତିକ ମାହାତ୍ମ୍ୟ ପାଠ କରି ନିତି
ହୋଇଥା'ନ୍ତି ସର୍ବେ ସୁଖୀ।
ଦିବସ ଶେଷରେ ସଞ୍ଜ ଆକାଶରେ
ଜଳଇ ଆକାଶଦୀପ,
କାର୍ତ୍ତିକ ମାସରେ ଦୀପ ଦାନ କଲେ
ଦୂର ହୋଇଯାଏ ପାପ।
ଦୀପାବଳି ଦିନ ପିତୃଶ୍ରାଦ୍ଧ ଦେଇ
କାଉଁରିଆ ବଡି ଟେକି,
ସଞ୍ଜ ସମୟରେ ପିତୃପୁରୁଷଙ୍କୁ
ଆଣିଥା'ନ୍ତି ଲୋକେ ଡାକି।
କାର୍ତ୍ତିକ ମାସର ଶେଷ ପାଞ୍ଚଦିନ
ପଞ୍ଚକ ନାମରେ ଖ୍ୟାତ,
ଚତୁର୍ଦ୍ଦଶୀ ଦିନ ଧବଳେଶ୍ୱରଙ୍କ
ହୁଏ ବଡ଼ଓଷା ଯାତ।
କାର୍ତ୍ତିକ ମାସର ଅନ୍ତିମ ପ୍ରଭାତେ
ବୋଇତ ବନ୍ଦାଣ କରି,
ଅତି ଆନନ୍ଦରେ ରାହାସ ପୂର୍ଣ୍ଣିମା
ପାଳିଥା'ନ୍ତି ନରନାରୀ।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ

## ଶରତ ଆସେ

**ଶ**ରତ ଆସେ, ଶରତ ଆସେ
କାନନ ବନରେ ଫୁଲର ମହକ
ରାଜଉଆସକୁ ବାସେ।

ଶରତ ଆସେ, ଶରତ ଆସେ
ନିର୍ମଳ ଜହ୍ନର ଜ୍ୟୋସ୍ନା
ଜନମାନସରେ ହସେ।

ଶରତ ଆସେ, ଶରତ ଆସେ
ସକାଳ ସମୀରେ ବୁଢ଼ିମା' ଅଜା
ଚୁଲି ପାଖେ ଯାଇ ବସେ।

ଶରତ ଆସେ, ଶରତ ଆସେ
ବିଲବାଡିକ୍ଷେତେ ଧାନକେଣ୍ଡା ସବୁ
ମଥା ନଇଁନଇଁ ପୁଲକେ ରାଇଜେ ହସେ।

ଶରତ ଆସେ, ଶରତ ଆସେ
କୁଆଁରପୂନେଇଁ ଜହ୍ନଗୋ ସଙ୍ଗୀତ
ଗାଁ ଦାଣ୍ଡ ମୁଣ୍ଡେ ରସେ।

ଶରତ ଆସେ, ଶରତ ଆସେ
ଗାଁ ନୂଆ ବୋହୂ ଝୋଟି ମୁରୁଜରେ
ଲକ୍ଷ୍ମୀ, ବୃନ୍ଦାବତୀଙ୍କୁ ଶୁଭ ମନାସେ।

*–ଗ୍ରାମକବି ବରାଳ*
*ଲକ୍ଷ୍ମୀସାଗର, ଭୁବନେଶ୍ୱର*

## କବିତା



## ଟିକି ଚଢ଼େଇ



**ଯା**ଆରେ ଯାଆ ଟିକି ଚଢ଼େଇ
ନୀଳ ଆକାଶେ ଉଡ଼ି,
ପାହାଡ଼ ପଛେ ସୂରୁଜ ଦେବ
ଗଲେଣି ପରା ବୁଡ଼ି।

ଫେରିଲେଣିଟି ଗୋଠକୁ ଗୋରୁ
ସଞ୍ଜ ଆସୁଛି ନଇଁ,
ସଅଳ ସଅଳ ଯାଆ ସିଆଡ଼େ
ଘର ତୋହର ଯହିଁ।

ବାପା ମାଆ ତୋ ରହିଥିବେଟି
ବାଟକୁ ତୋ'ର ଚାହିଁ,
ତୋ ଭଳିଆ କୁନି କଣ୍ଢେଇ
ମିଳିବ ତାଙ୍କୁ କାହିଁ !

ଦେଖିଲେ ତତେ ଲଭିବେ ପରା
ଯେତେ ସରଗ ସୁଖ,
କୋଳେଇ ନେଇ କରିବେ ଗେଲ
ଚାଲିଯିବଟି ଦୁଃଖ।

ଅନ୍ଧାର ରାତି ଥରୁଛି ଛାତି
ନ କରେ ଆଉ ଡେରି,
ସକାଳ ହେଲେ ଖେଳିବା ଖେଳ
ଆସିବୁ ପୁଣି ଫେରି।

***–ଅଧ୍ୟାପକ ଶରତ କୁମାର ଦାସ***
*ବଡବିଲ ମହାବିଦ୍ୟାଳୟ,*
*ବଡ଼ବିଲ, କେନ୍ଦୁଝର*

## ପିଲାଦିନ

**ମ**ନେପଡ଼େ ଆଜି ମୋ ପିଲାଦିନ
କେତେ ଅଳି ଅଝଟ ଆଉ ଅଭିମାନ।
ପାଠ ପଢ଼ିବାକୁ ଜମା ଲାଗେ ନାହିଁ ମନ
ଖେଳିବା ପାଖରେ ଥାଏ ମୋର ଧ୍ୟାନ।
ସ୍କୁଲ ଗଲାବେଳେ ଲାଗୁଥିଲା କେତେ ଡର
ଶିକ୍ଷକଙ୍କ ଭୟେ ଲୁଚି ପଳେଇ ଆସୁଥିଲୁ ଘର।
ଦୁଷ୍ଟାମି ଯୋଗୁ ମାରୁଥିଲେ ବାପା
ମାଆ କରୁଥିଲେ ରକ୍ଷା।
ଜେଜେମା' ଗପ ମାଧ୍ୟମରେ
ଦେଉଥିଲେ ଆମକୁ ନୀତିଶିକ୍ଷା।
ବର୍ଷାଦିନେ ଓଳିତଳେ ବସି
ଭସାଉ କେତେ କାଗଜ ଡଙ୍ଗା,
ଓଦା ହେଉ ବୋଲି ମା' ପିଟି ପିଟି
ଆଖି କରିଦିଏ ରଙ୍ଗା।
ନା ଥିଲା ଦୁଃଖ ନା ଥିଲା ଚିନ୍ତା
ନା ଥିଲା ସମାଜ ଡର,
ଆଜି ଏକା ବସି ଭାବୁଛି ମୁଁ ଫେରି
ଆସନ୍ତା କି ସେ ଦିନ।

***–ସୁଜୟାନନ୍ଦ ବିଶ୍ୱାଳ***
*ଲୋପାମୁଦ୍ରା ଗାର୍ମେଣ୍ଟସ୍,*
*ଖଇରା, ବାଲେଶ୍ୱର*



# ନିଷ୍ଠାପର ଉଦ୍ୟମ

**ଗପ**



**ଆ**ଗେ ଆମ ଦେଶରେ ମୁନିଋଷିମାନେ ନିଜ ନିଜର ଆଶ୍ରମରେ ଗୁରୁକୁଳ ସ୍ଥାପନ କରି ଶିଶୁମାନଙ୍କୁ ଶିକ୍ଷାଦାନ କରୁଥିଲେ। ଯିଏ ପାଠ ପଢ଼ିବାକୁ ଚାହୁଁଥିଲେ ତାଙ୍କୁ ଗୁରୁକୁଳରେ ରହିବାକୁ ପଡୁଥିଲା।

ସେହିଭଳି ଏକ ଗୁରୁକୁଳରେ ରହି ପଢୁଥିଲା ଜଣେ ନଅ ବର୍ଷର ବାଳକ। ସେ ଖୁବ୍ ମନଦେଇ ପାଠ ପଢୁଥିଲେ ବି ତା'ର କିଛି ମନେ ରହୁ ନ ଥିଲା। କିନ୍ତୁ ପାଠ ପ୍ରତି ତା'ର ପ୍ରବଳ ଆଗ୍ରହ ଥିଲା। ବାରମ୍ବାର ଚେଷ୍ଟା ସତ୍ତ୍ୱେ ବିଫଳ ହେବାରୁ ଦିନେ ସେ ମନ ଦୁଃଖରେ ଗୁରୁଜୀଙ୍କୁ ପଚାରିଲା, "ଗୁରୁଦେବ ! ମୁଁ ଯେତେ ଚେଷ୍ଟା କଲେ ବି ମୋର ପାଠ ହେଉନି। ତା'ର କାରଣ କ'ଣ ?" ଗୁରୁଜୀ ତାକୁ ପାଖରେ ବସେଇ ତା'ର ହସ୍ତରେଖାକୁ ତନ୍ନ ତନ୍ନ କରି ଦେଖିଲେ। ଆଗ୍ରହରେ ଚାହିଁ ରହିଥିଲା ପିଲାଟି। କିଛି ସମୟ ପରେ ଦୁଃଖର ସହିତ କହିଲେ ଗୁରୁଜୀ, "ବସ୍ ! ତୋ ହାତରେ ତ ବିଦ୍ୟାରେଖା ନାହିଁ। ପାଠ ଘର ଶୂନ୍ୟ।" 'ବିଦ୍ୟାରେଖା କ'ଣ ?' ପିଲାଟି ଉତ୍ସାହରେ ପଚାରିଲା। ତା' ହାତରେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଦେଖେଇ ଦେଇ ଗୁରୁଜୀ କହିଲେ, "ଏହିଠାରେ ଯାହାର ସ୍ପଷ୍ଟ ରେଖାଟିଏ ଥାଏ ସେ ହିଁ ବିଦ୍ୟାବାନ୍ ହୁଏ।" ସଙ୍ଗେ ସଙ୍ଗେ ପିଲାଟି ଛୁରିଟିଏ ଆଣି ନିଜର ହାତ ପାପୁଲିର ନିର୍ଦ୍ଦିଷ୍ଟ ସ୍ଥାନରେ ରେଖାଟିଏ କାଟି ଗୁରୁଙ୍କୁ ଦେଖେଇଲା।, "ଏଇ ଦେଖନ୍ତୁ ସେଇ ରେଖା। ଏବେ ମୋର ପାଠ ହେବ ତ ?"

ପିଲାଟିର ଦୃଢ଼ତା ଦେଖି ଆଶ୍ଚର୍ଯ୍ୟ ହେଲେ ଗୁରୁଜୀ। ତା' ହାତରୁ ଝରି ପଡୁଥିବା ଲହୁକୁ ପୋଛିଦେଇ ତା' ମୁଣ୍ଡରେ ହାତ ରଖି କହିଲେ, "ମୁଁ ଆଶୀର୍ବାଦ କରୁଛି ତୋର ସବୁ ଦୁର୍ଭାଗ୍ୟ ଅପସରି ଯାଉ ଏବଂ ତୁ ସକଳ ବିଦ୍ୟାରେ ପାରଙ୍ଗମ ହୁଅ।" ସେୟା ହିଁ ହେଲା। ସେ ଦିନର ସେଇ ପିଲାଟି ପରବର୍ତ୍ତୀ କାଳରେ ହେଲେ ବିଶ୍ୱ ବିଖ୍ୟାତ ପଣ୍ଡିତ ତଥା ବ୍ୟାକରଣର ଜନକ ଭାବରେ ପରିଚିତ 'ପାଣିନୀ'।

***–ଅଲେଖ ଚନ୍ଦ୍ର ମିଶ୍ର,*** *ଶାସ୍ତ୍ରୀନଗର,*
*ୟୁନିଟ୍–୪, ଭୁବନେଶ୍ୱର,*
*ମୋ:– ୯୪୩୮୬୭୩୮୯୮*

## ମତାମତ

➤ ତୁମ ତୂଳୀରୁ ସ୍ତମ୍ଭରେ ପ୍ରକାଶ ପାଉଥିବା ସମସ୍ତ ଚିତ୍ର ବେଶ୍ ସୁନ୍ଦର ହୋଇଥିଲା।
*–ସୁକାନ୍ତ କୁମାର ମଲ୍ଲିକ, ଯାଜପୁର*

➤ ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି।
*–ମନସ୍ୱିନୀ ମହାନ୍ତି, ପୁରୀ*

➤ 'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*–ସୁକାନ୍ତ କୁମାର ନାୟକ,*
*ରେଢ଼ାଖୋଲ*

## ତୁମ ତୂଳୀରୁ





**ସ୍ମୃତିରଞ୍ଜନ ସାହୁ**
କ୍ଲାସ–୭, ସରସ୍ୱତୀ
ଶିଶୁମନ୍ଦିର, ସିଦ୍ଧବାଲି,
କେନ୍ଦ୍ରାପଡା



**ସାଇ ଆଦିତ୍ୟ ପ୍ରଧାନ**
କ୍ଲାସ–୩, ମିଲିଟାରୀ
ଇଂଲିଶ୍ ମିଡିୟମ୍ ସ୍କୁଲ,
ସାକ୍ଷୀଗୋପାଳ, ପୁରୀ








**ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ– ୬, ସରକାରୀ
ଉଚ୍ଚମାଧ୍ୟମିକ ବିଦ୍ୟାଳୟ,
ଗୋବିନ୍ଦପାଲ୍ଲୀ , ମାଲକାନଗିରି

## ଟଗଲା ଭୀମୁ





## ତୁମ ପଢ଼ିବା ପାଇଁ

### ପିନ୍ଧିବା ଦିନେ ପାଟ

**ଶି**ଶୁ–କିଶୋର କବିତା ସଙ୍କଳନ 'ପିନ୍ଧିବା ଦିନେ ପାଟ'ରେ ରହିଛି ଆମ ରାଜ୍ୟର କଳା, ସଂସ୍କୃତି, ଚାଲିଚଳଣି ଏବଂ ଧର୍ମ ପରମ୍ପରା। ଏହି ସଂକଳନରେ ସ୍ଥାନିତ ହୋଇଛି ମୋଟ ୫୬ଟି ଉପାଦେୟ ତଥା ଶିକ୍ଷଣୀୟ ଶିଶୁ କବିତା। ପୁରୁଷୋତ୍ତମ ଧଳଙ୍କ ରଚିତ ଏହି କବିତାଗୁଡ଼ିକ ମଧ୍ୟରୁ ବିଦ୍ୟାଦାତା, ବାଲି ଯାତରା, ଏତିକି ମାତର ଅଳି, ଚାଷୀ ଭାଇ, ଗଛର ନିଅ ଯତନ, ବସନ୍ତ ଆସିଲା, ସତ୍ୟର ପୂଜାରୀ, ପୁଷି ବିଲେଇ, ମାଟି ମା' ଆଦି କବିତାର ଉପସ୍ଥାପନା ବେଶ୍ ସୁନ୍ଦର ହୋଇଛି। ଏହାର ମୂଲ୍ୟ ରହିଛି ୫୧ ଟଙ୍କା।
**ଯୋଗାଯୋଗ** : ପୁରୁଷୋତ୍ତମ ଧଳ, ମାତୃ ଭବନ, ପଦ୍ମିନାରାୟଣପୁର, ଭଗିବିନ୍ଧା, ବାରିକପୁର ବଜାର, ଭଦ୍ରକ।





## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଲାଭା ଉପରେ ଯାଇ ରେକର୍ଡ





**ବି**ଭିନ୍ନ ପ୍ରକାରର ଦୁଃସାହସିକ କ୍ରୀଡ଼ା ବିଷୟରେ ପିଲାମାନଙ୍କର ଧାରଣା ତ ରହିଥିବ ନିଶ୍ଚୟ। ଦୁଃସାହସିକ କ୍ରୀଡ଼ା ମାଧ୍ୟମରେ ଅନେକ ଲୋକଙ୍କୁ ଆଶ୍ଚର୍ଯ୍ୟ ବି କରି ଦେଇଥାନ୍ତି। ଠିକ୍ ଏମିତି ଏକ କାମ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି ବ୍ରାଜିଲର କରୀନା ଓଲିୟାନୀ। ସେ ଆଗ୍ନେୟଗିରି ଉପର ଦେଇ ରଶି ମାଧ୍ୟମରେ ୧୦୦ ମିଟରରୁ ଅଧିକ ବାଟ ଅତିକ୍ରମ କରି ନିଜ ସାହସିକତାର ପ୍ରମାଣ ଦେଖାଇଛନ୍ତି। ତାଙ୍କର ଏଭଳି କାମ ପାଇଁ ଏବେ ସେ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଛନ୍ତି। ଆଫ୍ରିକାର ଇଥିଓପିଆରେ ଲାଭା ବାହାରୁଥିବା ସ୍ଥାନରୁ ୩୨୯ ଫୁଟ ଉଚ୍ଚରେ ସେ ରଶି ମାଧ୍ୟମରେ ୧୦୦.୩ ମିଟର ଅତିକ୍ରମ କରିଥିଲେ। ଭୟଙ୍କର ଲାଭା ବାହାରୁଥିବା ଆଗ୍ନେୟଗିରି ଉପରେ ଯିବା ସମୟରେ ଅତ୍ୟଧିକ ଉତ୍ତାପ ପ୍ରଭାବରୁ ରକ୍ଷା ପାଇବା ପାଇଁ ସେ ସ୍ୱତନ୍ତ୍ର ଧରଣର ପୋଷାକ ସହିତ ହେଲମେଟ୍ ଏବଂ ଅକ୍ସିଜେନ୍ ସିଲିଣ୍ଡର ନେଇ ଯାଇଥିଲେ।

# ହର୍ଷିତ ଚାମ୍ପିୟନ, ଶ୍ରୀହନ ରନର୍ସଅପ୍

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ନମିତା ମହାକୁଡ଼ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍ ଟୁର୍ନାମେଣ୍ଟରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୮ ପଏଣ୍ଟ ପାଇଛନ୍ତି। ସେହିପରି ଶ୍ରୀହନ ସବତ ୭ ପଏଣ୍ଟ ସହିତ ରନର୍ସଅପ୍ ଏବଂ ଶ୍ଳୋକ ଜୟେଶ ଚନ୍ଦ୍ରାଣି ସମାନ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫିଡେମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଦକ୍ଷରାଜ ସଦାନନ ବୋଲେ, ମହେନ୍ଦ୍ର ତେଜା ମେକଲା, ଅବ୍ୟୟ କୁମାର ଦାଶ (ସମସ୍ତେ ୬.୫ ପଏଣ୍ଟ), ରବୀନ୍ଦ୍ର କୁମାର ଓଝା, ବସନ୍ତ କୁମାର ଦାସ, ମୃତ୍ୟୁଞ୍ଜୟ ମଣ୍ଡଳ (ସମସ୍ତେ ୬ ପଏଣ୍ଟ), ପ୍ରତ୍ୟୁଷ ଦୀକ୍ଷିତ, ପ୍ରିୟାଂଶ ଦାସ (ଉଭୟେ ୫.୫ ପଏଣ୍ଟ) ଟପ୍-୧୨ ଫିନିଶ୍ କରି ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ଅକ୍ଷଜ ନାୟକ, ଶ୍ରେୟାସ କୁମାର ବେହୁରିଆ,



ହର୍ଷିତ ରଞ୍ଜନ ସାହୁ

ଅରିଜିତ ଘୋଷ, ଅନସଲ ଏସ୍. ଥୋମାସ, ଶାନ୍ତନୁ ବରାଳ, ସିଦ୍ଧାର୍ଥ ମିଶ୍ର, ଶ୍ରୀୟାଂଶ ଦାସ, ଅଂଶୁମାନ ପତି, ସତ୍ୟମ ସରବଜିତ ମିଶ୍ର, ଶିରାଲି ପଟ୍ଟନାୟକ ଓ ଅଦିତି ଉପାସନା ପଟ୍ଟନାୟକ ବିଭିନ୍ନ ବୟସ ବର୍ଗରେ ଏବଂ ବାଳିକା ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଏବଂ ରବୀନ୍ଦ୍ର ସାହୁ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଥିଲେ। ଗୁଗୁଲ ମିଟ୍ ମାଧ୍ୟମରେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍

**ନମିତା ମହାକୁଡ଼ ସ୍ମାରକୀ ଓପନ ଚେସ୍**

ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ମୁଖ୍ୟ ଅତିଥି ଏବଂ ସ୍ଥପତି ତନୁ ଶୋଭନ ବେହେରା ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ଶ୍ୟାମଳ କୁଣ୍ଡୁ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।



ଆନ୍ତଃଜିଲା କ୍ଲବ ଫୁଟବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

# ଫାଓ ଆନ୍ତଃଜିଲା କ୍ଲବ ଫୁଟବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଶୁକ୍ରବାର କଟକରେ ଆନ୍ତଃଜିଲା କ୍ଲବ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଜିଲା ଦଳ ଅଂଶଗ୍ରହଣ କରିଛନ୍ତି। ମ୍ୟାଚ ଗୁଡ଼ିକ କଟକର ୪ଟି ଭେନ୍ୟୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସ୍ପୋର୍ଟ୍ସ ହଷ୍ଟେଲ, ବିଡ଼ାନାସୀ ଏବଂ ଏନ୍‌ଆରଆରଆଇ ପଡ଼ିଆରେ ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ମୋଟ ୮ଟି ମ୍ୟାଚ ଖେଳା ଯାଇଛି। ଏଥିରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ୬-୧ ଗୋଲରେ ବାଲେଶ୍ୱରର ଟାଉନ୍ କ୍ଲବ, ଓଡ଼ିଶା ପୋଲିସ ୭-୦ ଗୋଲରେ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ, କଟକ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୨-୦ ଗୋଲରେ ନୟାଗଡ଼ର ହରିହର ସ୍ପୋର୍ଟ୍ସ ଏକାଡେମୀ, ଇଷ୍ଟକୋଷ୍ଟ ରେଲୱେ ୨-୧ ଗୋଲରେ ସୋନପୁରର ରାମଧୁନ କ୍ଲବକୁ ପରାସ୍ତ କରିଛି। ସେହିପରି ଭୁବନେଶ୍ୱର ୟୁନିଟ-୬ କ୍ଲବ ୨-୧ ଗୋଲରେ କନ୍ଧମାଳର ନେତାଜୀ କ୍ଲବ, ଯାଜପୁର କଳିଙ୍ଗ ନଗର ସ୍ପୋର୍ଟ୍ସ ଏକାଡେମୀ ୪-୧ ଗୋଲରେ ଭୁବନେଶ୍ୱରର କିଶୋର କ୍ଲବ, ମୟୂରଭଞ୍ଜର ସିମିଳିପାଳ କ୍ଲବ ୪-୧ ଗୋଲରେ ଝାରସୁଗୁଡ଼ାର କଳିଙ୍ଗ ୟୁଥ୍ ଆସୋସିଏଶନ ଏବଂ ବରଗଡ଼ର ୟୁନାଇଟେଡ ସ୍ପୋର୍ଟିଂ କ୍ଲବ ୮-୦ ଗୋଲରେ ଦେବଗଡ଼ର ମନୋରମା କ୍ଲବକୁ ହରାଇ ଦେଇଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ କୁମାର ନାୟକ ମୁଖ୍ୟ ଅତିଥି, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଫାଓ କୋଷାଧ୍ୟକ୍ଷ ଭକ୍ତବତ୍ସଳ ଦାସ, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ବିଶ୍ୱରଞ୍ଜନ ଘଡ଼େଇ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ ଅଫିସର ଅଞ୍ଜନ କୁମାର ଖୁଣ୍ଟିଆ, ପ୍ରମୁଖ ଉପସ୍ଥିତ ଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫୁଟବଲ ପଡ଼ିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଫାଓ ଯୁଗ୍ମ ସମ୍ପାଦକ ମହମ୍ମଦ ସହିଦ ଜବାରଙ୍କ ଅଧ୍ୟକ୍ଷତା କରିଥିଲେ।

# କବିରଙ୍କୁ ଡବଲ ଟାଇଟଲ



ପୁରୁଷ ଡବଲ୍ସ ଟ୍ରଫି ସହ କବିର ହନ୍ସ ଓ ଦୀପେନ୍ଦର ଗ୍ରେୱାଲ।

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର କବିର ହନ୍ସ ସୋଲାନସ୍ଥିତ ଦୁର୍ଗ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଏଆଇଟିଏ ପୁରୁଷ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଟେନିସ ଟୁର୍ନାମେଣ୍ଟରେ ଡବଲ ଟାଇଟଲ ହାସଲ କରିଛନ୍ତି। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ଗତ ୧୮ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଶୁକ୍ରବାର ଶେଷ ହୋଇଛି। ସିଙ୍ଗଲ୍ସ ଫାଇନାଲରେ କବିର ୬-୧, ୬-୨ ସେଟ୍‌ରେ ଏନ. କାଲଭିନ ଗୋଲମେଇଙ୍କୁ ପରାସ୍ତ କରିଛନ୍ତି। ସେହିପରି ଦୀପେନ୍ଦର ଗ୍ରେୱାଲ ଓ କବିର ଯୋଡ଼ି ଡବଲ୍ସ ଫାଇନାଲରେ ରାଘବ ଜୟସିଙ୍ଘାଣି-ନୀରଜ ୟଶପଲଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ସ୍ପୋର୍ଟ୍ସ କୋଟାରେ କବିର ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ। ପୂର୍ବରୁ ସେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର ଥିଲେ। ନିଜ ଟେନିସ

**ଏଆଇଟିଏ ପୁରୁଷ ଟେନିସ**

ଯାତ୍ରାରେ ସମର୍ଥନ କରି ଆସିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ କବିର ଧନ୍ୟବାଦ ଜଣାଇଛନ୍ତି। ଅଚ୍ୟୁତ ମଧ୍ୟ କବିରଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

# ଅକ୍ଷୟ ୱାଡକର ବିଦର୍ଭ ଅଧିନାୟକ

**ନାଗପୁର, ୨୨।୧୦ (ପି.ଟି.):** ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବା ସୟେଦ ମୁସ୍ତାକ ଅଲି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ୨୦ ଜଣିଆ ବିଦର୍ଭ ଦଳ ଘୋଷଣା କରାଯାଇଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଡକରଙ୍କୁ ଦଳର ଅଧିନାୟକ କରାଯାଇଛି। ସିଦ୍ଧେଶ ୱାଥ୍‌ଙ୍କୁ ତାଙ୍କର ଡେପୁଟି କରାଯାଇଛି। ଭାରତର ସିନିୟର ପେସ୍ ବୋଲର ଉମେଶ ଯାଦବ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ସେ ପେସ୍ ଆଟାକ୍‌ର ନେତୃତ୍ୱ ନେବେ, ଯିଏକି ଭାରତ ତରଫରୁ ୪୯ ଟେଷ୍ଟ ଓ ୭୫ ଅନ୍ତର୍ଜାତୀୟ ଦିନିକିଆ ଏବଂ ୯୮ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଦଳରେ ସ୍ଥାନ ପାଇଥିବା ଅନ୍ୟ ପେସରମାନେ ହେଲେ ବାମହାତୀ ଦର୍ଶନ ନାଲକାଣ୍ଡେ ଓ ୨୨ ବର୍ଷୀୟ ଫାଷ୍ଟ ବୋଲର ୟାଶ ଠାକୁର। ବିଦର୍ଭ ଚୟନକର୍ତ୍ତାମାନେ ବ୍ୟାଟ୍ସମ୍ୟାନ ଗଣେଶ ସତୀଶ ଏବଂ ଓପନର ଆର. ସଞ୍ଜୟଙ୍କୁ ମନୋନୀତ କରିଛନ୍ତି। ସଞ୍ଜୟ ଗତବର୍ଷ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅଭିଜ୍ଞ ସ୍ପିନର ଅକ୍ଷୟ ୱାଖ୍‌ରେଙ୍କୁ ମଧ୍ୟ ଦଳରେ ନିଆଯାଇଛି। ବିଦର୍ଭ ପ୍ଲେଟ ଗ୍ରୁପ୍‌ରେ ସ୍ଥାନ ପାଇଛି। ଦଳ ଏହାର ସମସ୍ତ ଲିଗ୍ ମ୍ୟାଚ ବିଜୟୱାଡାରେ ଖେଳିବ। **ବିଦର୍ଭ ଦଳ:** ଅକ୍ଷୟ ୱାଡକର (ଅଧିନାୟକ), ସିଦ୍ଧେଶ ୱାଥ୍ (ଉପଅଧିନାୟକ), ଅଥର୍ବ ଟାଇଡେ, ଆର. ସଞ୍ଜୟ, ଗଣେଶ ସତୀଶ, ୟାଶ ରାଠୋଡ୍, ଜିତେଶ ଶର୍ମା, ଅପୂର୍ବ ୱାଙ୍ଖଡ୍ଡେ, ଶୁଭମ ଦୁବେ, ଅକ୍ଷୟ କାର୍ନେକର, ଅକ୍ଷୟ ୱାଖ୍‌ରେ, ହର୍ଷ ଦୁବେ, ପାର୍ଥ ରେଖାଡ୍ଡେ, ଗଣେଶ ଭୋସ୍‌ଲେ, ଦର୍ଶନ ନାଲ୍‌କାଣ୍ଡେ, ୟାଶ୍ ଠାକୁର, ସିଦେଭ ନେରାଲ, ଆଦିତ୍ୟ ଥାକ୍‌ରେ, ସୁରଜ ରାୟ ଓ ଉମେଶ ଯାଦବ। କୋଚ୍- ପ୍ରୀତମ୍ ଗାନ୍ଧେ।

# ଓଡ଼ିଶାରୁ ସୁଶୀଲ ବାରିକ ମନୋନୀତ

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ନଭେମ୍ବର ୩ରୁ ଅହମଦାବାଦଠାରେ ୧୯ ବର୍ଷରୁ କମ୍ ପୁରୁଷ ଚ୍ୟାଲେଞ୍ଜର ଟ୍ରଫି

**ବିସିସିଆଇ ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫି**

ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ସୁଶୀଲ କୁମାର ବାରିକ ମନୋନୀତ ହୋଇଛନ୍ତି। ସେ ଟିମ୍-ଏଫ୍ ଦଳରୁ ପ୍ରତିନିଧିତ୍ୱ କରିବେ। ଏଥିପାଇଁ ସୁଶୀଲଙ୍କୁ ଚଳିତ ମାସ ୨୫ରେ ଦଳ ସହ ଯୋଗଦେଇ କ୍ୱାରାଣ୍ଟାଇନ୍‌ରେ ରହିବାକୁ



ସୁଶୀଲ କୁମାର ବାରିକ

ପଡ଼ିବ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ବିସିସିଆଇ ପକ୍ଷରୁ ବାୟୋ-ବବ୍‌ଲ ପ୍ରସ୍ତୁତ କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାମାନେ ସୁଶୀଲଙ୍କୁ ଶୁଭକାମନା ଜଣାଇଛନ୍ତି।

# ଛତିଶଗଡ଼ଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨୨।୧୦ (କ୍ରୀଡ଼ା ପ୍ରତିନିଧି)**

ରାୟପୁର ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ସିନିୟର ପୁରୁଷ ୱାର୍ମଅପ୍ ଟି୨୦ ସିରିଜର ଏକ ମ୍ୟାଚରେ ଓଡ଼ିଶା ୩୧ ରନରେ ଛତିଶଗଡ଼ଠାରୁ ହାରି ଯାଇଛି। ଆଗାମୀ ସୟଦ ମୁସ୍ତାକ ଅଲୀ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଏହି ୱାର୍ମଅପ୍ ସିରିଜ ଆୟୋଜନ କରାଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିଲା। ଦଳ ପକ୍ଷରୁ ଅଖିଳ ହରୱାଦକର ସର୍ବାଧିକ ୬୧, ଅମନଦୀପ ଖାରେ ୩୮ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଗୋବିନ୍ଦ ପୋଦ୍ଦାର ୩ ଓଭରରେ ୧୭ ରନ ଦେଇ ୩ଟି ଏବଂ



ଗୋବିନ୍ଦ ପୋଦ୍ଦାର

ଅଭିଷେକ ରାଉତ ଗୋଟିଏ ଉଇକେଟ ନେଇଥିଲେ। ୧୬୩ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସର୍ବେଶ୍ୱର ମହାନ୍ତି ସର୍ବାଧିକ ୨୭ ଓ ଅଂଶୁମାନ ରଥ ୨୫ ରନ କରିଥିଲେ। ବିଜୟୀ ଦଳର ସୁମିତ ରୁଇକର ୩ ଓଭରରେ ୧୨ ରନ ଦେଇ ୪ଟି ଏବଂ ଅଜୟ ମଣ୍ଡଳ ୨ଟି ଉଇକେଟ ନେଇଥିଲେ। ଛତିଶଗଡ଼ ବିପକ୍ଷରେ ଓଡ଼ିଶା ଏହାର ତୃତୀୟ ମ୍ୟାଚ ୨୩ ତାରିଖରେ ଖେଳିବ। ସିରିଜର ପ୍ରଥମ ମ୍ୟାଚରେ ଓଡ଼ିଶାକୁ ଛତିଶଗଡ଼ ୬ ଉଇକେଟରେ ପରାସ୍ତ କରିଥିଲା।

# କ୍ୱାର୍ଟରଫାଇନାଲରେ ହାରିଲେ ସିନ୍ଧୁ

**ଓଡେନ୍ସ, ୨୨।୧୦ (ପି.ଟି.)**

ଭାରତର ଡବଲ ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଡେନମାର୍କ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ବିଶ୍ୱର ୮ ନମ୍ବର ମାନ୍ୟତାପ୍ରାପ୍ତ ତଥା କୋରିଆର ଆନ୍ ସେୟଙ୍ଗଙ୍କଠାରୁ ସେ ୧୧-୨୧, ୧୨-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ମାତ୍ର ୩୬ମିନିଟ୍‌ରେ ଶେଷ ହୋଇଥିଲା। ଅନ୍ୟପକ୍ଷରେ ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆଣ୍ଡରସନ ଆଣ୍ଟନସେନଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ଭାରତର ସମୀର ବର୍ମା ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଲକ୍ଷ୍ୟ ସେନ୍ କିନ୍ତୁ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ତିନୋଟି ଟାଇଟଲ ଜିତିବା ପରେ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବିଶ୍ୱର ୨୮ ନମ୍ବର ମାନ୍ୟତାପ୍ରାପ୍ତ ସମୀର ଚମତ୍କାର ପ୍ରଦର୍ଶନ କରି ସ୍ଥାନୀୟ ହିରୋ ଆଣ୍ଟନସେନଙ୍କୁ ୨୧-୧୪, ୨୧-୧୮ରେ ପରାସ୍ତ କରିଥିଲେ। ମଧ୍ୟପ୍ରଦେଶର ଏହି ୨୭ବର୍ଷୀୟ ଖେଳାଳି ୨୦୧୪ ୱାର୍ଲ୍ଡ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଟମି ସୁଗିଆର୍ତ୍ତୋଙ୍କ ସହ ମୁକାବିଲା କରିବେ। ଅନ୍ୟପକ୍ଷରେ ଲକ୍ଷ୍ୟଙ୍କ ପାଇଁ ମ୍ୟାଚ ଜିତିବା କଷ୍ଟସାଧ୍ୟ ଥିଲା। ପ୍ରତିଯୋଗିତାର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଅଲିମ୍ପିକ ଚାମ୍ପିୟନ ଭିକ୍ଟର ଏକ୍ସେଲସେନ୍ ତାଙ୍କୁ ୨୧-୧୫, ୨୧-୭ରେ ହରାଇ ଦେଇଥିଲେ।




# କ୍ୱାର୍ଟରରେ ଓଡ଼ିଶା ବାଳିକା, ବାଳକ ଦଳ

**ଭୁବନେଶ୍ୱର, ୨୨।୧୦ (କ୍ରୀଡ଼ା ପ୍ରତିନିଧି)**

ଉତ୍ତର ପ୍ରଦେଶର ଗୋରଖପୁର ଠାରେ ଚାଲିଥିବା ୩୧ତମ ଜାତୀୟ ଜୁନିୟର ଥ୍ରୋ-ବଲ୍ ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଓ ବାଳକ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବାଳକ ବିଭାଗରେ ଓଡ଼ିଶା ୧୫-୧, ୧୫-୦ରେ ମଧ୍ୟଭାରତ ଓ ୧୫-୪, ୧୫-୨ ପଏଣ୍ଟରେ ଝାଡ଼ଖଣ୍ଡକୁ ହରାଇଥିବାବେଳେ ଆନ୍ଧ୍ର ପ୍ରଦେଶଠାରୁ ୧୨-୧୫, ୧୫-୧୧ ଓ ୧୩-୧୫ରେ ହାରି ଯାଇଥିଲା। ସେହିପରି

**ଜାତୀୟ ସିନିୟର ଥ୍ରୋ-ବଲ୍**

ବାଳିକା ବିଭାଗରେ ଓଡ଼ିଶା ୧୫-୨, ୧୫-୦ରେ ପଞ୍ଜାବକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଉତ୍ତର ପ୍ରଦେଶଠାରୁ ୧୩-୧୫, ୧୫-୧୧, ୧୨-୧୫ ସେଟ୍‌ରେ ହାରି ଯାଇଥିଲା। ତେବେ ପୁଲ୍‌ର ଦ୍ୱିତୀୟ ଦଳଭାବେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏସ. ଜଗା ରେଡ୍ଡି ଓଡ଼ିଶା ଦଳର କୋଚ୍ ଅଛନ୍ତି।




ଜାତୀୟ ଜୁନିୟର ଥ୍ରୋ-ବଲ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ବାଳିକା ଓ ବାଳକ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

# ଆଲେକ୍ଜାଣ୍ଡ୍ରୋଭା ସେମିରେ

**ମସ୍କୋ, ୨୨।୧୦ (ଏପି):** ଦ୍ୱିତୀୟ ର୍‍ୟାଙ୍କିଙ୍ଗପ୍ରାପ୍ତ ବେଲାରୁଷର ଏକାଟରିନା ଆଲେକ୍ଜାଣ୍ଡ୍ରୋଭା କ୍ରେମ୍‌ଲିନ୍ କପ୍ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଆରିନା ସାବାଲେଙ୍କାଙ୍କୁ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। କରୋନାରୁ ସୁସ୍ଥ ହେବା ପରେ ସାବାଲେଙ୍କାଙ୍କର ଏହା ହେଉଛି ପ୍ରଥମ ଟୁର୍ନାମେଣ୍ଟ। ପ୍ରତିଯୋଗିତାରେ ୨ଟି ମ୍ୟାଚ ପରେ ତାଙ୍କ ଅଭିଯାନ ଶେଷ ହୋଇଛି। ଆଲେକ୍ଜାଣ୍ଡ୍ରୋଭା ସେମିଫାଇନାଲରେ ମାରିଆ ସାକାରି କିମ୍ବା ସିମୋନା ହାଲେପ୍‌ଙ୍କୁ ଭେଟିବେ। ମାର୍କେଟା ଭନ୍ଦ୍ରୋସୋଭା ଆନାସ୍ତାସିଆ ପ୍ୟାଭଲ୍ୟୁଚେଙ୍କୋଭାଙ୍କୁ ୬-୪, ୬-୨ସେଟ୍‌ରେପରାସ୍ତକରିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୩/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Saturday, October 23/2021 | ପୃଷ୍ଠା-୧



**ନଭେମ୍ବର ୨୫ରେ ଆସିବ 'ସତ୍ୟମେବ ଜୟତେ ୨'**

ଜନ୍ ଆବ୍ରାହମ ଏବଂ ଦିବ୍ୟା ଖୋସଲା କୁମାରଙ୍କ ଅଭିନୀତ ଫିଲ୍ମ 'ସତ୍ୟମେବ ଜୟତେ ୨' ନଭେମ୍ବର ୨୫ରେ ରିଲିଜ ହେବାକୁ ଯାଉଛି।

୦୭

୦୮

**ଡେଭିଡ ୱିଜିଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

ଟି୨୦ କ୍ରିକେଟ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଅଲରାଉଣ୍ଡ ପ୍ରଦର୍ଶନ କରି ନାମ୍ବିଆକୁ ବିଜୟୀ କରାଇଛନ୍ତି ଡେଭିଡ ୱିଜି।






ମୟୂରଭଞ୍ଜ ଜିଲା ବାରିପଦାଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଅଛନ୍ତି।

# ଅମ୍ବାନୀ, ଆର୍‌ଏସ୍‌ଏସ୍ ପଦାଧିକାରୀଙ୍କ ଡିଲ୍ ମଞ୍ଜୁରୀ ପାଇଁ ୩୦୦ କୋଟି ଲାଞ୍ଚ ଯାଚିଥିଲେ

## ସାଂଘାତିକ ଅଭିଯୋଗ ଆଣିଲେ ଜମ୍ମୁ-କଶ୍ମୀର ପୂର୍ବତନ ରାଜ୍ୟପାଳ

**ନୂଆଦିଲ୍ଲୀ,୨୨।୧୦**

ସତ୍ୟପାଲ ମଲ୍ଲିକ ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିବାବେଳେ ଶିଳ୍ପପତି ଅନିଲ ଅମ୍ବାନୀ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଜଣେ ପଦାଧିକାରୀଙ୍କ ଡିଲ୍‌କୁ ମଞ୍ଜୁରୀ ଦେବା ଲାଗି ତାଙ୍କୁ ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯାଇଥିଲା। ତେବେ ଉକ୍ତ ଡିଲ୍‌ଗୁଡ଼ିକରେ ଦୁର୍ନୀତି ହୋଇଥିବାରୁ ସେଗୁଡ଼ିକୁ ସେ ବାତିଲ କରିଦେଇଥିଲେ। ବର୍ତ୍ତମାନ ମେଘାଳୟ ରାଜ୍ୟପାଳ ଥିବା ସତ୍ୟପାଲ ମଲିକ ଏବେ ଏହି ବିଷୟ ପ୍ରଘଟ କରିଛନ୍ତି, ଯାହାକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି।

ସତ୍ୟପାଲଙ୍କୁ ୨୦୧୮ ଅଗଷ୍ଟ ୨୧ରେ ଜମ୍ମୁ-କଶ୍ମୀର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା। ୨୦୧୯ ଅକ୍ଟୋବରରେ ତାଙ୍କୁ ଗୋଆ ରାଜ୍ୟପାଳ ଭାବେ ବଦଳି କରାଯାଇଥିଲା। ଏନେଇ ସତ୍ୟପାଲ କହିଛନ୍ତି, ଜମ୍ମୁ-କଶ୍ମୀର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିବା ମାତ୍ରେ ତାଙ୍କ ଟେବୁଲକୁ ଦୁଇଟି ଫାଇଲ ଆସିଥିଲା। ଗୋଟିଏ



ସତ୍ୟପାଲ ମଲିକ

ଫାଇଲ ଅମ୍ବାନୀଙ୍କ ହୋଇଥିବାବେଳେ ଅନ୍ୟ ଫାଇଲଟି ଆର୍‌ଏସ୍‌ଏସ୍‌ର ଜଣେ ବରିଷ୍ଠ ପଦାଧିକାରୀଙ୍କର। ପ୍ରତ୍ୟେକ ଡିଲ୍ ପାଇଁ ତାଙ୍କୁ ୧୫୦ କୋଟି ଟଙ୍କା ଦିଆଯିବ ବୋଲି ବିଭାଗୀୟ ସଚିବମାନେ କହିଥିଲେ। ଦୁଇଟି ଯାକ ଫାଇଲରେ ଦୁର୍ନୀତିର ଛିଟା ଲାଗିଥିବା ଜାଣିବା ପରେ ସେ ଉଭୟ ଡିଲ୍‌କୁ ବାତିଲ କରିଦେଇଥିଲେ। ସଚିବମାନଙ୍କୁ ସତ୍ୟପାଲ କହିଥିଲେ, ସେ ସେଠାକୁ ୫ ହଳ କୁର୍ତ୍ତାପାଇଜାମା ନେଇ ଆସିଛନ୍ତି ଏବଂ ତାକୁ ନେଇ ଫେରିବେ ବୋଲି ରବିବାର ରାଜସ୍ଥାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସତ୍ୟପାଲ କହିଥିଲେ। ଗୁରୁବାର ଟୁଇଟରରେ ଏ ସମ୍ପର୍କିତ ଏକ ଭିଡିଓ ଶେୟାର କରାଯାଇଛି।

ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳଙ୍କ ପାଖକୁ ଆସିଥିବା ଗୋଟିଏ ଫାଇଲ ସ୍ୱାସ୍ଥ୍ୟ ବୀମା ନୀତି ସମ୍ପର୍କିତ ଥିଲା। ତତ୍କାଳୀନ ଜମ୍ମୁ-କଶ୍ମୀର ରାଜ୍ୟର ସରକାରୀ କର୍ମଚାରୀ, ଖବରଦାତା ଓ ☞ପୃଷ୍ଠା-୬

# 'ଚିକିତ୍ସା ପାଇଁ ଜମି ବିକିବା ଦୁଃଖ ଦେଉଛି'

## ମୟୂରଭଞ୍ଜରେ ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ବ୍ୟୁରୋ)/ ବାରିପଦା ଅଫିସ,୨୨।୧୦**

ଗରିବ ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ିଲେ ଚିକିତ୍ସା ପାଇଁ ଜମିବାଡ଼ି ବିକିବାକୁ ବାଧ ହୁଅନ୍ତି। ପିଲାଙ୍କ ପାଠପଢ଼ା ବନ୍ଦ କରନ୍ତି। ଏହା ବହୁତ ଦୁଃଖ ଦେଇଥାଏ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବଣ୍ଟନ କରାଯାଉଥିବା ସ୍ମାର୍ଟ ହେଲଥ୍ କାର୍ଡ ବିପଦ ସମୟରେ ଗରିବଙ୍କ ବନ୍ଧୁ ହୋଇପାରିବ। ଏହା ସେମାନଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବ। ଶୁକ୍ରବାର ମୟୂରଭଞ୍ଜ ଜିଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆଶାବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ୨୦୨୧ ସେପ୍ଟେମ୍ବରରେ ସ୍ୱାସ୍ଥ୍ୟସେବା ଇତିହାସରେ ଏକ ନୂଆ ଯୁଗ ଆରମ୍ଭ କରିଛି। ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲଥ୍ କାର୍ଡ ଜରିଆରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ କରୋନା ସମୟରେ ସବୁ ରୋଗୀଙ୍କ ପାଇଁ ଟେଷ୍ଟିଂଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ମୟୂରଭଞ୍ଜ ଜିଲାର ୨୧ ଲକ୍ଷ ୩୮ ହଜାର ୯୪୧ ହିତାଧିକାରୀଙ୍କୁ ମିଶାଇ ରାଜ୍ୟର ମୋଟ୍ ୯୬ ଲକ୍ଷ ପରିବାରର ସାଢ଼େ ତିନି କୋଟି ଲୋକ ଉପକୃତ ହେବେ। ଏହାଦ୍ୱାରା ଗରିବ ଲୋକମାନେ ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ। ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ଼ ହସ୍ପିଟାଲରେ ଭଲ ଚିକିତ୍ସା ପାଇପାରିବେ। ଚାଷୀ ହୁଅନ୍ତୁ ଅବା ମୂଲିଆ କି ରିକ୍ସାବାଲା, ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ। ଏହା ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ମୟୂରଭଞ୍ଜ ଜିଲାରେ ବିକାଶ କାମକୁ ତ୍ୱରାନ୍ୱିତ କରାଯାଉଛି। ଗତ ଜୁଲାଇରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ କେନାଲରୁ ପାଣି ଛଡ଼ାଯାଇଥିବା ବେଳେ ୯୪ ଗାଁର ୧୫ ହଜାର ହେକ୍ଟର ଜମି ପାଣି ପାଉଛି। ଜିଲାର ସବୁ ପରିବାରକୁ ପାଇପ ପାଣି ଯୋଗାଇ ଦେବା ପାଇଁ ୩୨୦୦ କୋଟି ଟଙ୍କାର ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି ଧାରାକୁ ଆଗେଇ ନେଇ ଆହୁରି ୨୩୦୦ କୋଟି ଟଙ୍କାର ୫୦୦ରୁ ଅଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାରମ୍ଭରେ ମୟୂରଭଞ୍ଜ ମାଟିରେ ଜନ୍ମଗ୍ରହଣ କରିଥିବା ମହାପୁରୁଷ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ରଘୁନାଥ ମୁର୍ମୁ, ଗୁରୁ ରୋହିଦାସ ସିଂ ନାଗଙ୍କୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରମୁଖ ଯୋଗଦେଇ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା କରୋନା ସମୟରେ ୧୮ଟି ରାଜ୍ୟକୁ ଅକ୍ସିଜେନ ଯୋଗାଇ ବହୁ ଜୀବନ ରକ୍ଷା କରିପାରିଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ହେଲ୍‌ଥ କାର୍ଡ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଦେବା ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ମନ୍ତ୍ରୀମାନେ କହିଥିଲେ। ଏହି ଅବସରରେ ବିଶୋଇ ଅଞ୍ଚଳର ସୁଲୋଚନା ମହାକୁଡ଼ ଓ ସଞ୍ଜୁ ନାଏକ, ଉଦଳାର ଶାନ୍ତିଲତା ବେହେରା ଓ ଦୁଲାରୀ ମୁର୍ମୁ, ବାରିପଦା ମ୍ୟୁନିସିପାଲିଟିର ଗୁରୁପ୍ରୀତ କୌର ଓ ରୁକ୍‌ସାନା ବିବି, ଶାମାଖୁଣ୍ଟାର ରଇବାରୀ ମହାନ୍ତ, ମୋରଡ଼ାର ଚଗଲି ନାଏକ ଓ କରଞ୍ଜିଆର ସୁମତି ଶଙ୍ଖିଆଳା ଏବଂ ଯଶୋମତି ନାୟକଙ୍କୁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ କାର୍ଡ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ସ୍ୱାଗତ ଅଭିଭାଷଣ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ୨୬ଟି ବ୍ଲକ, ୨ଟି ଏନ୍‌ଏସି ଓ ୨ଟି ମ୍ୟୁନିସିପାଲିଟିରେ ୨୦ ମନ୍ତ୍ରୀଙ୍କ ସହ ରାଜ୍ୟ ସଭା ସଦସ୍ୟମାନେ ଉପସ୍ଥିତ ରହି ସ୍ମାର୍ଟକାର୍ଡ ବଣ୍ଟନ କରିଥିଲେ।

## ବିନା ଛୁଞ୍ଚିରେ କରୋନା ଟିକା ନେବେ ଶିଶୁ

### ୧୨ରୁ ୧୮ ବର୍ଷର ପିଲାଙ୍କୁ ଦିଆଯିବ 'ଜାଇପର ଡି' ଟିକା

**ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)**

କରୋନା ମହାମାରୀରୁ ଶିଶୁଙ୍କୁ ସୁରକ୍ଷିତ ରଖିବା ପାଇଁ ଖୁବ୍‌ଶୀଘ୍ର ଟିକାକରଣ ଆରମ୍ଭ ହେବ। ପିଲାଙ୍କ ମନରେ ଭୟ ଦୂର କରିବା ଲାଗି ବିନା ଛୁଞ୍ଚିରେ ଟିକା ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୨ରୁ ୧୮ ବର୍ଷ ବୟସର ପିଲାଙ୍କୁ ଜାଇପର ଡି ଟିକା ଦେବାକୁ ଡ୍ରଗ୍ସ ଆଣ୍ଡ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଅନୁମତି ଦେଇଛନ୍ତି। ବିନା ଛୁଞ୍ଚିରେ ଫର୍ମାଡେପ୍‌ଥ ଟେକ୍ନୋଲୋଜି ମାଧ୍ୟମରେ ଏହି ଟିକା ଦିଆଯିବ। ପ୍ରତ୍ୟେକେ ଦୁଇ ଡୋଜ୍ ନେବାକୁ ପରାମର୍ଶ ରହିଛି। ସେହିପରି ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ୍ ଟିକା ପିଲାଙ୍କୁ ଦେବା ପାଇଁ ଡିସିଜିଆଇ ଜରୁରୀକାଳୀନ ଅନୁମତି ପ୍ରଦାନ କରିଥିବାବେଳେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି। ତେବେ ଏହି ଟିକାକରଣ ପାଇଁ ଶୁକ୍ରବାରଠାରୁ ଭିଡିଓ କନ୍‌ଫରେନ୍ସରେ ତାଲିମ ଆରମ୍ଭ ହୋଇଛି। ଏବେ ରାଜ୍ୟରେ ୨ବର୍ଷରୁ ୧୮ବର୍ଷ ପର୍ଯ୍ୟନ୍ତ ଟିକା ନେବାକୁ ☞ପୃଷ୍ଠା-୬

## ଚାଳକବିହୀନ 'ଅଭ୍ୟାସ'ର ପରୀକ୍ଷଣ



'ଅଭ୍ୟାସ'ର ପରୀକ୍ଷଣ କରାଯାଉଛି।

**ବାଲେଶ୍ୱର ଅଫିସ, ୨୨।୧୦**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ 'ଆଇଟିଆର'ରୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ) ପକ୍ଷରୁ ଶୁକ୍ରବାର ଚାଳକ ବିହୀନ ଦ୍ରୁତଗାମୀ ଟାର୍ଗେଟ୍ ଏୟାରକ୍ରାଫ୍ଟ 'ଅଭ୍ୟାସ'ର ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ସଫଳ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। 'ଅଭ୍ୟାସ' ରାଡ଼ାର ଓ ଇଲେକ୍ଟ୍ରୋଅପଟିକ ସିଷ୍ଟମ୍ ଦ୍ୱାରା ପରିଚାଳିତ ହୋଇଥାଏ। ବିଭିନ୍ନ କ୍ଷେପଣାସ୍ତ୍ର ଓ ବିମାନର ପରୀକ୍ଷଣ ବେଳେ ଏହାକୁ ଆକାଶରେ ଦ୍ରୁତଗତିରେ ଯାଉଥିବା ଏକ ଟାର୍ଗେଟ୍ ଭାବରେ ବ୍ୟବହାର କରାଯିବ ବୋଲି ଡିଆରଡିଓ ପକ୍ଷରୁ ସୂଚିତ କରାଯାଇଛି।

## ଧରାପଡ଼ିଲା ମଣିଷଖିଆ ବାଘ



**ଉମରକୋଟ/ରାଇଘର, ୨୨।୧୦(ସ୍ୱ.ପ୍ର./ଡି.ଏନ୍.ଏ)**

ଛତିଶଗଡ଼ ସିହାୱା ଜଙ୍ଗଲରେ ରହି ଲୋକଙ୍କୁ ମାରୁଥିବା କଲରାପତରିଆ ବାଘକୁ ସେଠାକାର ବନ ବିଭାଗ କାବୁ କରିଛି। ବାଘଟିକୁ ବର୍ତ୍ତମାନ ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଜନବସତି ସହ ସମ୍ପର୍କ ନ ଥିବା ଘଞ୍ଚ ଜଙ୍ଗଲରେ ବାଘଟିକୁ ଛଡ଼ାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାନୁଯାୟୀ, ଗତ ୧୧ ତାରିଖ ସନ୍ଧ୍ୟାରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଡୁରୁଡିହି ଗ୍ରାମର ଅବିନାଶ ମର୍କାମ (୬)ଙ୍କୁ ବାଘ ଝାମ୍ପି ନେଇ ଜଙ୍ଗଲକୁ ପଳାଇଥିଲା। ଜଙ୍ଗଲରୁ ଅବିନାଶଙ୍କ ମୃତଦେହ ମିଳିଛି। ପୂର୍ବରୁ ମଧ୍ୟ ବାଘ ଏପରି ଅନେକ ଲୋକଙ୍କୁ ମାରିଥିବା ଅଭିଯୋଗ ହୋଇଥିଲା। ଅବିନାଶଙ୍କ ମୃତ୍ୟୁ ପରେ ବାଘକୁ ଧରିବାକୁ ଲୋକେ ଦାବି କରିଥିଲ। ସିହାୱା ବନ ବିଭାଗ ବିଭିନ୍ନ ସ୍ଥାନରେ ୪ଟି ଯନ୍ତା ବସାଇଥିଲା। ଗୁରୁବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ବାଘଟି କାଳୀ ଗୁମ୍ଫା ନିକଟକୁ ଆସିଥିଲା। ସେଠାରେ ଥିବା ଯନ୍ତାରେ ରଖାଯାଇଥିବା ଛେଳିକୁ ଖାଇବାକୁ ଉଦ୍ୟମ କରିବା ବେଳେ ବନ କର୍ମଚାରୀମାନେ ପିଞ୍ଜରାକୁ ବନ୍ଦକରି ବାଘକୁ କାବୁ କରିବାରେ ସଫଳ ହୋଇଛନ୍ତି।

## ନଭେମ୍ବର ୨୯ରୁ ଶୀତ ଅଧିବେଶନ



**ନୂଆଦିଲ୍ଲୀ, ୨୨।୧୦(ପି.ଟି.):** ପାର୍ଲାମେଣ୍ଟର ଶୀତ ଅଧିବେଶନ ନଭେମ୍ବର ଚତୁର୍ଥ ସପ୍ତାହରୁ କୋଭିଡ୍-୧୯ କଟକଣା ଅନୁସାରେ ଆରମ୍ଭ ହୋଇପାରେ। ଅଧିବେଶନରେ ୨୦ଟି କାର୍ଯ୍ୟଦିବସ ରହିବା ସହ ଖ୍ରୀଷ୍ଟମାସ୍ ପୂର୍ବରୁ ଶେଷ ହେବା ନେଇ ସଂସଦୀୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ କରୋନା ମହାମାରୀ ଯୋଗୁ ଗତବର୍ଷ ଶୀତ ଅଧିବେଶନ ବନ୍ଦ ରହିଥିବା ବେଳେ ବଜେଟ ଅଧିବେଶନ ଓ ମୌସୁମୀ ଅଧିବେଶନକୁ କାଟଛାଣ୍ଟ କରାଯାଇଥିଲା। ସରକାରୀ ଭାବେ ଶୀତ ଅଧିବେଶନ ସମ୍ପର୍କରେ କୌଣସି ନିଷ୍ପତ୍ତି ଏପର୍ଯ୍ୟନ୍ତ ଘୋଷଣା ହୋଇ ନ ଥିବାବେଳେ ନଭେମ୍ବର ୨୯ରୁ ଏହା ଆରମ୍ଭ ହୋଇ ଡିସେମ୍ବର ୨୩ ସୁଦ୍ଧା ଶେଷ ହେବ ବୋଲି ଉପରୋକ୍ତ ସୂତ୍ରରୁ ଜଣାପଡ଼ିଛି। ଅଧିବେଶନ ବେଳେ ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ପ୍ରବେଶ କରୁଥିବା ସମସ୍ତଙ୍କୁ ମାସ୍କ ପିନ୍ଧିବା ସହ କୋଭିଡ୍ ପରୀକ୍ଷା କରାଇବାକୁ ହେବ।

# ସବୁଜିମାରେ ଭରିଲା ଲଣ୍ଡା ପାହାଡ଼

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

ମହିଳାଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିର ଉନ୍ନତି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ସରକାରଙ୍କ ବିଭିନ୍ନ ବିଭାଗର ସହଭାଗିତାରେ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି। ଏହି ସହଭାଗିତା ଯୋଜନାର ସଫଳ ରୂପାୟନ ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସାହାସପୁର ପଞ୍ଚାୟତ ସାଲେସିଂ ଗ୍ରାମରେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏହି ଗ୍ରାମକୁ ୨୦୧୮ ମସିହାରେ ହାତକୁ ନେଇଥିଲା। ସେତେବେଳେ ଲୋକଙ୍କ ଜୀବନଜୀବିକାର ଉନ୍ନତି ସହ ଗ୍ରାମ ନିକଟରେ ଥିବା ଶୁଗୁଲିଆ ଶିକ ନାମକ ଲଣ୍ଡା ପାହାଡ଼କୁ ସବୁଜିମା କରିବା ଲକ୍ଷ୍ୟ ରହିଥିଲା। ଏବେ ଏହି ଲକ୍ଷ୍ୟ ପୂରା ହୋଇଛି। ଲଣ୍ଡା ପାହାଡ଼ ସବୁଜିମା ହୋଇଥିବା ବେଳେ ଗ୍ରାମର ଅଧିକାଂଶ ପରିବାର ସଦସ୍ୟ ବିଭିନ୍ନ ଯୋଜନାରେ ସାମିଲ ହୋଇ ଲାଭ ପାଉଛନ୍ତି। ଛତୁ ଚାଷ, ମାଛ ଚାଷ, କୁକୁଡ଼ା ଚାଷ କରିବା ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଖନନ କରି ରୋଜଗାର ସୃଷ୍ଟି କରିପାରିଛନ୍ତି। ଏହା ଦ୍ୱାରା ଆର୍ଥିକ ଓ ସାମାଜିକ ସ୍ଥିତିରେ ସୁଧାର ଆସିଥିବା ଗ୍ରାମର ରୁନୁ ମଲ୍ଲିକ, ଜ୍ୟୋତି ସେଠ ପ୍ରମୁଖ କହିଛନ୍ତି।

ସେମାନେ ଆହୁରି କହିଛନ୍ତି, ପୂର୍ବରୁ ଅନେକ ସମସ୍ୟା ମଧ୍ୟରେ ପରିବାର ଚଳାଇବାକୁ ପଡୁଥିଲା। ନିକଟରେ ଥିବା ପାହାଡ଼ ଲଣ୍ଡା ହୋଇରହିଥିଲା। ୩ବର୍ଷ ପୂର୍ବେ ବନ ବିଭାଗ ପକ୍ଷରୁ ପ୍ରଥମେ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ମତ୍ସ୍ୟ ବିଭାଗ, ପ୍ରାଣୀଧନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ମିଶନ ଶକ୍ତି, ଭାରତୀୟ ଷ୍ଟେଟବ୍ୟାଙ୍କ ପକ୍ଷରୁ ତାଲିମ ଦିଆଯାଇଥିଲା। ଗ୍ରାମର ଅଧିକାଂଶ ପରିବାର ଏହି ଯୋଜନାରେ ସାମିଲ ହୋଇଛନ୍ତି। ୪୨ ପରିବାର କୁକୁଡ଼ା ପାଳନ କରୁଥିବାବେଳେ ୫ ଗୋଟି ଏସ୍‌ଏଚ୍‌ଜିକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସେହିପରି ମା' ଶିବାନୀ ଏସ୍‌ଏଚ୍‌ଜି ସଦସ୍ୟ ମତ୍ସ୍ୟଚାଷ କରୁଛନ୍ତି। ସେମାନେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ମାଛ ଚାଷରେ ବର୍ଷକୁ ପ୍ରାୟ ଅଢେଇ ଲକ୍ଷ ଟଙ୍କା ରୋଜଗାର ହୋଇପାରୁଛି। ଏବେ ପରିବାର ପ୍ରତିପୋଷଣରେ ପୂର୍ବଭଳି ସମସ୍ୟା ରହୁ ନାହିଁ। ଅନ୍ୟପଟେ ଗ୍ରାମ ନିକଟରେ ଥିବା ଲଣ୍ଡା ପାହାଡ଼ ସାଲେସିଂ ବନ ସୁରକ୍ଷା ସମିତି ଉଦ୍ୟମରେ ସବୁଜିମାରେ ପରିଣତ ହୋଇଛି। ବନ ବିଭାଗ ପକ୍ଷରୁ ୩ ବର୍ଷରେ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇଛି। ଏଠାରେ ୩୦ ହଜାରରୁ ଅଧିକ ଚାରା ରୋପଣ ହୋଇଛି। ବନ ସୁରକ୍ଷା ସମିତି ସଦସ୍ୟାସଦସ୍ୟ ଏହାର ରକ୍ଷଣାବେକ୍ଷଣ କରୁଛନ୍ତି। ଯତ୍ନ ନେବାଠାରୁ ସୁରକ୍ଷା ଦେବା ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଉଛନ୍ତି। ୩୨ ହେକ୍ଟର ଜମିରେ ପିଜୁଳି, ଜାମୁ, ଅଁଳା, କୁସୁମ, ତେନ୍ତୁଳି, ମହାଲିଙ୍ଗ, ଡୁଙ୍ଗୁରୀ, ☞ପୃଷ୍ଠା-୬



ବନ ସୁରକ୍ଷା ସମିତି ପକ୍ଷରୁ ଗଛଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉଛି।

**ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ**

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ଦରଖାସ୍ତଗୁଡ଼ିକର ଶୁଣାଣି ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକଠାରେ Video Conferencing ମାଧ୍ୟମରେ ତା୨୫।୧୦।୨୦୨୧ ଏବଂ ୨୬।୧୦।୨୦୨୧ ରିଖକୁ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ କେତେକ ଅନିବାର୍ଯ୍ୟ କାର ବଶତଃ ଉକ୍ତ ଶୁଣାଣି ବୈଠକ ତା୧୧।୧୧।୨୦୨୧ ଏବଂ ୧୨।୧୨।୨୦୨୧ରିଖକୁ ଘୁଞ୍ଚାଇ ଦିଆଯାଇଛି।


ସ୍ୱା./- ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା, କଟକ

**ଦୁର୍ଗାପୂଜା ପରେ କୋଲକାତାରେ ଦୁଇଗୁଣା ସଂକ୍ରମଣ**

ପଶ୍ଚିମବଙ୍ଗରେ ଦୁର୍ଗାପୂଜା ବେଳେ କୋଭିଡ୍ କଟକଣା ଉଲ୍ଲଂଘନ କରାଯାଇଥିବାରୁ ସଂକ୍ରମଣ ବୃଦ୍ଧି ପାଇଛି। କୋଲକାତାରେ ସଂକ୍ରମଣ ଦୁଇଗୁଣା ହୋଇଥିବାରୁ ସୋମବାରଠାରୁ ପୁଣିଥରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଗତ ଶୁକ୍ରବାର କୋଲକାତାରେ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସପ୍ତାହେ ପରେ ସେଠାରେ ଦୈନିକ ସଂକ୍ରମଣ ୨୪୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୫୦ ଜଣ ସମ୍ପୂର୍ଣ୍ଣ ଟିକା ନେଇଥିବାବେଳେ ୧୫ ଜଣ ଗୋଟିଏ ଡୋଜ୍ ନେଇଛନ୍ତି।

# ଟିକାକରଣ: ଭାରତ ବନାମ ଅବଶିଷ୍ଟ ବିଶ୍ୱ

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭାରତର କରୋନା ନିରୋଧୀ ଟିକାକରଣ ସଫଳତା ବଖାଣିବାକୁ ଯାଇ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି। ସରକାରଙ୍କ ସାମର୍ଥ୍ୟକୁ ନେଇ ପ୍ରଶ୍ନ କରୁଥିବା ଲୋକଙ୍କୁ ଉପଯୁକ୍ତ ଜବାବ ମିଳିଥିବା ସେ କହିଛନ୍ତି। କଂଗ୍ରେସ ମତରେ ମୋଦି ଓ ତାଙ୍କ ମନ୍ତ୍ରୀମାନେ ଭୁଲ୍ ତଥ୍ୟ ଦେଇ ଦେଶବାସୀଙ୍କୁ ଭ୍ରମିତ କରୁଛନ୍ତି। ତେବେ ଭାରତର ଟିକାକରଣକୁ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହ ତୁଳନା କଲେ ସଫଳତାର ବାସ୍ତବତା ଜାଣି ହେଉଛି।**




**ନୂଆଦିଲ୍ଲୀ,୨୨।୧୦**

ଭାରତୀୟଙ୍କୁ ୧୦୦ କୋଟି ଡୋଜ୍ ଟିକାଦାନ ପାଇଁ ୨୮୧ ଦିନ ଲାଗିଛି। ଭାଜପା ଏହାକୁ ଏକ ବଡ଼ ସଫଳତା ବୋଲି ନିଜ ପିଠି ନିଜେ ଥାପୁଡ଼ାଉଥିବାବେଳେ କେନ୍ଦ୍ରର ମୋଦି ସରକାର ଭୁଲ୍ ତଥ୍ୟ ଦେଇ ଦେଶକୁ ଭ୍ରମିତ କରୁଥିବା ବିରୋଧୀ ସମାଲୋଚନା କରିଛନ୍ତି। କୋଭିଡ୍ -୧୯ ମହାମାରୀରୁ ଲୋକଙ୍କୁ ମୁକ୍ତ କରିବା ପାଇଁ ଚାଲିଥିବା ଟିକାକରଣର ଗତିକୁ ଦେଖିଲେ ଦେଶବାସୀ ଆଶ୍ୱସ୍ତ ହେଉଛନ୍ତି। କାରଣ ଯକ୍ଷ୍ମା ଟିକାଦାନରେ ୧୦୦ କୋଟି ଡୋଜ୍ ମାଇଲଖୁଣ୍ଟ ଅତିକ୍ରମ କରିବା ପାଇଁ ଭାରତକୁ ୩୨ ବର୍ଷ ଲାଗିଥିଲା। ସେହିପରି ପୋଲିଓ ନିରାକରଣ ଲାଗି ୧୦୦ କୋଟି ଡୋଜ୍ ଟିକାକରଣ ସକାଶେ ୨୦ ବର୍ଷ ଲାଗିଥିଲା। ସଂଖ୍ୟା ଦୃଷ୍ଟିରୁ ବିଚାର କଲେ କେବଳ ଭାରତ ଓ ଚାଇନା ବିଲିୟନ୍ ଡୋଜ୍ କ୍ଲବ୍‌ରେ ସାମିଲ ହୋଇପାରିଛନ୍ତି। ଅନ୍ୟ କୌଣସି ରାଷ୍ଟ୍ର ନିଜ ନାଗରିକଙ୍କୁ ଏଯାଏ ୧୦୦ କୋଟି ଡୋଜ୍ ଟିକା ଦେଇନାହାନ୍ତି। ଭାକ୍ସିନ ଟ୍ରାକରର ବୈଶ୍ୱିକ ତଥ୍ୟକୁ ଅନୁଶୀଳନ କଲେ ଜଣାପଡ଼େ ଯେ, ଟିକାକରଣ କ୍ଷେତ୍ରରେ ଭାରତର ସ୍ଥାନ ହେଉଛି ଦ୍ୱିତୀୟରେ। ଭାରତ ପଛରେ ଅଛନ୍ତି ଆମେରିକା, ବ୍ରାଜିଲ, ଜାପାନ, ଇଣ୍ଡୋନେସିଆ, ତୁର୍କୀ, ମେକ୍ସିକୋ, ଜର୍ମାନୀ, ଫ୍ରାନ୍ସ, ରୁଷିଆ ଏବଂ ବ୍ରିଟେନ ଭଳି ରାଷ୍ଟ୍ର। କେନ୍ଦ୍ର ସରକାରଙ୍କ ମତରେ ଭାରତରେ ଜାପାନ ତୁଳନାରେ ୫, ଜର୍ମାନୀ ଅପେକ୍ଷା ୯ ଏବଂ ଫ୍ରାନ୍ସ ତୁଳନାରେ ୧୦ ଗୁଣ ଟିକା ଦିଆଯାଇଛି। କିନ୍ତୁ ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏଥିରେ ନାଟକୀୟ ଭାବେ ଫରକ ଦେଖିବାକୁ ମିଳୁଛି। ଜନ୍ସ ହୋପ୍‌କିନ୍ସ ୟୁନିଭର୍ସିଟିର ତଥ୍ୟାନୁସାରେ ଏହି କ୍ଷେତ୍ରରେ ୮୭.୨୬% ଟିକାକରଣ ସହ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ୟୁଏଇ ପଛକୁ ପର୍ତ୍ତୁଗାଲ, ମାଲ୍ଟା, ସିଙ୍ଗାପୁର ଓ ସ୍ପେନ୍ ରହିଛନ୍ତି। ଏହି ଦେଶଗୁଡ଼ିକର ୮୦%ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯାଇସାରିଛି। ସେହିପରି ଚାଇନାର ୭୪.୯୭ ଲୋକ ଟିକା ନେଲେଣି। ସେଠାରେ ୧୦୦ କୋଟି ଲୋକଙ୍କୁ ଟିକା ଦିଆଯାଇଥିଲେ ହେଁ ଚାଇନା ଏହି କ୍ଷେତ୍ରରେ ତ୍ରୟୋଦଶ ସ୍ଥାନରେ ରହିଛି। ଅଦ୍ୟାବଧି ଭାରତର ମାତ୍ର ୨୦.୫୫% ଲୋକ ଟିକା ନେଇଛନ୍ତି, ଯାହାକି ପଡ଼ୋଶୀ ନେପାଳ, ଶ୍ରୀଲଙ୍କା ଓ ଭୁଟାନଠାରୁ କମ୍। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଟିକାକରଣରେ ଏଭଳି ଅସମାନତା ସାରା ବିଶ୍ୱରେ ଦେଖିବାକୁ ମିଳୁଛି। ବିକଶିତ ରାଷ୍ଟ୍ରଗୁଡ଼ିକ ବିକାଶଶୀଳ ଦେଶ ତୁଳନାରେ ନିଜ ନାଗରିକଙ୍କୁ ଦ୍ରୁତ ବେଗରେ ଟିକା ଦେଉଛନ୍ତି।

## ଦେଶକୁ ଭ୍ରମିତ କରୁଛନ୍ତି ମୋଦି: କଂଗ୍ରେସ

**ନୂଆଦିଲ୍ଲୀ, ୨୨।୧୦(ପି.ଟି.)**

ଭାରତର ଜନସଂଖ୍ୟାର ମାତ୍ର ୨୧ ପ୍ରତିଶତ ସମ୍ପୂର୍ଣ୍ଣ ଟିକା ନେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକାକରଣ ନାମରେ ଦେଶବାସୀଙ୍କୁ ଭ୍ରମିତ କରୁଥିବା ଶୁକ୍ରବାର କଂଗ୍ରେସ ଅଭିଯୋଗ କରିଛି। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବର୍ଷ ଶେଷ ସୁଦ୍ଧା ସମସ୍ତ ସାବାଳକଙ୍କୁ ସରକାର କୋଭିଡ୍ ଟିକାର ସମ୍ପୂର୍ଣ୍ଣ ଡୋଜ୍ କିପରି ଦେବେ ତା'ର ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କୁ ଆହ୍ୱାନ ଦେଇଛି। ଦେଶରେ ଟିକାକରଣ ୧୦୦ କୋଟି ଟପିଥିବାରୁ ପ୍ରଧାନମନ୍ତ୍ରୀ ଶୁକ୍ରବାର ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ତେବେ କରୋନାରେ ପ୍ରାଣ ହରାଇଥିବା ୪.୫୩ ଲକ୍ଷ ଲୋକଙ୍କ ପରିବାରକୁ ସେ ସମବେଦନା ଜଣାଇ ନ ଥିଲେ ବୋଲି କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ କହିଛନ୍ତି। ଟିକା ସଫଳତାକୁ ନେଇ ଉତ୍ସବ ପାଳିବା ପରିବର୍ତ୍ତେ ଦେଶ ସମ୍ମୁଖୀନ ହୋଇଥିବା ସମସ୍ୟା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିବା ଉଚିତ। ମୋଦି ଦେଶବାସୀଙ୍କୁ ମିଛ ତଥ୍ୟ ଦେଇ ବିଭ୍ରାନ୍ତ କରୁଛନ୍ତି। ଚାଇନା ସେପ୍ଟେମ୍ବର ସୁଦ୍ଧା ୨୧୬ କୋଟି ଡୋଜ୍ ଟିକା ଦେଇଥିବାବେଳେ ଭାରତ ପ୍ରଥମ ଦେଶ ଭାବେ ୧୦୦ କୋଟି ଟପିବା ମିଛ। ଚାଇନା ୮୦% ଲୋକଙ୍କୁ ଡବଲ ଡୋଜ୍ ଟିକା ଦେଇଥିବାବେଳେ ଭାରତ ମାତ୍ର ୨୧%ଙ୍କୁ ଦେଇଥିବା ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ଟିକାକରଣ ସଫଳତା ସମ୍ପର୍କରେ ଉଦ୍‌ବୋଧନ ଦେବା ଅବସରରେ ସରକାରଙ୍କ ସାମର୍ଥ୍ୟକୁ ନେଇ ପ୍ରଶ୍ନ କରୁଥିବା ଲୋକଙ୍କୁ ଉପଯୁକ୍ତ ଜବାବ ମିଳିଛି ବୋଲି କହିଥିଲେ। ନୂଆ ଭାରତ କଠିନ ଲକ୍ଷ୍ୟ ଧାର୍ଯ୍ୟ କରି ତାହା ହାସଲ କରିପାରେ ବୋଲି ମୋଦି ଦୃଢ଼ୋକ୍ତି କରିଥିଲେ।


କୋଲକାତାର ଏକ ଟିକାକରଣ କେନ୍ଦ୍ରରେ ଶୁକ୍ରବାର ଜଣେ ମହିଳା ଭାକ୍ସିନ୍ ନେଉଛନ୍ତି।

## ସଂକ୍ଷେପରେ

### ମେକ୍ସିକୋରେ ଗୁଳିକାଣ୍ଡ: ଭାରତୀୟ ମହିଳାଙ୍କ ସମେତ ୨ ମୃତ

**ମେକ୍ସିକୋ ସିଟି, ୨୨।୧୦:** ମେକ୍ସିକୋର ଟୁଲୁମ୍ ସହରରେ ଥିବା ଏକ ରେଷ୍ଟୁରାଣ୍ଟରେ ଗୁଳିକାଣ୍ଡ ଘଟି ଜଣେ ଭାରତୀୟ ମହିଳାଙ୍କ ସମେତ ୨ ଜଣ ବିଦେଶୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଅନ୍ୟ ମୃତକ ଜଣକ ଜର୍ମାନ ମହିଳା ହୋଇଥିବାବେଳେ ଆହତଙ୍କ ମଧ୍ୟରୁ ଦୁଇଜଣ ଜର୍ମାନୀର ଓ ଜଣେ ନେଦରଲାଣ୍ଡସ୍‌ର ପର୍ଯ୍ୟଟକ ବୋଲି ଜଣାପଡ଼ିଛି। ବୁଧବାର ରାତିରେ ଉକ୍ତ ରାସ୍ତାପାର୍ଶ୍ୱ ରେଷ୍ଟୁରାଣ୍ଟରେ ଗୁଳିକାଣ୍ଡ ଘଟିଥିଲା। ଉକ୍ତ ଅଞ୍ଚଳରେ ଡ୍ରଗ୍ସ ବେପାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ଗୁଳି ବିନିମୟ ଘଟିଥିଲା। ଏହି ସମୟରେ ଉକ୍ତ ରେଷ୍ଟୁରାଣ୍ଟରେ ଭୋଜନ କରୁଥିବା ବିଦେଶୀ ପର୍ଯ୍ୟଟକ ଗୁଳିମାଡ଼ର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ହସ୍ପିଟାଲରେ ପ୍ରାଣ ହରାଇଥିଲେ। ଗଣ୍ଡଗୋଳକାରୀଙ୍କ ମଧ୍ୟରୁ ଜଣକୁ ଗିରଫ କରାଯାଇଛି।

### ଫିଲ୍ମ ଶୁଟିଂ ବେଳେ ଗୁଳିଫୁଟି ଜଣେ ମୃତ

**ଲସ୍ ଏଞ୍ଜେଲସ୍, ୨୨।୧୦:** ଆମେରିକାର ନ୍ୟୁ ମେକ୍ସିକୋରେ 'ରଷ୍ଟ' ଚଳଚ୍ଚିତ୍ର ଶୁଟିଂ ସେଟ୍‌ରେ ଗୁରୁବାର ଆମେରିକୀୟ ଅଭିନେତା ଆଲେକ୍ ବାଲ୍ଡୱିନଙ୍କ ପ୍ରପ୍ ଗନ୍‌ରୁ ଗୁଳି ଫୁଟି ଚଳଚ୍ଚିତ୍ରରେ କାର୍ଯ୍ୟ କରୁଥିବା ସିନେମାଟୋଗ୍ରାଫର ହଲିନା ହୁଚିନ୍ସଙ୍କର ମୃତ୍ୟୁ ଘଟିବା ସହ ନିର୍ଦ୍ଦେଶକ ଜୋଏଲ୍ ସୌଜା ଆହତ ହୋଇଛନ୍ତି। ପ୍ରପ୍ ଗନ୍ ଗୁଳିରେ ମୃତ୍ୟୁ ହେବା କଥା ନୁହେଁ। ତେବେ କିପରି ଗୁଳି ଫୁଟିଲା ଓ ସେଥିରେ କେଉଁ ପ୍ରକାର ପ୍ରୋଜେକ୍ଟାଲ୍ ବ୍ୟବହାର କରାଯାଇଥିଲା ତାହାର ତଦନ୍ତ କରାଯାଉଛି ବୋଲି ସାଣ୍ଟା ଫେ କାଉଣ୍ଟି ଶେରିଫ୍‌ର ମୁଖପାତ୍ର ଜୁଆନ୍ ରିଓସ୍ କହିଛନ୍ତି।

### କେରଳ ସୁନା ଚୋରା ଚାଲାଣ ମାମଲାରେ ଚାର୍ଜଶିଟ୍ ଦାଖଲ


**କୋଚି, ୨୨।୧୦(ଆଇଏଏନ୍ଏସ୍):** ବହୁଚର୍ଚ୍ଚିତ କେରଳ ସୁନା ଚୋରାଚାଲାଣ ମାମଲାରେ ସୀମାଶୁଳ୍କ ବିଭାଗ ଶୁକ୍ରବାର ଅର୍ଥନୈତିକ ଅପରାଧ କୋର୍ଟରେ ୩,୦୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ଉକ୍ତ ମାମଲାରେ ୨୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସୁନା ଚୋରାଚାଲାଣ ମାମଲାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ପ୍ରମୁଖ ସଚିବ ଏମ୍. ଶିବଶଙ୍କର ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇଥିଲେ। ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। କିଛି ମାସ ଜେଲ୍‌ରେ ବିତାଇବା ପରେ ଏବେ ସେ ଜାମିନରେ ବାହାରିଛନ୍ତି। ସୁନା ଚୋରା କାରବାର ସମ୍ପର୍କରେ ସବୁ ଜାଣି ମଧ ଶିବଶଙ୍କର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ତାଙ୍କୁ ଚାର୍ଜଶିଟ୍‌ରେ ଅଭିଯୁକ୍ତ ଦର୍ଶାଯାଇଛି। ତେବେ ଚୋରାଚାଲାଣରୁ ହୋଇଥିବା ଆୟକୁ ଆତଙ୍କବାଦୀ କାର୍ଯ୍ୟରେ ଲଗାଯାଇଥିବାର କୌଣସି ପ୍ରମାଣ ମିଳି ନ ଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି। ଗତବର୍ଷ ଜୁଲାଇ ୫ରେ ସୀମାଶୁଳ୍କ ଅଧିକାରୀମାନେ ୟୁଏଇ ବାଣିଜ୍ୟିକ ଦୂତାବାସର ପୂର୍ବତନ କର୍ମଚାରୀ ସରିଥଙ୍କୁ ଗିରଫ କରିବା ପରେ ସୁନା ଚୋରାଚାଲାଣ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଉକ୍ତ ସୁନା କୂଟନୈତିକ ବ୍ୟାଗେଜ୍‌ରେ ବାଣିଜ୍ୟିକ ଦୂତାବାସକୁ ନିଆଯାଉଥିଲା। ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ) ଏହାର ତଦନ୍ତ ଭାର ନେବା ପରେ ୟୁଏଇ କନ୍ସୁଲେଟ୍‌ର ପୂର୍ବତନ କର୍ମଚାରୀ ସ୍ୱପ୍ନା ସୁରେଶ ଓ ତାଙ୍କ ସହଯୋଗୀ ସନ୍ଦିପ୍ ନାୟାରଙ୍କୁ ଗିରଫ କରିଥିଲା।

## ଡ୍ରଗ୍ସ ଯୋଗାଣରେ ସାହାଯ୍ୟ ଅଭିଯୋଗକୁ ଅନନ୍ୟାଙ୍କ ଖଣ୍ଡନ



**ମୁମ୍ବାଇ, ୨୨।୧୦**

କ୍ରୁଜ୍ ଜାହାଜରେ ଡ୍ରଗ୍ସ ପାର୍ଟି ମାମଲାରେ ଲିଙ୍କ୍ ଥିବା ଅଭିଯୋଗରେ ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଶୁକ୍ରବାର ଦ୍ୱିତୀୟ ଦିନ ପାଇଁ ଜେରା କରିଛି। ଡ୍ରଗ୍ସ ଯୋଗାଣରେ ଆର୍ୟନ ଖାନ୍‌ଙ୍କୁ ସେ ସହାୟତା କରି ନ ଥିଲେ କିମ୍ବା ନିଜେ ଡ୍ରଗ୍ସ ବ୍ୟବହାର କରୁ ନ ଥିଲେ ବୋଲି ୪ ଘଣ୍ଟାର ଜେରା ବେଳେ ଅନନ୍ୟା କହିଥିବା ଜଣାପଡ଼ିଛି। ତାଙ୍କୁ ସୋମବାର ପୁଣି ଥରେ ଜେରାର ସମ୍ମୁଖୀନ ହେବା ଲାଗି ସମନ କରାଯାଇଛି। ଆର୍ୟନଙ୍କ ଫୋନ୍‌ରୁ ମିଳିଥିବା ହ୍ୱାଟ୍‌ସଆପ୍ ଚାଟିଂକୁ ଆଧାର କରି ଏନ୍‌ସିବି ଅନନ୍ୟାଙ୍କୁ ଜେରା ପାଇଁ ସମନ କରିଥିଲା। ଗୁରୁବାର ଏନ୍‌ସିବି ଅନନ୍ୟାଙ୍କ ମୋବାଇଲ ଏବଂ ଲାପ୍‌ଟପ୍ ଜବତ କରିବା ସହ ତାଙ୍କୁ ୨ ଘଣ୍ଟା ଜେରା କରିଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ତାଙ୍କୁ ପୁଣି ହାଜର ହେବାକୁ ସମନ କରାଯାଇଥିଲା। ଅନନ୍ୟା ୨୦୧୯ରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଡ୍ରଗ୍ସ ଚଢ଼ାଉବେଳେ ଏନ୍‌ସିବି ଆର୍ୟନ ଖାନ୍‌ଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା।


ମୁମ୍ବାଇସ୍ଥିତ ଏକ ବହୁତଳ ବିଶିଷ୍ଟ ବିଲ୍ଡିଂର ୧୯ତମ ମହଲାରେ ଶୁକ୍ରବାର ନିଆଁ ଲାଗି ଜଣଙ୍କ ମୃତ୍ୟୁ ଘଟିଛି।

## ନାଗା ଶାନ୍ତି ଆଲୋଚନା ବାଧାପ୍ରାପ୍ତ

**ସ୍ୱତନ୍ତ୍ର ପତାକା, ସମ୍ବିଧାନ ଦାବିରେ ବିଦ୍ରୋହୀ ନେତା ଅଟଳ**

**ନୂଆଦିଲ୍ଲୀ, ୨୨।୧୦(ଆଇଏଏନ୍ଏସ୍)**

ନ୍ୟାଶନାଲ ସୋସିଆଲିଷ୍ଟ କାଉନସିଲ୍ ଅଫ୍ ନାଗାଲିମ୍‌ର ଆଇଜାକ୍-ମୁଇଭା ଗୋଷ୍ଠୀ (ଏନ୍ଏସ୍‌ସିଏନ୍-ଆଇଏମ୍) ନେତାଙ୍କ ସହ କେନ୍ଦ୍ର ସରକାର ନାଗା ଶାନ୍ତି ଆଲୋଚନା ଜାରି ରଖିଛନ୍ତି। ତେବେ ସ୍ୱତନ୍ତ୍ର ସମ୍ବିଧାନ ଓ ପତାକା ଦାବିରେ ନାଗା ନେତାମାନେ ଅଟଳ ରହିଥିବାରୁ ବୁଝାମଣା ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ୬ ଦଶନ୍ଧି ହେଲା ଚାଲିଥିବା ଶାନ୍ତି ଆଲୋଚନାର ଖୁବ୍‌ଶୀଘ୍ର ସଫଳ ସମାଧାନ ହେବା ନେଇ ସରକାର ଆଶାବାଦୀ ଥିଲେ। କିନ୍ତୁ କେନ୍ଦ୍ର ସେମାନଙ୍କୁ ସମାଧାନ ପରେ ବିକଳ୍ପ ଆଲୋଚନା ପାଇଁ ପ୍ରସ୍ତାବ ଦେଉଥିବା ନାଗା ନେତାମାନେ ଅଭିଯୋଗ କରିଛନ୍ତି। ନାଗା ରାଜନୈତିକ ସଂଘର୍ଷ ଓ ପରିଚୟର ଚିହ୍ନ ଏହାର ସ୍ୱତନ୍ତ୍ର ଜାତୀୟ ପତାକା ଓ ସମ୍ବିଧାନ ହୋଇଥିବାରୁ ଏହା ବିନା ସମସ୍ୟାର ସମାଧାନ ସମ୍ଭବ ନୁହେଁ ବୋଲି ନାଗା ନେତାମାନେ କହୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ନାଗା ରାଜନୈତିକ ସମାଧାନ ଆଳରେ ସରକାର ବିଭାଜନକାରୀ ନୀତି ଓ ମିଥ୍ୟା ପ୍ରଶଂସାର ଆଶ୍ରୟ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି।

ଗତ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଶାନ୍ତି ପ୍ରକ୍ରିୟା ପୁନର୍ବାର ଆରମ୍ଭ କରିଥିଲେ। ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ଏ.କେ. ମିଶ୍ରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରତିନିଧି ଭାବେ ପଠାଯାଇଥିବାବେଳେ ବିଦ୍ରୋହୀ ନାଗା ନେତା ତଥା ସାଧାରଣ ସମ୍ପାଦକ ଟି. ମୁଇଭା ଆଲୋଚନାରେ ଭାଗ ନେଇଥିଲେ।

## ସୁଧା ଚନ୍ଦ୍ରନ୍‌ଙ୍କୁ କ୍ଷମା ମାଗିଲା ସିଆଇଏସ୍ଏଫ୍



**ନୂଆଦିଲ୍ଲୀ, ୨୨।୧୦(ପି.ଟି.)**

ମୁମ୍ବାଇ ବିମାନବନ୍ଦରରେ ଗୁରୁବାର ସୁରକ୍ଷା ଯାଞ୍ଚ ବେଳେ ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ତଥା ଅଭିନେତ୍ରୀ ସୁଧା ଚନ୍ଦ୍ରନଙ୍କୁ ତାଙ୍କର କୃତ୍ରିମ ଅଙ୍ଗ ଖୋଲିବାକୁ ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍ଏଫ୍)ର ଜଣେ ଅଧିକାରୀ କହିଥିଲେ। ଏଭଳି ବ୍ୟବହାର ଯୋଗୁ ସୁଧା ନିରାଶ ଓ ଅପମାନିତ ବୋଧ କରିଥିଲେ ବୋଲି ଅଭିଯୋଗ କରିଥିଲେ। ଏଥିପାଇଁ ଶୁକ୍ରବାର ସିଆଇଏସ୍ଏଫ୍ ପକ୍ଷରୁ କ୍ଷମା ମଗାଯାଇଛି। ଏଭଳି ବ୍ୟବହାର ପାଇଁ ଆମେ ଅତ୍ୟନ୍ତ ଦୁଃଖିତ। ପ୍ରୋଟୋକଲ ଅନୁଯାୟୀ ସୁରକ୍ଷା ଯାଞ୍ଚ ବେଳେ କେତେକ ଅସାଧାରଣ ପରିସ୍ଥିତିରେ କୃତ୍ରିମ ଅଙ୍ଗ ଖୋଲିବାକୁ କୁହାଯାଇଥାଏ। ତେବେ ମହିଳା ଅଧିକାରୀ ଜଣକ ସୁଧାଙ୍କୁ ଏପରି କରିବାକୁ କାହିଁକି କହିଥିଲେ, ତାହାର ଅନୁଧ୍ୟାନ କରାଯିବ ବୋଲି ସିଆଇଏସ୍ଏଫ୍ କହିଛି।

## ଗୁରୁଗ୍ରାମରେ ନମାଜ ପାଠବେଳେ ଉତ୍ତେଜନା

**ନୂଆଦିଲ୍ଲୀ, ୨୨।୧୦**

ହରିୟାଣାର ଗୁରୁଗ୍ରାମ ସହର ଅନ୍ତର୍ଗତ ସେକ୍ଟର ୧୨-ଏ ସ୍ଥିତ ଏକ ଘରୋଇ ଜମିରେ ଶୁକ୍ରବାର ମୁସଲମାନମାନଙ୍କ ଶାନ୍ତିପୂର୍ଣ୍ଣ ନମାଜ ପାଠ ପୁଣିଥରେ ବାଧାପ୍ରାପ୍ତ ହୋଇଛି। ବଜରଙ୍ଗ ଦଳ କର୍ମୀଙ୍କ ସମେତ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ସେହିପରି ସେକ୍ଟର-୪୭ର ଏକ ଖୋଲା ସ୍ଥାନରେ ନମାଜ ପାଠ ବେଳେ ସ୍ଥାନୀୟ ଲୋକେ ପ୍ରତିବାଦ କରିବା ସହ ଘର ଭିତରେ ନମାଜ ପାଠ କରିବା ପାଇଁ କହିଥିଲେ। ଉତ୍ତେଜନା ଦେଖାଦେବାରୁ ସେଠାରେ ବ୍ୟାପକ ପୋଲିସ ଓ ରାଜ୍ୟ ରାପିଡ୍ ଆକ୍ସନ ଫୋର୍ସ ମୁତୟନ କରାଯାଇଛି। ନମାଜକୁ ବିରୋଧ କରୁଥିବା ଲୋକଙ୍କ ମଧ୍ୟରେ ସ୍ଥାନୀୟ ଆଇନଜୀବୀ ତଥା ପୂର୍ବତନ ଭାଜପା ନେତା କୁଳଭୂଷଣ ଭରଦ୍ୱାଜ ଅଛନ୍ତି। ପୋଲିସର ପ୍ରତିଶ୍ରୁତି ପରେ ଉକ୍ତ ସ୍ଥାନରୁ ଗହଳି ଭାଙ୍ଗିଥିଲା। ଗୁରୁଗ୍ରାମ ଜିଲା ପ୍ରଶାସନ ପକ୍ଷରୁ ନମାଜ ପାଠ ପାଇଁ ସେକ୍ଟର ୪୭ ଏବଂ ୧୨-ଏ ସମେତ ୩୭ଟି ସ୍ଥାନ ଚିହ୍ନଟ କରାଯାଇଛି। ୨୦୧୮ରେ ବିବାଦ ଦେଖାଦେବାରୁ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଆଲୋଚନା ପରେ ଉକ୍ତ ସ୍ଥାନକୁ ନମାଜ ପାଠ ପାଇଁ ଚୟନ କରାଯାଇଥିଲା। ସମସ୍ତଙ୍କର ପ୍ରାର୍ଥନା କରିବା ଅଧିକାର ରହିଛି, କିନ୍ତୁ ରାସ୍ତା ଅବରୋଧ କରାଯାଇପାରିବ ନାହିଁ ବୋଲି ଗତ ସପ୍ତାହରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର କହିଥିଲେ।

## ଆଇଏସ୍ଆଇ ସହ ଅମରିନ୍ଦରଙ୍କ ବନ୍ଧୁଙ୍କ ସମ୍ପୃକ୍ତିର ତଦନ୍ତ ହେବ

**ଚଣ୍ଡିଗଡ଼, ୨୨।୧୦**

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ବନ୍ଧୁ ଭାବେ ଜଣାଶୁଣା ପାକିସ୍ତାନୀ ଖବରଦାତା ଅରୁସା ଆଲମ ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗର ତଦନ୍ତ କରାଯିବା ଆବଶ୍ୟକ ବୋଲି ପଞ୍ଜାବ ଗୃହମନ୍ତ୍ରୀ ସୁଖଜିନ୍ଦର ରାନ୍ଧୱା କହିଛନ୍ତି। ପାକିସ୍ତାନ ପଟୁ ଡ୍ରୋନ୍ ଆସୁଥିବା ପ୍ରସଙ୍ଗ ଅମରିନ୍ଦର ସାଢ଼େ ୪ ବର୍ଷ ହେଲା ଉଠାଇ ଆସୁଥିବାବେଳେ ସୀମାରେ ବିଏସ୍ଏଫ୍ ମୁତୟନ କରାଯାଇଥିଲା। ଏହା ପଛରେ ବଡ଼ ଷଡ଼ଯନ୍ତ୍ର ଥିବା ଜଣାପଡୁଥିବାରୁ ରାଜ୍ୟ ପୋଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ ରାନ୍ଧୱା କହିଛନ୍ତି।

## ରୁଷିଆରେ ବିସ୍ଫୋରଣ: ୧୬ ମୃତ

**ମସ୍କୋ, ୨୨।୧୦**


ରୁଷିଆର ଏକ ଗନ୍ ପାଉଡର ଫ୍ୟାକ୍ଟ୍ରିରେ ଶୁକ୍ରବାର ବିସ୍ଫୋରଣ ପରେ ନିଆଁ ଲାଗିଯିବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମସ୍କୋଠାରୁ ୨୭୦ କିଲୋମିଟର ଦୂର ର୍ୟାଜାନ ଅଞ୍ଚଳରେ ଥିବା ଏଲାଷ୍ଟିକ୍ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ହୋଇଥିଲା। ନିଆଁଲିଭା କାର୍ଯ୍ୟରେ ୫୦ ଗାଡ଼ି ଓ ୧୭୦ ଜଣ ଜରୁରୀ କର୍ମଚାରୀ ନିୟୋଜିତ ହୋଇଥିଲେ। ଉତ୍ପାଦନ ପ୍ରକ୍ରିୟା ବିଫଳତାରୁ ଏଭଳି ବିସ୍ଫୋରଣ ଘଟିଥିବା ଜରୁରୀ ସ୍ଥିତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



# ହାଇପରସୋନିକ୍ କ୍ଷେପଣାସ୍ତ୍ର ବିକଶିତ କରୁଛି ଭାରତ

**ୱାଶିଂଟନ, ୨୨।୧୦**

ଚାଇନା ନିକଟରେ ଦୁଇଟି ଆଣବିକ ଶକ୍ତିସମ୍ପନ୍ନ ହାଇପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିବା ନେଇ ଖବର ପ୍ରକାଶ ପାଇଥିବାବେଳେ ଭାରତ ସମେତ କେତେକ ଦେଶ ଏଭଳି କ୍ଷେପଣାସ୍ତ୍ର ପ୍ରସ୍ତୁତି ଚଳାଇଥିବା ଆମେରିକା କଂଗ୍ରେସର ଏକ ସ୍ୱାଧୀନ ସଂସ୍ଥା ରିପୋର୍ଟରେ କୁହାଯାଇଛି। କଂଗ୍ରେସନାଲ ରିସର୍ଚ୍ଚ ସର୍ଭିସ (ସିଆର୍ଏସ୍)ର ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଆମେରିକା, ରୁଷିଆ ଓ ଚାଇନା ଅତ୍ୟାଧୁନିକ ହାଇପରସୋନିକ୍ କ୍ଷେପଣାସ୍ତ୍ର ହାସଲ କରିଥିବାବେଳେ ଏବେ ଭାରତ ସମେତ ଅଷ୍ଟ୍ରେଲିଆ, ଫ୍ରାନ୍ସ, ଜର୍ମାନୀ ଓ ଜାପାନ ହାଇପରସୋନିକ୍ ଅସ୍ତ୍ର ପ୍ରଯୁକ୍ତିର ବିକାଶ କରୁଛନ୍ତି। ଅଷ୍ଟ୍ରେଲିଆ ଆମେରିକା ସହ ମିଳିତ ଭାବେ ଏଭଳି କ୍ଷେପଣାସ୍ତ୍ର ନିର୍ମାଣ ଲାଗି କାର୍ଯ୍ୟ କରୁଥିବାବେଳେ ଭାରତ ରୁଷିଆ ସହାୟତାରେ ହାଇପରସୋନିକ୍ କ୍ଷେପଣାସ୍ତ୍ର ନିର୍ମାଣ କରୁଥିବା ରିପୋର୍ଟରେ କୁହାଯାଇଛି। ଭାରତ ରୁଷିଆ ସହାୟତାରେ ବ୍ରହ୍ମୋସ୍-୨ ନାମରେ ମାକ୍ ୭ ହାଇପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ବିକଶିତ କରିଛି। ଏହି କ୍ଷେପଣାସ୍ତ୍ର ୨୦୧୭ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ କାର୍ଯ୍ୟକ୍ରମରେ ବିଳମ୍ବ ଯୋଗୁ ଏବେ ୨୦୨୫ରୁ ୨୦୨୮ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ଭାରତ ନିଜସ୍ୱ ଜ୍ଞାନକୌଶଳରେ ଦ୍ୱୈତ ସାମର୍ଥ୍ୟ ବିଶିଷ୍ଟ ଏକ ହାଇପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ବିକାଶ କରୁଛି। ଏହା ହାଇପରସୋନିକ୍ ଟେକ୍ନୋଲୋଜି ଡେମୋନଷ୍ଟ୍ରେଟର ଭେହିକ୍ଲ କାର୍ଯ୍ୟକ୍ରମର ଅଂଶବିଶେଷ। ୨୦୧୯ ଜୁନ୍ ଏବଂ ୨୦୨୦ ସେପ୍ଟେମ୍ବରରେ ମାକ୍ ୬ ସ୍କ୍ରାମଜେଟ୍ ସଫଳତାର ସହ ପରୀକ୍ଷା କରାଯାଇଥିବା ଏସ୍ଆର୍‌ସି ରିପୋର୍ଟରେ କୁହାଯାଇଛି। ଚାଇନା ଗତ ଅଗଷ୍ଟରେ ହାଇପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବାବେଳେ ବେଜିଂ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଆଣବିକ କ୍ଷମତାସମ୍ପନ୍ନ ହାଇପରସୋନିକ୍ କ୍ଷେପଣାସ୍ତ୍ର ନୁହେଁ ହାଇପରସୋନିକ୍ ଭେହିକିଲ୍‌ର ପରୀକ୍ଷା କରାଯାଇଥିବା ଚାଇନା କହିଛି।



**ସିଆର୍ଏସ୍ ରିପୋର୍ଟ**




# ବଦଳିଲେ ଥାନାଧିକାରୀ, କନଷ୍ଟେବଲ ନିଲମ୍ବିତ

## ମନୀଷ ଅନୁରାଗ ହତ୍ୟା ମାମଲା

- ସାଉଥ୍ ସିଟି ହୋଟେଲ ଆଣ୍ଡ୍ ବାର୍‌ରେ ଚଢ଼ାଉ
- ବିପୁଳ ମଦ, ବିଡ଼ା ବିଡ଼ା ନକଲି ଟଙ୍କା ଜବତ
- କନ୍‌ଷ୍ଟେବଲ ପ୍ରଭାସ, ହୋଟେଲ ମାଲିକ ଅଟକ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ଲାଇସେନ୍ସ ଅବଧି ସରିଯାଇଥିଲେ ବି ବେଆଇନ ଭାବେ ବାର୍ ଚାଲୁଥିଲା। ନାଇଟ୍ କର୍ଫ୍ୟୁ ଓ କୋଭିଡ୍ ନିୟମକୁ ଉଲ୍ଲଂଘନ କରାଯାଇ ରାତିସାରା ସେଠାରେ ନାଚଗୀତର ଆସର ଜମୁଥିଲା। ନାଚୁଥିଲେ ଯୁବତୀ, ଉଡୁଥିଲା ଟଙ୍କା। ବାର୍‌କୁ ଲିଜ୍‌ରେ ନେଇଥିବା ପୋଲିସ କର୍ମଚାରୀଙ୍କର ବଡ଼ବଡିଆ ଅଧିକାରୀଙ୍କ ସହିତ ଭିତିରିଆ ସମ୍ପର୍କ ଥିବାରୁ ନିୟମକୁ ଖାତିର ବି ନ ଥିଲା। ବହୁ ଚର୍ଚ୍ଚିତ ମନୀଷ ଅନୁରାଗ ହତ୍ୟା ମାମଲାର ତଦନ୍ତରୁ ଏହା ଜଣାପଡିବା ପରେ କମିଶନରେଟ ପୋଲିସ ପକ୍ଷରୁ ତମାଣ୍ଡୋ ଥାନା ପାତ୍ରପଡ଼ାସ୍ଥିତ ଉକ୍ତ ସାଉଥ୍ ସିଟି ହୋଟେଲ୍ ଆଣ୍ଡ୍ ବାର୍ ଉପରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ସେଠାରୁ ବିପୁଳ ପରିମାଣର ମଦ ସହ ବିଡା ବିଡା ନକଲି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହାପରେ ଡିସିପି ଉମାଶଙ୍କର ଦାଶ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉକ୍ତ ବାର୍‌କୁ ନିଜ ଭାଇଙ୍କ ନାମରେ ଲିଜ୍‌ରେ ନେଇ ଚଲାଉଥିବା ଭୁବନେଶ୍ୱର କନଷ୍ଟେବଲ ସଂଘ ସମ୍ପାଦକ ପ୍ରସନ୍ନ ବେହେରାଙ୍କୁ ନିଲମ୍ବିତ କରିଥିବାବେଳେ କର୍ତ୍ତବ୍ୟରେ ଅବହେଳା ପାଇଁ ତମାଣ୍ଡୋ ଥାନା ଅଧିକାରୀ ପ୍ରମୋଦ ପଟ୍ଟନାୟକଙ୍କୁ ଡିସିପି ଅଫିସକୁ ବଦଳି କରାଯାଇଛି। ଏଥିସହ ସାଉଥ୍ ସିଟି ହୋଟେଲର ମାଲିକ ପ୍ରଦ୍ୟୁମ୍ନ ଜେନା ଓ କନଷ୍ଟେବଲ ପ୍ରସନ୍ନ ବେହେରାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଡିସିପି ଦାଶ ସୂଚନା ଦେଇଛନ୍ତି। ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷଙ୍କ ହତ୍ୟା ପରେ ସାଉଥ୍ ସିଟି ହୋଟେଲ୍ ଆଣ୍ଡ୍ ବାର୍‌ର ପ୍ରକୃତ କଳାକାରନାମା ଲୋକଲୋଚନକୁ ଆସିଥିଲା। ଗତ ୯ ତାରିଖ ରାତିରେ ମନୀଷ ଓ ତାଙ୍କ ସାଙ୍ଗମାନେ ସେଠାକୁ ଯାଇ ବିଳମ୍ବିତ ରାତିରେ ବାହାରିଥିଲେ। ପରେ ମନୀଷଙ୍କୁ ହତ୍ୟା କରି ସାଙ୍ଗମାନେ ପାତ୍ରପଡ଼ା ପୋଖରୀରେ ଫିଙ୍ଗି ଦେଇଥିଲେ। ମନୀଷଙ୍କ ମୃତ୍ୟୁ ପାଇଁ ବାପା ନବୀନ ଦାସ ସାଉଥ୍ ସିଟି ହୋଟେଲକୁ ପରୋକ୍ଷ ଦାୟୀ କରିବା ସହ ଏହାର କାର୍ଯ୍ୟାକଳାପକୁ ନେଇ ପ୍ରଶ୍ନ ଉଠାଇଥିଲେ। ଅଭିଯୁକ୍ତମାନେ ଗିରଫ ହେବାପରେ ଉକ୍ତ ହୋଟେଲ୍ ବିରୋଧରେ ତଦନ୍ତ ପାଇଁ ଅତିରିକ୍ତ ଡିସିପି ପି.କେ. ରାଉତଙ୍କୁ ଡିସିପି ଦାଶ ଦାୟିତ୍ୱ ଦେଇଥିଲେ। ସେପ୍ଟେମ୍ବର ୩୦ରେ ବାର୍ ଲାଇସେନ୍ସ ଅବଧି ସରିଯାଇଥିଲେ ସୁଦ୍ଧା ବେଆଇନ ଭାବେ ତାହାକୁ ଚଲାଯାଉଥିଲା। ଏଥିସହ ତମାଣ୍ଡୋ ଥାନା ଅଧିକାରୀଙ୍କ ଜାଣତରେ ଏହା ଚାଲିଥିଲା ବୋଲି ତଦନ୍ତରୁ ଜଣାପଡିଥିଲା। ଘଟଣାପରଠୁ ସିଲ୍ ଥିବା ସେହି ହୋଟେଲରେ ଚଢ଼ାଉ ପାଇଁ ଡିସିପି ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅତିରିକ୍ତ ଡିସିପି ପି.କେ. ରାଉତ, କରୁଣ ଦାଶ, ଜୋନ୍-୩ ଏସିପି ଭରତ ଚରଣ ସାହୁ, ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କ ସମେତ ତମାଣ୍ଡୋ ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲେ। ତେବେ ବାର୍ ଭିତରର ସ୍ଥିତିକୁ ଦେଖି ପୋଲିସ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଚାରିଆଡେ ମଦ ରହିଥିବାବେଳେ ୧୦ ଓ ୫୦୦ ଟଙ୍କିଆ ନକଲି ଟଙ୍କା ବିଡା ରହିଥିଲା। ଏଥିସହ କିଛି ଅସଲି ଟଙ୍କା ମଧ ପଡିଥିବା ଦେଖାଯାଇଥିଲା, ଯାହା ମଦ ପିଇ ନାଚଗୀତ ସହ ଟଙ୍କା ଉଡାଇ ମଉଜମସ୍ତି ହେଉଥିବାର ପ୍ରମାଣ ଦେଇଥିଲା।


ପ୍ରମୋଦ ପଟ୍ଟନାୟକ


ପ୍ରସନ୍ନ ବେହେରା

# ପତ୍ର ବିନିମୟ ପାଠ୍ୟକ୍ରମ: ୩୦ ସୁଦ୍ଧା ନାମ ଲେଖାଇପାରିବେ

କଟକ ଅଫିସ, ୨୨।୧୦: ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପତ୍ର ବିନିମୟ ପାଠ୍ୟକ୍ରମରେ ଛାତ୍ରୀଛାତ୍ର ନାମଲେଖାଇ ପାରିବେ। ଏ ନେଇ ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୧-୨୨ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ତାରିଖ ପରିବର୍ତ୍ତନ କରାଯାଇଛି। ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ର ନାମଲେଖା ବିଷୟରେ ବୋର୍ଡର ଜୋନାଲ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। ନାମଲେଖା ପ୍ରକ୍ରିୟା ଶେଷ ହେବା ପରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଥମ ସମ୍ମିଟିଭ ଆସେସ୍‌ମେଣ୍ଟ ପରୀକ୍ଷା ହେବ।

# ପିଜି ମେଧା ତାଲିକା ପ୍ରକାଶ, ଆଜିଠୁ ନାମଲେଖା

ଭୁବନେଶ୍ୱର,୨୨।୧୦(ବ୍ୟୁରୋ): ୨୦୨୧-୨୨ ଶିକ୍ଷା ବର୍ଷ ଲାଗି ଏକକ ପିଜି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ମେଧା ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର ୨୧୪ ଜଣ ଛାତ୍ରୀଛାତ୍ର ନାମଲେଖା ଲାଗି ଚୟନ ହୋଇଛନ୍ତି। ଏହି ପ୍ରଥମ ପର୍ଯ୍ୟାୟ ନାମଲେଖା ଶନିବାରଠାରୁ ଆରମ୍ଭ ହେବ। ରାଜ୍ୟରେ ମୋଟ ୧୪ ବିଶ୍ୱବିଦ୍ୟାଳୟ ଓ ୫୯ କଲେଜରେ ପିଜି ପାଠ୍ୟକ୍ରମର ବ୍ୟବସ୍ଥା ରହିଛି। ବିଭିନ୍ନ ବିଭାଗରେ ୧୫ ହଜାର ସିଟ୍ ରହିଛି। ସେଥିରୁ ବିଶ୍ୱବିଦ୍ୟାଳୟଗୁଡିକରେ ୮୪୧୦ଟି ସିଟ୍ ରହିଥିବାବେଳେ କଲେଜରେ ୬୫୯୦ ସିଟ୍ ରହିଛି। ଚଳିତବର୍ଷ ଏକକ ପିଜି ପ୍ରବେଶିକା ପରୀକ୍ଷା ଲାଗି ମୋଟ ୬୩ ହଜାର ୩୧୩ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧରୁ ୩୭ ହଜାର ୪୯୨ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ର୍ୟାଙ୍କ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ କେବଳ ୧୨ ହଜାର ୨୧୪ ଜଣ ଛାତ୍ରୀଛାତ୍ରୀ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରୁ ଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ ୭୫୦୧ ଓ ଛାତ୍ରଙ୍କ ସଂଖ୍ୟା ୪୭୧୩ ରହିଛି। ସେହିଭଳି ୨୩୯୨ଜଣ ଏସ୍‌ସି ବର୍ଗର ଓ ୨୬୮୫ ଜଣ ଏସ୍‌ଟି ବର୍ଗର ରହିଛନ୍ତି। ପ୍ରଥମ ପର୍ଯ୍ୟାୟ ନାମଲେଖା ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୪ରେ ୨ୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ନାମଲେଖା ନଭେମ୍ବର ୫ରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୨ଟି ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟା ଶେଷ ହେବାପରେ ସିଟ୍ ବଳକା ରହିଲେ, ତାହାର ତାଲିକା ନଭେମ୍ବର ୧୨ରେ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

# ତେଲ ଟ୍ୟାଙ୍କରରେ ଗଞ୍ଜେଇ ଚାଲାଣ

- ୨.୫ କୁଇଣ୍ଟାଲ ଗଞ୍ଜେଇ ଜବତକଲା ଏନ୍‌ସିବି
- ୨ ଆନ୍ତଃରାଜ୍ୟ ବେପାରୀ ଗିରଫ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ତେଲ ଟ୍ୟାଙ୍କରରେ ଚାଲାଣ ହେଉଥିଲା ଗଞ୍ଜେଇ। ସ୍ୱତନ୍ତ୍ର ଭାବେ ପ୍ୟାକିଂ କରାଯାଇ ଟାଙ୍କି ଭିତରେ ରଖାଯାଇଥିଲା। ପୋଲିସ ନଜରରୁ ବର୍ତ୍ତିବା ପାଇଁ ଏଭଳି ଅଭିନବ କୌଶଳ ଆପଣାଇଥିଲେ ଗଞ୍ଜେଇ ଚାଲାଣକାରୀ। ଏପରିକି କୋରାପୁଟରୁ ଦୀର୍ଘ ୪୫୦ କିମିରୁ ଅଧିକ ଦୂର ଅତିକ୍ରମ କରି ଭୁବନେଶ୍ୱରରେ ପହଞ୍ଚି ସାରିଥିଲେ। ରସୁଲଗଡ଼ ଦେଇ ଜାତୀୟ ରାଜପଥରେ ଯାଉଥିବାବେଳେ ଧରି ପକାଇଥିଲା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଟିମ୍। ଟ୍ୟାଙ୍କର ଯାଞ୍ଚ କରାଯିବାରୁ ଟାଙ୍କିରୁ ମିଳିଥିଲା ୨.୫ କୁଇଣ୍ଟାଲ ଗଞ୍ଜେଇ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ଦୁଇଜଣ ଆନ୍ତଃରାଜ୍ୟ ବେପାରୀଙ୍କୁ ଏନ୍‌ସିବି ଗିରଫ କରିଛି। ସେମାନେ ହେଲେ ବିହାର ଭୋଜପୁର ଜିଲା ଆର୍‌ହା ଅଞ୍ଚଳର ସୁନୀଲ୍ ରାଏ ଓ ଦକ୍ଷିଣୱାର୍ ଅଞ୍ଚଳର ଅଜିନ୍ଦେଓ ବିନ୍। ଅଭିଯୁକ୍ତଦ୍ୱୟଙ୍କୁ ଏନ୍‌ସିବି କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ କୋରାପୁଟରୁ ଗୁରୁବାର ବିଳମ୍ବିତ ରାତିରେ ଗଞ୍ଜେଇ ନେଇ ବାହାରିଥିଲେ। ଏନେଇ ଭୁବନେଶ୍ୱର ଏନ୍‌ସିବି ଟିମ୍ ଖବର ପାଇଥିଲା। ତେଣୁ ଶୁକ୍ରବାର ଭୋର ସମୟରେ ରସୁଲଗଡରେ ଏକ ଟିମ୍ ଛକି ରହିଥିଲା। ସେମାନେ ପହଞ୍ଚିବାକ୍ଷଣି ଏନ୍‌ସିବିର ଟିମ୍ ଅଟକାଇଥିଲା। ତେବେ ଏନେଇ ଏନ୍‌ସିବି ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତମାନେ କେଉଁଠୁ, କାହାଠାରୁ ଗଞ୍ଜେଇ ଆଣିଥିଲେ ଓ ଏହି ର୍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ଏନ୍‌ସିବି ଅଧିକ ଖୋଳତାଡ଼ କରୁଛି।





# ଫାଙ୍କା ଗୁଳିଚାଳନା କରି ସୁନା ଦୋକାନୀଙ୍କୁ ଲୁଟ୍

ଝାରସୁଗୁଡ଼ା ଅଫିସ,୨୨।୧୦

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ବନ୍ଧବାହାଲ ଏମ୍‌ସିଏଲ୍ ମାର୍କେଟ୍ କମ୍ପ୍ଲେକ୍ସରେ ଶୁକ୍ରବାର ରାତି ସାଢେ ୮ଟାରେ ଦୁର୍ବୃତ୍ତମାନେ ଫାଙ୍କା ଗୁଳି ଚାଳନା କରି ସୁନା ଦୋକାନୀଙ୍କ ନିକଟରୁ ଏକ ବ୍ୟାଗ୍ ଲୁଟ୍‌କରି ଫେରାର ହୋଇଯାଇଛନ୍ତି। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ ଓ ବନହରପାଲି ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରୁ ଜଣାପଡ଼ିଛି ବନ୍ଧବାହାଲରେ ଓଡ଼ିଶା ଅଳଙ୍କାରର ୨ଟି ଦୋକାନ ରହିଛି। ଉଭୟ ଦୋକାନ ବନ୍ଦକରି ୨ଭାଇ ବାଇକ୍‌ରେ ଯାଉଥିବାବେଳେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ୩ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଗୋଟିଏ ବ୍ୟାଗ୍ ଲୁଟିନେଇଥିଲେ। ଲୁଟ୍‌ବେଳେ ସେମାନେ ହେଲ୍‌ମେଟ୍ ପିନ୍ଧିଥିଲେ। ଲୁଟ୍ ବ୍ୟାଗ୍‌ରେ କେତେକ କାଗଜପତ୍ର, ଦୋକାନ ଚାବି ରହିଥିବା ଜଣାପଡିଛି।

# ୨୪ ଘଣ୍ଟାରେ ୪୬୭ ଆକ୍ରାନ୍ତ, ୩ ମୃତ



ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣାଧିନ ଥିବାବେଗେତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୪୬୭ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧରୁ ୮୬ ଜଣ ୧୮ ବର୍ଷରୁ କମ୍ ବୟସର ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୪୩ଜଣ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧରେ କେବଳ ଭୁବନେଶ୍ୱରରୁ ୨୩୧ଜଣ ଅଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦ଲକ୍ଷ ୩୭ହଜାର ୫୨୩କୁ ବୃଦ୍ଧି ପାଇଛି। ସେହିଭଳି ଆଉ ୬୦୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ଏଥିରେ ୩୨୩ଜଣ ଅଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ଲକ୍ଷ ୨୫ହଜାର ୨୫ରେ ପହଞ୍ଚିଛି। ଅପରପକ୍ଷେ ରାଜ୍ୟରୁ କରୋନାରେ ଆଉ ୩ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକଙ୍କ ମଧରେ ଭୁବନେଶ୍ୱର, କଟକ ଓ ଜଗତ୍‌ସିଂହପୁରରୁ ଜଣେ ଲେଖାଏ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରାତଃ ଭ୍ରମଣ ବେଳେ ଦଳିଦେଲା ହାତୀ

କଣିହାଁ/ପବିତ୍ରନଗର,୨୨।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ହରିହରପୁର ପଞ୍ଚାୟତ ଏକଘରିଆ ଗ୍ରାମରେ ଶୁକ୍ରବାର ସକାଳେ ହାତୀ ଆକ୍ରମଣରେ ଯୋଗେଶ୍ୱର ଦେବତା (୭୦)ଙ୍କ ମୃତ୍ୟୁ ହୋଇଛି। ଯୋଗେଶ୍ୱର ତାଳଚେର-ପାଲଲହଡା ମୁଖ୍ୟ ରାସ୍ତାରେ ପ୍ରାତଃ ଭ୍ରମଣ କରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ, ସରପଞ୍ଚ ବିଜୟ ପ୍ରଧାନ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ ଉତ୍ତେଜନା ଦେଖାଦେଇଥିଲା। ପରେ ଘଟଣାସ୍ଥଳରେ କଣିହାଁ ତହସିଲଦାର ପତିତପାବନ ଦେବତା, ତାଳଚେର ରେଞ୍ଜ ଦାୟିତ୍ୱରେ ଥିବା କଣିହାଁ ରେଞ୍ଜର ନୀଳମଣି ଦେବତା ଓ ତାଳଚେର ସଦର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତୁରନ୍ତ ରେଡ୍‌କ୍ରସ୍‌ରୁ ୧୦ ହଜାର ଓ ଜଙ୍ଗଲ ବିଭାଗ ତରଫରୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ଆବଶ୍ୟକ ପ୍ରମାଣପତ୍ର ଦାଖଲ ପରେ ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଘଟଣା ସମ୍ପର୍କରେ କଣିହାଁ ରେଞ୍ଜର ଦେହୁରୀ କହିଛନ୍ତି, ଦଳରୁ ବାହାରି ଆସିଥିବା ଏକ ଦନ୍ତାହାତୀ ନଦୀ ପାର ହୋଇ ଗ୍ରାମାଞ୍ଚଳରେ ପ୍ରବେଶ କରିଛି। ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରାଯାଇଛି। ନିକଟସ୍ଥ ଜଙ୍ଗଲରେ ରହିଥିବା ହାତୀ ଉପରେ ନଜର ରଖାଯାଇଛି।


ଉତ୍ତ୍ୟକ୍ତ ଲୋକେ ତାଳଚେର-ପାଲଲହଡା ରାସ୍ତା ଅବରୋଧ କରିଛନ୍ତି।






## ଗଞ୍ଜେଇ ବେପାର ଅଭିଯୋଗ: ୨ ଗିରଫ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଗଞ୍ଜେଇ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଲକ୍‌ପଡା ଅଞ୍ଚଳର ଅମିତ ମିସ୍ତ୍ରୀ ଓ ତ୍ରିଲୋଚନ ଗୋଛାୟତ। ଅଭିଯୁକ୍ତମାନଙ୍କଠାରୁ ୧ କିଲୋ ୧୧୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୨୨୩/୨୧) ରୁଜୁ କରାଯାଇଛି।

# କଟକଣା ବେଳେ ପେଣ୍ଠରେ ଇକୋରିଟ୍ରିଟ

କେନ୍ଦ୍ରାପଡ଼ା ଅଫିସ, ୨୨।୧୦

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଧୀନ ଅଗରନାଶୀ ଦ୍ୱୀପରେ ଗତ ଜାନୁୟାରୀରେ ପଡ଼ିଥିବା ବିରଳ ଅଲିଭ ରିଡ୍‌ଲେ କଇଁଛ କଙ୍କାଳ ସ୍ଥାନୀୟ ଅଞ୍ଚଳରେ ସେମାନଙ୍କ ସ୍ଥିତି ସମ୍ପର୍କରେ ସୂଚନା ଦେଉଛି। ୭ ମାସ ଧରି ନିଷିଦ୍ଧାଞ୍ଚଳ ଘୋଷଣା ସତ୍ତ୍ୱେ ଏହି ବିରଳ କଇଁଛ ମୃତ୍ୟୁମୁଖରେ ପଡୁଛନ୍ତି। ସାମୁଦ୍ରିକ ତଟକ୍ଷୟ ପ୍ରଜନନସ୍ଥଳକୁ ସଙ୍କୁଚିତ କରୁଛି। ବନ ବିଭାଗ ଓ ସାମୁଦ୍ରିକ ଥାନାର ଭିତ୍ତିଭୂମି ଏହି ବିରଳ ଜୀବର ସୁରକ୍ଷା ଦେବାକୁ ଯଥେଷ୍ଟ ହେଉନାହିଁ। ଏହି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପେଣ୍ଠଠାରେ ଚଳିତ ବର୍ଷ ଇକୋରିଟ୍ରିଟ ଆରମ୍ଭ ହେବା ପରିବେଶବିତ୍‌ଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି।

ପରିବେଶବିତ୍ ଅଧ୍ୟାପକ କ୍ଷୀତିଶ କୁମାର ସିଂହ କହିଛନ୍ତି, ବିରଳ ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ବିଶ୍ୱ ପ୍ରସିଦ୍ଧ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ଆସନ୍ତା ନଭେମ୍ବର ୧ରୁ ୭ ମାସ ଧରି କଟକଣା ଆରମ୍ଭ ହେବ। ଉତ୍ତରରେ ଧାମରା ବନ୍ଦରଠାରୁ ଦକ୍ଷିଣରେ ବ୍ରାହ୍ମଣୀ ନଦୀ ମୁହାଣ ପର୍ଯ୍ୟନ୍ତ ୧୪୩୫ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳକୁ ପ୍ରବେଶ ନିଷେଧ ହେବ। ଏହାସତ୍ତ୍ୱେ ଆସନ୍ତା ନଭେମ୍ବରଠାରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପେଣ୍ଠଠାରେ ଇକୋରିଟ୍ରିଟ ଆରମ୍ଭ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିବା ଯଥାର୍ଥ ମନେହେଉନାହିଁ। ୨୦୨୦ ମାର୍ଚ୍ଚ ୬ରୁ ମାତ୍ର ୩ ଦିନ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସାଗରବେଳା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ବାହାରିଥିବା ପ୍ଲାଷ୍ଟିକ ସମେତ ବର୍ଜ୍ୟବସ୍ତୁ ପେଣ୍ଠ ଲୁଣା ବନ୍ଧରେ ଗଦା ହେଲା। ଏଠାରୁ ପଲିଥିନ, ପ୍ଲାଷ୍ଟିକ ବ୍ୟାଗ ଉଡ଼ି ସମୁଦ୍ରକୁ ଯାଉଥିବା ବେଳେ ଖାଦ୍ୟ ଲୋଭରେ ଅଲିଭ ରିଡ୍‌ଲେ ଏହାକୁ ଖାଇବା ଅସମ୍ଭବ ନୁହେଁ। ସେହିପରି ବର୍ଜ୍ୟ ପଦାର୍ଥରେ ଛନ୍ଦି ହୋଇ ମରିବା ସ୍ୱାଭାବିକ କଥା। ସାଗରବେଳା ମହୋତ୍ସବକୁ ଅନୁଧ୍ୟାନ କଲେ ଇକୋରିଟ୍ରିଟରେ ବର୍ଜ୍ୟବସ୍ତୁ ପେଣ୍ଠ ସମୁଦ୍ରକୁ ଧ୍ୱଂସ କରିବ ବୋଲି ଅନୁମାନ କରାଯାଉଅଛି। ବିଭିନ୍ନ ସମସ୍ୟାକୁ ଯୁଝୁଥିବା ଏହି ବିରଳ ଜୀବ ଗହୀରମଥାକୁ ଆଗମନ ଓ ପ୍ରସ୍ଥାନକୁ ନେଇ ସେମାନଙ୍କ ଜୀବନଚକ୍ର ଏବେ ବି ଗବେଷଣାଗାରରେ ଅଛି। ଆଗମନଠାରୁ ନବଜାତକ ସମୁଦ୍ରକୁ ଫେରିବା ପର୍ଯ୍ୟନ୍ତ କଇଁଛଙ୍କ ସୁରକ୍ଷା ଆବଶ୍ୟକ। ସାମୁଦ୍ରିକ କଇଁଛ ଓ ହେନ୍ତାଳ ବଣ ସୁରକ୍ଷା ପରିଷଦର ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, ବିଶ୍ୱ ତାପନ ଓ ସାମୁଦ୍ରିକ ଝଡ଼ବାତ୍ୟା ଗହୀରମଥା ଉପରେ ଯଥେଷ୍ଟ ପ୍ରଭାବ ପକାଉଛି। ସାମୁଦ୍ରିକ ତଟକ୍ଷୟ ଏବେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ପ୍ରାୟ ୫ ଲକ୍ଷ ଅଲିଭ ରିଡ୍‌ଲେ ପ୍ରଜନନ ପାଇଁ ଏଠାକୁ ଆସୁଛନ୍ତି। ତେବେ ପ୍ରଜନନସ୍ଥଳ ସଙ୍କୁଚିତ ହେବାରୁ ସମସ୍ୟା ସୃଷ୍ଟି ହୋଇଛି। ତଟକ୍ଷୟ ରୋକିବାକୁ କୌଣସି ଉଦ୍ୟମ ହେଉନାହିଁ। ତଟକ୍ଷୟ ଯୋଗୁ ସାତଭାୟାବାସୀ ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ପରିତ୍ୟକ୍ତ ସ୍ଥାନ ଓ ଏଠାରେ ଥିବା ୧ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମିରେ ହେନ୍ତାଳ ବଣ ସୃଷ୍ଟି ହେବା କଥା। ଏ ନେଇ ଯୋଜନା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇନାହିଁ। ଅଗରନାଶୀ ୧ ଓ ୨, ବାବୁବାଲି ଆଦି ଅଞ୍ଚଳର ତଟକ୍ଷୟ ଚିନ୍ତାଜନକ ହୋଇଛି। ସେହିପରି ନିଷିଦ୍ଧାଞ୍ଚଳରେ ଅବାଧ ପ୍ରବେଶ, ଚିଙ୍ଗୁଡ଼ି ଘେରି, ଶିଳ୍ପର ଉଦ୍‌ବୃତ୍ତ ବର୍ଜ୍ୟ, ରାସାୟନିକ ପଦାର୍ଥ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। ପରିବେଶବିତ୍ ପ୍ରଭୁପ୍ରସାଦ ମହାପାତ୍ର କହିଛନ୍ତି, ବନ ବିଭାଗ ଓ ସାମୁଦ୍ରିକ ଥାନାର ଭିତ୍ତିଭୂମି ଅଭାବ ୭ ମାସର କଟକଣା ପ୍ରତି ଯଥେଷ୍ଟ ସହାୟକ ହେଉନାହିଁ। ସାମୁଦ୍ରିକ ଥାନାର ସିଡ୍ ବୋଟ ଓ କର୍ମଚାରୀ ଅଭାବ ଆଦି ସମସ୍ୟା ଲାଗି ରହିଛି। ଏ ସମ୍ପର୍କରେ ଡିଏଫଓ ଡ. ଯଜ୍ଞଦତ୍ତ ପତି କହିଛନ୍ତି, ଇକୋରିଟ୍ରିଟ ସମୟରେ ବର୍ଜ୍ୟବସ୍ତୁ ପରିଚାଳନାକୁ ଧ୍ୟାନ ଦିଆଯିବ। ଏହାସହ ତଟକ୍ଷୟ ରୋକିବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ଆରମ୍ଭ ହୋଇଛି। ହେନ୍ତାଳ ବଣକୁ ସଂରକ୍ଷଣ କରିବା, କଟକଣା ସମୟରେ ଅବାଧ ପ୍ରବେଶକୁ ରୋକିବା ଆଦିକୁ ଗୁରୁତ୍ୱ ଦିଆଯାଉଛି।


ପେଣ୍ଠ ସମୁଦ୍ର ବେଳାଭୂମିରେ ପଡ଼ିଥିବା ଆବର୍ଜନା।


ଗହୀରମଥା ବେଳାଭୂମିରେ ମୃତ ଅଲିଭ୍ ରିଡ୍‌ଲେ କଇଁଛ।

- ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ଚିନ୍ତା
- ତଟକ୍ଷୟ ସମସ୍ୟା ବଢ଼ିଚାଲିଛି
- ବନ ବିଭାଗ ସିଡ୍ ବୋଟ, ସାମୁଦ୍ରିକ ଥାନା ଭିତ୍ତିଭୂମିର ଅଭାବ

## ସଂକ୍ଷେପରେ

### ୧୨ ହେକ୍ଟର ଜଙ୍ଗଲ ଜମିରୁ ଚିଙ୍ଗୁଡ଼ି ଘେରି ହଟିଲା

ଏରସମା,୨୨।୧୦(ସ୍ୱ.ପ୍ର.): ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତସ୍ଥିତ ୧୨ ହେକ୍ଟର ଜମିରୁ ଶୁକ୍ରବାର ବେଆଇନ ଚିଙ୍ଗୁଡ଼ି ଘେରି ହଟାଯାଇଛି। ଏସିଏଫ ଅଧୀର ବେହେରା, କୁଜଙ୍ଗ ରେଞ୍ଜ ଅଫିସର ରଞ୍ଜନ ମିଶ୍ର, ଫରେଷ୍ଟର ନବୀନ ମଲିକ, ଜ୍ଞାନପ୍ରକାଶ ମହାନ୍ତି, ବନଜା ମହାପାତ୍ର, ଫରେଷ୍ଟ ଗାର୍ଡ ବିଶ୍ୱରଞ୍ଜନ ତରାଇ,ନିରଞ୍ଜନ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ୧୨ ହେକ୍ଟର ଜଙ୍ଗଲ ଜମିରୁ ଜେସିବି ସାହାଯ୍ୟରେ ଘେରି ଭାଙ୍ଗିଥିଲେ। ସମୁଦ୍ର ଉପକୂଳବର୍ତ୍ତୀ ଜଙ୍ଗଲ ଜମିକୁ କେତେଜଣ ଜବରଦଖଲ କରି ଚିଙ୍ଗୁଡ଼ି ଘେରି କରିଛନ୍ତି। ଏହାଦ୍ୱାରା ଧାନ ଚାଷ କ୍ଷତିଗ୍ରସ୍ତ ହେବାସହ ଜଳ ନିଷ୍କାସନରେ ବାଧକ ସାଜିଛି। ଏନେଇ ଏରସମା ତହସିଲ ପକ୍ଷରୁ ଅକ୍ଟୋବର ୫ ମଧ୍ୟରେ ଘେରି ଉଚ୍ଛେଦ କରିବାକୁ ନୋଟିସ ଦିଆଯାଇଥିଲା। ଜବରଦଖଲକାରୀ ନ ମାନିବାରୁ ପ୍ରଶାସନ ପକ୍ଷରୁ ଘେରି ଭାଙ୍ଗି ଦିଆଯାଇଛି।

### ମନ୍ତ୍ରୀ ଦିବ୍ୟଶଙ୍କରଙ୍କ କୁଶପୁତ୍ତଳିକା ଦାହ

ତିର୍ତ୍ତୋଲ,୨୨।୧୦(ବି.ଏନ.ଏ.): କଳାହାଣ୍ଡିର ମମିତା ମେହେରଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ତିର୍ତ୍ତୋଲ ଭାଜପା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଶାରଳାରୋଡ଼ ଛକରେ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମାନସ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କ୍ଷିତୀଶ ଦାସ, ତିର୍ତ୍ତୋଲ ବ୍ଲକ ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ତ୍ରିନାଥ ବାରିକ, ସମ୍ପାଦକ ସାଗର ଦାସ, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ତାପସ ମହାନ୍ତି, ବିରେନ ପାଲ, ସୁଶାନ୍ତ ସାହୁ, ଅକ୍ଷୟ ଖୁଣ୍ଟିଆ ଓ ଓମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଖୋଲା ଗାଡ଼ିରେ ଶ୍ରମିକ ନେବା ଘଟଣା
### ୯ ଗାଡ଼ିରୁ ଜରିମାନା ଆଦାୟ

ପାରାଦୀପ,୨୨।୧୦(ସ୍ୱ.ପ୍ର.): ପାରାଦୀପ ବନ୍ଦର ନିକଟାଞ୍ଚଳକୁ ବିଭିନ୍ନ ଠିକାସଂସ୍ଥାଗୁଡ଼ିକ ଖୋଲା ପଣ୍ୟବାହୀ ଗାଡ଼ିରେ ଶ୍ରମିକଙ୍କୁ ନେବା ଆଣିବା କରନ୍ତି। ଏହି ଘଟଣାରେ ଶୁକ୍ରବାର ଜଗତ୍‌ସିଂହପୁର ଆରଟିଓଙ୍କ ପକ୍ଷରୁ ଚଢ଼ାଉ କରାଯାଇ ୯ ଗାଡ଼ିରୁ ଜରିମାନା ଆଦାୟ କରାଯାଇଛି। ପ୍ରତ୍ୟେକ ଗାଡ଼ିରୁ ୫୫୦୦ ଟଙ୍କା ଲେଖାଏ ଆଦାୟ କରାଯାଇଛି ବୋଲି ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ ମହାପାତ୍ର କହିଛନ୍ତି।

### ୱାର୍ଡ ପୁନର୍ଗଠନ, ଭୋଟର ତାଲିକା ସଂଶୋଧନ ପାଇଁ ଦାବିପତ୍ର

ପାରାଦୀପ,୨୨।୧୦(ସ୍ୱ.ପ୍ର.): ପାରାଦୀପ ନଗର ଭାଜପା ପକ୍ଷରୁ ଶୁକ୍ରବାର ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ପୌରାଞ୍ଚଳରେ ଶାସକ ଦଳ ପକ୍ଷରୁ ନିଜକୁ ସୁହାଇଲା ଭଳି ରଣନୀତି ପ୍ରସ୍ତୁତ କରାଯାଇଛି। ଭାଜପାର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଓ ସର୍ବେଶ୍ୱର ବଲିୟାରସିଂ ଅଭିଯୋଗରେ ଦର୍ଶାଇଛନ୍ତି, ପୌରାଞ୍ଚଳର୧୯ନଂ.ୱାର୍ଡରେ ଅନେକ ତ୍ରୁଟି ରହିଛି। ପ୍ରତ୍ୟେକ ୱାର୍ଡର ସୀମା ନିର୍ଦ୍ଧାରଣ କରିବା, ୱାର୍ଡଗୁଡ଼ିକୁ ପୁନର୍ଗଠନ କରିବା ଓ ଭୋଟର ତାଲିକା ସଂଶୋଧନ କରିବା ଅପରିହାର୍ଯ୍ୟ ହୋଇପଡିଛି। ପୌର ନିର୍ବାଚନ ପୂର୍ବରୁ ଏହା କରା ନ ଗଲେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,୨୨।୧୦(ଡି.ଏନ.ଏ.): ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ଶୁକ୍ରବାର ଏକ ୧୧ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଧାନ ଓ ଅଣଧାନ ଫସଲ ବିକ୍ରି କରାଯାଇପାରୁ ନାହିଁ ତେଣୁ ଚାଷୀଙ୍କ ସମସ୍ତ ଉତ୍ପାଦନ ଲାଭଜନକ ମୂଲ୍ୟରେ ବିକ୍ରି କରିବାର ସରକାରୀ ବ୍ୟବସ୍ଥା, ଜଳସେଚନ ଓ ଜଳନିଷ୍କାସନ ସ୍ଥାୟୀ ଭାବରେ ଯୁଦ୍ଧକାଳୀନ ଭିତ୍ତିରେ କରାଯିବା, ଚାଷୀଙ୍କୁ କୃଷି ଉପକରଣ, ବିହନ, ସାର ଆଦି ସରକାରୀ ସୁବିଧାରେ ଯୋଗାଇ ଦିଆଯିବା, ସମବାୟ ସମିତି, ବ୍ୟାଙ୍କ ଚାଷୀ ଏବଂ ଭାଗ ଚାଷୀଙ୍କୁ ଆବଶ୍ୟକ ଋଣ ପ୍ରଦାନ କରିବା, ଷଣ୍ଢ ଓ ମାଙ୍କଡ଼ ଦାଉରୁ ଫସଲ ରକ୍ଷା କରାଯିବା, ସରକାରୀ କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ଭଳି ଚାଷୀ ଏବଂ ମଜଦୁରଙ୍କୁ ଭତ୍ତା ପ୍ରଦାନ କରିବା ଆଦି ନେଇ ମହାସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବି ସମୂହ ୧୫ ଦିନ ମଧ୍ୟରେ କାର୍ଯ୍ୟକାରୀ ନ ହେଲେ ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ


ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ଦଶରଥପୁର,୨୨।୧୦(ଡି.ଏନ.ଏ.)

ବିଦ୍ୟୁତ୍‌ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଥିବାରୁ ଏକ ମାସରୁ ଉର୍ଦ୍ଧ୍ୱ ହେବ ଗ୍ରାମବାସୀ ହଇରାଣ ହେଉଛନ୍ତି। ହେଲେ ଏହାର ସମାଧାନ ହୋଇ ପାରୁନାହିଁ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବକୁ ଦାୟୀ କରି ଗ୍ରାମବାସୀ ଶୁକ୍ରବାର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ସେମାନଙ୍କୁ ଶାନ୍ତ କରିବାକୁ ଯାଇ ବିଭାଗୀୟ ଅଧିକାରୀ ନାକେଦମ ହୋଇଥିବା ଦେଖିବାକୁ ମିଳିଛି।

ଘଟଣା ମୁତାବକ, ଦଶରଥପୁର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନ ନିଜାମପୁର ପଞ୍ଚାୟତ ନଛିଦ୍ରପୁର ଗ୍ରାମର ବଣସାହି ହନୁମାନ ଛକରେ ସ୍ଥାପିତ ୬୩ କେ.ଭି. ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ନଛିଦ୍ରପୁର ଗ୍ରାମର ୬୦ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ କରାଯାଉଥିଲା। ୬ମାସ ପୂର୍ବେ ଏହି ଟ୍ରାନ୍ସଫର୍ମରଟି ଅଚଳ ହୋଇପଡ଼ିଥିଲା। ନୂତନ ଟ୍ରାନ୍ସଫର୍ମର ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରିଥିଲେ। ଗ୍ରାମର ଉପଭୋକ୍ତା ପ୍ରାୟ ୬ ମାସ ଅନ୍ଧାରରେ କାଳାତିପାତ କରିବା ପରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ବ୍ୟକ୍ତିଗତ ପାଣ୍ଠିରୁ ଏହି ସ୍ଥାନରେ ୬୩ କେ.ଭି. ପରିବର୍ତ୍ତେ ଏକ ୧୦୦ କେଭି ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଥିଲା। ମାତ୍ର ଟ୍ରାନ୍ସଫର୍ମର ସ୍ଥାପନାର ୨୨ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୯ ତାରିଖରେ ତାହା ପୁନଃ ଅଚଳ ହୋଇପଡ଼ିଥିଲା। ଫଳରେ ଉପଭୋକ୍ତା ଆଉ ଏକ ଟ୍ରାନ୍ସଫର୍ମର ଲଗାଇବା ପାଇଁ ବିଭାଗୀୟ କନିଷ୍ଠଯନ୍ତ୍ରୀ, ଉପଖଣ୍ଡ ଅଧିକାରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଆଜି କାଲି କହି ଦିନ ଗଡ଼ାଇ ଚାଲିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଉପୋଭୋକ୍ତା ବିଶ୍ୱଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ରଞ୍ଜିତା ନାୟକ, ଲୋପାମୁଦ୍ରା ନାୟକ, ଅନୁସୟା ବିଶ୍ୱାଳ, ପୁଷ୍ପଲତା ବିଶ୍ୱାଳ, ପ୍ରତିଭା ନାୟକ, ସୀମା ବିଶ୍ୱାଳ, ଲିପି ନାୟକ, ପ୍ରେମାନନ୍ଦ ବିଶ୍ୱାଳ, ଉମାକାନ୍ତ ନାୟକ, ଦିଲ୍ଲୀପ ସମେତ ବହୁ ଉପଭୋକ୍ତା ଧାରଣାରେ ବସିଥିଲେ। ନୂତନ ଟ୍ରାନ୍ସଫର୍ମର ସ୍ଥାପନା ନ ହେବା ପର୍ଯ୍ୟନ୍ତ ଧାରଣାରୁ ହଟିବେ ନାହିଁ ବୋଲି ଅଡ଼ି ବସିଥିଲେ। ଦୀର୍ଘ ସମୟ ପରେ ବିଭାଗୀୟ ଉପ-ଖଣ୍ଡ ଅଧିକାରୀ ବ୍ରଜକିଶୋର ଧଳ ପହଞ୍ଚି ଆସନ୍ତା ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ

ଆଳି,୨୨।୧୦(ଡି.ଏନ.ଏ.)

ଆଳି ବ୍ଲକ କଂଗ୍ରେସ ପକ୍ଷରୁ କାର୍ଯ୍ୟକାରୀ କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ସିନେମା ହଲ ନିକଟରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଉପସଭାପତି ପ୍ରଫୁଲ୍ଲ ଦାସ, ସମ୍ବିତ ଶ୍ରୀଚନ୍ଦନ, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ଯୁବ କଂଗ୍ରେସ ସଭାପତି କ୍ଷୀରୋଦ ବେହୁରିଆ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟ ପ୍ରିୟ ସାମଲ, ଜୋନ ସଭାପତି ସର୍ବେଶ୍ୱର ସାମଲ, ଆଳି ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ସମ୍ପର୍କରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଜେଡି ଓ ଭାଜପା ଦଳ ଛାଡି ଡିମିରିପାଳରୁ ଦୁଃଖାସନ ସାହୁ, ତରୁଣି ମଲିକ, ଅଞ୍ଜନ ମଲିକ, ଲକ୍ଷ୍ମୀଧର ମଲିକ, ଗୟାଧର ରାଉତ, ଆଶିଶ ମହାନ୍ତି, କରୁଣାକର ନାଥ, ବାବାଜି ରାଉତ, ସୂର୍ଯ୍ୟକାନ୍ତ ମାହାଳିକ, ବ୍ରଜବନ୍ଧୁ ସାହୁ, ସତ୍ୟରଞ୍ଜନ ସୂତାର, ପ୍ରକାଶ ଜେନା, ସତ୍ୟବ୍ରତ ଜେନା ପ୍ରମୁଖଙ୍କ ସମେତ ଅନେକ କର୍ମୀ ଯୋଗ ଦେଇଥିଲେ। ଦଳରେ ନୂତନ ଭାବେ ଯୋଗଦେଇ ଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା।



ବୈଠକରେ ଯୋଗ ଦେଇଥିବା କଂଗ୍ରେସ ନେତାମାନେ।

# ହିନ୍ଦୁଙ୍କୁ ସୁରକ୍ଷା, ନ୍ୟାୟ ଏବଂ କ୍ଷତିପୂରଣ ପାଇଁ ଦାବି

ଯାଜପୁର ଟାଉନ,୨୨।୧୦(ଡି.ଏନ.ଏ.)

ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ଯାଜପୁର ଜିଲା ଶାଖା ପକ୍ଷରୁ ଶୁକ୍ରବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ନିନ୍ଦା କରାଯାଇଛି। ବାଲାଂଦେଶରେ ଥିବା ହିନ୍ଦୁ ଭୟଭୀତ ଏବଂ ଦୁର୍ଦ୍ଦିନରେ କାଳତିପାତ କରୁଛନ୍ତି। ସେଠାରେ ଥିବା ହିନ୍ଦୁଙ୍କୁ ନ୍ୟାୟ, ସୁରକ୍ଷା ଓ କ୍ଷତିପୂରଣ ସହ ଆକ୍ରମଣକାରୀଙ୍କୁ ଗିରଫ ଏବଂ ଏଭଳି ଘଟଣାର ଯେପରି ପୁନଃରାବୃତ୍ତି ନ ହୁଏ ଯଥୋଚିତ ପଦକ୍ଷେପ ଗ୍ରହଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଶହଶହ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର ସଦସ୍ୟ ଉପସ୍ଥିତ ଥିଲେ।

# ଚିଠା ସଂରକ୍ଷଣ ତାଲିକା ବିରୋଧରେ ଗଣଧାରଣା

ନାଉଗାଁ,୨୨।୧୦(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ନାଉଗାଁ ବ୍ଲକର ବିଭିନ୍ନ ପଦବୀ ପାଇଁ ସ୍ଥାନ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଥିଲା। ଏହି ତାଲିକା ବେଆଇନ ଓ ମିଥ୍ୟା ତଥ୍ୟ ଆଧାରରେ ହୋଇଥିବା ଅଭିଯୋଗ କରି ଶୁକ୍ରବାର ଜାମୁଗାଁ ପଞ୍ଚାୟତ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର, ସରପଞ୍ଚ ଲଲାଟେନ୍ଦୁ ପରିଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓ ରଶ୍ମିରେଖା ମଲ୍ଲିକ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକାଶିତ ଚିଠା ତାଲିକାରେ ତ୍ରୁଟି ଥିଲେ ଜନସାଧାରଣ ୨୬ ଅକ୍ଟୋବର ପର୍ଯ୍ୟନ୍ତ ଅଭିଯୋଗ କରିପାରିବେ। ଏହାକୁ ଭିତ୍ତି କରି ପୁନର୍ବାର ତାଲିକା ସଂଶୋଧନ କରାଯିବ। ଏହାସତ୍ତ୍ୱେ ତ୍ରୁଟି ରହିଲେ ପରବର୍ତ୍ତୀ ସମୟରେ ବିଚାରକୁ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଚିଠା ତାଲିକାରେ ଜାମୁଗାଁ ସମିତିସଭ୍ୟ ପଦବୀ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହି ପଞ୍ଚାୟତରେ ୧୦ ଅନୁସୂଚିତ ଜନଜାତି ବ୍ୟକ୍ତି ଥିବା ତଥ୍ୟରେ ଦର୍ଶାଯାଇଛି। କିନ୍ତୁ ପଞ୍ଚାୟତରେ ଅନୁସୂଚିତ ଜନଜାତି ଲୋକେ ନାହାନ୍ତି ବୋଲି ବିଭିନ୍ନ ସରକାରୀ ତଥ୍ୟରେ ପ୍ରମାଣ ରହିଛି। ସେହିପରି ପଞ୍ଚାୟତର ୪ ନଂ.ଓାର୍ଡକୁ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ତ୍ରୁଟିପୂର୍ଣ୍ଣ ତଥ୍ୟ ଆଧାରରେ ଏପରି କରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।


ବିଡିଓ ରଶ୍ମିରେଖା ମଲ୍ଲିକ ଧାରଣାକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ୯୦ ଚାଷୀ ନାଁ ପଞ୍ଜୀକରଣରୁ ବଞ୍ଚିତ

ଜଗତ୍‌ସିଂହପୁର ଅଫିସ, ୨୨।୧୦

ରଘୁନାଥପୁର ବ୍ଲକ ରାଢ଼ଙ୍ଗ ସେବା ସମବାୟ ସମିତି ସମ୍ପାଦକ ଜିରା ଓ ତାରପୁର ସମିତିର ସମ୍ପାଦକ ଦାୟିତ୍ୱରେ ମଧ୍ୟ ଅଛନ୍ତି। ଜଣେ ଲୋକ ଏକାଧିକ ସମିତି ସମ୍ପାଦକ ଥିବାରୁ ସମସ୍ୟା ଦେଖାଦେଇଛି। ଚାଷୀଙ୍କଠାରୁ ଋଣ ଆଦାୟ କରାଯାଇ ନ ଥିବାରୁ ସୁଧ ବଢୁଛି। ଠିକ୍ ସମୟରେ ବିହନ ଓ ସାର ଯୋଗାଯାଇ ପାରିନାହିଁ। ଯେଉଁ କାରଣରୁ ଚାଷୀ ଖୋଲା ବଜାରରୁ ସାର କିଣିବାକୁ ବାଧ୍ୟ ହୋଇଛନ୍ତି। ଏହି ୩ ସମିତିରେ ପାଖାପାଖି ୧୫୦୦ ଚାଷୀ ଧାନ ବିକ୍ରି କରିବାକୁ ନାମ ପଞ୍ଜୀକରଣ କରିଛନ୍ତି। କିନ୍ତୁ ସମ୍ପାଦକଙ୍କ ଅବହେଳାରୁ ଆଉ ୯୦ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇପାରିନାହିଁ। ଏବେ ସାଇଟ୍ ବନ୍ଦ ଥିବାରୁ ସେମାନେ ଚିନ୍ତାରେ ପଡିଛନ୍ତି। ସେହିପରି ୩ ସମିତି ପାଇଁ ଜଣେ ଡିଇଓ (ଡାଟା ଏଣ୍ଟ୍ରି ଅପରେଟର୍) ଥିଲେ। ସମ୍ପାଦକଙ୍କ ତ୍ରୁଟି ଘୋଡାଇବାକୁ ଯାଇ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଡିଇଓଙ୍କୁ ବହିଷ୍କାର କରିବା ଦୁର୍ଭାଗ୍ୟଜନକ।

୧୫ ଦିନ ତଳେ ସମିତିଗୁଡିକର ଚାଷୀ ସୋମନାଥ ସ୍ୱାଇଁ, ସରୋଜ ଦ୍ୱିବେଦୀ, ଅଭୟ ବାରିକ, ସଞ୍ଜୟ ବାରିକ, ନିତ୍ୟାନନ୍ଦ ବାରିକ, ଜଗବନ୍ଧୁ ଦାସ ଓ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଏ ସମ୍ପର୍କରେ ଜଗତ୍‌ସିଂହପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ (ଏଆର୍‌ସିଏସ୍)ଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିକାର ଦାବି କରିଥିଲେ। ଏଥିସହ ଏହାର ନକଲ କୋ-ଅପରେଟିଭ୍ କଟକ ଡିଭିଜନ୍-୨ ଡେପୁଟି ରେଜିଷ୍ଟ୍ରାର, ଉପଜିଲାପାଳ, ଜିଲାପାଳ, ବିଭାଗୀୟ କମିଶନର ଓ ମନ୍ତ୍ରୀଙ୍କ ଅବଗତି ନିମନ୍ତେ ପଠାଯାଇଛି। କିନ୍ତୁ ଏଆର୍‌ସିଏସ୍ ଏ ପର୍ଯ୍ୟନ୍ତ କୌଣସି ସମାଧାନ କଲେ ନାହିଁ। ତେଣୁ ବାଧ୍ୟ ହୋଇ ଶୁକ୍ରବାର ଏଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବାକୁ ଆସିଥିବା ଚାଷୀ ପ୍ରତିକ୍ରିୟା ଦେଇଛନ୍ତି। ସେମାନେ କହିଛନ୍ତି, ଯଦି ୯୦ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ ନ ହୁଏ ସେମାନେ ସରକାରୀ ଦରରେ ଧାନ ବିକ୍ରି କରି ନ ପାରି କମ ଦରରେ ବେପାରୀଙ୍କୁ ଦେବେ। ଏଥିପ୍ରତି ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ଜରୁରୀ। ଅନ୍ୟପକ୍ଷେ ଡିଇଓ ବିଜୟ ଦାଶଙ୍କୁ ପୁନଃ ନିଯୁକ୍ତି ଦିଆଯାଉ। ପ୍ରତି ସମିତିରେ ଜଣେ କରି ସ୍ଥାୟୀ ସମ୍ପାଦକ ଦାୟିତ୍ୱରେ ରୁହନ୍ତୁ ବୋଲି ଦାବି କରାଯାଇଛି।


ଏଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟ ଆଗରେ ଅସନ୍ତୁଷ୍ଟ ଚାଷୀ।

- ଧାନ ବିକ୍ରି ଚିନ୍ତା ଘାରିଛି
- ୩ ସମିତିରେ ଜଣେ ସମ୍ପାଦକ

## ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

ଆଳି,୨୨।୧୦(ଡି.ଏନ.ଏ.)

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ପ୍ରଦତ୍ତ ଅନୁଦାନରେ ନିର୍ମିତ ନୂତନ ଗୃହକୁ ବ୍ଲକ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡା ଶୁକ୍ରବାର ଉଦଘାଟନ କରିଛନ୍ତି। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ମନୋରଞ୍ଜନ ମହାନ୍ତିଙ୍କ ନାମରେ ଏହି ଗୃହ ନାମିତ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଲୋଚନ ମହାଳିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ଶିକ୍ଷା ଅଧିକାରୀ ପରିଡା କହିଥିଲେ, ଶିକ୍ଷକମାନେ ସେମାନଙ୍କ ନିଷ୍ପାପର ଶିକ୍ଷାଦାନ ପାଇଁ ଏହି ଶିକ୍ଷାନୁଷ୍ଠାନ ଏକ ପରିଚିତ ନାମରେ ପରିଣତ ହୋଇଛି। ତେଣୁ ଶିକ୍ଷାଦାନ ଉତ୍କୃଷ୍ଟ ରହିଲେ ବିଦ୍ୟାଳୟରୁ ପ୍ରତିବର୍ଷ କୃତି ଛାତ୍ରଛାତ୍ରୀ ସୃଷ୍ଟି ହୋଇ ସମାଜର ମଙ୍ଗଳ କରିବେ। ବିଦ୍ୟାଳୟକୁ ମଧ୍ୟ ସହଯୋଗ କରିପାରିବେ। ମୁଖ୍ୟବକ୍ତା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ପାବନୀ ରାଉତ, ସାମାଜିକ କର୍ମୀ ପର୍ଶୁରାମ ରାଉତରାୟ, ଶିକ୍ଷାବିତ ବି. ଏମ୍. ସେନାପତି, ପ୍ରମୋଦ ମଲ୍ଲିକ, ହାଇସ୍କୁଲ ସମୂହର ନୋଡାଲ ଅଫିସର ବିରଞ୍ଚି ନାରାୟଣ ମହାପାତ୍ର, ଆଳି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି, ଗୁଙ୍ଗା ସିପିରିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର କର ଓ ଉତ୍କଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ସିଆରସିସି ଅକ୍ଷୟ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୋଲକ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ବନ୍ୟା ନିୟନ୍ତ୍ରଣ ଓ ପରିଚାଳନା ପୁସ୍ତକ ଉନ୍ମୋଚିତ

ପଟ୍ଟାମୁଣ୍ଡାଇ, ୨୨।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ବ୍ରାହ୍ମଣୀ କଲେଜଠାରେ ବୁଧବାର ଇଂ. ଧନେଶ୍ୱର ବିଶ୍ୱାଳଙ୍କ ଲିଖିତ 'ବନ୍ୟା ନିୟନ୍ତ୍ରଣ ଓ ପରିଚାଳନା' ପୁସ୍ତକକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶଶିଭୂଷଣ ବେହେରା ଉନ୍ମୋଚନ କରିଛନ୍ତି। ଆୟୋଜିତ ଉତ୍ସବରେ ବ୍ରାହ୍ମଣୀ ସାଂସ୍କୃତିକ ପରିଷଦ ସଭାପତି ଡା. ଗଦାଧର ମଲ୍ଲିକଙ୍କ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ବିଧାୟକ ବେହେରା କହିଲେ, ବନ୍ୟା ବିଭିଷିକା ଧୋୟାଞ୍ଚଳବାସୀଙ୍କ ନିଦ ହଜାଇବା ସହ ଗୃହବନ୍ଦୀ କରି ବ୍ୟାପକ ଫସଲହାନୀ ଘଟାଇଥାଏ। ଏହି ସମସ୍ୟା ଦୂର ପାଇଁ ବନ୍ୟା ନିରୋଧକ ରାସ୍ତା ନିର୍ମାଣ, ଅଳପୁଆ ଓ ନୀଳକଣ୍ଠପୁର ସେତୁ ନିର୍ମାଣ ସହ ସିଂହଗାଁ ସେତୁ ନିର୍ମାଣ କାର୍ଯ୍ୟକୁ ଦ୍ୱରାନ୍ୱିତ କରିବାକୁ ପଦକ୍ଷେପ ନିଆଯାଇଛି। ବନ୍ୟା ଓ ବର୍ଷା ସମୟରେ ବିଦ୍ୟୁତ୍ ଅଭାବ ଦୂର ପାଇଁ ବନ୍ୟାଞ୍ଚଳକୁ ସୋଲାର ଲାଇଟ୍ ବ୍ୟବସ୍ଥା ଯୋଗାଇ ଦିଆଯିବ। ଚିତ୍ତରଞ୍ଜନ ମଲ୍ଲିକ ଆୟୋଜିତ ଉତ୍ସବରେ ସଂଯୋଜନା କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ, କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷ ମାନସ ପରିଡା, ବସନ୍ତ ମଲ୍ଲିକ, ପ୍ରଫେସର ନିର୍ମଳ ବିଶ୍ୱାଳ, ଜିଲାପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ପ୍ରଫେସର ଦେବପ୍ରସାଦ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ସମିତିସଭ୍ୟା ମନୋରମା ଭୂୟାଁ, ପେଣ୍ଠପାଳ ପୂର୍ବତନ ସରପଞ୍ଚ କୈଳାସ ସେଠୀ, ଉମେଶ ମହାନ୍ତି, ଗଗନ ମହାଳିକ, ରବୀନ୍ଦ୍ର ପରିଡା ପ୍ରମୁଖ କବି, ସାହିତ୍ୟିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ନାରାୟଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ମହିଳା ପରିଦର୍ଶିକାଙ୍କ ଚାକିରି ନିୟମିତ ଲାଗି ଦାବି

ଯାଜପୁର ଟାଉନ,୨୨।୧୦(ଡି.ଏନ.ଏ.)

ଶିଶୁ ବିକାଶ ପ୍ରକଳ୍ପରେ କାର୍ଯ୍ୟରତ ଠିକା ମହିଳାପରିଦର୍ଶିକାଙ୍କ ଚାକିରି ନିୟମିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଅନୁସାରେ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଥାଇ ଅନ୍ୟୂନ ୫ବର୍ଷ ଅଭିଜ୍ଞତା ଥିବା ଅଙ୍ଗନୱାଡି କର୍ମୀଙ୍କୁ ଠିକା ସୁପରଭାଇଜର ନିଯୁକ୍ତି ପ୍ରଦାନ କରାଯାଇଛି। ତେବେ ୧୨/୧୩ ବର୍ଷ କାର୍ଯ୍ୟ କରିବା ପରେ ମଧ୍ୟ ଚାକିରି ନିୟମିତ କରାଯାଇନାହିଁ। ମାତ୍ର ମାଟ୍ରିକ ପାସ ମହିଳା ପରିଦର୍ଶିକାଙ୍କୁ ନିୟମିତ ଚାକିରି ଦିଆଯାଇଛି। ୧୦ ବର୍ଷ ଅଭିଜ୍ଞତା ଥିବା ମାଟ୍ରିକ ପାସ ଅଙ୍ଗନୱାଡ଼ି କର୍ମୀ ନିୟମିତ ପଦୋନ୍ନତି ପାଇଛନ୍ତି। ତେଣୁ ଯେଉଁ ଦିନଠାରୁ ଚୁକ୍ତିଭିତ୍ତିକ ମହିଳାପରିଦର୍ଶିକାଙ୍କୁ ନିଯୁକ୍ତି ଦିଆଗଲା ସେହିଦିନଠାରୁ ଚାକିରି ନିୟମିତ କରିବା, ସମାନ କାମକୁ ସମାନ ଦରମା, କରୋନାରେ ମୃତ୍ୟୁବରଣ କରିଥିବା ମହିଳା ପ୍ରଦର୍ଶକାଙ୍କ ପରିବାରକୁ ସରକାରୀ ସୁବିଧା ସହ ପରିବାର ପକ୍ଷରୁ ଜଣଙ୍କୁ ଚାକିରି ପ୍ରଦାନ ଲାଗି ଦାବି କରାଯାଇଛି।

# ପୋତା କେନାଲରେ ଜଳଯୋଗାଣ

ଯାଜପୁର ଅଫିସ,୨୨।୧୦


ରେଙ୍ଗାଲି ବାମପାର୍ଶ୍ୱ କେନାଲର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି।

## ରେଙ୍ଗାଲି ବହୁମୁଖୀ ଯୋଜନା

■ ଆବଶ୍ୟକତା ବେଳେ କାମକୁ ନାହିଁ

ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣାଧୀନ ରେଙ୍ଗାଲି ବହୁମୁଖୀ ଯୋଜନାର ବାମପାର୍ଶ୍ୱ କେନାଲର ସୁରକ୍ଷା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକର ଓଡ଼ିଶଠାରୁ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ମାଧପୁର ପର୍ଯ୍ୟନ୍ତ ୨୨ କିମି ଲମ୍ବ କେନାଲ ଅଞ୍ଚଳରେ ପାଣି ଝରୁଥିବାରୁ ତାହା ବିପଦପୂର୍ଣ୍ଣ ମନେହେଉଛି। ଏନେଇ ଆଖପାଖ ଅଞ୍ଚଳର ଲୋକଙ୍କ ମଧ୍ୟରେ ନାନା କଳ୍ପନାଜଳ୍ପନା ସୃଷ୍ଟି ହୋଇଥିବାବେଳେ ବିଭାଗୀୟ ଅଧିକାରୀମାନେ କିଛି ହେବ ନାହିଁ ବୋଲି ନିଜକୁ ଓ ଅନ୍ୟକୁ ଆଶ୍ୱସ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପକ୍ଷେ ୪/୫ ବର୍ଷ ହେଲା ନିର୍ମିତ କେନାଲ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ପୋତି ହୋଇପଡ଼ିଛି। ଫଳରେ ସୁରୁଖୁରୁରେ କେନାଲରେ ପାଣି ପ୍ରବାହ ହୋଇ ପାରୁନାହିଁ। ବର୍ତ୍ତମାନ ସୁଦ୍ଧା ୯,୫୫୮ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇଛି ବୋଲି ବିଭାଗୀୟ ତଥ୍ୟ ମିଳିଛି। ହେଲେ ବାସ୍ତବରେ ଏହି ପରିସଂଖ୍ୟାନର ଅଧା ଜମିରେ ବି ପାଣି ମାଡ଼ି ପାରୁନାହିଁ ବୋଲି ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ପ୍ରକାଶ କରିଛନ୍ତି।

ଚଳିତ ବର୍ଷ ଆବଶ୍ୟକ ବର୍ଷା ଅଭାବରୁ ଜିଲ୍ଲାର ଖରିଫ ଚାଷ ଆରମ୍ଭରୁ ପ୍ରଭାବିତ ହୋଇଛି। ରେଙ୍ଗାଲି ଡ୍ୟାମ୍‌ର ବାମ ପାର୍ଶ୍ୱ କେନାଲରେ ପାଣି ଆସିବ ବୋଲି ଚାଷୀ ଚାତକ ପରି ଚାହିଁ ରହିଥିଲେ। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଏବଂ ମନ୍ଥର ଗତିରେ କାମ ହେଉଥିବାରୁ ଯାଜପୁର ଜିଲ୍ଲା ଚାଷୀ ପାଣି ପାଇ ନ ଥିଲେ। ବିଭାଗୀୟ କାଗଜପତ୍ରରେ ବର୍ତ୍ତମାନ ପାଇଁ ୯ ହଜାରରୁ ଅଧିକ ହେକ୍ଟର ଜମିରେ ପାଣି ମାଡୁଥିବାର ଯୋଜନା ଥିଲେ ସୁଦ୍ଧା ପାଖାପାଖି ୪ ହଜାର ହେକ୍ଟର ଜମିରେ ପାଣି ମାଡୁଛି ବୋଲି ଅଞ୍ଚଳର ଚାଷୀଙ୍କ ନିକଟରୁ ସୂଚନା ମିଳିଛି। ଏଥିଯୋଗୁ ବରଗଜି, ଭାଲୁକିପାଟଳି, ଗରାମିଆଁ, କାଙ୍କଡପାଳ, କାଟେଣି, ଗିରିଙ୍ଗାମାଳି, ପିମ୍ପୁଡିଆ, ଗନ୍ଧାପାଳ, ଦୁଧୁଜୋରୀ, ବନ୍ଧଗାଁ, କଣ୍ଟାପାଳ, ମାନତିରା, ମାଧପୁର, ବଡ଼କାଠିଆ, ଓଡ଼ିଶ, ଖୁକୁସା, ଅନଳ ଇତ୍ୟାଦି ଗ୍ରାମର ଚାଷୀ ଆବଶ୍ୟକ ଭାବେ ପାଣି ପାଉ ନାହାନ୍ତି।

ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ଜୁନ୍‌ରେ ୧୮%, ଜୁଲାଇରେ ୬୦%, ଅଗଷ୍ଟରେ ୫୨% କମ୍ ବର୍ଷା ହୋଇଥିଲା। ଜୁନ୍‌ରେ ଅଧିକାଂଶ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। କିନ୍ତୁ ବର୍ଷା ଠିକ୍ ଭାବେ ନ ହେବାରୁ ଚାଷୀମାନେ ଗଜା ମରୁଡ଼ିର ଶିକାର ହୋଇଥିଲେ। ସେହି ସମୟରେ ସୁକିନ୍ଦା ଏବଂ ଭୁବନ ବ୍ଲକର ଚାଷୀମାନେ ରେଙ୍ଗାଲି ଡ୍ୟାମ୍ କେନାଲ ପାଣି ଉପରେ ଆଶା ରଖିଥିଲେ। ହେଲେ କେନାଲରେ ନିୟମିତ ଭାବେ ପାଣି ଝରିବା, ୪ ବର୍ଷ ପୁରୁଣା କେନାଲ ହିଡର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହେବା, କେନାଲ ଗର୍ଭରେ ମାଟି ପୋତି ହୋଇଯିବା ଯୋଗୁ ଡ୍ୟାମ୍‌ରୁ ପାଣି ଛଡ଼ାଯାଇଥିଲେ ହେଁ ତାହା ଚାଷୀଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରି ନ ଥିଲା। ରେଙ୍ଗାଲି ଡ୍ୟାମର ବାମପାର୍ଶ୍ୱ କେନାଲର ବର୍ତ୍ତମାନର କାର୍ଯ୍ୟ ଅଗ୍ରଗତିକୁ ଦେଖିଲେ ମାତ୍ର ୩୬% କାମ ହୋଇଛି। ଏହିକ୍ରମରେ ଜୁଲାଇ ୨୦୨୪ ସୁଦ୍ଧା ଶେଷ ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ପ୍ରକଳ୍ପ ଜରିଆରେ ରାଜ୍ୟର ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ୩ ଜିଲ୍ଲାର ୬ ବ୍ଲକ ଅଞ୍ଚଳରେ ୩୯,୪୧୬ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ପରିକଳ୍ପନା କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୯,୫୫୮ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଥିବାବେଳେ ୨୦୨୨ ଜୁଲାଇ ସୁଦ୍ଧା ବାକି ୯୦୦୦ ହେକ୍ଟର, ୨୦୨୩ ଜୁଲାଇ ସୁଦ୍ଧା ୫୦୦୦ ହେକ୍ଟର ଏବଂ ୨୦୨୪ ଜୁଲାଇ ସୁଦ୍ଧା ୧୫,୮୨୮ ହେକ୍ଟର ଜମିରେ ଜଳସେଚନ କରାଯିବ ବୋଲି ବିଭାଗ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି। ତେବେ କେନାଲ କାମ ଅତି ନିମ୍ନମାନର ହେଉଥିବା କାରଣରୁ ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ଖସି ପଡ଼ିଥିବାର ଦେଖାଯାଇଛି। ଏ ସଂକ୍ରାନ୍ତରେ ରେଙ୍ଗାଲି ଜଳସେଚନ ଡିଭିଜନର ସୁକିନ୍ଦା ଅଧୀକ୍ଷଣ ଯନ୍ତ୍ରୀ ଦୀପକ ବେହେରା କୁହନ୍ତି, ପାଣି ଝରିବାରେ କୌଣସି ସମସ୍ୟା ନାହିଁ। ଯେଉଁ ଅଞ୍ଚଳରେ ପାଣି ଝରୁଛି ସେଠାରେ ସିମେଣ୍ଟ କଂକ୍ରିଟୀକରଣ କରାଯିବାକୁ ଯୋଜନା ରହିଛି। ତେବେ ପ୍ରକଳ୍ପରେ ଆବଶ୍ୟକତା ଅନୁସାରେ ଚାଷୀ ପାଣି ପାଇବେ ବୋଲି ସେ କହିଛନ୍ତି।

## ଦଳ ଛାଡ଼ିଲେ ଭାଜପା ସମର୍ଥିତ ସରପଞ୍ଚ, ସମିତିସଭ୍ୟ

ବରୀ,୨୨।୧୦(ଡି.ଏନ.ଏ.)

ବରୀ ବ୍ଲକ ଭାଜପା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ ଅଧକ୍ଷା ସୁବାସିନୀ ଶର୍ମା, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ ଓ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜିତା ସାମଲ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ କର୍ମୀ ହତାଶ ହୋଇ ପଡ଼ିଛନ୍ତି। ଏହି କ୍ରମରେ ଶୁକ୍ରବାର ବ୍ଲକର ଭାଜପା ସମର୍ଥିତ ୯ ସରପଞ୍ଚ, ୧୬ ସମିତିସଭ୍ୟାସଭ୍ୟ ଓ ୪ ମଣ୍ଡଳ ସଭାପତି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତେଣୁ ଆଗାମୀ ଦିନରେ ଏଠାରେ ଭାଜପା ନେତୃତ୍ୱ ପାଇଁ କିଏ ମଙ୍ଗ ଧରିବେ ତାହାକୁ ନେଇ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷରେ ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଶାସକ ଦଳର ବିକଳ୍ପ ନେତୃତ୍ୱ କ୍ଷେତ୍ରରେ କଂଗ୍ରେସ ଓ ଭାଜପାର ନୂତନ ନେତୃତ୍ୱ କିଭଳି ଭାବେ ସମ୍ମୁଖୀନ ହେବେ ତାହା ବର୍ତ୍ତମାନ ଆକଳନ କରିବା ସମ୍ଭବ ହେଉନାହିଁ ବୋଲି ବହୁ ବରିଷ୍ଠ ରାଜନୀତିଜ୍ଞ ମତ ରଖିଛନ୍ତି। କିନ୍ତୁ ଦଳ ଛାଡ଼ିଥିବା ନେତା ଓ କର୍ମୀ ଶାସକ ଦଳରେ ଯୋଗଦେବେ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ତେବେ ସେମାନେ ଅନ୍ୟ ଦଳକୁ ଯିବେକି ନାହିଁ ସେ ନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ସଂକ୍ଷେପରେ

### ଚୋରି ବ୍ୟାଟେରି ଜବତ, ୨ ଗିରଫ

ଧର୍ମଶାଳା/ଚଢ଼େଇଧରା,୨୨।୧୦ (ଡି.ଏନ.ଏ.): ଜେନାପୁର ଥାନା ଅଣ୍ଡିଆ ଗ୍ରାମରୁ ଚୋରି ଗାଡ଼ି ବ୍ୟାଟେରିକୁ ପୋଲିସ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗ୍ରାମର ସନ୍ତୋଷ ମଲ୍ଲିକ (୨୦) ଓ ଚୈତନ୍ୟ ମଲ୍ଲିକ (୩୦)। ଉଭୟ ଅଣ୍ଡିଆସ୍ଥିତ ପଞ୍ଚାୟତ ହାଇସ୍କୁଲ ନିକଟରେ ଥିବା ଏକ ରୋଲର ଓ ଏକ ଟ୍ରାକ୍ଟରରୁ ବ୍ୟାଟେରି ଖୋଲି ନେଇଥିଲେ। ସେହିପରି ସ୍କୁଲ ନିକଟସ୍ଥ ସୁବାଶିଷ ରାଉତଙ୍କ ଘର ନିକଟରେ ଥିବା ତାଙ୍କର ଏକ ଭ୍ୟାନରୁ ବ୍ୟାଟେରି ଚୋରି କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ନଂ. ୩୦୬/୨୧ ଓ ୩୦୭/୨୧ରେ ଦୁଇଟି ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ଶ୍ରବଣ ମହାରଣା ସୂଚନା ଦେଇଛନ୍ତି।

### ଧୀରେନ୍ଦ୍ର ଦାସ ଜିଲ୍ଲା ବିଜେଡି ଉପସଭାପତି

ଝୁମ୍ପୁରୀ,୨୨।୧୦(ଡି.ଏନ.ଏ.): ଯାଜପୁର ଜିଲ୍ଲା ବିଜେଡିର ନୂଆ ଉପସଭାପତି ଭାବେ ବିଞ୍ଝାରପୁରର ଧୀରେନ୍ଦ୍ର ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ଏସମ୍ପର୍କରେ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ଏକ ପ୍ରେସ୍ ବିବୃତିରେ ଶୁକ୍ରବାର ଦଶରଥପୁରଠାରେ ଘୋଷଣା କରିଛନ୍ତି। ଦାସ ବିଜୁ ଜନତା ଦଳରେ କାର୍ଯ୍ୟ କରୁଥିବାବେଳେ ୬ ବର୍ଷ ତଳେ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ। ୧ ମାସ ତଳେ ଭାଜପା ଜିଲ୍ଲା ମୁଖିଆଙ୍କ କାର୍ଯ୍ୟ ଶୈଳୀରେ ଅସନ୍ତୋଷ ପ୍ରକାଶ କରି ଦଳରୁ ଇସ୍ତଫା ଦେଇ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦୃଢ଼ ନେତୃତ୍ୱକୁ ଭରସା କରି ବିଜେଡିରେ ସାମିଲ ହୋଇଥିଲେ। ଦାସଙ୍କୁ ଜିଲ୍ଲା ଉପସଭାପତି ନିଯୁକ୍ତି ଦିଆଯାଇଥିବାରୁ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ସମେତ ଦଶରଥପୁର ବ୍ଲକ୍‌ର ବହୁ ବିଜେଡି କାର୍ଯ୍ୟକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଝୁମ୍ପୁରିରେ ଗଜଲକ୍ଷ୍ମୀ ପୂଜା



ଝୁମ୍ପୁରୀ,୨୨।୧୦(ଡି.ଏନ.ଏ.): ଦଶରଥପୁର ବ୍ଲକ୍ ଝୁମ୍ପୁରି ବଜାରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହେଉଛି। କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଏକସପ୍ତାହ ଧରି ଚାଲିବ। ନିରାଡ଼ମ୍ବର ଭାବେ ଏହି ପୂଜା ପାଳନ କରାଯାଉଥିବାବେଳେ ପ୍ରତିଦିନ ଶ୍ରଦ୍ଧାଳୁ ମା'ଙ୍କ ପୂଜାମଣ୍ଡପ ନିକଟରେ ପ୍ରସାଦ ସେବନ କରୁଥିବା ଦେଖାଯାଇଛି। ପୂଜକ ସନାତନ ଦେବତା, ରାଜେନ୍ଦ୍ର ଦେବତା, ବାବୁଲି କଣ୍ଡ ପ୍ରମୁଖ ମା'ଙ୍କ ପୂଜା ସମ୍ପନ୍ନ କରିଥିବାବେଳେ ଯତୀନ୍ଦ୍ରନାଥ କର ଏହି ପୂଜାର ସମସ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି।

### ଧର୍ମଶାଳାରେ ବ୍ୟାପିଲା ବଜବଜିଆ ରୋଗ

ଧର୍ମଶାଳା,୨୨।୧୦ (ଡି.ଏନ.ଏ.): ଲଘୁଚାପଜନିତ ଲଗାଣ ବର୍ଷା ପରେ ଗୋରୁଙ୍କୁ ବଜବଜିଆ ରୋଗ ବ୍ୟାପିବାରେ ଲାଗିଛି। ଏହି ରୋଗରେ କଣିପାଟିଆ ଗ୍ରାମର ୪ଟି ବାଛୁରି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଜନ୍ମରୁ ୩ବର୍ଷ ମଧ୍ୟର ଗୋରୁଙ୍କୁ ଏହି ରୋଗ ବ୍ୟାପିଥାଏ। ଫଳରେ ଚିକିତ୍ସା ଅଭାବରୁ ସେମାନେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। କଣିପାଟିଆ ଗ୍ରାମର କେଶବ ଦାସ, ଦାମୋଦର ଦାସ ଓ ଗୁଡ଼ୁ ପାଲଙ୍କ ୪ଟି ବାଛୁରି ମୃତ୍ୟୁ ବରଣ କରିଥିବା ବେଳେ ଏହି ଗ୍ରାମର ଦେବାଶିଷ ପରିଡ଼ା, ବିଦ୍ୟାଧର ପରିଡାଙ୍କ ବାଛୁରି ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ଧର୍ମଶାଳା ପ୍ରାଣୀଧନ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଲଘୁଚାପଜନିତ ବର୍ଷା ପରେ କେତେକ ଗ୍ରାମରେ ଗୋରୁଙ୍କୁ ଟିକାକରଣ କରାଯାଇଛି। ଯେଉଁ ଗ୍ରାମରୁ ଅଭିଯୋଗ ଆସୁଛି ତାହାର ତୁରନ୍ତ ଟିକାକରଣ କରାଯାଉଛି।

# ମିଟର ରିଡର, ବିଲ୍ ଆଦାୟ କର୍ମଚାରୀଙ୍କ ଧାରଣା

ରସୁଲପୁର,୨୨।୧୦(ଡି.ଏନ.ଏ.)


ଧାରଣାରେ ବସିଥିବା କର୍ମଚାରୀ।

## କୁଆଖିଆ ବିଦ୍ୟୁତ୍ ଡିଭିଜନ

କୁଆଖିଆ ବିଦ୍ୟୁତ୍‌ଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅଲ୍ ଓଡ଼ିଶା ବିଦ୍ୟୁତ୍ ମିଟର ରିଡର ଓ ବିଲ୍ ଆଦାୟ କର୍ମଚାରୀଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଛି। ମିଟର ରିଡିଂ ଓ ବିଲ୍ ଆଦାୟ କାର୍ଯ୍ୟ ପରିଚାଳନା ପାଇଁ ଯାଜପୁର ଜିଲ୍ଲାର ବିରଜା ଇଲେକ୍ଟ୍ରିକାଲ୍ସ ଓ କନଷ୍ଟ୍ରକ୍ସନ କମ୍ପାନୀ ଟେଣ୍ଡର ହାସଲ କରିଛି। ଉକ୍ତ କମ୍ପାନୀ ପକ୍ଷରୁ ଜିଲ୍ଲାରେ ୪୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ କମ୍ପାନୀ ପକ୍ଷରୁ ନିଯୁକ୍ତ କର୍ମଚାରୀଙ୍କୁ ଓଡ଼ିଶା ଶ୍ରମ ଆଇନ ଅନୁସାରେ ସୁବିଧା ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦ କରି କୁଆଖିଆ, ବରୀ ଓ ଜାରକା ସବ୍‌ଡିଭିଜନ ଅଧୀନରେ କାର୍ଯ୍ୟରତ ୧୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ କମ୍ପାନୀର ମନମୁଖି କାର୍ଯ୍ୟକୁ ବିରୋଧ କରିଛନ୍ତି।

କୁଶଳୀ ଶ୍ରମିକ ଆଧାରରେ କର୍ମଚାରୀଙ୍କୁ ମଜୁରି ପ୍ରଦାନ, ବୋନସ, ନିଯୁକ୍ତିପତ୍ର, ପରିଚୟପତ୍ର, ଇପିଏଫ୍ ଓ ଇଏସ୍‌ଆଇରେ ଅନ୍ତର୍ଭୁକ୍ତ, ବେଆଇନ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା ଦାବିରେ କର୍ମଚାରୀ ଧାରଣା ଦେଇଛନ୍ତି। ଏହାଛଡ଼ା ଓଡ଼ିଶା ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ମିଳୁଥିବା ମଜୁରି ଆଧାରରେ ସେମାନଙ୍କୁ ସୁବିଧା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏନେଇ ଅଲ ଓଡ଼ିଶା ମିଟର ରିଡର୍ ଓ ବିଲ୍ କଲେକ୍ଟର ସଂଘ ପକ୍ଷରୁ ଠିକା ସଂସ୍ଥା ଓ ଟାଟା ପାୱାର ଅଧିକାରୀଙ୍କୁ ଅବଗତ କରାଇ ଆସୁଛନ୍ତି। ସେମାନଙ୍କ ସମସ୍ୟାକୁ ଉଭୟ ସଂସ୍ଥା ପକ୍ଷରୁ ଅଣଦେଖା କରାଯାଉଥିବାରୁ କର୍ମଚାରୀ ଧାରଣାରେ ବସିଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହ ଧାରଣାରତ କର୍ମଚାରୀ ସେମାନଙ୍କ ଦାବିପତ୍ର ଡିଭିଜନ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ସୋମବାର ସୁଦ୍ଧା ସମସ୍ୟା ସମାଧାନ କରା ନ ଗଲେ କର୍ମଚାରୀ ପୁଣି ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଆଲୋକ ଦାସ କହିଛନ୍ତି, ଧାରଣାରତ କର୍ମଚାରୀ ଟାଟା ପାୱାର ଅଧୀନ ନୁହନ୍ତି। ସେମାନେ ଅଭିଯୋଗ ଦେଲେ ଜିଲ୍ଲା ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ ତାହା ପ୍ରଦାନ କରାଯିବ ବୋଲି ମତ ରଖିଛନ୍ତି। ବିରଜା ଠିକାସଂସ୍ଥା ମାଲିକ ଧରଣୀଧର ସାହୁ କହିଛନ୍ତି, କର୍ମଚାରୀଙ୍କ ଧାରଣା ସମ୍ପର୍କରେ ଅବଗତ ନାହାନ୍ତି। ଅବଗତ ପରେ ସେମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଓକୋ ଓଡ଼ିଶା ରେଫରି ସେମିନାର ଉଦ୍‌ଘାଟିତ

ଯାଜପୁର ଟାଉନ,୨୨।୧୦(ଡି.ଏନ.ଏ.)

ଯାଜପୁର ଗୌତମ ବୁଦ୍ଧ ସଂସ୍କୃତିଭବନଠାରେ ଶୁକ୍ରବାର ଓକୋ ଓଡ଼ିଶା ରେଫରି ସେମିନାର-୨୦୨୧ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଯାଜପୁର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରୁଣେଶ୍ୱର ମହାବିଦ୍ୟାଳୟ ଅଧକ୍ଷ ବଟକୃଷ୍ଣ ମହାପାତ୍ର ଯୋଗଦେଇ ଯାଜପୁର କିକ୍ ବକ୍ସିଂରେ ବହୁ ଯୁବତୀଯୁବକ ଇଚ୍ଛାକୃତ ଭାବେ ଯୋଗଦେଇ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହିତ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରେରଣା ଯୋଗାଇଦେବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ୍ ବୋଲି ସେ ମତ ରଖିଥିଲେ। ଏନ.ସି କଲେଜ କ୍ରୀଡ଼ା ଶିକ୍ଷକ ରଞ୍ଜନ ସୂତାର ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ଡାକୁଆ ଓ ରାଜେନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ପୋଲିସ ଗାଡ଼ି ପୋଡ଼ି ଘଟଣା: ୭ ମାସ ପରେ ଆଉ ଜଣେ ଗିରଫ

ଚଣ୍ଡିଖୋଲ,୨୨।୧୦(ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଥାନା ପଣସୁଧା ମାତାମଠ ଛକଠାରେ ମାର୍ଚ୍ଚ ୬ରେ ଘଟିଥିବା ୨ ପୋଲିସ ଗାଡ଼ି ପୋଡ଼ି ଘଟଣାରେ ପୋଲିସ ଶୁକ୍ରବାର ଆଉ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭରତପୁର ପଞ୍ଚାୟତ ଅଧୀନ ପଣସୁଧା ଗ୍ରାମର ଶ୍ରୀକାନ୍ତ ପାଣ୍ଡେ (୩୨)। ଘଟଣା ଦିନଠାରୁ ଶ୍ରୀକାନ୍ତ ଫେରରା ଥିଲେ। ସେ ଗୁରୁବାର ନିଜ ଗ୍ରାମରେ ଥିବା କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲଣ କରାଯାଇଥିବା ଥାନାଧିକାରୀ ବିଜୟନୀ ମଲ୍ଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘଟଣାର ୭ ମାସ ପରେ ପୋଲିସ ଶୁକ୍ରବାର କୋର୍ଟରେ ଚାର୍ଜଶିଟ ଦାଖଲ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ଘଟଣା ଆଲୋଚନାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, ରାଜନୈତିକ ପତିଆରା ପାଇଁ ଶାସକ ଦଳର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଭରତପୁର ପଞ୍ଚାୟତର ମାତାମଠ ଛକ ନିକଟରେ ପୋଲିସ ଉପସ୍ଥିତିରେ ସଂଘର୍ଷ ଘଟିଥିଲା। ହେଲେ ସେ ସମୟରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ପକ୍ଷପାତିତା କରିଥିବା ଅଭିଯୋଗ ହୋଇଥିଲା। ଗୋଟିଏ ଗୋଷ୍ଠୀ ପୋଲିସ ନୀରବତାକୁ ଦାୟୀ କରି ଦୁଇଟି ପୋଲିସ ଭ୍ୟାନ ଜାଳି ଦେଇଥିଲେ। ତେବେ କର୍ତ୍ତବ୍ୟରେ ଅବହେଳା ପାଇଁ ସେତେବେଳେ ବାଲିଚନ୍ଦ୍ରପୁର ଥାନାର ଜଣେ ଏସ୍‌ଆଇଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ସେତେବେଳେ ଏହି ଘଟଣାକୁ ନେଇ ନଂ.୭୩/୨୧ ଓ ୭୪/୨୧ରେ ଉଭୟ ପକ୍ଷରୁ ଶତାଧିକ ଲୋକଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଉଭୟ ପକ୍ଷର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଏବେ ସୁଦ୍ଧା ମୋଟ ୩୫ ଜଣକୁ ଗିରଫ କରିଛି।


**ODISHA PUBLIC SERVICE COMMISSION CUTTACK**

**NOTICE**

**No. 7579/PSC, (1R-19-21-22) (DR-V),** **Dt. 22.10.21**

**No. D-176:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor/Professor in Geology & Marine Science (Oceanography)** shall be held as per the following programme in the offfice of the Commission at 19, Dr. P.K. Parija Road, Cuttack-753001. Candidates applied on offline mode have been alloted reference number.

**PROGRAMME OF DOCUMENT VERIFICATION**

| Date | Post | Subject | Time of verification | PPSAN/Reference No. |
|---|---|---|---|---|
| 30.10.2021 | Associate Professor (Advt. No.06 of 2021-22) | Geology | 10.30 A.M. | PPSAN:- 00090307, 00109185, 00109135, 00109949, 00077052 & 00109869 = 6 Candidates |
| | Professor (Advt. No.10 of 2021-22) | | 2.30 P.M. | PPSAN:- 00109135, 00110405, 00110942, 00109949, 00111867, 00112114 & 00113160 = 7 Candidates Ref. Nos:- 181, 182, 183, 184 & 185 = 5 Candidates |
| | Associate Professor (Advt. No.06 of 2021-22) | Marine Science (Oceanography) | 2.30 P.M. | PPSAN:- 00108946, 00109120, 00109690, 00110319, 00109807, 00091661, 00110209, 00110027 & 00110428 = 9 Candidates |
| | Professor (Advt. No.10 of 2021-22) | | 2.30 P.M. | PPSAN:- 00109807 = 01 Candidate Ref. No.:- 221 = 01 Candidate |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**. (Not required for offiline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. **Following documents in Original for verification (as per table-2 of Appendix-II of UGC regulation-2018)**
   a. **Research Papers in Peer-Reviewed or UGC listed Journals.**
   b. **Publicaitons (other than research papers), if any.**
   c. **Creation of ICT mediated Teaching/ Learning/ pedagogy**
   d. **Research guidance.**
   e. **Patents if any.**
   f. **Invited lectures/resource Person**

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

OIPR-12002/11/0118/2122 Sd./- Secretary



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 7558/PSC** **Dt.22.10.21**
**1E-12-2021/22 (DR-III)**

**Corrigendum to Advertisement No. 15 of 2021-22 for recruitment to the Posts of Odisha Education Service Officer in Group - B**

No. D-174: In Para - 10 (ix) entire paragraph is substituted by required Odia pass certificate as per para-8(ii) of the advertisement.

The concerned candidates are advised to visit the website of the Commission at **www.opsc.gov.in** for any further information.

**Sd./- Secretary**
OIPR-12002/11/0116/2122



**ଓଡ଼ିଶା ସରକାର**

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର**

**ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ**

No. RR-19: ଛଉ ନୃତ୍ୟ, ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବ ବର୍ଷମାନଙ୍କ ଭଳି ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ରେ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥି ନିମନ୍ତେ ଦରଖାସ୍ତ କରୁଥିବା ଅନୁଷ୍ଠାନଗୁଡ଼ିକ ୧୮୬୦ ମସିହାର ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନିବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। ଯେଉଁ ବିଭାଗରେ ଆର୍ଥିକ ସହାୟତା ଚାହୁଁଛନ୍ତି, ସେହି ବିଭାଗରେ ଅନୁଷ୍ଠାନ ଅନ୍ତତଃ ତିନିବର୍ଷ କାର୍ଯ୍ୟକରୁଥିବା କାର୍ଯ୍ୟ ବିବରଣୀ ଦେବେ। ଏହି କାର୍ଯ୍ୟ କରିବା ନିମନ୍ତେ ସମ୍ପୃକ୍ତ ଅନୁଷ୍ଠାନର ସମ୍ବିଧାନରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ। ଯେଉଁ କାର୍ଯ୍ୟ ପାଇଁ ଅନୁଦାନ ମଗାଯିବ ଫର୍ମ ଉପରେ ବଡ଼ ଅକ୍ଷରରେ ତା'ର ନାମ ଲେଖାଯିବା ଆବଶ୍ୟକ ଯେପରିକି – **''ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଦରଖାସ୍ତ''**। ଦରଖାସ୍ତଗୁଡ଼ିକ ସମ୍ପୃକ୍ତ ବିବରଣୀ ସହ ନିମ୍ନ ଠିକଣାରେ ତା୨୦।୧୧।୨୦୨୧ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ ଅନୁଦାନ ପାଇବା ପାଇଁ ଇଚ୍ଛୁକ ରେଜେଷ୍ଟ୍ରିଭୁକ୍ତ ସାଂସ୍କୃତିକ ଅନୁଷ୍ଠାନମାନେ ଆବେଦନପତ୍ର ସହିତ ଟ୧୦/-ଙ୍କାର ଅଣନ୍ୟାୟିକ କାଗଜରେ ଚୁକ୍ତିନାମା (Agreement in Non-Judicial Stamp Paper worth Rs.10/- only). ସାଦା କାଗଜରେ ଅଙ୍ଗୀକାରପତ୍ର (Undertaking in Plain Paper), ନିର୍ଦ୍ଦିଷ୍ଟ ଫର୍ମରେ ପୂର୍ବବର୍ଷ ଅନୁଦାନର ବିନିଯୋଗ ପ୍ରମାଣପତ୍ର (Utilization Certificate) ଦୁଇ କିତା ସହ ଅନୁଷ୍ଠାନର ବ୍ୟାଙ୍କ ଖାତା ନଂ., IFS Code ଓ ବ୍ୟାଙ୍କର ନାମ ସହିତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଜରୁରୀ ଅଟେ। ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ମଗାଯାଇଥିବା ଉପରୋକ୍ତ ଡକ୍ୟୁମେଣ୍ଟ ନ ଦେଇଥିଲେ ଆବେଦନ ବିଚାରକୁ ନିଆଯିବ ନାହିଁ। ରାଜ୍ୟ ସରକାରଙ୍କ ପ୍ରଣୀତ ଆଇନ (Grant-in-Aid Rules-1973) (Amendment in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ। ଏ ସମ୍ପର୍କରେ କୌଣସି କୋର୍ଟ କଚେରିର ଆଶ୍ରୟ ନିଆଯାଇ ପାରିବ ନାହିଁ। ଅଧିକ ସୂଚନା ପାଇଁ ତଥା ଆବଶ୍ୟକୀୟ ଦସ୍ତାବିଜର ନକଲ ପାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ **"www.odishaculture.gov.in"**କୁ ବ୍ୟବହାର କରିପାରନ୍ତି।

ସ୍ୱା./- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର – ୭୫୧୦୧୪
OIPR-03001/11/0014/2122



**DISTRICT RURAL DEVELOPMENT AGENCY, NABARANGPUR**

**"REFER DISTRICT WEB PORTAL, NABARANGPUR"**

**www.nabarangpur.nic.in** from 21.10.2021 to 31.10.2021 for Hiring of 4 Wheeler Vehicle.

**Sd./- Project Director**
**DRDA, Nabarangpur**

No. CAD-1525 OIPR-19076/11/0004/2122



**Office of the Executive Engineer**
**RWS&S Division, Sambalpur**

No.O-845
Email: eerwsssbp@gmail.com

**1st Corrigendum Notice to invitation for bid (RFP) No.04/2021-22**

1. The Sl. No.12 (Critical dates) of TCN is replaced as follows:

| Sl. No. | Description | Critical Dates |
|---|---|---|
| (i) | Period of availability of tenders on-line | *From 26.10.2021* |
| (ii) | Last date & time of seeking clarification | *30.10.2021 up to 1.00 PM* |
| (iii) | Last date & time of bidding online | *05.11.2021 up to 5.00 PM* |
| (iv) | Date & time of opening of Tender bid | *06.11.2021 at 11.30 AM* |

All other contents of the RFP No. 04 remain unultered.

**Sd./- Executive Engineer, RWS&S Division, Sambalpur**
OIPR-25015/11/0002/2122



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BHADRAK**

**DPMU, NHM, BHADRAK, PIN - 756100**
**Email: civilbhadrak3@gmail.com**

**Advt. No. 11/2021-22** **22.10.2021**

**TENDER CALL NOTICE**

No. E-547: Sealed tenders (Percentage Rate) in conformity with the DTCN are invited from the "D" & "C" Class contractors registered with the State Govt. for execution of works under Zilla Swasthya Samiti, Bhadrak. The detail works can be seen in district **NIC Website (www.bhadrak.nic.in)** from **Dt.22.10.2021 to 30.10.2021 (Till 5.00 P.M.)**. The tenders will be received upto **Dt.01.11.2021 till 2.00 P.M.** and addressed to O/o. Chief District Medical & Public Health Officer, Bhadrak through **Registered/ Speed Post only**. The incomplete bid in any form is liable for rejection.

**Sd./- Chief District Medical & Public Health Officer, Bhadrak**
**OIPR-10123/11/0012/2122**



**ADDITIONAL CHIEF ENGINEER, RUSHIKULYA BAHUDA BASIN, BERHAMPUR-760004** No. A-528

**e-Procurement Notice No. ACE, RBB-13/2021-22**

**e-mail id: se_sicbam@yahoo.com**

1. Type of Work :- System Improvement work.
2. Total No. of Works :- 02 (Two) Nos.
3. Amount put to tender :- Rs.849.86 Lakh to 867.26 Lakh
4. Period of completion :- 17 (Seventeen) calendar months.

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur, Ganjam. | ACE, RBB (BNID)-25/ 2021-22 | 867.26 | From **26.10.2021 10.00 A.M.** to **10.11.2021, 5.00 P.M.** |
| | ACE, RBB (BNID) - 26/ 2021-22 | 849.86 | |

Date of opening of the Technical Bid:- 11.11.2021 at 11.30 A.M.
Further detail can be seen from the Govt. website **www.tendersodisha.gov.in**

**Sd./- Additional Chief Engineer**
OIPR-32411/11/0010/2122 **Rushikulya Bahuda Basin, Berhampur**

# କଳାପତାକା ପ୍ରଦର୍ଶନକାରୀଙ୍କୁ ମାଡ଼

## ୪ ଗୁରୁତର ଡାକ୍ତରଖାନାରେ ଭର୍ତ୍ତି

**ବାରିପଦା ଅଫିସ, ୨୨।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୟୂରଭଞ୍ଜ ଗସ୍ତ ସମୟରେ କଳାପତାକା ପ୍ରଦର୍ଶନ କରିଥିବା ଭାଜପା ଯୁବମୋର୍ଚ୍ଚା ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର କର୍ମକର୍ତ୍ତାଙ୍କୁ ଶାସକ ଦଳର କର୍ମୀମାନେ ନିସ୍ତୁକ ମାଡ଼ ମାରିଛନ୍ତି। ଏଥିରେ ଭାଜପା ବିଧାୟକ ଦଳର ଉପନେତା ବିଷ୍ଣୁ ସେଠୀଙ୍କ ପୁଅ ତଥା ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ସୁରଜ ସୂର୍ଯ୍ୟବଂଶୀ, ପ୍ରଦୀପ ମହାନ୍ତ, ଦେବାଂଶୁ ରାଉତ ଏବଂ ବିଶୋଇ ବ୍ଲକ ଜେଏମ୍‌ଏମ୍ ସଭାପତି ମଧୁସୂଦନ ସାହୁ ଗୁରୁତର ହୋଇଛନ୍ତି। ସମସ୍ତେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଆକ୍ରମଣରେ ଛାତ୍ର ବିଜେଡି ଉତ୍ତର ଓଡ଼ିଶା ଜୋନ୍ ସଭାପତି ଅବ୍ଦୁଲ ହବିବ, ପ୍ରତୀକ ଦାସ, ଦେବାଶିଷ ବିଶ୍ୱାଳ, ଶିବୁ ରଣା, ଦେବବ୍ରତ ମହାନ୍ତିଙ୍କ ସମେତ ଅନ୍ୟ କେତେଜଣ ସହଯୋଗୀ ସମ୍ପୃକ୍ତ ଥିବା ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦକ ଦେବାନନ୍ଦ ମୁର୍ମୁ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ଗିରଫ ଦାବିରେ ଦଳ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଛି। ପୋଲିସ ଉପସ୍ଥିତିରେ ଏପରି ଆକ୍ରମଣ ଘଟଣାକୁ ବାରିପଦା ବିଧାୟକ ପ୍ରକାଶ ସୋରେନ ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପଟେ ଆଇନଶୃଙ୍ଖଳା ଭଙ୍ଗ ଅଭିଯୋଗରେ ପୋଲିସ ପକ୍ଷରୁ ଏକ ମାମଲା (ନଂ.୯୦୧/୨୧) ରୁଜୁ କରାଯାଇଛି।



ଟାଉନ୍ ଥାନା ସମ୍ମୁଖରେ ଧାରଣାରେ ବସିଥିବା ଭାଜପା ନେତା ଓ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ଅସୁରକ୍ଷିତ ହୋଇପଡ଼ିବା, ମମିତା ମେହର ହତ୍ୟାକାଣ୍ଡ ଘଟଣାରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭାଜପା ଯୁବମୋର୍ଚ୍ଚାର କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବଳୟ ଭାଙ୍ଗି କଳାପତାକା ପ୍ରଦର୍ଶନ କରିଥିଲେ। ଛାତ୍ର ବିଜେଡି ନେତା ଅବ୍ଦୁଲ ହବିବ ଏବଂ ଅନ୍ୟ କର୍ମୀମାନେ ଏହାର ପ୍ରତିବାଦ କରିବାକୁ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଶାସକ ଦଳର କର୍ମୀଙ୍କ ନିସ୍ତୁକ ମାଡ଼ରେ ବିରୋଧୀ ଦଳର ୪ଜଣ ଆହତ ହୋଇଥିଲେ। ବିଜେଡି କର୍ମୀମାନେ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଥିବା ଏବଂ ଅଶ୍ରାବ୍ୟ ଭାଷାରେ ଗାଳି କରୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଜେଏମ୍‌ଏମ୍ ଜିଲା ସଭାପତି ପ୍ରଭୁଦାନ ମାରାଣ୍ଡି ଚେତାବନୀ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନିଆଗଲେ ସୋମବାର ମୟୂରଭଞ୍ଜ ବନ୍ଦ କରାଯିବ ବୋଲି ଭାଜପା ନେତା କାନ୍ଦରା ସୋରେନ୍ କହିଛନ୍ତି। ଅପରପକ୍ଷେ ଭାଜପା ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀଙ୍କ ସହିତ ମହିଳା କର୍ମୀମାନେ ମମିତା ମେହେରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଆସିଥିବା ବେଳେ ତାଙ୍କୁ ଅଟକ କରାଯାଇଥିଲା। ୩୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ପାଲବଣି ଛକଠାରୁ ଟାଉନ ଥାନା ପର୍ଯ୍ୟନ୍ତ ଚଲାଇ ଚଲାଇ ଅଣାଯାଇଥିଲା। ଏହାକୁ ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

ଏ ସଂକ୍ରାନ୍ତରେ ମୋରଡ଼ା ବିଧାୟକ ରାଜକିଶୋର ଦାସ କହିଛନ୍ତି, ଦଳର ଦୁର୍ବଳତା ଲୁଚାଇବାକୁ ଯାଇ ଭାଜପା ତଳସ୍ତରକୁ ଚାଲିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ସହି ନ ପାରି ବିରୋଧୀ ଏପରି ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଆଗାମୀ ଦିନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ।

## ସଂକ୍ଷେପରେ

### ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଲା କୁମ୍ଭୀର ଛୁଆ



**ଡେରାବିଶ ୨୨।୧୦(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଛୋଟି ଗ୍ରାମ ଦେଇ ଯାଇଥିବା ବିରୂପା ନଦୀରୁ ଶୁକ୍ରବାର ଏକ ଘଡିଆଳ ବା ଥଣ୍ଟିଆ କୁମ୍ଭୀର ଛୁଆ ଉଦ୍ଧାର ହୋଇଛି। କୁମ୍ଭୀର ଛୁଆକୁ ବନ ବିଭାଗକୁ ଗ୍ରାମବାସୀ ହସ୍ତାନ୍ତର କରିଛନ୍ତି। ଛୋଟି ଗାଁର କେତେଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ନଦୀରେ ଜାଲ ବସାଇଥିଲେ। ସକାଳେ ଜାଲ ଉଠାଇବା ବେଳକୁ କୁମ୍ଭୀର ଛୁଆଟି ଜାଲରେ ଥିବା ଦେଖାଯାଇଥିଲା। ଜାଲ ବସାଇଥିବା ମତ୍ସ୍ୟଜୀବୀ ଯୁବକ କୁମ୍ଭୀର ଶାବକକୁ ଠାବ କରିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ରଥ ନେତୃତ୍ୱରେ ଏକ ଟିମ୍ ପହଞ୍ଚି କୁମ୍ଭୀର ଛୁଆକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନରେ ଛାଡି ଦେଇଛନ୍ତି। କୁମ୍ଭୀରର ବୟସ ୧ ବର୍ଷ ହେବ ବୋଲି ବନ ଅଧିକାରୀ ସୂଚନା ଦେଇଛନ୍ତି।

### ଟାଟା ମେଡିକା ହସ୍ପିଟାଲରେ ବିକ୍ଷୋଭ

**ଯାଜପୁର ଅଫିସ,୨୨।୧୦:** ଯାଜପୁର ଜିଲା ଡୁବୁରୀସ୍ଥିତ ଟାଟା ମେଡିକା ହସପିଟାଲର ପ୍ରାୟ ୭୦ ହାଉସ କିପିଂ କର୍ମଚାରୀ ଶୁକ୍ରବାର ମେଡିକାଲ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗୋବରଘାଟି ସରପଞ୍ଚ ସ୍ୱର୍ଣ୍ଣଲତା ବାନରାଙ୍କ ନେତୃତ୍ୱରେ କର୍ମଚାରୀମାନେ ଅଣକୁଶଳୀରୁ କୁଶଳୀ କର୍ମଚାରୀ ମାନ୍ୟତା, ୱାସିଂ ଆଲାଉନ୍ସ, ଛୁଟି, ପ୍ରସବକାଳୀନ ଛୁଟି ଓ ନିଯୁକ୍ତି ପତ୍ର ଆଦି ଦାବି କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ହସ୍ପିଟାଲ ମାନବ ସମ୍ବଳ ବିଭାଗୀୟ ଅଧିକାରୀ ପହଞ୍ଚି କର୍ମଚାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ରାଜ୍ୟପାଳଙ୍କୁ ଭେଟିଲେ ଶିକ୍ଷାନବିସ ଆଇଆଇଏସ୍ ଅଧିକାରୀ



**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ରେ କ୍ଷେତ୍ରୀୟ ପ୍ରଶିକ୍ଷଣ ଗ୍ରହଣ କରୁଥିବା ନବାଗତ ଭାରତୀୟ ସୂଚନା ସେବା (ଆଇଆଇଏସ୍) ଅଧିକାରୀମାନେ ଶୁକ୍ରବାର ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ କରିଛନ୍ତି। ଆଇଆଇଏସ୍ ଶିକ୍ଷାନବିସଙ୍କୁ ସ୍ୱାଗତ କରି ରାଜ୍ୟପାଳ କହିଲେ, ଓଡ଼ିଶା ସବୁ କ୍ଷେତ୍ରରେ ଏକ ସମୃଦ୍ଧ ସମ୍ପନ୍ନ ରାଜ୍ୟ। ଏହି ରାଜ୍ୟ ଧର୍ମ, ସଂସ୍କୃତି, ପ୍ରାକୃତିକ ସମ୍ପଦ ଓ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ। ବିଗତ ୩ବର୍ଷର ଅଭିଜ୍ଞତାକୁ ନେଇ ରାଜ୍ୟପାଳ କହିଲେ, ଓଡ଼ିଶାବାସୀ ଆତ୍ମସନ୍ତୋଷପୂର୍ଣ୍ଣ ଜୀବନଯାପନ କରିଥାନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ସେମାନଙ୍କର ପ୍ରଗାଢ଼ ଆସ୍ଥା ଓ ବିଶ୍ୱାସ ରହିଛି। ତେଣୁ ଯୁବ ଅଧିକାରୀମାନେ ଏଠାକୁ ଆସି କାମ କରିବା ଓ ଶିଖିବାର ଶ୍ରେଷ୍ଠ ସୁଯୋଗ ପାଇପାରିବେ। ଶୃଙ୍ଖଳିତ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ ପାଇଁ ଶିକ୍ଷାନବିସମାନଙ୍କୁ ଏହି ଅବସରରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ, ଉପନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାଶ, ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ ଚୌଧୁରୀ, ଭାରତୀୟ ସୂଚନା ସେବାର ୪ଜଣ ଶିକ୍ଷାନବିସ ଅଧିକାରୀ ନିକିତା ଯୋଶୀ, ଶୀନମ ଜୈନ, ମନଦୀପ କୁମାର, ସନ୍ତୋଷ ଭେଙ୍କଟରମଣଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରାଙ୍କ ଶେଷକୃତ୍ୟ ସମ୍ପନ୍ନ

**ମାଲକାନଗିରି,୨୨।୧୦ (ଡି.ଏନ୍.ଏ.)**



ନିଜ ଜନ୍ମମାଟି ମାଲକାନଗିରି ଜିଲା ପାଙ୍ଗାମ ଗ୍ରାମ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଞ୍ଚ ମହାଭୂତରେ ଶୁକ୍ରବାର ଲୀନ ହୋଇଯାଇଛନ୍ତି ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା। ସେ ଥିଲେ ଏହି ଆଦିବାସୀ ବହୁଳ ଅଞ୍ଚଳର ଗର୍ବ, ଗୌରବ। ଏ ମାଟି ପାଇଁ ତାଙ୍କର ଅବଦାନ ସର୍ବଦା ସମସ୍ତଙ୍କର ମନେରହିବ। ମାଲକାନଗିରି ଜିଲା ଭଳି ଏକ ଆଦିବାସୀ ବହୁଳ ଅଞ୍ଚଳରେ ଜନ୍ମଗ୍ରହଣ କରି ଦୋରା ସମଗ୍ର ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ନିକଟରେ ଅସୁସ୍ଥ ହୋଇପଡ଼ି ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ୨୦ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା। ଶେଷକୃତ ସମ୍ପନ୍ନ ସମୟରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲାପାଳ ବିଶାଳ ସିଂ, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, କଂଗ୍ରେସ ନେତା ଗୋବିନ୍ଦ ପାତ୍ର, ଜିଲା ଓକିଲ ସଂଘ ସଭାପତି ପ୍ରଭାକର ପ୍ରଧାନଙ୍କ ସମେତ ବିଭିନ୍ନ ଦଳର ନେତାଙ୍କ ସହ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ ...

### ଅମ୍ବାନୀ, ଆର୍‌ଏସ୍‌ଏସ୍...

ପେନ୍‌ସନଭୋଗୀଙ୍କୁ ସାମିଲ କରାଯିବା ପାଇଁ ତାହା ଉଦ୍ଦିଷ୍ଟ ଥିଲା। ଏହି ନୀତି ପାଇଁ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍ ଅଧୀନ ରିଲାଏନ୍ସ ଜେନେରାଲ ଇନ୍‌ସ୍ୟୁରାନ୍ସ ସହ ପ୍ରଶାସନର ସହଭାଗିତା ରହିଥିଲା। ଇତିମଧ୍ୟରେ ସତ୍ୟପାଲ ମଧ୍ୟ ଉକ୍ତ ଭିଡିଓରେ ଏହାର ଅବତାରଣା କରିଛନ୍ତି। ଏଥିସହ ସେ କୃଷକମାନଙ୍କ ସ୍ୱାର୍ଥ ପାଇଁ ନିର୍ଭୀକ ଭାବେ ମତବ୍ୟକ୍ତ କରିଛନ୍ତି। କଶ୍ମୀରରେ ସେ କିଛି କରିଥିଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର ବିଭାଗ (ଆଇଟି) ଅଧିକାରୀମାନେ ତାଙ୍କ ଘରକୁ ଯାଇଥାଆନ୍ତେ। ତଦନ୍ତକାରୀ ସଂସ୍ଥାଗୁଡ଼ିକ ତାଙ୍କୁ ଯାଞ୍ଚ କରିଥାଆନ୍ତେ। ହେଲେ ସେ ଦୃଢ଼ତାର ସହ କହିପାରିବେ ଯେ କିଛି ଭୁଲ୍ କାମ କରିନାହାନ୍ତି। ସତ୍ୟପାଲ ଆହୁରି କହିଛନ୍ତି, ସେ ଏହି ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଥିଲେ। ରାଜ୍ୟପାଳ ପଦରୁ ହଟାଇ ଦିଆଗଲେ ବି ସେ ଉକ୍ତ ଫାଇଲ ଦ୍ୱୟକୁ ମଞ୍ଜୁରୀ ଦେବେ ନାହିଁ ବୋଲି ସତ୍ୟପାଲ ମୋଦିଙ୍କୁ କହିଥିବା ଭିଡିଓରେ ପ୍ରକାଶ କରିଛନ୍ତି। ସେହିପରି ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ତାଙ୍କ ପୁଅ ଓମାର ଅବ୍‌ଦୁଲ୍ଲା ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି (୩ ଜଣ ଯାକ ପୂର୍ବତନ ମୁଖ୍ୟମନ୍ତ୍ରୀ) ରୋଶନୀ ଆକ୍ଟ ନାମରେ ପରିଚିତ ଜମ୍ମୁ-କଶ୍ମୀର ଷ୍ଟେଟ୍ ଲ୍ୟାଣ୍ଡ୍ସ (ଭେଷ୍ଟିଂ ଅଫ୍ ଓନରଶିପ ଟୁ ଅକ୍ୟୁପାଣ୍ଟ୍ସ) ଆଇନ ବଳରେ ଜମି ହଡ଼ପ କରିଥିବା ସତ୍ୟପାଲ ଅଭିଯୋଗ ଆଣିଛନ୍ତି। ସତ୍ୟପାଲଙ୍କ ଏଭଳି ତଥ୍ୟ ପ୍ରଘଟ ଜମ୍ମୁ-କଶ୍ମୀରରେ ଅନେକ ପ୍ରଶ୍ନ ଛିଡ଼ା କରାଇଛି। ଦୁର୍ନୀତିଗ୍ରସ୍ତ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ନ୍ୟାଶନାଲ ପାନ୍ଥର୍ସ ପାର୍ଟି ଏହାର ନିନ୍ଦା କରିଛି। ଏହାର ପ୍ରତିବାଦରେ ସତ୍ୟପାଲଙ୍କ ନିକଟକୁ ମେହବୁବା ଆଇନଗତ ନୋଟିସ ପଠାଇଛନ୍ତି। ମେହବୁବାଙ୍କ ରାଜନୈତିକ ଛବିକୁ ମଳିନ କରିବା ପାଇଁ ସତ୍ୟପାଲ ଏଭଳି ଅଭିଯୋଗ ଆଣିଥିବା ଉକ୍ତ ନୋଟିସରେ ଦର୍ଶାଯାଇଛି। ମେହବୁବା ଏଥିରେ ତାଙ୍କୁ ୩୦ ଦିନ ଭିତରେ ୧୦ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ସତ୍ୟପାଲ କ୍ଷତିପୂରଣ ରାଶି ନ ଦେଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେହବୁବାଙ୍କ ଓକିଲ ଚେତାବନୀ ଦେଇଛନ୍ତି।

### ସବୁଜିମାରେ ଭରିଲା...

ପଣସ, କରଞ୍ଜ ଆଦି ଗଛ ରହିଛି। ସେହିପରି ୬ ହେକ୍ଟର ଜମିରେ ଗୋ ଖାଦ୍ୟ ଓ ଜାଳେଣି କାଠ ପାଇଁ ବବୁଲ, ସେସୁଁଆ ଭଳି ଗଛ ଲଗାଇଛନ୍ତି। ସରକାରଙ୍କ ଯୋଜନାରେ ସାମିଲ ହୋଇ ଗ୍ରାମବାସୀ ରୋଜଗାରକ୍ଷମ ହୋଇପାରିଛନ୍ତି। ହେଲେ ଅନ୍ୟ ବିଭାଗ ଓ ଅଧିକ ସହାୟତା ଦିଆଗଲେ ଗାଁର ଆହୁରି ବିକାଶ ହୋଇପାରନ୍ତା ବୋଲି ସେମାନେ କହିଛନ୍ତି। ସମ୍ବଲପୁର ଡିଏଫ୍‌ଓ ବି. ନୀଳାମ୍ବର କହିଛନ୍ତି, ବନ ବିଭାଗ ପକ୍ଷରୁ ଗାଁ ଲୋକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିର ବିକାଶ ପାଇଁ ବିଭିନ୍ନ ଯୋଜନା କରାଯାଉଛି। ସାଲେସିଂ ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଗକୁ ଏହା ଜାରି ରହିବ। ବିଶେଷ କରି ଏଥିରେ ଲୋକମାନଙ୍କ ଇଚ୍ଛାଶକ୍ତି ରହିବା ଆବଶ୍ୟକ। ଅଧିକ ଲୋକ ଯୋଜନାରେ ସାମିଲ ହୋଇ ଲାଭ ଉଠାଇବାକୁ ସେ କହିଥିଲେ।

### ବିନା ଛୁଞ୍ଚିରେ...

୧କୋଟି ୪୦ଲକ୍ଷ ଶିଶୁ ଅଛନ୍ତି। ଏମାନଙ୍କୁ ଏକା ସାଙ୍ଗରେ ଟିକା ଦେବାକୁ ହେଲେ ଟିକାକରଣ କେନ୍ଦ୍ର ସଂଖ୍ୟା ବଢାଇବାକୁ ପଡିବ। ତେବେ ଯେଉଁ ମୁହୂର୍ତ୍ତରେ ନିର୍ଦ୍ଦେଶ ଓ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ସଙ୍ଗେ ସଙ୍ଗେ ସେହିଅନୁସାରେ ଟିକାକରଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ସେହିଭଳି ଶିଶୁଙ୍କୁ ଟିକାକରଣ ସଂକ୍ରାନ୍ତରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଏଲ୍.ଡି. ସାହୁ କହିଛନ୍ତି, ଫର୍ମା ଜେଟ୍ ଟେକ୍ନୋଲୋଜି ମାଧ୍ୟମରେ ଅର୍ଥାତ୍ ପିଲାଙ୍କୁ ପୋଲିଓ ବୁନ୍ଦା ଭଳି ଖାଇବା ପାଇଁ କିମ୍ବା ନାକରେ ଶୁଙ୍ଘିବା ପାଇଁ ଏହି ଟିକା ଦିଆଯିବ। ତେବେ ଗାଇଡ୍‌ଲାଇନ୍ ଆସିବା ପରେ ଏହା ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ୩କୋଟି ୫୦ଲକ୍ଷ ଡୋଜ୍ ଟିକାକରଣ ସରିଛି। ଏହାର ୭୮ ପ୍ରତିଶତ ଅର୍ଥାତ୍ ୨କୋଟି ୪୭ଲକ୍ଷ ହିତାଧିକାରୀ ପ୍ରଥମ ଡୋଜ୍ ଓ ୧କୋଟି ୩ଲକ୍ଷ ଦ୍ୱିତୀୟ ଡୋଜ୍ (୩୩%) ଟିକା ନେଇଛନ୍ତି। ୨୪ଲକ୍ଷ ଟିକା ମହଜୁଦ ରହିଥିବା ସୂଚନା ଦିଆଯାଇଛି।

OFFICE OF THE
PANCHAYAT SAMITI, GHASIPURA
Letter No. 3062 Dt.18.10.2021
TENDER CALL NOTICE: 04/BDO-GHASIPURA OF 2021-22
No. i-193: Sealed tenders are invited from the intending bidders to quote their rate for 02 (two) Nos. of School/College under scheme OMBADC & Infrastructure Development 2021-22. The interested bidders may submit the tender documents complete in all respect along with paper cost (Non-refundable) and other requisite documents on or before 08.11.2021 upto 5.00 P.M. addressing to the Block Development Officer, Ghasipura, At/ P.O.- Ghasipura, Dist.- Keonjhar, PIN - 758015 by Registered Post/Speed Post only.
The other details like project list, terms & conditions, general instructions & DTCN for the bidders etc. are available in the district website: https://www.kendujhar.nic.in.
Sd./- Block Development Officer, Ghasipura
OIPR-19093/11/0005/2122

ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ) ଭୁବନେଶ୍ୱର
No.D-173:-
ଭାରତୀୟ କାର୍ଯ୍ୟବିଧି ଆଇନର ଦଫା ୮୨ ଅନୁଯାୟୀ ଘୋଷଣାନାମା
ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ), ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା - ୧୩୮୯, ତାରିଖ ୨୧.୦୯.୨୦୨୧ ଅନୁଯାୟୀ ଅଭିଯୁକ୍ତ କୈଳାସ ଚନ୍ଦ୍ର ସାହୁ, ପିତା - ମହାଦେବ ସାହୁ, ସ୍ଥାନ - ଜାଗମରା, ଥାନା - ଖଣ୍ଡଗିରି, ଭୁବନେଶ୍ୱରଙ୍କୁ ତା. ୨୨.୧୦.୨୦୨୧ରିଖ ସମୟ ୧୦.୩୦ରୁ ଅପରାହ୍ନ ୫.୦୦ଟା ମଧ୍ୟରେ ଉପରୋକ୍ତ ଅଦାଲତରେ ହାଜର ହେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହା ଅଭିଯୁକ୍ତ କୈଳାସ ଚନ୍ଦ୍ର ସାହୁଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା ।
ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ), ଭୁବନେଶ୍ୱର
OIPR-12015/11/0023/2122

OFFICE OF THE
PANCHAYAT SAMITI, RANPUR
No. 2873 Dt.18.10.2021
1st Corrigendum to Bid Identification No. 2/21-22 Dt.28.09.21
No. i-191: The followings are new dates for availability and opening of bids due to technical issue in respect of wide publicity.
1. Availability of bidding of tender upto 17 hours of 30.10.2021.
2. Last date and time of bid submission upto 17 hours of 30.10.2021.
3. Date of opening 11.30 hours of 01.11.2021.
Sd./- Block Development Office, Ranpur
OIPR-19124/11/0003/2122

OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
GOVERNMENT OF ODISHA, "e"-PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P. (O)-13/2021-22
No. B-492
1. The Chief Engineer (World Bank Project), Odisha on behalf of Governor of Odisha inviting percentage rate bid in double cover system in ONLINE MODE firm eligible contractors for construction of Road & Bridge works as detailed in the table below:
2. Nature of work : ROB works
3. No. of work : 02 Nos.
4. Tender cost : Rs.10,000.00
5. Class of Contractor : Super Class Contractor
6. Available of bid document in the website : From 10.00 AM of 25.10.2021 to 5.00 PM of 16.11.2021
7. Pre-Bid meeting : Dt.01.11.2021 at 11.30 AM
8. Date of opening of Bid : Dt.17.11.2021 at 11.30 AM
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Engineer
World Bank Project, Odisha
OIPR-34003/11/0021/2122

Government of Odisha, e- Procurement Notice
INVITATION FOR BIDS (IFB)
Email Id-sedklpwd@gmail.com
Bid Identification No. C.C.E.Dkl.(R&B) 06/2021-22
Letter No. 1821/Dt.11.10.2021
No. B-490:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below:
1. Name of the work : Building work
2. No of works : 01 (One) No.
3. Estimated Cost : Rs. 3,70,88,211/- (as given in column No. 03 of table)
4. Cost of tender paper : Rs 10,000.00
5. Class of contractor : 'A' & 'Special' (as given in column No. 06 of table)
6. Period of Completion of work : 15 (Fifteen) Calendar months (as given in column No. 07 of table)
7. Date and time of availability of bid Document in the website : From Dt.25.10.2021 to 5.30 P.M. of Dt.08.11.2021
8. Date of opening of bid : Dt.09.11.2021 at 11.30 hours
Sd./- Chief Construction Engineer
Dhenkanal(R&B) Circle, Dhenkanal
OIPR-34132/11/0008/2122

GOVERNMENT OF ODISHA No.B-489
e-Procurement Notice, ANGUL (R&B) DIVISION
Bid Identification No.- 10 of 2021-22
e-mail ID- angulrbdivision@yahoo.co.in
1. Number of Works : 14 (Fourteen) number of Road works
2. Approximate estimated cost : Varies from Rs.8.00 lakh to 27.00 lakhs
3. Period of completion : Varies from 02 (Two) Calendar months
4. Date & Time of availability of bid document in the portal : Dt.26.10.2021 at 10.00 A.M.
5. Last date/ Time for receipt of bid in the portal : Dt.05.11.2021 up to 5.00 P.M.
6. Date of opening Bid : Dt. 06.11.2021 at 11.00 A.M.
7. Name and address of the Office inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in
Sd./- Executive Engineer
Angul (R&B) Division
OIPR-34074/11/0004/2122

OFFICE OF THE EXECUTIVE ENGINEER
KENDRAPARA (R&B) DIVISION-I, KENDRAPARA
E-Mail I.D.-eernbkdp@gmail.com; Tel.(06727)-220268; Fax No.(06727)-220862
GOVERNMENT OF ODISHA "e" procurement Notice
e-procurement Notice for ROAD & Building works
Bid Identification No. E.E., R n B KDP- 04/ 2021-22
No. B-496:-
1. No of work :- 15 nos. of roads & 2 nos. of Buildings
2. Estimated Cost :- Rs. 5,32,054/- to Rs.47,33,975/-
3. Period of completion :- 01 (One) to 03 (Three) Calendar months
4. Date & time of sale & receipt of bid document :- From 10.00 A.M. of 27/10/2021 to 5PM of 11/11/2021
5. Last date / time of receipt of bids :- 5PM of 11/11/2021
6. Date & time of Opening of Bids :- 11.00AM of 12/11/2021
7. Name and address of the Officer Inviting Bid :- Executive Engineer, Kendrapara (R&B) Division-I, Kendrapara
Further details with any addendum, corrigendum, cancellation can be seen from the State Govt. portal "https://tendersorissa.gov.in"
Sd./- (Er. K.C. Behera)
Executive Engineer, Kendrapara (R&B) Division-I
OIPR-34097/11/0002/2021

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଁ ବନଖଣ୍ଡ I
OFFICE OF THE DIVISIONAL FOREST OFFICER, BONAI DIVISION
TENDER NOTICE
Phone/Fax - 06626-244434; E-mail- dfobonai.od@gov.in
No. 7969/1F-(Acct.) Dt: 19.10.2021
INVITATION FOR BIDS
Bid Identification No. Online
No.MM-213:- The Divisional Forest Officer, Bonai on behalf of Governor of Odisha invites percentage rate bids in single cover system in ONLINE MODE

| | | |
|---|---|---|
| 1. | Nature of Works | Building works (Civil+EI+PH) |
| 2. | No. of Works | 10 (Ten) Nos. |
| 3. | Bid Cost | 6,000/- |
| 4. | Class of Contractor | "D" Class, "C" Class |
| 5. | Date & Time of availability of the Tender documents | 22th October 2021 to 05th November 2021 up to 5.30 P.M. |
| 6. | Last date & time of receipt of bids in portal | 05th November 2021 upto 5.30 P.M. |
| 7. | Date of opening of Bid | 06th November 2021 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | |

Sd./- Divisional Forest Officer
Bonai Division
OIPR-08040/11/0007/2122

Bhubaneswar Smart City Limited
Block-1, 5th Floor, BMC - Bhawani Mall, Saheed Nagar, Bhubaneswar - 751007
E-mail Id: bbsr.bscl@gov.in, CIN: U74990OR2016PLC020016
Telephone: 0674-2548428, Fax: 0674-2540811
No. 3787/BSCL Date: 21.10.2021
REQUEST FOR PROPOSAL (RFP) FOR SUPPLY, INSTALLATION, OPERATION AND MAINTENANCE OF ELECTRIC VEHICLE CHARGING STATIONS AT 7 (SEVEN) LOCATIONS IN BHUBANESWAR
No. C-1128: M/s. Bhubaneswar Smart City Limited (BSCL), Bhubaneswar invites sealed proposals for **Supply, Installation, Operation and Maintenance of Electric Vehicle Charging Stations at 7 (Seven) locations in Bhubaneswar**. The details of Terms of Reference (ToR) can be downloaded from the website of BSCL i.e. **www.smartcitybhubaneswar.gov.in** and **www.bmc.gov.in**. Interested agencies may submit their proposals in a sealed cover super-scribing as **"RFP for Supply, Installation, Operation and Maintenance of Electric Vehicle Charging Stations at 7 (Seven) locations in Bhubaneswar"** with advertisement number and Date to the General Manager (Admin.), Bhubaneswar Smart City Limited, 5th Floor, Block-1, BMC Bhawani Mall, Saheed Nagar, Bhubaneswar - 751007 through Speed Post/Registered Post/ Courier Services only, which should reach on or before **3.00 P.M. on 20.11.2021** positively and the same will be opened at **3.30 P.M.** on the same day. Proposals received after the due date and time shall be rejected. The undersigned reserves the right to reject any or all the tender without assigning any reason thereof. For any queries you reach through email: **bbsr.bscl@gmail.com** or telephone: 0674-2548428/2540811.
By order of MD and CEO
Sd./- General Manager
Bhubaneswar Smart City Limited
OIPR-13070/11/0005/2122

**ଫ୍ୟୁଚର ରିଟେଲ ଆବେଦନ ଖାରଜ**

ରିଲାଏନ୍ସ ସହ ଫ୍ୟୁଚର ରିଟେଲର ହେବାକୁ ଥିବା ୨୪,୭୧୩ କୋଟି ଟଙ୍କାର ଡିଲ୍‌କୁ ଆଗକୁ ବଢ଼ିପାରୁନାହିଁ। ଏହା ଉପରେ ସିଙ୍ଗାପୁର ମଧ୍ୟସ୍ଥତା ଅଦାଲତ ଅନ୍ତରୀଣ ରୋକ ଲଗାଇଛନ୍ତି। ଏହି କଟକଣା ହଟାଇବା ଲାଗି ଫ୍ୟୁଚର ରିଟେଲ ସିଙ୍ଗାପୁର ଅଦାଲତଙ୍କୁ ନିବେଦନ କରିଥିଲା। ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଥିବା ଜଣାପଡିଛି। ଫଳରେ ଏହା ଡିଲ୍ ଉପରେ ପ୍ରଭାବ ପକାଇବ ବୋଲି କୁହାଯାଉଛି। ଏହି ନିର୍ଦ୍ଦେଶ ପରେ ଆମାଜନକୁ ଆଶ୍ୱସ୍ତି ମିଳିଥିବା କୁହାଯାଉଛି।

## ସଂକ୍ଷେପରେ

### ଟାଟା ମୋଟର୍ସର ଗ୍ରାହକ ସମ୍ପର୍କ ଅଭିଯାନ

**ଭୁବନେଶ୍ୱର,୨୨।୧୦:** ଟାଟା ମୋଟର୍ସ ପକ୍ଷରୁ ବାର୍ଷିକ ଗ୍ରାହକ ସମ୍ପର୍କ ଅଭିଯାନ 'ଗ୍ରାହକ ସମ୍ବାଦ' ସାରା ଦେଶରେ ଶୁଭାରମ୍ଭ ହୋଇଛି। ବାଣିଜ୍ୟିକ ଯାନ ବର୍ଗର ଗ୍ରାହକଙ୍କ ସହ ଯୋଡ଼ିହେବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ଗ୍ରାହକଙ୍କୁ ଯାନ କ୍ରୟରେ ଅଭିଜ୍ଞତା ପ୍ରଦାନ କରିବା ଲାଗି କମ୍ପାନୀ ଫୋକସ ରଖିଛି। ଚଳିତ ମାସ ୨୮ ଯାଏ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ଅଭିନବ ସେବା ଏବଂ ପ୍ରଡକ୍ଟ ଅଫରିଂ ଉପରେ ଗ୍ରାହକଙ୍କୁ ସଚେତନ କରାଇବା ଲକ୍ଷ୍ୟ ରଖାଯାଇଛି। ଏହି ସମୟରେ ଗ୍ରାହକଙ୍କ ଇଚ୍ଛା ଏବଂ ମତାମତ ସଂଗ୍ରହ କରାଯିବ। ଏହାଦ୍ୱାରା ପ୍ରଡକ୍ଟ ଏବଂ ସର୍ଭିସକୁ ଉନ୍ନତୀକରଣ କରିବାରେ ସହାୟକ ହେବ ବୋଲି କମ୍ପାନୀ କହିଛି। ଅକ୍ଟୋବର ୨୪କୁ ନ୍ୟାଶନାଲ କଷ୍ଟମର କେୟାର ଡେ ଭାବେ ପାଳନ କରିବାକୁ ଯୋଜନା ରଖିଛି। ୧୯୫୪ ଏହିଦିନ ଟାଟା ମୋଟର୍ସର ପ୍ରଥମ ଟ୍ରକ୍ ଶୁଭାରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଟାଟା ମୋଟର୍ସର ବାଣିଜ୍ୟିକ ଯାନ ବିଜ୍‌ନେସ ୟୁନିଟ ଗ୍ଲୋବାଲ ହେଡ୍ ଆର୍.ରାମକୃଷ୍ଣନ କହିଛନ୍ତି, ଗ୍ରାହକ ସମ୍ବାଦ ଦ୍ୱାରା ପ୍ରଡକ୍ଟ ଏବଂ ସର୍ଭିସରେ ଉନ୍ନତି ଦ୍ୱାରା ଲୋକଙ୍କ ଅଭିଜ୍ଞତାକୁ ଉନ୍ନତୀକରଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ଆଡିଡାସ୍ ସହ ଯୋଡ଼ିହେଲେ ଦୀପିକା

**ନୂଆଦିଲ୍ଲୀ,୨୨।୧୦:** କ୍ରୀଡ଼ା ପରିଧାନ ପ୍ରସ୍ତୁତକାରୀ କମ୍ପାନୀ ଆଡିଡାସ୍ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ନିଜର ବ୍ରାଣ୍ଡ୍ ଆମ୍ବାସାଡର ଭାବରେ ଚୁକ୍ତିବଦ୍ଧ କରାଇଛି। ଉଭୟ ଶାରୀରିକ ଏବଂ ମାନସିକ ସୁସ୍ଥତା ନିମନ୍ତେ ଉଭୟଙ୍କର ସମାନ ପ୍ରତିବଦ୍ଧତା ଉପରେ ପାଦୁକୋନ ଆଡିଡାସ୍ ସହିତ ନିବିଡ଼ ଭାବରେ ମିଶି କାର୍ଯ୍ୟ କରିବେ। କ୍ରୀଡ଼ା ତାଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ପାଦୁକୋନ ଉପଯୁକ୍ତ ସାମର୍ଥ୍ୟ ଓ ମଜଭୁତପଣର ପ୍ରତୀକ ହୋଇଛନ୍ତି। ଉଭୟ ପାଦୁକୋନେ ଏବଂ ଆଡିଡାସ୍ ସମାନ ମୂଲ୍ୟବୋଧ ବହନ କରୁଥିବାରୁ ସମ୍ମିଳିତ ଭାବରେ ସେମାନେ ଏକ ଶକ୍ତିଶାଳୀ ସହଭାଗିତା ସୃଷ୍ଟି କରିପାରିବେ।

# ଫେବୃୟାରୀ ସୁଦ୍ଧା କମିପାରେ ଖାଇବା ତେଲ ଦର

**ନୂଆଦିଲ୍ଲୀ,୨୨।୧୦**

- ସୋରିଷ ତେଲ ଉତ୍ପାଦନ ବଢ଼ିଲା
- କଳାବଜାର ଉପରେ କଟକଣା ଲାଗି ନିର୍ଦ୍ଦେଶ



ପାର୍ବଣ ସମୟରେ ଡାଲି ଏବଂ ଖାଇବାତେଲ ଦର କମାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଆମଦାନୀ ବଢ଼ାଇବା ସହ ଖାଦ୍ୟ ସାମଗ୍ରୀ କଳାବଜାର ରୋକିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ମନ୍ତ୍ରଣାଳୟର ସଚିବ ସୁଧାଂଶୁ ପାଣ୍ଡେ କହିଛନ୍ତି, ସୋରିଷ ତେଲ ଉତ୍ପାଦନ ୧୦ ଲକ୍ଷ ମେଟ୍ରିକ ଟନ୍ ବଢ଼ିଛି। ଏହାର ପ୍ରଭାବ ବଜାର ଉପରେ ଶୀଘ୍ର ପଡ଼ିପାରେ। ଆଗାମୀ ଦିନଗୁଡ଼ିକରେ ଖାଇବାତେଲ ଦର କମିପାରେ। ଏହାଦ୍ୱାରା ପାର୍ବଣରେ ଦରଦାମ ଉପରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବ।

ପାଣ୍ଡେ କହିଛନ୍ତି, ମାଲେସିଆରେ ଶ୍ରମିକଙ୍କ ଅଭାବ ଏବଂ ବାୟୋଫୁଏଲ ପ୍ରସ୍ତୁତି ଲାଗି ଖାଇବାତେଲର ଡାଇଭର୍ସନ କାରଣରୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବଢ଼ିଛି। ଏଭଳି ସ୍ଥିତି ସତ୍ତ୍ୱେ ମଧ୍ୟ ଭାରତ ବଜାର ଉପରେ ଏହାର ବିଶେଷ ଭାବେ ପ୍ରଭାବ ପଡ଼ିନାହିଁ। ସରକାର ଡାଲି ଦର ନିୟନ୍ତ୍ରଣ କରିବା ଲାଗି ମଧ୍ୟ ପ୍ରୟାସ ଜାରି ରଖିଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଚଣାଡାଲି ଆମଦାନୀ କମିଛି। ଆସନ୍ତା ମାସରେ ରାଜ୍ୟଗୁଡ଼ିକ ସ୍ତରରେ ଖାଇବା ତେଲ ଏବଂ ଡାଲି ଉପଲବ୍ଧତା ନେଇ କେନ୍ଦ୍ର ସରକାର ସମୀକ୍ଷା କରିବେ। ଆଗାମୀ ଫେବୃୟାରୀ ବେଳକୁ ଖାଇବା ତେଲ ଏବଂ ଡାଲି ଦର କମିବା ନେଇ ସରକାର ଆଶା ରଖିଛନ୍ତି। ଏହି ସମୟରେ ନୂଆ ଫସଲ ଅମଳ ମଧ୍ୟ ହୋଇଥିବ। ଫଳରେ ମହଙ୍ଗା ସ୍ଥିତିରେ କିଛିଟା ଆଶ୍ୱସ୍ତି ପ୍ରଦାନରେ ଏହା ସହାୟକ ହେବ।

ରାଜ୍ୟ ସରକାରଗୁଡିକ ବ୍ୟବସାୟୀଙ୍କ ସହ ଆଲୋଚନା କରି ଆଗାମୀ ସପ୍ତାହରେ ମହଜୁଦ ସୀମା ନିର୍ଦ୍ଧାରଣ କରିବା ପ୍ରକ୍ରିୟା ଆରମ୍ଭ କରିବେ। ଯଦି କୌଣସି ବ୍ୟବସାୟୀ ନିର୍ଦ୍ଧାରିତ ସୀମାଠାରୁ ଅଧିକ ପରିମାଣର ସାମଗ୍ରୀ ନିଜ ପାଖରେ ଜବତ କରନ୍ତି ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ପିଆଜ ଦର ଉପରେ ନଜର ରଖିବା ଲାଗି ପ୍ରତି ମାସରେ ବୈଠକ ହେବ ବୋଲି ଜଣାପଡିଛି।

# କ୍ୟାରେଟଲେନ୍‌ର ପାର୍ବଣ ସମ୍ଭାର

**ଭୁବନେଶ୍ୱର,୨୨।୧୦**



ତନିସ୍କର ସହଯୋଗୀ ଜୁଏଲେରି ବ୍ରାଣ୍ଡ କ୍ୟାରେଟଲେନ୍ ପକ୍ଷରୁ ପାର୍ବଣ ସମ୍ଭାର ଆରମ୍ଭ କରାଯାଇଛି। ପାର୍ବଣ ଉପଲକ୍ଷେ କମ୍ପାନୀ ଗିଫ୍ଟ ଏ କ୍ୟାରେଟଲେନ କ୍ୟାମ୍ପେନ ଆରମ୍ଭ କରିଛି। କମ୍ପାନୀ ପକ୍ଷରୁ ୨ ନୂଆ କଲେକ୍ସନ ଏବଂ ଅନେକ ଆକର୍ଷଣୀୟ ଅଫର ଆସିଛି। ଅତ୍ୟାଧୁନିକ ଏବଂ ଗ୍ଲାମରଯୁକ୍ତ ବିସ୍ତୃତ ଗହଣା ରେଞ୍ଜ ସହ କ୍ୟାରେଟଲେନ୍‌ର ନୂଆ କଲେକ୍ସନ 'ଡ୍ୟୁନ୍‌ସ' ଏବଂ 'ଓମ୍ବରେ'ରେ ଅନେକ ମନଲୋଭା ଡିଜାଇନ ରହିଛି। ଓମ୍ବରେ କଲେକ୍ସନ ମୋଦି ଏବଂ ସ୍ୱର୍ଲଗୁଡ଼ିକରୁ ଆସିଛି। ନିକଓ୍ୱେର, ରିଷ୍ଟଓ୍ୱେର, କାନଫୁଲ,ମୁଦି ଆଦି ରେଞ୍ଜରେ ଅତି ସୁନ୍ଦର ଡିଜାଇନ ରହିଛି। ଅସଲି ନୀଲମ ବା ସାଫାୟାରର ନିଆରା କଲରଗ୍ରେଡେଶନ ଏହା ଉପସ୍ଥାପନା କରୁଛି। ଗ୍ରାହକଙ୍କ ଅତି ପସନ୍ଦ ଡ୍ୟୁନ୍ସ କଲେକ୍ସନ ସେହି ମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ଏକ ମନୋରମ ତଥା ଭିନ୍ନ ଲୁକ ଚାହାନ୍ତି। ଫାଇନ ତଥା ସ୍କଲପଚରାଲ ସେପ୍‌ରୁ ଏହା ଉଦ୍ଭୃତ। ୧୪ କ୍ୟାରେଟ ସୁନାରେ ଏହି କଲେକ୍ସନକୁ ଅତି ବିସ୍ତୃତ ଭାବେ ହୀରାର ଧାଡିରେ ରୂପରେଖ ଦିଆଯାଇଛି। ଗ୍ରାହକଙ୍କ ଖୁସିକୁ ବହୁଗୁଣିକ କରିବାକୁ ଯାଇ କ୍ୟାରେଟଲେନ ହୀରା ମୂଲ୍ୟ ଉପରେ ୨୫% ରିହାତି ପ୍ରଦାନ କରୁଛି। ୩ ହଜାରରୁ ଉର୍ଦ୍ଧ୍ୱ ଡିଜାଇନ ଉପରେ ଏହି ଅଫର ଚଳିତ ମାସ ୨୭ ତାରିଖ ଯାଏ ଉପଲବ୍ଧ ହେବ। ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୀରା ଖଚିତ ଗହଣା କ୍ରୟରେ ଗ୍ରାହକ ଅତିରିକ୍ତ ୫% ରିହାତି ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ଟିଭିଏସ୍ ପକ୍ଷରୁ ପ୍ରଡକ୍ଟ ରେଞ୍ଜ ପ୍ରଦର୍ଶନ



**ଭୁବନେଶ୍ୱର,୨୨।୧୦**

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ପାର୍ବଣ ଉପଲକ୍ଷେ ଏହାର ପ୍ରଡକ୍ଟ ଏବଂ ଅଫର ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। କମ୍ପାନୀ ଏହାର ବିଭିନ୍ନ ୨ ଚକିଆ ମଡେଲ ଉପରେ ସ୍ୱତନ୍ତ୍ର ସ୍କିମ୍, ସଦ୍ୟତମ କଲର ଏବଂ ସଦ୍ୟତମ ପ୍ରାଇସରେ ପ୍ରଡକ୍ଟ ଯୋଗାଉଛି। କମ୍ପାନୀ ପକ୍ଷରୁ ଆପାଚେ ଆର୍‌ଆର୍ ୩୧୦ ବଜାରରେ ଉପଲବ୍ଧ ରହିଛି। ଏହି ମଡେଲଟିର ବଜାର ଦର ୨.୫୯ ଲକ୍ଷ ଟଙ୍କା ରହିଛି। ଏହା ରେସିଂ ରେଡ୍, ଟିଟାନିୟମ ବ୍ଲାକ୍ ଭଳି ରଙ୍ଗରେ ଆସୁଛି। ଏହି ମଡେଲ ଉପରେ ଗ୍ରାହକ ୭.୭%ର ନ୍ୟୁନ ସୁଧହାର, ୫ ହଜାର ଟଙ୍କାର ଇଏମ୍‌ଆଇ, ପ୍ରି ଆପ୍ରୁଭ ଲୋନ, ୫% କ୍ୟାଶ୍‌ବ୍ୟାକ ମିଳିବ। ସେହିଭଳି ଟିଭିଏସ୍ ଆପାଚେ ଆର୍‌ଆର୍ ୩୧୦ ବିଲ୍ଟ ଟୁ ଅଫର ମଧ୍ୟ ରହିଛି। ଟିଭିଏସ୍ ଆପାଚେ ଆର୍‌ଟିଆର୍ ସିରିଜରେ ୫ଟି ମଡେଲ ରହିଛି। ଏହାର ବଜାର ଦର ୧.୦୭ ଲକ୍ଷରୁ ୧.୩୩ ଲକ୍ଷ ଟଙ୍କା ରହିଛି।

ଟିଭିଏସ୍ ରେଡର ୨ଟି ଭାରିଆଣ୍ଟରେ ଉପଲବ୍ଧ ହେଉଥିବା ବେଳେ ଏହାର ଦର ଯଥାକ୍ରମେ ୭୭,୫୦୦ ଟଙ୍କା ଏବଂ ୮୫,୪୬୯ ଟଙ୍କା ରହିଛି। ସେହିଭଳି ଟିଭିଏସ୍ ଏନ୍‌ଟର୍କ ୧୨୫ ଉପରେ ଗ୍ରାହକ ୧୩ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ସୁବିଧା,କ୍ୟାଶ୍‌ବ୍ୟାକ ଭଳି ବିଭିନ୍ନ ଅଫର ଲାଭ କରିପାରିବେ। ଟିଭିଏସ୍ ଜୁପିଟରରେ ୯,୫୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ସହ ଅନ୍ୟ ଅଫର ରହିଛି। ଟିଭିଏସ୍ ଜୁପିଟର ୧୨୫, ଟିଭିଏସ୍ ରାଡେୟନ, ଟିଭିଏସ୍ ଏକ୍ସଏଲ୍ ୧୦୦,ଟିଭିଏସ୍ ଆଇକ୍ୟୁବ ଇଲେକ୍ଟ୍ରିକ, ଟିଭିଏସ୍ ଷ୍ଟାର ସିଟି ପ୍ଲସ୍, ଟିଭିଏସ୍ ସ୍ପୋର୍ଟ, ଟିଭିଏସ୍ ସ୍କୁଟି ପେପ୍ ପ୍ଲସ୍, ଟିଭିଏସ୍ ଜେଷ୍ଟ ୧୦୦ ଏବଂ ଟିଭିଏସ୍ ରେସିଂ ପରଫରମାନ୍ସ ଗିୟର ଉପରେ ଗ୍ରାହକ ବିଭିନ୍ନ ରିହାତି ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ରିଲାଏନ୍ସର ନିଟ୍ ଲାଭ ୪୬% ବୃଦ୍ଧି

**ମୁମ୍ବାଇ,୨୨।୧୦**

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ନିଟ୍ ଲାଭ ୪୬% ବୃଦ୍ଧି ପାଇ ୧୫,୪୭୯ କୋଟି ଛୁଇଁଥିବା କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଗତବର୍ଷ ସମାନ ସମୟରେ କମ୍ପାନୀର ଲାଭ ୧୦,୬୦୨ କୋଟି ଟଙ୍କା ରହିଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଏହା ୧୩,୮୦୬ କୋଟି ଟଙ୍କା ଲାଭ କରିଥିଲା। ଏହାର ମୋଟ ରାଜସ୍ୱ, ଗତବର୍ଷ ଏହି ସମୟ ତୁଳନାରେ ୪୯.୨% ବୃଦ୍ଧି ସହ ୧.୯୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ରିଫାଇନେରି ଏବଂ ପେଟ୍ରୋକେମିକାଲ ପରିଚାଳନା ରାଜସ୍ୱ ୫୮.୧% ବଢ଼ିଛି। ଜିଓ ରାଜସ୍ୱ ୨୪% ବଢ଼ି ୩,୫୨୮ କୋଟି ଟଙ୍କା ରହିଛି। ଏହା ଗତବର୍ଷ ୨,୮୪୪ କୋଟି ଟଙ୍କା ଥିଲା। ସେପ୍ଟେମ୍ବର ସୁଦ୍ଧା ଏହି ବର୍ଗରେ ପରିଚାଳନାଗତ ରାଜସ୍ୱ ୭% ବଢ଼ି ୧୮,୭୩୫ କୋଟି ଟଙ୍କା ରହିଛି। ଏହା ୨୦୨୦ ସେପ୍ଟେମ୍ବରରେ ୧୭,୪୮୧ କୋଟି ଟଙ୍କା ରହିଥିଲା।

# ଆଇଏମ୍ଏମ୍‌ଟିରେ ପ୍ଲାଜ୍‌ମା ପ୍ରୋସେସିଂ ୱେବିନାର




**ଭୁବନେଶ୍ୱର,୨୨।୧୦**

ଆଇଏମ୍ଏମ୍‌ଟି-ସିଏସ୍ଆଇଆର୍ ଭୁବନେଶ୍ୱର ପକ୍ଷରୁ ଶିଳ୍ପସଂସ୍ଥାଗୁଡିକର ଚ୍ୟାଲେଞ୍ଜ କ୍ଷେତ୍ରରେ ଆଡଭାନ୍ସ ପ୍ଲାଜମା ପ୍ରୋସେସିଂ ଟେକ୍ନିକ ସମ୍ପର୍କିତ ୩ ଦିନିଆ ୱେବିନାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ସୁଧାସତ୍ତ୍ୱ ବାସୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ବୈଜ୍ଞାନିକ ଡି.ଏସ୍.ରାଓ, ଏଏମ୍ ଟି ବିଭାଗ ମୁଖ୍ୟ ଏସ୍.କେ. ପ୍ରଧାନ, ଏଚ୍ଆରଡି ମୁଖ୍ୟ, ଡ.ବି.ଭୋଇ, ପ୍ରଫେସର ରବର୍ଟ ନେମାନିଚ୍, ପ୍ରଫେସର ଫିଲିପ ବର୍ଗୋଞ୍ଜୋ, ଡ.ଡି.ପି.ଦାସ, ଡ.ପ୍ରତିମା କେ.ମିଶ୍ର, ଡ.ଏସ୍.କେ.ମିଶ୍ର, ଏସ୍.ବାଜପାୟୀ, ଡ.ଏସ୍.କେ.ସିଂ, ଡ.ଡି.ଦେବାଶିଷ, ପି.ରାଜପୁର, ଡ.ୟୁ.ବାଲାଜି, କେ.ଜେ.ଶଙ୍କରନ ପ୍ରମୁଖ ଉପସ୍ଥିତ ରହି ଆଡଭାନ୍ସ ପ୍ଲାଜ୍‌ମା ପ୍ରୋସେସିଂ ଟେକ୍ନୋଲୋଜିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଭଳି ଏକ କର୍ମଶାଳା ଆୟୋଜନ କରି ଅତ୍ୟନ୍ତ ଖୁସି ବୋଲି ପ୍ରଫେସର ବାସୁ କହିଛନ୍ତି। ଗବେଷଣାର ବିଭିନ୍ନ ଦିଗ ଏବଂ ଫଳାଫଳ ଉପରେ ଏଠାରେ ଆଲୋଚନା ହୋଇଥିଲା।

## ଫୁରସତ୍

# ମାସ୍କଟ୍ 'ମହାରାଜା' ପଛରେ ପାକିସ୍ତାନୀ ଉଦ୍ୟୋଗପତି



**ନୂଆଦିଲ୍ଲୀ:** କ୍ଷତିରେ ଚାଲୁଥିବା ଭାରତୀୟ ବିମାନସେବା 'ଏୟାର ଇଣ୍ଡିଆ'କୁ କେନ୍ଦ୍ର ସରକାର ଟେକି ଦେଇଛନ୍ତି ଟାଟା ହାତରେ। ଦୀର୍ଘ ୬ଦଶକ ପରେ ଟାଟା କମ୍ପାନୀ ପାଖକୁ ଫେରିଛି 'ଏୟାର ଇଣ୍ଡିଆ'ର ପରିଚାଳନା ଭାର। ତେବେ ଏୟାର ଇଣ୍ଡିଆର ମାସ୍କଟ୍ 'ମହାରାଜା'କୁ ନେଇ ରହିଛି ଏକ ରୋଚକ ତଥ୍ୟ। ମାସ୍କଟ୍‌ର କୌତୁକିଆ ନିଶ ପାକିସ୍ତାନୀ ଉଦ୍ୟୋଗପତି ସୟଦ ୱାଜିଦ୍ ଅଲ୍ଲିଙ୍କଠାରୁ ପ୍ରେରିତ। ୧୯୩୨ରେ ଜେଆର୍‌ଡି ଟାଟାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଟାଟା ଏୟାର ସେବା। ପ୍ରଥମେ ଏହାକୁ କେବଳ ମେଲ୍ ନେବା ଆଣିବା କାର୍ଯ୍ୟରେ ବ୍ୟବହାର କରାଯାଉଥିବାବେଳେ ପରବର୍ତ୍ତୀ ସମୟରେ 'ଟାଟା ଏୟାର'ରେ ଉପଲବ୍ଧ ହୋଇଥିଲା ଯାତ୍ରୀ ସେବା। ଏହାର ନାମ ପରିବର୍ତ୍ତନ କରାଯାଇ 'ଟାଟା ଏୟାର ଲାଇନ୍ସ' ରଖାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ୟବସାୟିକ ଅଗ୍ରଗତି ପାଇଁ ଏହାକୁ 'ଏୟାର ଇଣ୍ଡିଆ' ନାମରେ ନାମିତ କରାଯାଇଥିଲା। ବିମାନ ସେବାକୁ ଜନମାନସରେ ପରିଚିତ କରାଇବା ଲାଗି ଏକ ମାସ୍କଟ୍‌ର ଆବଶ୍ୟକତା ଅନୁଭୂତ ହୋଇଥିବାବେଳେ ଏହାର ଦାୟିତ୍ୱ ମିଳିଥିଲା ସେତେବେଳର ଏୟାର ଇଣ୍ଡିଆର ବାଣିଜ୍ୟିକ ନିର୍ଦ୍ଦେଶକ ଥିବା ବବି କୁକାଙ୍କୁ। ଏଥିପାଇଁ ସେ ସହଯୋଗ ଲୋଡ଼ିଥିଲେ ପ୍ରତିଷ୍ଠିତ ଆର୍ଟିଷ୍ଟ ଉମେଶ ରାଓଙ୍କର। ଦେଶ ସ୍ୱାଧୀନ ପୂର୍ବରୁ ଭାରତରେ ରାଜତନ୍ତ୍ର ପ୍ରଚଳିତ ଥିବାବେଳେ ବିମାନରେ ଯାତ୍ରା ସାଜିଥିଲା ସମ୍ଭ୍ରାନ୍ତ ଶ୍ରେଣୀର ପରିଚୟ। ତେଣୁ ଭାରତୀୟ ମହାରାଜାଙ୍କ ଚେହେରାକୁ ଅନୁକରଣ କରି ମାସ୍କଟ୍ ତିଆରି କରିବାକୁ କରାଯାଇଥିଲା ଯୋଜନା। ହେଲେ ଏଥିଲାଗି ଥିମ୍ ମିଳୁ ନ ଥିଲା। ଏହି ସମୟରେ ଏକ ସଂଯୋଗ ଘଟିଲା। ଲାହୋର ନିବାସୀ ସୟଦ ୱାଜିଦ୍ ଅଲ୍ଲି ଜେଆର୍‌ଡି ଟାଟାଙ୍କ ଭଲ ବନ୍ଧୁ ଥିଲେ। ଏକ ବିମାନ ଟିକେଟ କିଣିବା ଲାଗି ସେ ମୁମ୍ବାଇ ଆସିଥିଲେ। ତାଙ୍କର ଆକର୍ଷଣୀୟ ନିଶ, ପଗଡ଼ି ଏବଂ ବ୍ୟକ୍ତିତ୍ୱ କୁକାଙ୍କ ଅଧିକାଂଶ ସମସ୍ୟା ଦୂର କରିଦେଇଥିଲା ଏବଂ ମାସ୍କଟ୍ ପ୍ରସ୍ତୁତ ପାଇଁ ମିଳିଯାଇଥିଲା ମନଲାଖି ଥିମ୍। ମହାରାଜା 'ମାସ୍କଟ୍' କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଲୋକପ୍ରିୟ ହୋଇପାରିଛି।



ଜନ୍ ଆବ୍ରାହମ

# ନଭେମ୍ବର ୨୫ରେ ଆସିବ 'ସତ୍ୟମେବ ଜୟତେ ୨'

**ମୁମ୍ବାଇ:** ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ ଏବଂ ଅଭିନେତ୍ରୀ ଦିବ୍ୟା ଖୋସଲା କୁମାରଙ୍କ ଅଭିନୀତ ଫିଲ୍ମ 'ସତ୍ୟମେବ ଜୟତେ ୨'ର ରିଲିଜ ଡେଟ୍ ସାମ୍ନାକୁ ଆସିଛି। ନଭେମ୍ବର ୨୫ରେ ଏହି ଫିଲ୍ମଟି ସିନେମା ହଲରେ ରିଲିଜ ହେବ। ସତ୍ୟମେବ ଜୟତେର ସଫଳତାକୁ ଦେଖି ନିର୍ମାତା ଏହାର ଦ୍ୱିତୀୟ ସିକୁଏଲ ନେଇ ଆସୁଛନ୍ତି। ମିଳାପ ଜାଭେରୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଜନ୍‌ଙ୍କ ଜବରଦସ୍ତ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିବ।

# ବିଶ୍ୱର ସବୁଠୁ ଲମ୍ବା ମହିଳା ବଡିବିଲ୍ଡର



ନେଦରଲ୍ୟାଣ୍ଡସ୍‌ର ଜଣେ ଆଥେଲେଟିକ୍ ବିଶ୍ୱର ସବୁଠାରୁ ଲମ୍ବା ମହିଳା ବଡି ବିଲ୍ଡର ହେବାର ରେକର୍ଡ ସୃଷ୍ଟି କରିଛନ୍ତି। ୫ ଫୁଟ୍ ୧୧.୯୨ ଇଞ୍ଚର ଏହି ମହିଳା ବଡି ବିଲ୍ଡରଙ୍କ ନାମ ମାରିୟା ବେଟେଲି, ଯିଏକି ଗିନିଜ୍ ୱାଲର୍ଡ ରେକର୍ଡରେ ଦୁନିଆର ସବୁଠୁ ଲମ୍ବା ମହିଳା ବଡି ବିଲ୍ଡର ଘୋଷିତ ହୋଇଛନ୍ତି। ୪୧ ବର୍ଷୀୟା ମାରିୟା ତାଙ୍କ ବନ୍ଧୁ ଓଲିବିୟର ରିକ୍ଟର୍ସଙ୍କ ପରାମର୍ଶକ୍ରମେ ଗିନିଜ ୱାଲର୍ଡ ରେକର୍ଡ ପାଇଁ ଆବେଦନ କରିଥିଲେ। ରିକ୍ଟର୍ସ ମଧ୍ୟ ସବୁଠୁ ଲମ୍ବା ପୁରୁଷ ବଡି ବିଲ୍ଡର ଭାବେ ରେକର୍ଡ ଅର୍ଜନ କରିଛନ୍ତି। ମାରିୟା ୧୯ ବର୍ଷରୁ ବଡି ବିଲ୍ଡିଂ କାମ ଆରମ୍ଭ କରିଥିଲେ। ୨୦୦୫ ମାର୍ଚ୍ଚ ପ୍ରତିଯୋଗିତାରେ ସେ ଭାଗ ନେଇଥିଲେ। ପ୍ରତିଯୋଗିତା ଏକ ଆହ୍ୱାନ ବୋଲି ସେ କହିଛନ୍ତି।


୨୮ତମ ଜନ୍ମଦିନ ଶୁଭେଚ୍ଛା



ପ୍ରୀତମ ଭୁକ୍ତା (ରାହୁଲ)
ମାର୍କଣ୍ଡେଶ୍ୱରସାହି,ପୁରୀ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୦୩୩

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି। ସମୟ ଦିବା ୧୦ଟାରୁ ୨ଟା।
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁ ଭାଇନ, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। **କଟକ:** ୪ ଓ ୧୮ ତାରିଖ, ହୋଟେଲ ଋଦ୍ଧି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। **ଭୁବନେଶ୍ୱର:** ୫ ଓ ୧୯ ତାରିଖ, ହୋଟେଲ ଗ୍ରାଇଡେଣ୍ଟ, ଅଶୋକନଗର। **ପୁରୀ:** ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। **ବାରିପଦା:** ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। **ରାଉରକେଲା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ଼, ରେଲୱେଷ୍ଟେସନ ପାଖ। **ପାରାଦୀପ:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। **କେନ୍ଦୁଝର:** ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। **ଝାରସୁଗୁଡ଼ା:** ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ଼। **ଅନୁଗୁଳ:** ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। **ବ୍ରହ୍ମପୁର:** ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। **ଭବାନୀପାଟଣା:** ୧୩ ଏବଂ ୨୭ ତାରିଖ, ରବି ଲଜ, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଏବଂ ୨୮ ତାରିଖ, ହୋଟେଲ ଶାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ପାଖ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱବସନ୍ତ କୁମାର ପଟ୍ଟନାୟକ
ଦୁର୍ଗାବଜାର, ଆଠଗଡ଼, କଟକ
ଆବିର୍ଭାବ: ୩୦।୦୩।୧୯୩୦
ତିରୋଧାନ: ୧୩।୧୦।୨୦୨୧
ଅଲ ଇଣ୍ଡିଆ ରେଡିଓ, ନୂଆଦିଲ୍ଲୀର ଜଣେ ସୁପରିଚିତ ବରିଷ୍ଠ ଓଡ଼ିଆ ସମ୍ବାଦ ପାଠକ, ସୁନାମଧନ୍ୟ କ୍ରୀଡ଼ାବିତ୍ ଓ ନାଟ୍ୟକାର ଭାବେ ସମଗ୍ର ଓଡ଼ିଶାରେ ଆପଣ ବେଶ୍ ପରିଚିତ ଥିଲେ। ସମ୍ବାଦ ପାଠ କରିବାର ନିଆରା ଶୈଳୀ ଯୋଗୁଁ ଆପଣ ଘରେ ଘରେ ଚିରସ୍ମରଣୀୟ ହୋଇ ରହିବେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ପତ୍ନୀ: ବାସନ୍ତି, ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ।
ଧ-୨୨୦୩୫

ପ୍ରଥମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତା ମଣୀମାଳା ମିଶ୍ର
ଆନନ୍ଦ ନଗର, ଢେଙ୍କାନାଳ ଟାଉନ
ଆବିର୍ଭାବ: ୧୯୩୫
ତିରୋଧାନ: ୦୩।୧୧।୨୦୨୦
ଆଜକୁ ଠିକ୍ ଏକବର୍ଷ ତଳେ ଆମମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ସବୁବେଳେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ହତଭାଗ୍ୟ: ନିରଞ୍ଜନ ମିଶ୍ର, ତ୍ରିଲୋଚନ ମିଶ୍ର, ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୩୬୫

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦେବାଶିଷ ପଟ୍ଟନାୟକ
ଗୁଣ୍ଡିଚା ବିହାର, କିରଣ ନିବାସ, ପୁରୀ-୨
ଆବିର୍ଭାବ: ୦୭।୧୨।୧୯୭୦
ତିରୋଧାନ: ୦୮।୧୦।୨୦୧୭
(କାର୍ତ୍ତିକ ମାସ କୃଷ୍ଣପକ୍ଷ ତୃତୀୟା ତିଥି)
ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ, ଝିଅମାନେ, ଭାଇମାନେ, ଭାଉଜ, ଭାଇବୋହୂ, ଭଉଣୀ ଓ ଭିଣୋଇମାନେ, ପୁତୁରା, ଝିଆରୀ, ଭଣଜା, ଭଣଜାବୋହୂମାନେ, ଭାଣିଜୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୬୩୮୯

ଏକାଦଶାହ ଉପଲକ୍ଷେ



ସ୍ୱରାଧାକୃଷ୍ଣ ଗାନ୍ତୁ
ବାଟଗ୍ରାମ ଭୋଗରାଇ, ବାଲେଶ୍ୱର
ଧରାବତରଣ: ୦୧।୧୦।୧୯୫୩
ସ୍ୱର୍ଗାରୋହଣ: ୧୩।୧୦।୨୦୨୧
ବାପା, ତୁମେ ଆମକୁ ଜୀବନ ଦେଇ ଜୀଇବାର ସବୁ କଳା ଶିଖାଇଲ। ଆମର କୁନି କୁନି ହାତଧରି ଏ ବିଶାଳ ପୃଥିବୀର ପରିଧିରେ ଆମକୁ ପରିଚିତ କରାଇଲ। ନିଜ ଜୀବନକୁ ତିଳ ତିଳ କରି ସହିବାର ସବୁ ଦୁଃଖ ଆଡ଼ା ଭରିଦେଲ। ଆମର ଦୁଇଟି ଓଠରେ ଚେନାଏ ହସ, ତମେ ଆମ ନିଶ୍ୱାସ, ଆମ ଜୀବନର ମନ୍ତ୍ର, ଜ୍ଞାନ, ପରିଚୟ ଆଉ ଭରସା। ତୁମ ବିନା ଆମ ଜୀବନ ଆଜି ସଞ୍ଜାହୀନ ହୃଦୟର ଗଭୀର ସମୁଦ୍ର ଆଜି ଗର୍ଜନ କରି ବିଳାପି ଉଠୁଛି ବାର ବାର ବାପା ତୁମେ ଆଉ ଥରେ ଫେରିଆସ। ଆମ ଘରେ ତୁମ ଭୂମିକା ସରିଗଲା। ତାହା ଚିରନ୍ତନ ସତ୍ୟ କିନ୍ତୁ ଏହାବି ସତ୍ୟ ତୁମେ ଅଛ ଆମ ଭିତରେ, ଆମ ପାଖରେ, ଆମ ଆତ୍ମାରେ ରହିଥିବ ଚିରଦିନ। ତୁମରି ସ୍ମରଣେ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୨୦୩୪

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଶୁକ୍ରବାର ଅର୍ଦ୍ଧଶତକ ହାସଲ କରିବା ପରେ ନାମ୍ବିଆର ଗେରହାର୍ଡ ଏରାସମସ।

# ନାମ୍ବିଆ ପ୍ରଥମଥର ସୁପର-୧୨ରେ

**ଶାରଜା, ୨୨।୧୦ (ପି.ଟି.)**

ନାମ୍ବିଆ ପ୍ରଥମଥର ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ସୁପର-୧୨ ପର୍ଯ୍ୟାୟରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଗ୍ରୁପ୍ ଏ' ମ୍ୟାଚରେ ଦଳ ୮ ଉଇକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୨୫ ରନ କରିଥିଲା। ଦଳ ପକ୍ଷରୁ ପଲ ଷ୍ଟର୍ଲିଂ ସର୍ବାଧିକ ୩୮ରନ କରିଥିଲେ। କେଭିନ ଓବ୍ରିଏନ୍ ୨୫ ଓ ଆଣ୍ଡ୍ର୍ୟୁ ବଲବିର୍ନି ୨୧ ରନ କରିଥିବା ବେଳେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ସ୍କୋରରେ ପହଞ୍ଚିପାରି ନ ଥିଲେ। ନାମ୍ବିଆ ସଫଳ ବୋଲର ଜାନ୍ ଫ୍ରାଇଲିଙ୍କ୍ ୩ ଓ ଡେଭିଡ ୱିଜି ୨ ଉଇକେଟ ଅକ୍ତିଆର କରିଥିଲେ। ୧୨୬ ରନର ବିଜୟ ଲକ୍ଷ୍ୟକୁ ନାମ୍ବିଆ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ଗେରହାର୍ଡ ଏରାସମସ ୫୩ ରନ ଓ ଡେଭିଡ ୱିଜି ୨୮ରନ କରି ଅପରାଜିତ ରହିଥିଲେ। ଆୟର୍ଲାଣ୍ଡର କୁର୍ଟିସ କ୍ୟାମ୍ଫର ପତନ ଘଟିଥିବା ଦୁଇଟିଯାକ ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ କରି ଦଳକୁ ଜିତାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିବାରୁ ୱିଜି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁକ୍ରବାର ଏହି ଐତିହାସିକ ବିଜୟ ଦ୍ୱାରା ଗ୍ରୁପ୍ ଏ'ରୁ ଶ୍ରୀଲଙ୍କା ପରେ ଦ୍ୱିତୀୟ ଦଳ ଭାବେ ନାମ୍ବିଆ ସୁପର-୧୨ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।



ବିଜୟ ସୂଚକ ରନ କରିବା ପରେ ଡେଭିଡ ୱିଜି।

# ଟପ୍ ଅର୍ଡର ସୁଧାରିବା ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ଆବୁଧାବି,୨୨।୧୦**

ଟି୨୦ ବିଶ୍ୱକପ୍ ସୁପର-୧୨ର ଗ୍ରୁପ୍-୧ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଅଷ୍ଟ୍ରେଲିଆର ଟପ୍ ଅର୍ଡର ଗତ କେତୋଟି ମ୍ୟାଚ୍‌ରେ ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରିନାହାନ୍ତି। ତେଣୁ ଟପ୍‌ଅର୍ଡରକୁ ସୁଧାରିବା ପାଇଁ ଅଷ୍ଟ୍ରେଲିଆ ଚେଷ୍ଟା କରିବ। ପ୍ରଥମଥର ପାଇଁ ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଟାଇଟଲ ହାସଲ କରିବାକୁ ପ୍ରୟାସ କରିବ। ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ଖେଳିଥିବା ଦ୍ୱିପାକ୍ଷିକ ସିରିଜଗୁଡିକରେ ଭଲ ପ୍ରଦର୍ଶନ କରିପାରିନାହିଁ। ଦଳ ବାଂଲାଦେଶ, ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଭାରତ ଓ ଇଂଲଣ୍ଡ ବିପକ୍ଷରେ ସିରିଜରେ ପରାସ୍ତ ହୋଇଥିଲା। ତେବେ ଏହି ସିରିଜଗୁଡିକରେ ତାରକା ଖେଳାଳିମାନେ ଓହରିଯାଇଥିଲେ। ଅଷ୍ଟ୍ରେଲିଆ ଗତ ସିରିଜଗୁଡିକରେ ୫ଟିରେ ବିଜୟୀ ହୋଇଥିବା ବେଳେ ୧୩ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ତେଣୁ ଦଳର ପ୍ରସ୍ତୁତି ସେତେଟା ଜୋରଦାର ହୋଇପାରିନାହିଁ।

ଡେଭିଡ ୱାର୍ନର ଦୁର୍ବଳ ଫର୍ମ ଦେଇ ଗତି କରୁଛନ୍ତି ଓ ଏହା ଟିମ୍ ମାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଦୁଇଟି ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ସେ ୦ ଓ ୧ ରନ କରି ଆଉଟ ହୋଇଥିଲେ। ଆଣ୍ଠୁରେ ଅସ୍ତ୍ରୋପଚାର କରାଇଥିବା ଅଧିନାୟକ ଆରୋନ ଫିଞ୍ଚ୍ ଫିଟ୍‌ନେସ ହାସଲ କରିଥିଲେ ମଧ୍ୟ ମ୍ୟାଚ୍ ପ୍ରାକ୍ଟିସ କରିପାରିନାହାନ୍ତି। ସେହିପରି ଉପ-ଅଧିନାୟକ ପ୍ୟାଟ କ୍ୟୁମିନ୍ସ ଏପ୍ରିଲରେ ଆଇପିଏଲ୍ ଖେଳିବା ପରଠାରୁ କୌଣସି ପ୍ରକାର କ୍ରିକେଟ ଖେଳିନାହାନ୍ତି। ସ୍ପିନ ବୋଲିଂ ବିପକ୍ଷରେ ଦଳ ସଂଘର୍ଷ କରୁଥିବା ସ୍ପଷ୍ଟ ଜଣାପଡୁଛି। ତେବେ ଷ୍ଟିଭ ସ୍ମିଥ୍, ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ, ଇନ୍‌ଫର୍ମ ଗ୍ଲେନ ମ୍ୟାକ୍ସୱେଲ ଓ ମିଚେଲ ମାର୍ଶଙ୍କୁ ନେଇ ଦଳର ମିଡଲ ଅର୍ଡର ବେଶ୍ ଦୃଢ ଜଣାପଡୁଛି।

# ଟି୨୦ ବିଶ୍ୱକପ୍

**ଗ୍ରୁପ୍-୧:** ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ।
**ଗ୍ରୁପ୍-୨:** ଆଫଗାନିସ୍ତାନ, ଭାରତ, ନାମ୍ବିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ସ୍କଟଲାଣ୍ଡ

## ସୁପର-୧୨ ଗ୍ରୁପ୍-୧ କାର୍ଯ୍ୟସୂଚୀ

| ମ୍ୟାଚ୍ ନଂ | ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|---|
| ୧ | ୨୩ ଅକ୍ଟୋବର | ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା | ଅପରାହ୍ନ ୩.୩୦ | ଆବୁଧାବି |
| ୨ | ୨୩ ଅକ୍ଟୋବର | ଇଂଲଣ୍ଡ- ୱେଷ୍ଟଇଣ୍ଡିଜ୍ | ସନ୍ଧ୍ୟା ୭.୩୦ | ଦୁବାଇ |
| ୩ | ୨୪ ଅକ୍ଟୋବର | ଶ୍ରୀଲଙ୍କା-ବାଂଲାଦେଶ | ଅପରାହ୍ନ ୩.୩୦ | ଶାରଜା |
| ୪ | ୨୬ ଅକ୍ଟୋବର | ଦକ୍ଷିଣ ଆଫ୍ରିକା-ୱେଷ୍ଟଇଣ୍ଡିଜ | ଅପରାହ୍ନ ୩.୩୦ | ଦୁବାଇ |
| ୫ | ୨୭ ଅକ୍ଟୋବର | ଇଂଲଣ୍ଡ- ବାଂଲାଦେଶ | ଅପରାହ୍ନ ୩.୩୦ | ଆବୁଧାବି |
| ୬ | ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ସନ୍ଧ୍ୟା ୭.୩୦ | ଦୁବାଇ |
| ୭ | ୨୯ ଅକ୍ଟୋବର | ୱେଷ୍ଟଇଣ୍ଡିଜ-ବାଂଲାଦେଶ | ଅପରାହ୍ନ ୩.୩୦ | ଶାରଜା |
| ୮ | ୩୦ ଅକ୍ଟୋବର | ଦକ୍ଷିଣ ଆଫ୍ରିକା-ଶ୍ରୀଲଙ୍କା | ଅପରାହ୍ନ ୩.୩୦ | ଶାରଜା |
| ୯ | ୩୦ ଅକ୍ଟୋବର | ଇଂଲଣ୍ଡ-ଅଷ୍ଟ୍ରେଲିଆ | ସନ୍ଧ୍ୟା ୭.୩୦ | ଦୁବାଇ |
| ୧୦ | ୧ ନଭେମ୍ବର | ଇଂଲଣ୍ଡ-ଶ୍ରୀଲଙ୍କା | ସନ୍ଧ୍ୟା ୭.୩୦ | ଶାରଜା |
| ୧୧ | ୨ ନଭେମ୍ବର | ଦକ୍ଷିଣ ଆଫ୍ରିକା-ବାଂଲାଦେଶ | ଅପରାହ୍ନ ୩.୩୦ | ଆବୁଧାବି |
| ୧୨ | ୪ ନଭେମ୍ବର | ଅଷ୍ଟ୍ରେଲିଆ-ବାଂଲାଦେଶ | ଅପରାହ୍ନ ୩.୩୦ | ଦୁବାଇ |
| ୧୩ | ୪ ନଭେମ୍ବର | ୱେଷ୍ଟଇଣ୍ଡିଜ-ଶ୍ରୀଲଙ୍କା | ସନ୍ଧ୍ୟା ୭.୩୦ | ଆବୁଧାବି |
| ୧୪ | ୬ ନଭେମ୍ବର | ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ | ଅପରାହ୍ନ ୩.୩୦ | ଆବୁଧାବି |
| ୧୫ | ୬ ନଭେମ୍ବର | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ସନ୍ଧ୍ୟା ୭.୩୦ | ଶାରଜା |

## ଗ୍ରୁପ୍-୨ କାର୍ଯ୍ୟସୂଚୀ

| | | | | |
|---|---|---|---|---|
| **୧** | **୨୪ ଅକ୍ଟୋବର** | **ଭାରତ- ପାକିସ୍ତାନ** | **ସନ୍ଧ୍ୟା ୭.୩୦** | **ଦୁବାଇ** |
| ୨ | ୨୫ ଅକ୍ଟୋବର | ଆଫଗାନିସ୍ତାନ-ସ୍କଟଲାଣ୍ଡ | ସନ୍ଧ୍ୟା ୭.୩୦ | ଶାରଜା |
| ୩ | ୨୬ ଅକ୍ଟୋବର | ପାକିସ୍ତାନ- ନ୍ୟୁଜିଲାଣ୍ଡ | ସନ୍ଧ୍ୟା ୭.୩୦ | ଶାରଜା |
| ୪ | ୨୭ ଅକ୍ଟୋବର | ସ୍କଟଲାଣ୍ଡ- ନାମ୍ବିଆ | ସନ୍ଧ୍ୟା ୭.୩୦ | ଆବୁଧାବି |
| ୫ | ୨୯ ଅକ୍ଟୋବର | ଆଫଗାନିସ୍ତାନ- ପାକିସ୍ତାନ | ସନ୍ଧ୍ୟା ୭.୩୦ | ଦୁବାଇ |
| ୬ | ୩୧ ଅକ୍ଟୋବର | ଆଫଗାନିସ୍ତାନ- ନାମ୍ବିଆ | ଅପରାହ୍ନ ୩.୩୦ | ଆବୁଧାବି |
| **୭** | **୩୧ ଅକ୍ଟୋବର** | **ଭାରତ- ନ୍ୟୁଜିଲାଣ୍ଡ** | **ସନ୍ଧ୍ୟା ୭.୩୦** | **ଦୁବାଇ** |
| ୮ | ୨ ନଭେମ୍ବର | ପାକିସ୍ତାନ- ନାମ୍ବିଆ | ସନ୍ଧ୍ୟା ୭.୩୦ | ଆବୁଧାବି |
| ୯ | ୩ ନଭେମ୍ବର | ନ୍ୟୁଜିଲାଣ୍ଡ- ଆଫଗାନିସ୍ତାନ | ଅପରାହ୍ନ ୩.୩୦ | ଦୁବାଇ |
| **୧୦** | **୩ ନଭେମ୍ବର** | **ଭାରତ- ଆଫଗାନିସ୍ତାନ** | **ସନ୍ଧ୍ୟା ୭.୩୦** | **ଆବୁଧାବି** |
| ୧୧ | ୫ ନଭେମ୍ବର | ନ୍ୟୁଜିଲାଣ୍ଡ- ନାମ୍ବିଆ | ଅପରାହ୍ନ ୩.୩୦ | ଶାରଜା |
| **୧୨** | **୫ ନଭେମ୍ବର** | **ଭାରତ- ସ୍କଟଲାଣ୍ଡ** | **ସନ୍ଧ୍ୟା ୭.୩୦** | **ଦୁବାଇ** |
| ୧୩ | ୭ ନଭେମ୍ବର | ନ୍ୟୁଜିଲାଣ୍ଡ- ଆଫଗାନିସ୍ତାନ | ଅପରାହ୍ନ ୩.୩୦ | ଆବୁଧାବି |
| ୧୪ | ୭ ନଭେମ୍ବର | ପାକିସ୍ତାନ- ସ୍କଟଲାଣ୍ଡ | ସନ୍ଧ୍ୟା ୭.୩୦ | ଶାରଜା |
| **୧୫** | **୮ ନଭେମ୍ବର** | **ଭାରତ- ନାମ୍ବିଆ** | **ସନ୍ଧ୍ୟା ୭.୩୦** | **ଦୁବାଇ** |
| ୧୬ | ୧୦ ନଭେମ୍ବର | ପ୍ରଥମ ସେମିଫାଇନାଲ | ସନ୍ଧ୍ୟା ୭.୩୦ | ଆବୁଧାବି |
| ୧୭ | ୧୧ ନଭେମ୍ବର | ଦ୍ୱିତୀୟ ସେମିଫାଇନାଲ | ସନ୍ଧ୍ୟା ୭.୩୦ | ଦୁବାଇ |
| ୧୮ | ୧୪ ନଭେମ୍ବର | ଫାଇନାଲ | ସନ୍ଧ୍ୟା ୭.୩୦ | ଦୁବାଇ |

# ଦୀପ୍ତିଙ୍କ ୬ ଗୋଲ: ଓଡ଼ିଶା ୧୮-୦ରେ ବିଜୟୀ

**ଝାନସୀ,୨୨।୧୦:** ଏଠାରେ ଚାଲିଥିବା ହକି ଇଣ୍ଡିଆ ସିନିୟର ମହିଳା ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଶୁକ୍ରବାର ଏକ ବୃହତ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲ୍ ଡି'ରେ ହିମାଚଳ ପ୍ରଦେଶକୁ ୧୮-୦ ଗୋଲରେ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକଖାଖିଆ ଏହି ମୁକାବିଲାରେ ଓଡ଼ିଶା ତରଫରୁ ଦିପ୍ତୀ ଲାକ୍ରା ୬ଟି ଗୋଲ ସ୍କୋର କରିଥିଲେ। ସେ ୫, ୨୩, ୨୭, ୩୦, ୫୬ ଓ ୫୮ତମ ମନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ଜାହ୍ନବୀ ପ୍ରଧାନ ୮, ୩୪ ଓ ୩୮ତମ ମିନିଟ୍‌ରେ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ନମ୍ରତା ଜାସମିନ ବାରା ୩୫ ଓ ୬୦ତମ ମିନିଟ୍ ଗୋଲ ଦେଇଥିଲେ। ଖୁସ୍‌ବୁ କୁଜୁର ଦ୍ୱିତୀୟ, ଅଶିମ କାଞ୍ଚା ବାର୍ଲା ଚତୁର୍ଥ, ସୁଶାନ୍ତି ମିଞ୍ଜ୍ ୧୧, ଅବିନାସୀ ମୁକ୍ତି ସୁରିନ ୨୦, ରୋଜିତା କୁଜୁର ୩୦, ରିଙ୍କି କୁଜୁର ୩୩, ସରିତା କେରକେଟ୍ଟା ୪୩ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଚଣ୍ଡିଗଡ଼, ହରିୟାଣା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମଧ୍ୟ ସେମାନଙ୍କ ପୁଲ ମ୍ୟାଚରେ ବିଜୟୀ ହୋଇଛନ୍ତି। ପୁଲ ଇ'ରେ ପଞ୍ଜାବ ୧୨-୦ରେ ମଧ୍ୟ ପ୍ରଦେଶକୁ ହରାଇଛି। ଚଣ୍ଡିଗଡ ୫-୦ରେ ଅରୁଣାଚଳକୁ, ହରିୟାଣା ୨୫-୦ରେ ପୁଡୁଚେରୀକୁ, ମହାରାଷ୍ଟ୍ର ୭-୦ରେ ବିହାରକୁ, ମଧ୍ୟପ୍ରଦେଶ ୧୫-୦ରେ ବେଙ୍ଗଲକୁ ହରାଇଛି।



ଓଡ଼ିଶା ମହିଳା ହକି ଦଳ ଅଫିସିଆଲଙ୍କ ସହ।




# ଭାରତ-ଇଂଲଣ୍ଡ ୫ମ ଟେଷ୍ଟ ୨୦୨୨ ଜୁଲାଇରେ

**ଲଣ୍ଡନ,୨୨।୧୦(ପି.ଟି.)**

ଗତ ମାସରେ କୋଭିଡ୍ ଯୋଗୁ ସସ୍‌ପେଣ୍ଡ ହୋଇଥିବା ଭାରତ-ଇଂଲଣ୍ଡ ୫ମ ଟେଷ୍ଟ ମ୍ୟାଚ ଖେଳାଯିବ। ଏଥିପାଇଁ ନୂଆ ଦିନ ଧାର୍ଯ୍ୟ କରାଯାଇଛି। ଏହା ଆସନ୍ତାବର୍ଷ ଜୁଲାଇ ୧ରୁ ଖେଳାଯିବ। ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଏହା ଘୋଷଣା କରାଯାଇଛି। ଭାରତର ସୀମିତ ଓଭର ଟୁର୍ ବେଳେ ଏହି ମ୍ୟାଚ ଏଜ୍‌ବାଷ୍ଟନରେ ଖେଳା ନ ଯାଇ ମାଞ୍ଚେଷ୍ଟରରେ ହେବ। ସୂଚନାଯୋଗ୍ୟ, ଭାରତର ଗତ ଇଂଲଣ୍ଡ ଟୁର୍ ସମୟରେ ଖେଳାଯାଇଥିବା ଟେଷ୍ଟ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ଲାଭ କରିଥିବା ବେଳେ ଏଜ୍‌ବାଷ୍ଟନରେ ୫ମ ତଥା ଅନ୍ତିମ ଟେଷ୍ଟ ଖେଳାଯାଇପାରି ନ ଥିଲା। ଇସିବି ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ଏହି ମ୍ୟାଚ ୨୦୨୨ ଜୁଲାଇରୁ ଖେଳାଯିବ। ସେତେବେଳେ ଏହି ମ୍ୟାଚ ଦେଖିବା ପାଇଁ ଯେଉଁମାନେ ଟିକେଟ କିଣିଥିଲେ ତାହା ବୈଧ ରହିବ। ଗତ ମାସରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ତାଙ୍କର ଏକ ସାକ୍ଷାତ୍‌କାରରେ କହିଥିଲେ, ସସ୍‌ପେଣ୍ଡ ହୋଇଥିବା ୫ମ ଟେଷ୍ଟ ମ୍ୟାଚ ସ୍ୱତନ୍ତ୍ର ଭାବେ ଖେଳାଯିବ ନାହିଁ। ଆଗକୁ ଖେଳାଯିବାକୁ ଥିବା ଏକ ସିରିଜ ବେଳେ ଅତିରିକ୍ତ ସମୟରେ ଏହାର ଆୟୋଜନ ହେବ। ଭାରତ ୫ମ ଟେଷ୍ଟ ଜିତିପାରିଲେ ୨୦୦୭ ପରେ ଇଂଲଣ୍ଡରେ ଦଳର ଏହା ପ୍ରଥମ ସିରିଜ ବିଜୟ ହେବ। କାର୍ଯ୍ୟସୂଚୀ ଅନୁସାରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆସନ୍ତାବର୍ଷ ଜୁଲାଇ ୭ରେ ଏଜାସ୍ ବାଓଲଠାରେ ଆରମ୍ଭ ହେବ। ଦ୍ୱିତୀୟ ଓ ତୃତୀୟ ଟି୨୦ ଏଜ୍‌ବାଷ୍ଟନ ଓ ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯିବ। ପରେ ଦିନିକିଆ ସିରିଜ ଜୁଲାଇ ୧୨ରେ ଦି ଓଭାଲଠାରେ ଆରମ୍ଭ ହେବ। ଲର୍ଡ୍ସଠାରେ ଦ୍ୱିତୀୟ ଗେମ୍ ଜୁଲାଇ ୧୪ରେ ଏବଂ ଅନ୍ତିମ ମ୍ୟାଚ ଜୁଲାଇ ୧୭ରେ ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ କେତେଜଣ ସପୋର୍ଟ ଷ୍ଟାଫ୍ କରୋନା ସଂକ୍ରମିତ ହେବା ପରେ ସିରିଜରେ ୨-୧ ଅଗ୍ରଣୀ ଲାଭ କରିଥିବା ଭାରତ ୫ମ ଟେଷ୍ଟ ଖେଳିବା ଲାଗି ମନା କରିଦେଇଥିଲା।

# ଶ୍ରୀଲଙ୍କା ୮ ଉଇକେଟରେ ଜିତିଲା

**ଶାରଜା, ୨୨।୧୦:** ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ପ୍ରଥମ ରାଉଣ୍ଡ ଗ୍ରୁପ୍ ଏ'ର ଏକ ଗୁରୁତ୍ୱହୀନ ମ୍ୟାଚରେ ଶ୍ରୀଲଙ୍କା ୮ଉଇକେଟରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ନେଦରଲାଣ୍ଡ୍ସ ୧୦ ଓଭରରେ ୪୪ ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କଲିନ ଆକରମାନ ସର୍ବାଧବକ ୧୧ରନ କରିଥିଲେ। ୪ଜଣ ବ୍ୟାଟ୍ସମ୍ୟାନ ବିନା କୌଣସି ରନରେ ଆଉଟ ହୋଇଥିବା ବେଳେ ଅନ୍ୟ କେହି ଦୁଇ ଅଙ୍କ ସ୍କୋରରେ ପହଞ୍ଚି ପାରି ନ ଥିଲେ। ଲାହିରୁ କୁମାରା ଓ ୱାନିଣ୍ଡୁ ହସରଙ୍ଗା ୩ଟି ଲେଖାଏଁ ଏବଂ ମାହିଶ ଥିକ୍‌ସାନା ୨ଟି ଉଇକେଟ ଅକ୍ତିଆର କରିଥିଲେ। ୪୫ରନର ବିଜୟ ଲକ୍ଷ୍ୟକୁ ଦଳ ଶ୍ରୀଲଙ୍କା ୭.୧ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ପାଥୁମ ନିଶଙ୍କା ବିନା କୌଣସି ରନରେ ଓ ଚାରିଥ ଅଶାଲାଙ୍କା ମାତ୍ର ୬ରନ କରି ଆଉଟ ହୋଇଯାଇଥିଲେ। ଉଇକେଟକିପର କୁସାଲ ପେରେରା ୩୩ ଓ ଆଭିଷ୍କା ଫର୍ନାଣ୍ଡୋ ୨ରନ କରି ଅପରାଜିତ ରହିଥିଲେ। ଗ୍ରୁପ୍ ଏ'ରୁ ଶ୍ରୀଲଙ୍କା ଓ ନାମ୍ବିୟା ସୁପର-୧୨କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଏହି ମ୍ୟାଚର ଫଳାଫଳ ଟୁର୍ନାମେଣ୍ଟ ପାଇଁ ଗୁରୁତ୍ୱହୀନ ହୋଇପଡ଼ିଥିଲା। ତେବେ ଏହି ବିଜୟ ଦ୍ୱାରା ଶ୍ରୀଲଙ୍କା ଗ୍ରୁପ୍ ଏ'ରେ ଶୀର୍ଷ ସ୍ଥାନ ଅଧିକାର କରିପାରିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବାଇକ୍ ମୁହାଁମୁହିଁ, ୨ ଗୁରୁତର

**ଭଞ୍ଜନଗର,୨୨।୧୦(ଡି.ଏନ୍.ଏ.):** ଭଞ୍ଜନଗର ଥାନା ଅନ୍ତର୍ଗତ ପଇତା ଗାଁ ନିକଟରେ ଶୁକ୍ରବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଚାଳକଦ୍ୱୟ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପଇତା ଗାଁର ବୁଧିଆ ନାୟକ ଓ ଟୁନା ଗୌଡ଼ । ଉଭୟଙ୍କୁ ଉଦ୍ଧାର କରାଯାଇ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବୁଧିଆ ମୁଜାଗଡ଼ ପଟୁ ଆସୁଥିବା ବେଳେ ଟୁନା ପଇତା ଗାଁ ଅଭିମୁଖେ ଯାଉଥିଲେ। ବାଟରେ ଉଭୟଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା।

### ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

**ଭଞ୍ଜନଗର,୨୨।୧୦(ଡି.ଏନ୍.ଏ.):** ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଦେବୀ ପ୍ରସାଦ ବିଶୋଇ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ଇସ୍ତଫା ଦାବି କରିଛନ୍ତି । ବିଶୋଇ ଶୁକ୍ରବାର ଏକ ପ୍ରେସ ବିବୃତିରେ କହିଛନ୍ତି, ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ସମ୍ପୃକ୍ତ ଅଛନ୍ତି। ସେହିପରି ଆନ୍ଦୋଳନରତ ଚାଷୀଙ୍କ ଉପରେ ଗାଡ଼ି ଚଢ଼ାଇବା ଘଟଣାରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଙ୍କ ପୁଅ ଜଡିତ ଅଛନ୍ତି। ତଦନ୍ତରେ ନିରପେକ୍ଷତା ପାଇଁ ଅଜୟ ମିଶ୍ରାଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରାଯାଉ। ନଚେତ ଆଗାମୀ ଦିନରେ କଂଗ୍ରେସ ଭଞ୍ଜନଗରରେ ଆନ୍ଦୋଳନକୁ ଜୋରଦାର କରିବ। ଅନ୍ୟପକ୍ଷରେ ମମିତା ମେହେର ହତ୍ୟା ମାମଲାର ସିବିଆଇ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

### ୪ ହଜାର ଫୁଲଝାଡୁ ଚାରା ପ୍ରଦାନ

**ପାତ୍ରପୁର,୨୨।୧୦(ଡି.ଏନ.ଏ.):** ପାତ୍ରପୁର ବ୍ଲକ ଆଦିବାସୀ ଅଧୁଷିତ ବୁରାତାଲ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜୀବିକା ମିଶନ ତରଫରୁ ଗୁରୁବାର ଜାଗୃତି ଉତ୍ପାଦକ ଗୋଷ୍ଠୀ ଓ ପଞ୍ଚାୟତରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପ୍ରାୟ ୪ ହଜାର ଚାରା ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ ଚନ୍ଦ୍ର ଦାସ ଆଦିବାସୀ ମହିଳାମାନଙ୍କୁ ଚାରା ପ୍ରଦାନ କରିଥିବା ବେଳେ ଜନ ମଙ୍ଗଳ ଅଧିକାରୀ ଧୀରେନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ଏସ୍‌ବିରୁଆ, ଜୀବିକା ମିଶନର ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପଦୋନ୍ନତି ପାଇଲେ ୫୮ ଶିକ୍ଷୟିତ୍ରୀ ଶିକ୍ଷକ

**ଗୋପାଳପୁର,୨୨।୧୦(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୫୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଭାବେ ପଦୋନ୍ନତି ପାଇ ଅଦଳବଦଳ ହୋଇଛି। ଶୁକ୍ରବାର ରଙ୍ଗେଇଲୁଣ୍ଡା ବ୍ଲକ ସଦଭାବନା କକ୍ଷରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ଼.ପ୍ରଭାତୀ ମହାପାତ୍ରଙ୍କ ଅଧକ୍ଷତାରେ ୫୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତି ପାଇ ଉକ୍ତ ବ୍ଲକର ବିଦ୍ୟାଳୟଗୁଡ଼ିକରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ରୂପେ ବଦଳି କରାଯାଇଥିଲା। ସେହିପରି ଦୁଇଜଣ ପ୍ରଧାନ ଶିକ୍ଷକରୁ ବରିଷ୍ଠ ପ୍ରଧାନ ଶିକ୍ଷକ ରୂପେ ପଦୋନ୍ନତି ଦିଆଯାଇଛି। ଏଥିସହ ୯୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଲେବଲ ୫ରୁ ଲେବଲ ୪କୁ ପଦୋନ୍ନତି ମିଳିଛି ଓ ସେମାନଙ୍କର ମଧ ବଦଳି ହୋଇଥିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

### ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣ

**ଗୋଷାଣୀ,୨୨।୧୦:** ପାରଳାଖେମୁଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୂତନ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପବିତ୍ର କୁମାର ଦଳାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ସେ ମୋହନା ବ୍ଲକରେ କାର୍ଯ୍ୟରତ ଥିଲେ। ଗୋଷାଣୀ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଜେନା ମୋହନା ବ୍ଲକକୁ ବଦଳି ହୋଇଛନ୍ତି।

### ଭୋଟର ୱାର୍ଡ ସଂଶୋଧନ ତାଲିକା ପୁନର୍ଗଠନ

**ଗୋଷାଣୀ,୨୨।୧୦:** ପାରଳାଖେମୁଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପଞ୍ଚାୟତ ସ୍ତରରେ ଭୋଟର ୱାର୍ଡ ସଂଶୋଧନ ତାଲିକା ପୁର୍ନଗଠନ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଉପଜିଲାପାଳ ଦିଲିପ ମହାରଣା, ଗୋଷାଣୀ ବିଡିଓ କିଶୋର ଚନ୍ଦ୍ର ଦାସ ପ୍ରଶିକ୍ଷଣ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ, ରାଜସ୍ୱ ନିରୀକ୍ଷକ ଅଧିକାରୀ, ବ୍ଲକ କୃଷି ଅଧିକରୀ, ଅଙ୍ଗନୱାଡ଼ି ସୁପରଭାଇଜରମାନେ ଉପସ୍ଥିତ ଥିଲେ।

# ୫ଶହ ଟଙ୍କା ଭତ୍ତା ପାଇଁ ବୁହାହେଲେ ୫ କି.ମି.

**ଦଶପଲ୍ଲା, ୨୨।୧୦ (ଡି.ଏନ.ଏ.)**

୫ ଶହ ଟଙ୍କା ଲାଗି ଜଣେ ବୃଦ୍ଧଙ୍କୁ ୫ କିମି ସାଇକେଲରେ ବୁହା ହୋଇ ଯିବାକୁ ପଡିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଶବର ସାହି କ୍ଷେତ୍ରରେ। ଏହି ପଞ୍ଚାୟତରେ ଶୁକ୍ରବାର ଭତ୍ତା ବଣ୍ଟନ ପାଇଁ ଖବର ଦିଆଯାଇଥିଲା। ପ୍ରତିମାସ ଭଳି ବୟସ୍କ ଲୋକ ଆସି ପଞ୍ଚାୟତରେ ପହଞ୍ଚି ଥିଲେ। କିନ୍ତୁ ପରେ ଜଣାପଡିଲା ଯେ, କେତେଜଣଙ୍କ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଦିଆଯାଇଛି। ବୃଦ୍ଧାବୃଦ୍ଧ ଲୋକ ବାଣିଗୋଛା ବ୍ୟାଙ୍କ ଯାଏ ଯିବାକୁ କୌଣସି ସୁବିଧା ନ ଥିବାରୁ ଘର ଲୋକେ ବଡ କଷ୍ଟରେ ସେମାନଙ୍କୁ ନେଉଥିବା ଦେଖା ଯାଇଥିଲା। ପ୍ରଶ୍ନ ଉଠେ ହିତାଧିକାରୀଙ୍କୁ ପୂର୍ବରୁ ଠିକ୍ ତଥ୍ୟ ନ ଦେଇ ଏଭଳି ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେବା କେତେଦୂର ଠିକ୍ ତାହା ପ୍ରଶାସନ ବିଚାର କରିବା ଉଚିତ। ପାହାଡ ଉପର ଶବରସାହିରୁ ଆସିଥିବା ଭିନ୍ନକ୍ଷମ ଅନ୍ଧାରୁ ମାଝିଙ୍କୁ ଦେଖିଲେ ଅନୁଭବ କରିହେବ। କିଭଳି ୫ ଶହ ଟଙ୍କା ପାଇଁ ଲୋକଙ୍କୁ ୫ କି.ମି. ଆସିବାକୁ ପଡୁଛି। ସେହିଭଳି ଲୋକଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ସାଇକେଲରେ ଭିନ୍ନକ୍ଷମ ଅନ୍ଧାରୁ ମାଝିଙ୍କୁ ଭତ୍ତା ପାଇଁ ନିଆଯାଉଛି।

## ନୂତନ ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ

**ଖଣ୍ଡପଡ଼ା,୨୨।୧୦(ସ୍ୱ.ପ୍ର.)**



ଖଣ୍ଡପଡ଼ାରେ ନୂତନ ବନାଞ୍ଚଳ ଅଧିକାରୀ ଶରତ କୁମାର ଶତପଥୀ କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶତପଥୀ ପୂର୍ବରୁ ନୟାଗଡ଼ ଜିଲାର ରଣପୁର ବନାଞ୍ଚଳ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଭାବେ କାର୍ଯ୍ୟରତ ଶ୍ରୀଧର ପଣ୍ଡା ଅବସର ଗ୍ରହଣ କରିବା ପରେ ଏହି ପଦବୀଟି ଖାଲିପଡିଥିଲା। ଜଙ୍ଗଲ ସୁରକ୍ଷା ସହ ସବୁଜ ପରିବେଶ ସୃଷ୍ଟି କରିବାକୁ ପ୍ରାଥମିକତା ଦେବେ ବୋଲି ନୂତନ ବନାଞ୍ଚଳ ଅଧିକାରୀ ଶତପଥୀ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।

## କ୍ୱାର୍ଟର୍ସ ଛାତ ସୃଷ୍ଟି କରୁଛି ଧାନ କିଆରି ଭ୍ରମ

**ଖଣ୍ଡପଡା,୨୨।୧୦ (ସ୍ୱ.ପ୍ର.)**

ପ୍ରତିବର୍ଷ ସରକାରୀ ବାସଭବନଗୁଡିକର ରକ୍ଷଣାବେକ୍ଷଣ ଓ ଆନୁଷଙ୍ଗିକ ମରାମତି ବାବଦରେ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ସରକାରୀ ବାସଭବନଗୁଡିକରେ ରହୁଥିବା କର୍ମଚାରୀଙ୍କ ଦାୟିତ୍ୱ ହୀନତା ତଥା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଛାତ ଉପର ଏବେ ଧା କିଆରିର ଭ୍ରମ ସୃଷ୍ଟି କରୁଛି। ଏଭଳି ଦେଖିବାକୁ ମିଳିଛି ଖଣ୍ଡପଡା ଗୋଷ୍ଠୀ ସ୍ୱସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବାସଭବନ ଛାତଗୁଡିକରେ। ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ରକ୍ଷା ପାଇବାକୁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଘରର ଛାତ ଉପରେ ନଡା ବିଛାଇ ଥିଲେ। ଗ୍ରୀଷ୍ମଋତୁ ଯାଇ ଏବେ ବର୍ଷା ଋତୁର ଶେଷ ହୋଇଛି। ଘରର ଛାତ ଉପରୁ ନଡା ବିଡାଗୁଡିକ ସଫା କରାଯାଇ ନ ଥିବାରୁ ଏବେ ସେଥିରେ ଥିବା ଧାନ ଗଜା ହୋଇ ଗଛ ଉଠିଛି। ଫଳରେ ସରକାରୀ ବାସଗୃହର ଛାତ ଉପର ସାରା ଧାନଗଛ ଠିଆ ହୋଇଛି। ଏହା ଦୂରରୁ ଏକ ଧାନ କିଆରୀ ପରି ପ୍ରତିୟମାନ ହେଉଛି। ଦୈନିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଆସୁଥିବା ଲୋକଙ୍କ ନଜରକୁ ଏହି ଧାନ ଗଛ ଆସୁଥିବା ବେଳେ ଉକ୍ତ ବାସଭବନରେ ରହୁଥିବା କର୍ମଚାରୀ ଏଥିପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ ହୋଇଛି।

ସୂଚନା ଯୋଗ୍ୟ, ଧାନଗଛଗୁଡିକ ଯୋଗୁ ବାସଭବନର ଛାତ ଉପରେ ବର୍ଷା ପାଣି ଜମି ରହିବା ଫଳରେ ଅଳ୍ପ ଦିନ ମଧ୍ୟରେ ସିମେଣ୍ଟ କଂକ୍ରିଟ ଛାତରୁ ପାଣି ଗଳି ଘର ନଷ୍ଟ ହୋଇଯାଇଥିବା ନଜିର ରହିଛି। ଏଥିପ୍ରତି ଖଣ୍ଡପଡା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଦୃଷ୍ଟିଦେଇ ଘରର ଛାତ ଉପରୁ ଧାନଗଛଗୁଡିକୁ ତୁରନ୍ତ ହଟାଇବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡାଙ୍କୁ ପଚାରିବାରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



ସ୍ୱାସ୍ଥକେନ୍ଦ୍ର କର୍ମଚାରୀଙ୍କ କ୍ୱାର୍ଟର୍ସ ଛାତ ଉପରେ ଧାନ ଗଛ ଉଠିଛି।

## ପରିବା ଦରକୁ ନେଇ ଖାଉଟି ଅସନ୍ତୋଷ

**ଖଣ୍ଡପଡ଼ା, ୨୨।୧୦ (ସ୍ୱ.ପ୍ର.)**

କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ଖଣ୍ଡପଡ଼ା ଅଞ୍ଚଳରେ ପରିବା ଦର ଆକାଶ ଛୁଆଁ ହୋଇଛି। ଫଳରେ ବଜାରକୁ ପନିପରିବା କିଣିବାକୁ ଆସୁଥିବା ଖାଉଟିମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡପଡ଼ା ବ୍ଲକ୍‌ର କଣ୍ଟିଲୋ, ବାହାଡ଼ା, ଖଳିସାହି ଓ ଖଣ୍ଡପଡ଼ା ବଜାରରେ ଶୁକ୍ରବାର ସକାଳେ ପରିବା ଦୋକାନୀମାନେ ଚଢା ଦରରେ ଗ୍ରାହକଙ୍କୁ ପନିପରିବା ବିକ୍ରି କରିଥିବା ଅଭିଯୋଗ ହେଉଛି। ବାଇଗଣ, କଖାରୁ ଓ ଗୁଆଁର କେଜି ପ୍ରତି ୪୦ଟଙ୍କା ଦରରେ ଖାଉଟିଙ୍କୁ ବିକ୍ରି କରାଯାଇଛି। ସେହିପରି ଜଙ୍ଗଲରୁ ମିଳୁଥିବା ପାଣିଆଳୁ କେଜି ପ୍ରତି ୨୫ ଟଙ୍କାରେ ମିଳୁଥିବା ବେଳେ ଏବେ କେଜିପ୍ରତି ୫୦ରୁ ଊର୍ଦ୍ଧ୍ୱ ଟଙ୍କାରେ ମିଳୁଛି। ପୋଟଳ ଓ ଟମାଟ କେଜି ପ୍ରତି ୬୦ଟଙ୍କା, କଞ୍ଚାକଦଳୀ ଗୋଟା ପ୍ରତି ୧୦ ଟଙ୍କା, ଅମୃତଭଣ୍ଡା କେଜି ୩୦ ଟଙ୍କା, ଦେଶୀ କାଙ୍କଡ କେଜି ୧୪୦ଟଙ୍କା ଦରରେ ବିକ୍ରି ହେଉଥିବା ଖାଉଟିମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ଶାଗ ବିଡା ପୂର୍ବରୁ ୫ ଟଙ୍କା ଥିବା ବେଳେ ଏବେ ୧୦ଟଙ୍କା ହୋଇଛି। କାର୍ତ୍ତିକ ମାସରେ ଅଧିକାଂଶ ବ୍ୟକ୍ତି ନିରାମିଶ ଭୋଜନ ଉପରେ ନିର୍ଭର କରୁଥିବା ବେଳେ ପରିବା ଦର ବୃଦ୍ଧି ଖାଉଟି ଓ ହବିଷ୍ୟାଳୀମାନଙ୍କ ପାଇଁ ମୁଣ୍ଡ ବଥାର କାରଣ ପାଲଟିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୪ ଜୁଆଡ଼ି ଗିରଫ

**ଗଞ୍ଜାମ,୨୨।୧୦(ଡି.ଏନ.ଏ.)**

ରମ୍ଭା ଥାନା ଗଡ଼ହୁମ୍ପା ପ୍ରାଇମେରୀ ସ୍କୁଲ ପରିସରରୁ ୪ ଜୁଆଡିଙ୍କୁ ପୋଲିସ ଗିରଫ କରିଛି । ରମ୍ଭା ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏସଆଇ ବିକାଶ କୁମାର ସାମଲଙ୍କ ସହ ଏକ ଟିମ୍ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ଅନ୍ୟ ଜୁଆଡ଼ିମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ୪ଜଣ ଜୁଆଡିଙ୍କୁ ପୋଲିସ ଧରିଥିଲା। ସେମାନଙ୍କ ନିକଟରୁ ନଗଦ ୫୨୦୦ଟଙ୍କା, ତିନୋଟି ମୋବାଇଲ ଓ ତାସ ଜବତ କରାଯାଇଛି।

## ଶେରଗଡ଼ରେ ବିଜେଡି ବୈଠକ

**ଶେରଗଡ଼,୨୨।୧୦(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ବିଜେଡି ବୈଠକ ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଏକ ରକ୍ତଦାନ ଶିବିର ଆସନ୍ତା ୨୯ରେ କରିବାକୁ ସ୍ଥିରି କରାଯାଇଛି। ବୈଠକରେ ବରିଷ୍ଠ ନେତା ହୃଷୀକେଶ ପାଢୀ, ହୀନ ବେହେରା, ଦିଗାମ୍ବର ନାହାକ, ଝୁନା ପଟ୍ଟନାୟକ, ଦୁର୍ଗାମାଧବ ବିଷୋୟୀ, ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ପ୍ରମୋଦ କୁମାର ପାତ୍ର, ଚୋରିଆ ପ୍ରଧାନ ସମେତ ବହୁ ନେତା ଯୋଗ ଦେଇଥିଲେ।

## ଯବାନଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା

**ନୟାଗଡ଼ ଅଫିସ,୨୨।୧୦**

ନୟାଗଡ଼ ଜିଲା ଶରଣକୁଳ ନିକଟସ୍ଥ ଅସୁରଢ଼ିପା ଗାଁର ଯବାନ ଆଲୋକ କୁମାର ସାହୁଙ୍କ ସ୍ମୃତିରେ ଗାଁର ଯୁବକମାନେ ଶୋକବ୍ୟକ୍ତ କରି ମହମବତି ଶୋଭାଯାତ୍ରା କରିଛନ୍ତି। ହରିହରପୁରର ଦଧିବାମନ ଜୀଉ ମନ୍ଦିର ନିକଟରୁ ବାହାରିଥିବା ମହମବତି ଶୋଭାଯାତ୍ରା ସ୍ଥାନୀୟ ଗାଁ ପରିକ୍ରମା କରି ଶରଣକୁଳ ଲକ୍ଷ୍ମୀବଜାରରେ ପହଞ୍ଚିଥିଲା। ପରେ ଶରଣକୁଳ ଥାନା ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ଶୁକ୍ରବାର ପୂର୍ବାହ୍ନରେ ଶୋଭାଯାତ୍ରା କରାଯାଇ ରଣପୁର ବିଧାୟକ, ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ସ୍ମାରକପତ୍ର ଦିଆଯାଇଛି। ଗତ ୧୮ ତାରିଖ ରାତିରେ ଆଲୋକଙ୍କୁ ଛତିଶଗଡରେ ହତ୍ୟା କରାଯାଇଥିଲା। ସ୍ଥାନୀୟ ପୋଲିସ ଏହାକୁ ଆତ୍ମହତ୍ୟାର ରୂପ ଦେଇ ଚାପି ଦେବାକୁ ଯୋଜନା କରୁଛି ବୋଲି ଅଭିଯୋଗ ହୋଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ଦେବାକୁ ନୟାଗଡ଼ ଜିଲାରେ ଦାବି ହୋଇଛି। ଅନ୍ୟପକ୍ଷେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗାଁ ଲୋକଙ୍କ ସହ ଆଲୋଚନା କରିବା ସହ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି।

**ହତ୍ୟା ଘଟଣାର ତଦନ୍ତ ପାଇଁ ଜିଲାପାଳ, ଏସ୍‌ପିଙ୍କୁ ଫେରାଦ**



ଶରଣକୁଳରେ ବାହାରି ଥିବା ମହମବତି ଶୋଭାଯାତ୍ରା।

## ବାକିଆ ତାଲିକା ଦେଲେ ଜୟଦେବ ଆଖୁଚାଷୀ ମହାସଂଘ

**ନୟାଗଡ଼ ଅଫିସ,୨୨।୧୦**

ନୟାଗଡ଼ ଚିନିକଳଠାରୁ ଆଖୁଚାଷୀ ପାଇବାକୁ ଥିବା ବାକିଆ ଟଙ୍କା ତାଲିକା ନୟାଗଡ଼ ସହକାରୀ ସମବାୟ ନିବନ୍ଧକ (ଏଆରସିଏସ୍)ଙ୍କୁ ଜୟଦେବ ଆଖୁଚାଷୀ ମହାସଂଘ ଶୁକ୍ରବାର ପ୍ରଦାନ କରିଛି। ଏଥିରେ ୨୮୨ ଚାଷୀଙ୍କର ୧ କୋଟି ଟଙ୍କାର ବକେୟା ଦର୍ଶାଯାଇଛି। ମହାସଂଘର କର୍ମକର୍ତ୍ତା ପରମାନନ୍ଦ ଦାସ, ମାନସ ବାରିକ, ହେମନ୍ତ ବେହେରା, ସୁଧିର ତ୍ରିପାଠୀଙ୍କ ସମେତ ନୟାଗଡ଼ ଆଖୁଚାଷୀ ମହାସଂଘର ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ମଣ୍ଡଳୀ ଏଆରସିଏସ୍‌ଙ୍କୁ ଭେଟି ଥିଲେ। ଏହି ତାଲିକାକୁ ନେଇ ସରକାର ନ୍ୟାୟିକ ଅଦାଲତରେ ଆଶ୍ରୟ ନେବା ପୂର୍ବରୁ କର୍ପସ ଫଣ୍ଡ ଜରିଆରେ ଚାଷୀଙ୍କ ବକେୟା ଭରିବାକୁ ଦର୍ଶାଇଥିଲେ। ୮ ବର୍ଷ ଧରି କରଖାନାକୁ ଆଖୁ ଯୋଗାଇ ଚାଷୀ ଟଙ୍କା ପାଇନାହାନ୍ତି।

ଚିନି ଶିଳ୍ପ ମାଲିକ ଆଖୁ ଚାଷୀଙ୍କ ବକେୟା ପାଉଣା ଉପରେ ଠିକ୍ ତଥ୍ୟ ନ ରଖିବା, ଚାଷୀଙ୍କୁ ପ୍ରଦାନ କରାଯାଇଥିବା ଚେକ୍ ବାଉନ୍ସ ହେବା ପରେ ଚାଷୀ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ଏଭଳିସ୍ଥଳେ ପରିତ୍ୟକ୍ତ ଚିନିକଳର ମାଲିକାନାକୁ ଜିଲାପାଳ ନିଜେ ସ୍ୱୀକାର କରିଥିବାରୁ ପ୍ରଶାସନ ଓ ସରକାର ଆଉ ନ୍ୟାୟିକ ଅଦାଲତର ଆଳ ଦେଖାନ୍ତୁ ନାହିଁ। ପୁନଶ୍ଚ ଚିନିକଳକୁ ଚାଲୁ କରିବାର ବ୍ୟବସ୍ଥା କରିବାକୁ ଚାଷୀ ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ପ୍ରକାଶଥାଉକି ୨୦୧୩ ଓ ୧୪ ମସିହା ଦୁଇ ବର୍ଷ ଧରି ଚିନିକଳକୁ ଆଖୁ ଯୋଗାଣ କରି ପ୍ରାପ୍ୟ ପାଇ ନ ଥିବା ଆଖୁ ଚାଷୀ ପ୍ରମାଣ ସହିତ ବକେୟା ପାଉଣା ପାଇଁ ଏଆରସିଏସ୍‌ଙ୍କ କାର୍ଯ୍ୟାଳୟରେ ପ୍ରମାଣ ଦାଖଲ କରିବାକୁ ନୟାଗଡ଼ ସମବାୟ ଚିନିକଳର ଅଧକ୍ଷ ଭାବେ ଜିଲାପାଳଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## କୋଠିଶାଳ ଯାତ୍ରା ଉଦ୍‌ଯାପିତ

**ପୋଲସରା,୨୨।୧୦(ଡି.ଏନ.ଏ.)**

ପୋଲସରା ବ୍ଲକ ମଧୁପଲି ପଞ୍ଚାୟତ ଅଧୀନ ସୁନାରିବୁଗୁଡ଼ାରେ ୫ଦିନ ଧରି ଚାଲିଥିବା କୋଠିଶାଳ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମା' ମଙ୍ଗଳାଙ୍କୁ ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରିବା ସହିତ ମଙ୍ଗଳା କୁମ୍ଭକୁ ଧରି ନଗର ଭ୍ରମଣ କରିଥିଲେ। ଏଥିସହିତ ଗ୍ରାମବାସୀମାନେ ଏକତ୍ରିତ ହୋଇ ଠାକୁରାଣୀଙ୍କ ନଗର ପରିକ୍ରମା ସମୟରେ ସହଯୋଗ କରିଥିଲେ। ନଗର ଭ୍ରମଣ ପରେ ରାତିରେ ମନୋରଞ୍ଜନ ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୁଟୁ ପାତ୍ର, ମୂଷା ପାତ୍ର, କାଳିଆ ସାହୁ, ମୋଚିରାମ ପାତ୍ର, ସନ୍ତୋଷ କୁମାର ପାତ୍ର, ସୋମନାଥ ପାତ୍ର ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରୋଟାରି ଜିଲା ଗଭର୍ନରଙ୍କ ନୟାଗଡ଼ ଗସ୍ତ




ସଭାରେ ଉପସ୍ଥିତ ଅତିଥିମାନେ।

**ନୟାଗଡ଼ ଅଫିସ,୨୨।୧୦**

ରୋଟାରୀ କ୍ଲବର ଜିଲା ଗଭର୍ଣ୍ଣର ରୋଟାରିଆନ ଶାନ୍ତନୁ ପାଣି ଶୁକ୍ରବାର ନୟାଗଡ଼ ରୋଟାରୀ କ୍ଲବ ପରିଦର୍ଶନରେ ଆସି ଫେରି ଯାଇଛନ୍ତି। ନୟାଗଡ଼ ରୋଟାରୀ କ୍ଲବର ସଭାପତି ରୋଟାରିଆନ ଧୀରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାର ଶ୍ରେଷ୍ଠ କନଷ୍ଟେବଲ, ନର୍ସ, ଫାୟାରମ୍ୟାନ, ହୋମଗାର୍ଡ ଓ ମ୍ୟୁନିସିପାଲିଟିର ଝାଡୁଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ଦୁଇଜଣ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଛି। ରୋଟାରୀ ଗଭର୍ଣ୍ଣର, ନୟାଗଡ଼ ରୋଟାରୀ କ୍ଲବରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ପାଥୋଲୋଜି ଲ୍ୟାବ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ପାଦକ ମିହିର ରଞ୍ଜନ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାରେ ଅନ୍ୟତମ ଅତିଥି ଭାବେ ରୋଟାରିଆନ ପ୍ରଦ୍ୟୁମ୍ନ ମଲିକ ଓ ରୋଟାରିଆନ ଝରଣା ପାଣି ଯୋଗଦେଇଥିଲେ। ରୋଟାରିଆନ ମଦନ ମୋହନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଶୁଳିଆ-ବାଣପୁର ପୂର୍ତ୍ତ ରାସ୍ତା ଶୋଚନୀୟ

**ଖଣ୍ଡପଡା,୨୨।୧୦(ସ୍ୱ.ପ୍ର.)**

ଶୁଳିଆ ଛକଠାରୁ ବାଣପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଧାନକ୍ଷେତ ରହିଛି। ବାମ ପାର୍ଶ୍ୱ ରାସ୍ତା ପତନଠାରୁ ଉଚ୍ଚରେ ଥିବା ଧାନ ବିଲରୁ ଉଦ୍‌ବୃତ ପାଣି ରାସ୍ତା ଉପରକୁ ପ୍ରବାହିତ ହୋଇ ସମସ୍ୟା ସୃଷ୍ଟି କରୁଛି। ରାସ୍ତାରେ ପାଣି ଯିବାରୁ ଖାଲଖମା ସୃଷ୍ଟି ହେବା ସହ ଶୋଚନୀୟ ହୋଇପଡିଛି।

ସୂଚନା ଯୋଗ୍ୟ, ବିଧି ବ୍ୟବସ୍ଥା କ୍ରମେ ରାସ୍ତା ନିର୍ମାଣ କରିଥିବା ଠିକାଦରଙ୍କ ପକ୍ଷରୁ ରାସ୍ତା ନିର୍ମାଣର ୫ ବର୍ଷ ମଧ୍ୟରେ ରାସ୍ତାର ଆବଶ୍ୟକ ମରାମତି କାର୍ଯ୍ୟ କରାଯିବ। ମାତ୍ର ସମ୍ପୃକ୍ତ ଠିକାଦାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଉପଯୁକ୍ତ ରକ୍ଷଣାବକ୍ଷଣ ଅଭାବରୁ ରାସ୍ତାରେ ସୃଷ୍ଟି ହେଉଥିବା ଖାଲଖମା ଅଧିକରୁ ଅଧିକ ହୋଇ ଦୁର୍ଘଟଣାର କାରଣ ସାଜୁଛି। ଏହି ରାସ୍ତାର ବାମପାର୍ଶ୍ୱରେ ପୂର୍ବରୁ ଥିବା ନର୍ଦ୍ଦମା ସମ୍ପ୍ରତି ପୋତି ହୋଇଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯେଗ ହେଉଛି। ଅପରପକ୍ଷରେ ପ୍ରତ୍ୟେହ ଉକ୍ତ ରାସ୍ତା ଦେଇ ଯାତ୍ରୀବାହୀ ବସ୍ ଓ ବାଲି ବୋଝେଇ ହାଇୱା ଗାଡି ଶତାଧିକ ସଂଖ୍ୟାରେ ଯାତାୟତ କରିବା ଫଳର ଖାଲଖମା ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ଖାଲରେ ପାଣି ଜମି ରହୁଛି। ଖଣ୍ଡପଡାଠାରୁ ଗଣିଆ ଓ ସିଧାମୂଳା ମହାନଦୀ ସେତୁ ଦେଇ କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲାକୁ ସଂଯୋଗ କରୁଥିବା ଦୈନିକ ଶତାଧିକ ଯାନ ଚଳାଚଳ କରୁଛି। ଏ ସମ୍ପର୍କରେ ଖଣ୍ଡପଡ଼ା ସହକାରୀ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ପଚାରିବାରେ ପାଗ ଶୁଖିଲା ପରେ କାମ କରାଯିବ ବୋଲି ସେ କହିଛନ୍ତି।



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

## ଭାଜପାରେ ମିଶିଲେ ୩ ଶହରୁ ଊର୍ଦ୍ଧ୍ୱ କର୍ମୀ

**କାଶୀନଗର,୨୨।୧୦(ଡି.ଏନ.ଏ.)**

ପାରଳାଖେମୁଣ୍ଡି ଜିଲା ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ପାରଳା ବିଧାୟକ କେ. ନାରାୟଣ ରାଓଙ୍କ ଅଧ୍ୟକ୍ଷତାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଶୀନଗର ବ୍ଲକର ପାର୍ତ୍ତଡ଼ା ଗ୍ରାମପଞ୍ଚାୟତ ତାଳ ଗୋରବା ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦଳର କର୍ମୀ ଶୁକ୍ରବାର ଭାଜପାରେ ମିଶିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଭାଜପା ଜିଲା ସଭାପତି ତଥା ବିଧାୟକ କେ.ନାରାୟଣ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ୍. ସୀମାଦ୍ରି, ଭାଜପା ଯୁବ ସଭାପତି ସନ୍ତୋଷ ଜେନା, ଡି. ରାଜେଶ କୁମାର ଓ ଦଳୀୟ ନେତା, କର୍ମୀ ଉପସ୍ଥିତ ଥିଲେ।

# ଜିଲାର ଉତ୍ପାଦ ବିଦେଶକୁ ରପ୍ତାନି ହେବ

■ ସ୍ଥାନୀୟ ଉତ୍ପାଦନର କରାଯିବ ଅନ୍ତର୍ଜାତୀୟକରଣ
■ ଜିଲାରୁ ଗୋଟିଏ ଉତ୍ପାଦ ଚିହ୍ନଟ ସହ ନାଁ ରହିବ

ନୟାଗଡ଼ ଅଫିସ, ୨୨।୧୦

ସ୍ୱାଧୀନତାର ଅମୃତ ମହୋତ୍ସବରେ ବିଦେଶକୁ ରପ୍ତାନି ବଢ଼ାଇବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟକୁ ସଫଳ କରିବାକୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସରକାରଙ୍କର ବିଦେଶ ବାଣିଜ୍ୟ ମହାନିର୍ଦ୍ଦେଶାଳୟର ପରିସଂଖ୍ୟାନ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଯୋଗଦେଇ ସମୀକ୍ଷା କରିଥିଲେ। ବିଦେଶୀକୁ ରପ୍ତାନି କ୍ଷେତ୍ରରେ ଚଳିତବର୍ଷ ୪ ଶହ ବିଲିୟନ ଡଲାର ଦେଶ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ଓଡ଼ିଶା ପାଇଁ ୧୪ ବିଲିୟନ ଡଲାର ରହିଛି। ତେବେ ଭାରତରୁ ବିଦେଶକୁ ୬ ମାସ ମଧ୍ୟରେ ଲକ୍ଷ୍ୟ ଧାର୍ଯ୍ୟରୁ ୧୯୮ହଜାର ଡଲାର ରପ୍ତାନି ହୋଇ ସାରିଲାଣି ବୋଲି କୁହାଯାଇଛି। ଅନ୍ୟପକ୍ଷେ ଏଥିପାଇଁ ଲୋକଙ୍କୁ ସଚେତନତା ହେବାକୁ ପଡିବ ବୋଲି ମିଶ୍ର କହିଛନ୍ତି। ମିଶ୍ରଙ୍କ ସୂଚନା ଅନୁସାରେ, ସ୍ଥାନୀୟ ଉତ୍ପାଦନର ଅନ୍ତର୍ଜାତୀୟ କରଣ କରାଯାଇଛି। ଭାରତରେ ୭୩୧ ଜିଲା ରହିଛି। ପ୍ରତି ଜିଲାରୁ ଗୋଟିଏ ଗୋଟିଏ ଉତ୍ପାଦକୁ ଚିହ୍ନଟ କରାଯାଉଛି। ଏପରି କରାଯିବା ଦ୍ୱାରା ସଫଳତା ମିଳି ସାରିଲାଣି। ଉଦାହରଣ ଦେଇ କହିଥିଲେ, ନୟାଗଡ଼ ଜିଲାରୁ କଂସା ଓ ପିତ୍ତଳ ଶିଳ୍ପକୁ ଚିହ୍ନଟ



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

କରାଯାଇଛି। ଏହି ଉତ୍ପାଦଗୁଡିକ ବିଦେଶକୁ ରପ୍ତାନି କରାଯାଇ ପାରିବ। କାରିଗର ଓ ବ୍ୟବସାୟୀ ସେମାନଙ୍କ ପାରିଶ୍ରମିକ ପାଇବା ସହ ନୟାଗଡ଼ ଜିଲାର ଏହି ଉତ୍ପାଦ କିପରି ବିଦେଶରେ ଲୋକପ୍ରିୟତା ଅର୍ଜନ କରିବ ସେନେଇ ଗୁଣବତ୍ତାରେ ପରିବର୍ତ୍ତନ ଆଣିବାକୁ ପଡିବ। କାରିଗରଙ୍କୁ ଆଧୁନିକ ଢାଞ୍ଚାରେ ଉତ୍ପାଦଗୁଡିକ ତିଆରି କରିବାକୁ ବ୍ୟବସ୍ଥା କରାଇବାକୁ ପଡିବ। ଅନ୍ୟପକ୍ଷେ ଉତ୍ପାଦଗୁଡିକରେ ନିଜ ଜିଲାର ନାଁ ଲେଖିବାକୁ ପଡିବ। ଯାହାକି ଜିଲାର ଗୌରବ ବଢ଼ାଇବ। ଦେଶରେ ମଧ୍ୟ ଏହି ଶିଳ୍ପର ଚାହିଦା ବଢିବ। ଅନ୍ୟପକ୍ଷେ ମିଶ୍ର କହିଥିଲେ, ବିଭିନ୍ନ ଉତ୍ପାଦର ଚାହିଦା ଥିଲେ ବି ବିକ୍ରି ହୋଇପାରୁନି। ଅନେକ ଏ ନେଇ ଜାଣି ପାରୁନାହାନ୍ତି। ପୁଣି କଞ୍ଚାମାଲ ମିଳୁନି। ଯଦି କଞ୍ଚାମାଲ ମିଳୁଛି ତେବେ ଅଧିକ ଦରରେ ମିଳୁଛି। ଏଣୁ ଏଥିପ୍ରତି ଦୃଷ୍ଟି ଦେବାକୁ ପଡିବ। ଅପରପକ୍ଷେ ଡାଇରେକ୍ଟର ଏକ୍ସପୋର୍ଟ ପ୍ରମୋସନ ଯୋଗଦେଇ କହିଥିଲେ, ଭାରତ ସରକାରଙ୍କ ବିଦେଶୀକୁ ରପ୍ତାନି ବଢ଼ାଇବା ଲକ୍ଷ୍ୟ ଓଡ଼ିଶା ପାଇଁ ଲାଭଦାୟକ ହେବ। ପ୍ରାକୃତିକ ସମ୍ପଦରେ ଭରପୁର ରାଜ୍ୟ ଏହାର ଫାଇଦା ନେବ। ଏଥିପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଓ ଉପଜିଲାପାଳ ଲମ୍ବଜିତ ରାଉତ ଏଥିରେ ଉପସ୍ଥିତି ରହି ନୟାଗଡ଼ ଜିଲା ଏ ନେଇ ଲାଭ ଉଠାଇବ ବୋଲି ସେ କହିଥିଲେ।

### କଂସା, ପିତ୍ତଳର ଚାହିଦା ବଢ଼ିବ

ନୟାଗଡ଼ ଜିଲାର କଂସା ଓ ପିତ୍ତଳ ବାସନ ଉତ୍ପାଦ ବିଦେଶକୁ ରପ୍ତାନି ହେବାର ଭାରତ ସରକାରଙ୍କ ଚେଷ୍ଟା ଜିଲା ପାଇଁ ଶୁଭ ଖବର। ଯାହାକି କାରିଗରଙ୍କ ପାଇଁ ପୁଣି ନୂଆ ଦିଶା ଦେଖାଇବ। କଂସା ଓ ପିତ୍ତଳ ବାସନ ପାଇଁ ନୟାଗଡ଼ ଜିଲାର କଣ୍ଟିଲୋ ଓ ଖଳିସାହି ପ୍ରସିଦ୍ଧି ଲାଭ କରିଥିଲା। ତେବେ କଞ୍ଚାମାଲର ଅଭାବ ଉତ୍ପାଦିତ ଦ୍ରବ୍ୟର ବଜାର ଚାହିଦା ହ୍ରାସ ଯୋଗୁ ଉଭୟ ଶିଳ୍ପ ଧ୍ୱଂସାଭିମୁଖୀ। ଅନ୍ୟପକ୍ଷେ କଂସା ଓ ପିତ୍ତଳକୁ ଛାଡି ଦେଲେ ଅନ୍ୟ କିଛି ଉତ୍ପାଦ ଯଦି ଚିହ୍ନଟ ହୁଏ ତେବେ ଭାରତ ସରକାର ଏହାର ରପ୍ତାନି ବଢ଼ାଇବାକୁ ସବୁ ପ୍ରକାରର ଉଦ୍ୟମ କରିବେ ବୋଲି ସମୀକ୍ଷା ବୈଠକରେ କୁହାଯାଇଛି।

## ସଂକ୍ଷେପରେ

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର ଅଫିସ,୨୨।୧୦: ଗଞ୍ଜାମ ଓକିଲ ସଂଘ ସଦସ୍ୟ ନିଲୁ ଓରଫ ନିତେଇ ଚରଣ ପଟ୍ଟନାୟକ(୬୩)ଙ୍କ ବିୟୋଗରେ ଶୁକ୍ରବାର ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ନିଲୁଙ୍କର ଗତ ୧୨ ତାରିଖରେ ବ୍ରହ୍ମପୁର ଗାନ୍ଧୀନଗର ବାସଭବନରେ ପରଲୋକ ହୋଇଥିଲା। କୋର୍ଟ ଦଶହରା ପାଇଁ ଛୁଟି ଥିଲା। ଏଣୁ ଶୁକ୍ରବାର ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ ଜ୍ଞାପନ କରାଯାଇଥିଲା। କରୋନା ଭିତରେ ଗଞ୍ଜାମ ଓକିଲ ସଂଘର ଅନେକ ଆଇନଜୀବୀଙ୍କ ମୃତ୍ୟୁ ଘଟିଲାଣି ବୋଲି ଓକିଲ ସଂଘ ସଭାପତି ସୁବୁଦ୍ଧି କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ବି.ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ନିର୍ମଳ ସାହୁ, ଅକ୍ଷୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଅରୁଣ ପାଣିଗ୍ରାହୀ, ଅଭୟ ପଣ୍ଡା, ଅନିଲ ପଣ୍ଡା, ସୀମାଞ୍ଚଳ ପଣ୍ଡା ଓ ମନୋଜ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଶୁକ୍ରବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

### ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ

ବ୍ରହ୍ମପୁର ଅଫିସ,୨୨।୧୦: ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ବିରୋଧ କରି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୁକ୍ରବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଆଫଗାନିସ୍ତାନରେ ତାଲିବାନ ଶାସନ ପରଠାରୁ ଏହାର ପଡୋଶୀ ଦେଶମାନଙ୍କରେ ଜେହାଦୀ ଆତଙ୍କବାଦୀଙ୍କ ଆକ୍ରମଣ ନିରନ୍ତର ଭାବେ ବୃଦ୍ଧି ପାଇଛି। ତେବେ ବାଂଲାଦେଶରେ ହିନ୍ଦୁମାନଙ୍କର ୧୫୦ରୁ ଉର୍ଦ୍ଧ୍ୱ ଦୁର୍ଗା ପୂଜା ମଣ୍ଡପକୁ ଅପବିତ୍ର କରାଯାଇ ନଷ୍ଟ କରିଦିଆଯିବା ସହ ନୂଆଖାଲିର ଇସ୍କନ ମନ୍ଦିର, ଢାକାର ଢାକେଶ୍ୱର, ବନ୍ଦ ଭବନର ଲାମାହାରୀ ମନ୍ଦିର ଓ ଚୌକ ବଜାରର କାଳୀ ମନ୍ଦିର ସମେତ ଅନେକ ମନ୍ଦିର ଧ୍ୱଂସକରି ଦିଆଯାଇଛି। ହିନ୍ଦୁମାନଙ୍କ ଉପରେ ହେଉଥିବା ଏଭଳି ଅତ୍ୟାଚାରକୁ ବନ୍ଦ କରିବା ପାଇଁ ଭାରତ ସରକାର ବାଂଲାଦେଶ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ବିଶ୍ୱ ହିନ୍ଦୁ ପରିଷଦ ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବିଶ୍ୱ ହିନ୍ଦୁ ପରିଷଦ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱ ହିନ୍ଦୁ ପରିଷଦ ଗଞ୍ଜାମ ଜିଲା ସଭାପତି ଡା.ଭବାନୀ ଶଙ୍କର ଦାଶ, ଜିଲା ସମ୍ପାଦକ ଗୋପାଳ କୃଷ୍ଣ ସ୍ୱାଇଁ, ମହାନଗର ସଭାପତି ଡି.ପ୍ରସାଦ ରାଓଙ୍କ ସମେତ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

### ଶହୀଦଙ୍କ ବଳିଦାନ ବୃଥା ହେବ ନାହିଁ

ବ୍ରହ୍ମପୁର ଅଫିସ,୨୨।୧୦: ବ୍ରହ୍ମପୁର ଆମ୍ବପୁଆସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ୬୨ ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରି ସେମାନଙ୍କ ନାମ ପଠନ କରିଥିଲେ। କର୍ତ୍ତବ୍ୟରତ ପୋଲିସ ନିଜ ମାତୃଭୂମିର ରକ୍ଷା କରିବାକୁ ଯାଇ ସେମାନେ ଜୀବନକୁ ବଳିଦାନ ଦେଇଛନ୍ତି। ଶହୀଦଙ୍କ ଏହି ବଳିଦାନ ବୃଥା ହେବ ନାହିଁ ବୋଲି ଡିଆଇଜି ଭୋଇ କହିଛନ୍ତି। ପରେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ମଧ ଉପସ୍ଥିତ ଥିଲେ। ପରେ କରୋନା ଯୋଦ୍ଧା ଭାବେ କାମ କରିଥିବା ୪୨ ପୋଲିସ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅବସରରେ ଏଏସ୍‌ପି ପ୍ରଭାତ ରାଉତରାୟ, ବ୍ରହ୍ମପୁର ଏଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, କ୍ରାଇମ୍ ଡିଏସ୍‌ପି ପ୍ରକାଶ ଚନ୍ଦ୍ର ଜେନା, ଟ୍ରାଫିକ ଡିଏସ୍‌ପି ବିମଳ କାନ୍ତ ଜେନା, ଆମ୍ବପୁଆ ରିଜର୍ଭ ଇନ୍ସପେକ୍ଟର ଦିଲୀପ କୁମାର ବେହେରା ଏବଂ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

# କୋମଣ୍ଡ ସମିତି ସମ୍ପାଦକ ନିଲମ୍ବିତ

## ଚାଷୀ ପଞ୍ଜୀକରଣରେ କରିଥିଲେ ଅନିୟମିତତା

ନୟାଗଡ଼ ଅଫିସ,୨୨।୧୦

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୋମଣ୍ଡ ସେବା ସମବାୟ ସମିତି ଲିଃର ସମ୍ପାଦକ ଲିଙ୍ଗରାଜ ସାହୁଙ୍କୁ ସମବାୟ ପ୍ରଶାସକ ଶୁକ୍ରବାର ନିଲମ୍ବନ କରିଛନ୍ତି। ଚାଷୀ ପଞ୍ଜୀକରଣରେ ଅନିୟମିତତା ଅଭିଯୋଗରେ ଏହି ପଦକ୍ଷେପ ନିଆଯାଇଥିବା ଏଆରସିଏସ୍ ଭାସ୍କର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସମିତିର ୫୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଉଦ୍ଦେଶ୍ୟମୂଳକ ଭାବେ ପଞ୍ଜୀକରଣ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ସେହିପରି କୋମଣ୍ଡ ସେବା ସମବାୟ ସମିତି ଲିଃରେ ୩ ମାସ ହେଲା ସାର ମହଜୁଦ୍ ଥିଲା। କିନ୍ତୁ ଚାଷୀଙ୍କୁ ସାର ସମ୍ପାଦକ ଦେଉ ନ ଥିଲେ। ଏ ନେଇ ଚାଷୀ ମଧ୍ୟ ଅଭିଯୋଗ କରିଥିଲେ। ଅଭିଯୋଗ ସତ୍ତ୍ୱେ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଟଣାକୁ ଚାପି ଦେବା ନେଇ ଉଦ୍ୟମ ହୋଇଥିଲା। ଏହା ଜଣାପଡିବା ପରେ ଚାଷୀମାନେ ୨ୟ ଥର ଜିଲାପାଳ ଓ ଏଆରସିଏସ୍‌ଙ୍କୁ ଭେଟି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିଲେ। ଅଭିଯୋଗ ଅନୁସାରେ, କୋମଣ୍ଡ ଓ ରୋହିବାଙ୍କ ପଞ୍ଚାୟତର ଚାଷୀମାନେ ମଣ୍ଡିରେ ଧାନ ବିକ୍ରି ପାଇଁ କୋମଣ୍ଡ ସେବା ସମବାୟ ସମିତି ଲିଃରେ ନାମ ପଞ୍ଜୀକରଣ କରିବାକୁ ଫର୍ମ ଫିଲପ କରି ଦରଖାସ୍ତ କରିଥିଲେ। ହେଲେ ୫୦ରୁ ଉର୍ଦ୍ଧ୍ୱ ଚାଷୀଙ୍କର ନାମ ପଞ୍ଜୀକୃତ ହୋଇ ନ ଥିଲା । ଏ ନେଇ ସ୍ଥାନୀୟ ଚାଷୀମାନେ ସମ୍ପାଦକଙ୍କୁ ପଚାରିବାରୁ କିଛି ନ କହି ଏଡାଇ ଯାଇଥିଲେ। ନାମ ପଞ୍ଜୀକରଣରୁ ବାଦ ପଡିଥିବା ଚାଷୀ ଜିଲାପାଳ ଓ ଏଆରସିଏସ୍‌ଙ୍କୁ ଗତ ଅଗଷ୍ଟ ୨୯ରେ ଭେଟି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନେବାକୁ ଅନୁରୋଧ କରିଥିଲେ। ପରେ ସେପ୍ଟେମ୍ବର ୨୦ରେ ଅଭିଯୋଗ କରିଥିଲେ। ଏ ନେଇ ଏକ ରିପୋର୍ଟ ଧରିତ୍ରୀ ଶିରୋନାମାରେ ସେପ୍ଟେମ୍ବର ୨୧ରେ ପ୍ରକାଶ ପାଇଥିଲା। ପରେ ପ୍ରଶାସନିକ ସ୍ତରରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ‘ଜୀବନ ଏବଂ ଏହାର ଲକ୍ଷ୍ୟ’ ପୁସ୍ତକ ଉନ୍ମୋଚିତ

ବ୍ରହ୍ମପୁର ଅଫିସ,୨୨।୧୦: ଯୁବ ଛାତ୍ର ଉପଯୋଗୀ ‘ଜୀବନ ଏବଂ ଏହାର ଲକ୍ଷ୍ୟ’ ପୁସ୍ତକ ଶୁକ୍ରବାର ବ୍ରହ୍ମପୁର ରାମକୃଷ୍ଣନଗରଠାରେ ଉନ୍ମୋଚିତ ହୋଇଯାଇଛି। ଅବସର ପ୍ରାପ୍ତ ଅର୍ଥ ବିଭାଗ ଅଧିକାରୀ ପ୍ରଭାତ କୁମାର ରଥଙ୍କ ଦ୍ୱାରା ରଚିତ ଏହି ପୁସ୍ତକକୁ ବରିଷ୍ଠ ଶିକ୍ଷାବିତ ଦିବାକର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉନ୍ମୋଚନ କରିଥିଲେ। ଛାତ୍ରୀଛାତ୍ର ଓ ଯୁବ ଗୋଷ୍ଠୀ ନିଜ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ଯାବତୀୟ ଘାତ ପ୍ରତିଘାତକୁ ପ୍ରତିହତ କରି କିଭଳି ଆଗକୁ ଯାଇପାରିବେ ସେ ସମ୍ପର୍କରେ ପୁସ୍ତକଟିର ଉପାଦେୟ ବାର୍ତ୍ତା ଉପସ୍ଥାପନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଦୀପ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ଅଶ୍ୱିନୀ ରଥ, ରାଜ ରଥ ଓ ଗୋପୀନାଥ ରଥ ଉପସ୍ଥିତ ଥିଲେ। ରବି ରଥ ପୁସ୍ତକର ଲେଖକଙ୍କୁ ସାଧୁବାଦ ଜଣାଇଥିଲେ।

### ଚୋରି ଅଭିଯୋଗରେ ଜଣେ ଗିରଫ

ନୟାଗଡ଼ ଅଫିସ,୨୨।୧୦

ଚୋରି ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ କଇଥଗାଡିଆ ଗାଁର ରମେଶ ପ୍ରଧାନ(୪୦)ଙ୍କୁ ଗିରଫ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ରମେଶ ଶ୍ରମିକ ଭାବେ କାମ କରନ୍ତି। ତେବେ ଶ୍ରମିକ କାମ କରିବାକୁ ଯାଇଥିବା ଲୋକଙ୍କ ଘରେ କେଉଁଠି, କେଉଁ ଉପକରଣ ରହିଛି ତା'ର ଲକ୍ଷ୍ୟ ରଖିଥାନ୍ତି। ପରେ ସମୟ ଦେଖି ଚୋରାଇ ଥାନ୍ତି ବୋଲି ଅଭିଯୋଗ ହୋଇଛି। କିଛିଦିନ ତଳେ ଏକ ଚୋରି ଘଟଣାରେ ରମେଶ ଗିରଫ ହୋଇଥିଲେ। ଏବେ ଦେବୋତ୍ତର କଲୋନୀରୁ ଘରୋଇ ଉପକରଣ ଚୋରି ଅଭିଯୋଗରେ ନଂ. ୨୧୮/୨୧ ରେ ମାମଲା ରୁଜୁ ହୋଇଥିଲା।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୨୨।୧୦

ରେଳବାଇ ପୋଲିସ (ଜିଆରପି) ଗୋଷାଣୀ ନୂଆଗାଁ ଉତ୍ତେରେଶ୍ୱର ମନ୍ଦିର ପଛପଟ ରେଳଧାରଣାରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିର ମୁନା ଓରଫ ରାକେଶ ସାହୁ (୨୦)। ପୋଲିସ ମୃତଦେହ ଜବତ କରି ନଂ.୬୫/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୁନା ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍ ପରେ ସେ ଘରେ ଥିବା ବେଳେ ଅଞ୍ଚଳର ଜଣେ ଝିଅକୁ ସେ ଏକତରଫା ପ୍ରେମ କରୁଥିଲେ। ଏହାକୁ ଘର ଲୋକ ବାରଣ କରୁଥିଲେ। ଗୁରୁବାର ସନ୍ଧ୍ୟାରୁ ମୁନା କେଉଁଆଡେ ଯାଇ ଫେରି ନ ଥିଲେ। ଘର ଲୋକ ତାଙ୍କୁ ନ ପାଇ ବଡବଜାର ଥାନାରେ ଜଣାଇଥିଲେ। ଶୁକ୍ରବାର ରେଳ ଧାରଣାରେ ତାଙ୍କ ମୃତଦେହ ଜବତ କରାଯାଇଛି।

# ମମିତାଙ୍କୁ ନ୍ୟାୟ ଦାବିରେ ଏବିଭିପିର ବିକ୍ଷୋଭ




ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୨୨।୧୦

କଳାହାଣ୍ଡି ଜିଲା ମହାଲିଙ୍ଗ ସନ୍‌ସାଇନ୍ ମହାବିଦ୍ୟାଳୟ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ନ୍ୟାୟ ଦାବି ନେଇ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରାଯାଇଛି। ମମିତା ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହେବା ପରେ ଥାନାରୁ ଫେରାର ଓ ପରବର୍ତ୍ତୀ ସମୟରେ ପୁଣି ଥରେ ଗିରଫ ହେବା ଘଟଣା ପଛରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏଣୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଇସ୍ତଫା ଦେବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏବିଭିପି ଦାବି କରିଛି। ବିକ୍ଷୋଭରେ ଏବିଭିପି ରାଜ୍ୟ ଉପସଭାପତି ଶିବ ପ୍ରସାଦ ତ୍ରିପାଠୀ, ରଜତ ପାଢୀ ଓ ସଞ୍ଜୀବ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।


**DISTRICT RURAL DEVELOPMENT AGENCY, NABARANGPUR**

**"REFER DISTRICT WEB PORTAL, NABARANGPUR"**

**www.nabarangpur.nic.in** from 21.10.2021 to 31.10.2021 for Hiring of 4 Wheeler Vehicle.

Sd./- Project Director
DRDA, Nabarangpur

No. CAD-1525 OIPR-19076/11/0004/2122

**ODISHA PUBLIC SERVICE COMMISSION, CUTTACK**

**NOTICE**

No. 7558/PSC Dt.22.10.21
1E-12-2021/22 (DR-III)

**Corrigendum to Advertisement No. 15 of 2021-22 for recruitment to the Posts of Odisha Education Service Officer in Group - B**

No. D-174: In Para - 10 (ix) entire paragraph is substituted by required Odia pass certificate as per para-8(ii) of the advertisement.

The concerned candidates are advised to visit the website of the Commission at **www.opsc.gov.in** for any further information.

Sd./- Secretary
OIPR-12002/11/0116/2122

**Office of the Executive Engineer**
**RWS&S Division, Sambalpur**

No.O-845 Email: eerwsssbp@gmail.com

**1st Corrigendum Notice to invitation for bid (RFP) No.04/2021-22**

1. The Sl. No.12 (Critical dates) of TCN is replaced as follows:

| Sl. No. | Description | Critical Dates |
|---|---|---|
| (i) | Period of availability of tenders on-line | *From 26.10.2021* |
| (ii) | Last date & time of seeking clarification | *30.10.2021 up to 1.00 PM* |
| (iii) | Last date & time of bidding online | *05.11.2021 up to 5.00 PM* |
| (iv) | Date & time of opening of Tender bid | *06.11.2021 at 11.30 AM* |

All other contents of the RFP No. 04 remain unultered.

Sd./- Executive Engineer, RWS&S Division, Sambalpur
OIPR-25015/11/0002/2122

## ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

**ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ**

No. RR-19: ଛଉ ନୃତ୍ୟ, ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବ ବର୍ଷମାନଙ୍କ ଭଳି ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ରେ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥି ନିମନ୍ତେ ଦରଖାସ୍ତ କରୁଥିବା ଅନୁଷ୍ଠାନଗୁଡ଼ିକ ୧୮୬୦ ମସିହାର ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନିବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। ଯେଉଁ ବିଭାଗରେ ଆର୍ଥିକ ସହାୟତା ଚାହୁଁଛନ୍ତି, ସେହି ବିଭାଗରେ ଅନୁଷ୍ଠାନ ଅନ୍ତତଃ ତିନିବର୍ଷ କାର୍ଯ୍ୟକରୁଥିବା କାର୍ଯ୍ୟ ବିବରଣୀ ଦେବେ। ଏହି କାର୍ଯ୍ୟ କରିବା ନିମନ୍ତେ ସମ୍ପୃକ୍ତ ଅନୁଷ୍ଠାନର ସମ୍ବିଧାନରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ। ଯେଉଁ କାର୍ଯ୍ୟ ପାଇଁ ଅନୁଦାନ ମଗାଯିବ ଫର୍ମ ଉପରେ ବଡ଼ ଅକ୍ଷରରେ ତା'ର ନାମ ଲେଖାଯିବା ଆବଶ୍ୟକ ଯେପରିକି – **"ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଦରଖାସ୍ତ"**। ଦରଖାସ୍ତଗୁଡ଼ିକ ସମ୍ପୃକ୍ତ ବିବରଣୀ ସହ ନିମ୍ନ ଠିକଣାରେ ତା୨୦।୧୧।୨୦୨୧ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ ଅନୁଦାନ ପାଇବା ପାଇଁ ଇଚ୍ଛୁକ ରେଜେଷ୍ଟ୍ରିଭୁକ୍ତ ସାଂସ୍କୃତିକ ଅନୁଷ୍ଠାନମାନେ ଆବେଦନପତ୍ର ସହିତ ଟ୧୦/-ଙ୍କାର ଅଣନ୍ୟାୟିକ କାଗଜରେ ଚୁକ୍ତିନାମା (Agreement in Non-Judicial Stamp Paper worth Rs.10/- only). ସାଦା କାଗଜରେ ଅଙ୍ଗୀକାରପତ୍ର (Undertaking in Plain Paper), ନିର୍ଦ୍ଦିଷ୍ଟ ଫର୍ମରେ ପୂର୍ବବର୍ଷ ଅନୁଦାନର ବିନିଯୋଗ ପ୍ରମାଣପତ୍ର (Utilization Certificate) ଦୁଇ କିତା ସହ ଅନୁଷ୍ଠାନର ବ୍ୟାଙ୍କ ଖାତା ନଂ., IFS Code ଓ ବ୍ୟାଙ୍କର ନାମ ସହିତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଜରୁରୀ ଅଟେ। ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ମଗାଯାଇଥିବା ଉପରୋକ୍ତ ଡକ୍ୟୁମେଣ୍ଟ ନ ଦେଇଥିଲେ ଆବେଦନ ବିଚାରକୁ ନିଆଯିବ ନାହିଁ। ରାଜ୍ୟ ସରକାରଙ୍କ ପ୍ରଣୀତ ଆଇନ (Grant-in-Aid Rules-1973) (Amendment in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ। ଏ ସମ୍ପର୍କରେ କୌଣସି କୋର୍ଟ କଚେରିର ଆଶ୍ରୟ ନିଆଯାଇ ପାରିବ ନାହିଁ। ଅଧିକ ସୂଚନା ପାଇଁ ତଥା ଆବଶ୍ୟକୀୟ ଦସ୍ତାବିଜର ନକଲ ପାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ **"www.odishaculture.gov.in"**କୁ ବ୍ୟବହାର କରିପାରନ୍ତି।

ସ୍ୱା./– ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର – ୭୫୧୦୧୪

OIPR-03001/11/0014/2122

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 7579/PSC, (1R-19-21-22) (DR-V),** **Dt. 22.10.21**

**No. D-176:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor/Professor in Geology & Marine Science (Oceanography)** shall be held as per the following programme in the offfice of the Commission at 19, Dr. P.K. Parija Road, Cuttack-753001. Candidates applied on offline mode have been alloted reference number.

**PROGRAMME OF DOCUMENT VERIFICATION**

| Date | Post | Subject | Time of verification | PPSAN/Reference No. |
|---|---|---|---|---|
| 30.10.2021 | Associate Professor (Advt. No.06 of 2021-22) | Geology | 10.30 A.M. | **PPSAN:-** 00090307, 00109185, 00109135, 00109949, 00077052 & 00109869 = **6 Candidates** |
| | Professor (Advt. No.10 of 2021-22) | | 2.30 P.M. | **PPSAN:-** 00109135, 00110405, 00110942, 00109949, 00111867, 00112114 & 00113160 = **7 Candidates** Ref. Nos:- 181, 182, 183, 184 & 185 = **5 Candidates** |
| | Associate Professor (Advt. No.06 of 2021-22) | Marine Science (Oceanography) | 2.30 P.M. | **PPSAN:-** 00108946, 00109120, 00109690, 00110319, 00109807, 00091661, 00110209, 00110027 & 00110428 = **9 Candidates** |
| | Professor (Advt. No.10 of 2021-22) | | 2.30 P.M. | **PPSAN:-** 00109807 = **01 Candidate** Ref. No.:- 221 = **01 Candidate** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**. (Not required for offiline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. **Following documents in Original for verification (as per table-2 of Appendix-II of UGC regulation-2018)**
   a. **Research Papers in Peer-Reviewed or UGC listed Journals.**
   b. **Publicaitons (other than research papers), if any.**
   c. **Creation of ICT mediated Teaching/ Learning/ pedagogy**
   d. **Research guidance.**
   e. **Patents if any.**
   f. **Invited lectures/resource Person**

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

OIPR-12002/11/0118/2122 Sd./- Secretary

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BHADRAK**

**DPMU, NHM, BHADRAK, PIN - 756100**
**Email: civilbhadrak3@gmail.com**

**Advt. No. 11/2021-22** **22.10.2021**

**TENDER CALL NOTICE**

No. E-547: Sealed tenders (Percentage Rate) in conformity with the DTCN are invited from the "D" & "C" Class contractors registered with the State Govt. for execution of works under Zilla Swasthya Samiti, Bhadrak. The detail works can be seen in district **NIC Website (www.bhadrak.nic.in)** from **Dt.22.10.2021 to 30.10.2021 (Till 5.00 P.M.)**. The tenders will be received upto **Dt.01.11.2021 till 2.00 P.M.** and addressed to O/o. Chief District Medical & Public Health Officer, Bhadrak through **Registered/ Speed Post only**. The incomplete bid in any form is liable for rejection.

Sd./- Chief District Medical & Public Health Officer, Bhadrak
OIPR-10123/11/0012/2122

**ADDITIONAL CHIEF ENGINEER, RUSHIKULYA BAHUDA BASIN, BERHAMPUR-760004** No. A-528

**e-Procurement Notice No. ACE, RBB-13/2021-22**
**e-mail id: se_sicbam@yahoo.com**

1. Type of Work :- System Improvement work.
2. Total No. of Works :- 02 (Two) Nos.
3. Amount put to tender :- Rs.849.86 Lakh to 867.26 Lakh
4. Period of completion :- 17 (Seventeen) calendar months.

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur, Ganjam. | ACE, RBB (BNID)-25/ 2021-22 | 867.26 | From **26.10.2021 10.00 A.M.** to **10.11.2021, 5.00 P.M.** |
| | ACE, RBB (BNID) - 26/ 2021-22 | 849.86 | |

Date of opening of the Technical Bid:- 11.11.2021 at 11.30 A.M.
Further detail can be seen from the Govt. website **www.tendersodisha.gov.in**

Sd./- Additional Chief Engineer
OIPR-32411/11/0010/2122 Rushikulya Bahuda Basin, Berhampur